ପୃଷ୍ଠା-୮+୪

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୩/୨୦୨୧ (୮+୪=୧୨ ପୃଷ୍ଠା) | Bhubaneswar, Monday, December 13/2021 | ★★★★★★

୪୮ଶ ଭାଗ ୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଅମିତାଭଙ୍କୁ ମାସକୁ ୧୦ ଲକ୍ଷ ଟଙ୍କା ଦେବେ କ୍ରୀତି**
ଅଭିନେତ୍ରୀ କ୍ରୀତି ସାନନ ଅନ୍ଧେରୀସ୍ଥିତ ଡୁପ୍ଲେକ୍ସ ଆପାର୍ଟମେଣ୍ଟ ଭଡ଼ା ବାବଦରେ ବିଗ୍-ବି ଅମିତାଭ ବଚ୍ଚନଙ୍କୁ ମାସକୁ ୧୦ ଲକ୍ଷ ଟଙ୍କା ଦେବେ। ୦୭

୦୮ **ଭର୍ଷ୍ଟାପେନ୍‌ଙ୍କୁ ବିଶ୍ୱ ଟାଇଟଲ**
ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ତାଙ୍କ କ୍ୟାରିୟରର ପ୍ରଥମ ଫର୍ମୁଲା ୱାନ ବିଶ୍ୱ ଟାଇଟଲ ହାସଲ କରିଛନ୍ତି।



# ରାଜ୍ୟରେ ବଢୁଛି ବେରୋଜଗାର

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)



ଓଡ଼ିଶାର ଯୁବପିଢ଼ି ମଧ୍ୟରେ ବେରୋଜଗାରୀ ସମସ୍ୟା ଗୁରୁତର ଭାବେ ବୃଦ୍ଧି ପାଇଥିବା ଦେଖାଯାଇଛି। ନିକଟରେ ପ୍ରକାଶିତ ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମ୍ଆଇଇ)ର ତ୍ରୈମାସିକ ରିପୋର୍ଟ (ମେ'-ଅଗଷ୍ଟ ୨୦୨୧)ରୁ ଏହା ଜଣାପଡ଼ିଛି। ଉକ୍ତ ରିପୋର୍ଟରେ ମଧ୍ୟ ପୂର୍ବ ୫ ମାସର ତୁଳନାତ୍ମକ ଚିତ୍ର ଦିଆଯାଇଛି। ଏହି ଅନୁସାରେ, ଚଳିତବର୍ଷ ଜାନୁୟାରୀ-ଅଗଷ୍ଟ ମଧ୍ୟରେ ରାଜ୍ୟରେ ବେରୋଜଗାରୀଙ୍କ ସଂଖ୍ୟା ୧.୭୫ ଲକ୍ଷ ବଢ଼ିଛି। ଏହି ସମୟ ମଧ୍ୟରେ ୨.୦୮ ଲକ୍ଷ ଚାକିରି ହରାଇଛନ୍ତି। ଯଦି ୨୦୨୦ ଡିସେମ୍ବରରୁ ହିସାବ କରାଯାଏ, ତେବେ ଏହି ୮ ମାସରେ ରାଜ୍ୟରେ ବେରୋଜଗାରୀଙ୍କ ସଂଖ୍ୟା ୨.୭୪ ଲକ୍ଷ ବୃଦ୍ଧି ପାଇଛି। ସେହିପରି ପ୍ରଥମ ତ୍ରୈମାସିକ (୨୦୨୧ ଜାନୁୟାରୀ-ଏପ୍ରିଲ୍)ରେ ୧୫-୨୯ ବର୍ଷ ବୟସର ପ୍ରାୟ ୨୯.୩୫ ଲକ୍ଷ ଚାକିରି କରୁଥିବା ଦେଖାଯାଇଥିଲା। କିନ୍ତୁ ଦ୍ୱିତୀୟ ତ୍ରୈମାସିକ

## ସିଏମ୍ଆଇଇ ରିପୋର୍ଟ

(ମେ'- ଅଗଷ୍ଟ)ରେ ଏହି ସଂଖ୍ୟା ୨୭.୪୫ ଲକ୍ଷକୁ ହ୍ରାସ ପାଇଥିଲା।

ଦେଶର ଶୀର୍ଷ ଘରୋଇ ଅର୍ଥନୀତି ବିଚାରମଞ୍ଚର ଏହି ତ୍ରୈମାସିକ ରିପୋର୍ଟ ଅନୁସାରେ, ଓଡ଼ିଶାର ଯୁବପିଢ଼ିଙ୍କ ଆଗରେ ସମ୍ପ୍ରତି ସବୁଠୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି ବେରୋଜଗାରୀ। ରାଜ୍ୟରେ ୧୫ରୁ ୨୯ ବର୍ଷୀୟ ନିଯୁକ୍ତି ଆଶାୟୀଙ୍କ ସଂଖ୍ୟା ଅତ୍ୟଧିକ ରହିଥିବା ଏଥିରେ ଦର୍ଶାଯାଇଛି। ପ୍ରଥମ ତ୍ରୈମାସିକ ରିପୋର୍ଟ ଅନୁସାରେ ୧୫ରୁ ୧୯ ବର୍ଷ ବୟସ୍କ ବର୍ଗରେ ବେରୋଜଗାରୀ ହାର ସର୍ବାଧିକ ୩୫.୪୬ ପ୍ରତିଶତ ଥିଲା। ସେହିପରି ୨୦-୨୪ ବର୍ଷ ବୟସ୍କଙ୍କ ବେରୋଜଗାରୀ ହାର ୧୪.୯୧ ପ୍ରତିଶତ ଥିବାବେଳେ ୨୫-୨୯ ବର୍ଷ ବୟସ ବର୍ଗର ଏହି ହାର ୩.୫ ପ୍ରତିଶତ ରହିଥିଲା। ତେବେ ଦ୍ୱିତୀୟ ତ୍ରୈମାସିକ ରିପୋର୍ଟ ଅନୁଯାୟୀ, ୧୫ରୁ ୧୯ ବର୍ଷ ବୟସ୍କ ବର୍ଗରେ ବେରୋଜଗାରୀ ହାର ୧୬.୮୧ ପ୍ରତିଶତ ଥିବାବେଳେ ୨୦-୨୪ ବର୍ଷ ବର୍ଗରେ ୧୨.୨୬ ପ୍ରତିଶତ ଏବଂ ୨୫-୨୯ ବର୍ଷ ବୟସ ବର୍ଗରେ ବେରୋଜଗାରୀ ହାର ୫.୧୭ ପ୍ରତିଶତରେ ପହଞ୍ଚିଛି। ଏସବୁ ତଥ୍ୟରୁ ରାଜ୍ୟରେ ବେରୋଜଗାରୀ ସଂଖ୍ୟା ବଢୁଥିବା ସ୍ପଷ୍ଟ ହେଉଛି।

# ପ୍ରଧାନମନ୍ତ୍ରୀଙ୍କ ଆକାଉଣ୍ଟରେ କ୍ରିପ୍ଟୋ ପ୍ରଚାର

## ଟୁଇଟର ହ୍ୟାଣ୍ଡଲ ସାମୟିକ ହ୍ୟାକ୍

ନୂଆଦିଲ୍ଲୀ,୧୨।୧୨

ଦେଶବାସୀଙ୍କୁ ରବିବାର ସକାଳେ ଆଶ୍ଚର୍ଯ୍ୟଚକିତ କରିଦେଇଥିଲା ଏକ ଟୁଇଟ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଫିସିଆଲ ଟୁଇଟର ହ୍ୟାଣ୍ଡଲ(@narendramodi)ରୁ ଏକ ପୋଷ୍ଟ କରାଯାଇଥିଲା। ସେଥିରେ ଉଲ୍ଲେଖ କରାଯାଇଥିଲା ଯେ, ଭାରତ ଆନୁଷ୍ଠାନିକ ଭାବେ ବିଟ୍‌କଏନ୍‌କୁ ଲିଗାଲ ଟେଣ୍ଡର ବା ଆଇନଗତ ସ୍ୱୀକୃତି ପ୍ରଦାନ କରିଛି। ସରକାର ୫୦୦ ବିଟ୍‌କଏନ୍ କିଣିଛନ୍ତି ଏବଂ ସେଗୁଡ଼ିକୁ ଦେଶବାସୀଙ୍କ ମଧ୍ୟରେ ବାଣ୍ଟୁଛନ୍ତି।


Narendra Modi @narendramodi 1h
India has officially adopted bitcoin as legal tender.

The government has officially bought 500 BTC and is distributing them to all residents of the country.

Hurry up 👉 INDIA-OFFICIAL.BLOGSPOT.COM/#BITCOIN-GIVEA...

The future has come today!

51 137

ହରି ଅପ୍! ଉକ୍ତ ଟୁଇଟ୍ ସହ ଏକ ସ୍କାମ ଲିଙ୍କ୍ ମଧ୍ୟ ଆଟାଚ୍ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ଏହା ଜାଣିବା ପରେ ମୋଦିଙ୍କ ଆକାଉଣ୍ଟ ସାମୟିକ ଭାବେ ହ୍ୟାକ୍ ହୋଇଥିବା ଓ ପରେ ତାହାକୁ ସୁରକ୍ଷିତ ଭାବେ ଆୟତ୍ତକୁ ଅଣାଯାଇଥିବା ଟୁଇଟ୍ କରିଥିଲା। ଏଥିସହ ସେଥିରୁ ଶେୟାର କରାଯାଇଥିବା 'ବିଟ୍‌କଏନ୍' ଟୁଇଟ୍‌କୁ ଅଣଦେଖା କରିବାକୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ସେତେବେଳକୁ ଅଗଣିତ ୟୁଜର୍ସ ସେହି ପୋଷ୍ଟର ସ୍କ୍ରିନ୍‌ଶର୍ଟ ନେଇ ସୋସିଆଲ ମିଡିଆରେ ଛାଡ଼ିସାରିଥିଲେ, ଯାହାକି ଏବେ ବି ବହୁମାତ୍ରାରେ ଭାଇରାଲ ହେବାରେ ଲାଗିଛି।

ପ୍ରଧାନମନ୍ତ୍ରୀଙ୍କ ଟୁଇଟର ଆକାଉଣ୍ଟ ହ୍ୟାକ୍ ହେବା ପରେ ସେଥିରୁ ଶେୟାର କରାଯାଇଥିବା ପୋଷ୍ଟକୁ ନେଇ ବିଭିନ୍ନ ମହଲରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କେତେଜଣ ୟୁଜର୍ସ ତାହା ହ୍ୟାକ୍ ହୋଇଥିବା ଆଶଙ୍କା ବ୍ୟକ୍ତ କରିଥିବାବେଳେ ଅନେକେ ଏହାକୁ ନେଇ କଟାକ୍ଷ କରିଥିଲେ। ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବି.ଭି. ପ୍ରତିକ୍ରିୟା ରଖିଥିଲେ, ଗୁଡ୍ ମର୍ଣ୍ଣିଂ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଆନ୍ଧ୍ର ସ୍ୱାଦ ବରକୋଳିରେ ନାହିଁ

**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାର ଆଣିଥିବା ଜମା ବୀମା ସଂସ୍କାର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଆକାଉଣ୍ଟଧାରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରିଦେବ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଆଇନମନ୍ତ୍ରୀଙ୍କ ଉପରକୁ ଚପଲ ଫିଙ୍ଗିଲେ

ମାହାଙ୍ଗା,୧୨।୧୨(ସ୍ୱ.ପ୍ର.)

ଏକ କାର୍ଯ୍ୟକ୍ରମରେ ମଞ୍ଚାସୀନ ମାହାଙ୍ଗା ବିଧାୟକ ତଥା ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଉପରକୁ ରବିବାର ରାତିରେ ଚପଲ ଫିଙ୍ଗା ଯାଇଛି। ଚପଲ ଫିଙ୍ଗିଥିବା ଯୁବକ ବିଜେଡି କର୍ମୀଙ୍କ ଆକ୍ରମଣରେ ଲହୁଲୁହାଣ ହୋଇଛନ୍ତି। ମାହାଙ୍ଗା ଥାନା ପୋଲିସ ଉକ୍ତ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି।

ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ମାହାଙ୍ଗାର ଗୋକନ ଭଞ୍ଜ ମଣ୍ଡପଠାରେ ଶରତ

## ଉତ୍ତେଜନା, ଯୁବକ ଲହୁଲୁହାଣ

ଉତ୍ସବ ୨୦୨୧ ରବିବାର ସନ୍ଧ୍ୟାରେ ଆୟୋଜନ ହୋଇଥିଲା। ଏଥିରେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେବାର ଥିଲା। ତେବେ ସେ କୌଣସି କାରଣବଶତଃ ଆସି ନ ଥିଲେ। ମନ୍ତ୍ରୀ ଜେନା ଉତ୍ସବରେ ଉଦ୍‌ଘାଟକ ରୂପେ ଯୋଗଦେଇଥିଲେ। ଜିଲାପରିଷଦ ସଭ୍ୟ ହୃଷୀକେଶ ସ୍ୱାଇଁ, ମାହାଙ୍ଗା ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ☞ପୃଷ୍ଠା-୪



**ଛାତ୍ର କଂଗ୍ରେସକୁ ଲାଠିମାଡ଼ ପ୍ରସଙ୍ଗ ସଂସଦରେ ଉଠିବ**

**ଭୁବନେଶ୍ୱର, (ବ୍ୟୁରୋ):** ମମିତା ମେହେର ହତ୍ୟା ଘଟଣାରେ ନ୍ୟାୟ ଦାବି କରି ଶୁକ୍ରବାର ଛାତ୍ର କଂଗ୍ରେସର ଶାନ୍ତିପୂର୍ଣ୍ଣ ବିଧାନସଭା ଘେରାଉ ଉଦ୍ୟମକୁ ପୋଲିସ କ୍ଷମତାର ଅପବ୍ୟବହାର କରି ଦମନ କରିଥିବା କଂଗ୍ରେସ ଅଭିଯୋଗ କରି ଆସୁଛି। ବେଆଇନ ଭାବେ କଂଗ୍ରେସ ଭବନରେ ପଶି ଛାତ୍ର କଂଗ୍ରେସ କର୍ମୀଙ୍କୁ ଲାଠିରେ ପିଟି ରକ୍ତାକ୍ତ କରିଛି। ଏହି ପ୍ରସଙ୍ଗକୁ ନେଇ ସୋମବାର କଂଗ୍ରେସ ଏମ୍‌ପି ସପ୍ତଗିରି ଉଲ୍ଲାକା ସଂସଦରେ ମୁଲତବୀ ପ୍ରସ୍ତାବ ଆଣିବେ। ପ୍ରସ୍ତାବ ଗୃହୀତ ହେଲେ ଏନେଇ ସଂସଦରେ ଆଲୋଚନା କରାଯିବ ବୋଲି ପିସିସି ପକ୍ଷରୁ ସୂଚନା ଦିଆଯାଇଛି।



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶା ଆଶାକର୍ମୀ ଆସୋସିଏଶନ (ସିଆଟିୟୁ) ପକ୍ଷରୁ ରାଜ୍ୟସ୍ତରୀୟ ଶୋଭାଯାତ୍ରା ଓ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନଠାରୁ ଲୋୟର ପିଏମ୍‌ଜି, ମଧ୍ୟାହ୍ନ ୧୨ଟା ୩୦।
- ସମାଜ ଓ ସଂସ୍କୃତି ସଂଗଠନ ପକ୍ଷରୁ 'ଏଇ ଆମରି ଗାଁ' ସଙ୍ଗୀତ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୧୫।
- ପାଇକ ସଂଗ୍ରାମଙ୍କ ଉପରେ ଦିନ ପଞ୍ଜିକା ୨୦୨୨ ଉନ୍ମୋଚନ, ଲୋୟର ପିଏମ୍‌ଜି, ରାଜଛକ ବୌଦ୍ଧିକ ସମାବେଶ, ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ପ୍ରଦୂଷଣ ବିପଦର ବାର୍ତ୍ତାଦେଲା ସାଇକ୍ଲୋଥନ୍

**ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ):** ସୂଚନା ପ୍ରଯୁକ୍ତି ଅନୁଷ୍ଠାନ ବିକାଶ କେନ୍ଦ୍ରର ୨୫ତମ ଜୟନ୍ତୀ ଅବସରରେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଓ ଇନ୍‌ଫୋସିସ୍ ପକ୍ଷରୁ ରବିବାର ଏକ ସାଇକ୍ଲୋଥନ୍ ଆୟୋଜିତ ହୋଇଥିଲା। ଏଥିରେ ଇନ୍‌ଫୋସିସ୍‌ର ୧୦୦ଜଣ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ଦେଶର ରାଜଧାନୀ ଦିଲ୍ଲୀ ଅଞ୍ଚଳର ପ୍ରଦୂଷଣ ମାତ୍ରା ବିପଦପୂର୍ଣ୍ଣ ସ୍ଥିତିରେ ରହିଛି। ସେହିପରି ଭାରତର ୩ଟି ସହର ବିଶ୍ୱର ୧୦ଟି ପ୍ରଦୂଷଣ ବହୁଳ ଅଞ୍ଚଳ ମଧ୍ୟରେ ଚିହ୍ନଟ ହୋଇଛି। ଏହି ପରିସ୍ଥିତିର ପୁନରାବୃତ୍ତି ଯେପରି ଅନ୍ୟ କେଉଁଠାରେ ନ ହୁଏ ଏବଂ ଭୁବନେଶ୍ୱର ସ୍ଥିତିରେ ଯେପରି ଉନ୍ନତି ଆସିବ, ସେହି ବାର୍ତ୍ତାକୁ ନାଗରିକଙ୍କ ନିକଟରେ ପହଞ୍ଚାଇବା ପାଇଁ ଏହି ସାଇକ୍ଲୋଥନ୍ ମାଧ୍ୟମରେ ଚେଷ୍ଟା କରାଯାଇଛି। ଇନ୍‌ଫୋସିସ୍ କ୍ୟାମ୍ପସରୁ ଆରମ୍ଭ ହୋଇଥିବା ଏହି ସାଇକ୍ଲୋଥନ୍ ଶିଖରଚଣ୍ଡୀ ଛକ, କିଟ୍, ପଟିଆ ଏବଂ ଟ୍ରାଇଡେଣ୍ଟ କଲେଜ ଆଦି ୬ କିମି ପର୍ଯ୍ୟନ୍ତ ଯାଇଥିଲା।

### ୧୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ

**ପୁରୁଣା ଭୁବନେଶ୍ୱର, ୧୨।୧୨ (ଡି.ଏନ୍.ଏ.):** ଏକାମ୍ର ନିର୍ବାଚନମଣ୍ଡଳୀରେ ରବିବାର ପ୍ରାୟ ୧୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ହୋଇଯାଇଛି। ଶିଶୁପାଳଗଡ଼ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମହାବୀର ନଗର ଓ ଦିବ୍ୟବିହାର ଅଞ୍ଚଳରେ ରାସ୍ତା ଏବଂ ଡ୍ରେନ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅବିନାଶ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ସୁନ୍ଦରାୟ, ସରପଞ୍ଚ ଇତିଶ୍ରୀ ଚମ୍ପତି ପ୍ରମୁଖ ଉପସ୍ଥିତ ଥିଲେ।

### ସମୁଦ୍ର ପତନ ୬ ସେମି ବଢ଼ିଲେ ୨୫କୋଟି ଲୋକ ନିଶ୍ଚିହ୍ନ ହେବେ

**ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ):** ବିଶ୍ୱ ମାନବାଧିକାର ସଂଗଠନ ତରଫରୁ ରବିବାର ଜୟଦେବ ଭବନଠାରେ 'ସନ୍ତ୍ରାସବାଦ ଜଳବାୟୁ ପରିବର୍ତ୍ତନ ଏବଂ ମାନବାଧିକାର' ଶୀର୍ଷକ ଏକ ଆର୍ନ୍ତଜାତିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନେପାଳର ରାଷ୍ଟ୍ରଦୂତ ଆନନ୍ଦ ପ୍ରସାଦ ଶର୍ମା ଯୋଗଦେଇ ହିମାଳୟରୁ ବରଫ ତରଳୁ ଥିବାରୁ ବିପଦ ଘନେଇ ଆସୁଛି ବୋଲି କହିଛନ୍ତି। ବିଶ୍ୱ ମାନବାଧିକାର ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ଅଭିନ୍ନ ହୋତା କହିଲେ, ସମୁଦ୍ର ପତନ ୫ସେ.ମି.ରୁ ୬ ସେ.ମି ବୃଦ୍ଧି ପାଇଲେ କେବଳ ଭାରତବର୍ଷରେ ୨୫ କୋଟିରୁ ଉର୍ଦ୍ଧ୍ୱ ଲୋକ ନିଶ୍ଚିହ୍ନ ହୋଇଯିବେ। ଚେନ୍ନାଇ, ବିଶାଖପାଟନାମ୍, କୋଚିଂ ଆଦି ସହର ସମୁଦ୍ରରେ ଲୀନ ହୋଇଯିବ। ଆମେରିକା ଜଳବାୟୁ ପରିବର୍ତ୍ତନ ସଂସଦର ସଦସ୍ୟ ଡ. ପ୍ରଫୁଲ୍ଲ ଧଳ ଓ ଦକ୍ଷିଣ ଆଫ୍ରିକା ଦୂତାବାସର ଅର୍ଥନୈତିକ ଉପଦେଷ୍ଟା ଡ. ଶରତ ପ୍ରଧାନ ମତ ରଖିଥିଲେ। ସଙ୍ଗଠନର ସାଧାରଣ ସମ୍ପାଦକ ଡ. ମାୟାଧର ବେହେରା, କାର୍ଯ୍ୟନିର୍ବାହୀ ସମ୍ପାଦିକା ଡ. ଅନୁଭାଲା, କେନ୍ଦ୍ରୀୟ ଉପସଭାପତି ଦେବବ୍ରତ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ।

# ରାଜଧାନୀରେ ଆନ୍ତଃ ରାଜ୍ୟ କାର ଚୋରି ର୍ୟାକେଟ୍

**ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ)**








- ଛତିଶଗଡ଼ର ଅଭିଯୁକ୍ତ ଗିରଫ, ୨ କାର୍ ଜବତ
- ୪୦ ଚୋରା ଗାଡ଼ି ବିକ୍ରି କରିଛନ୍ତି ଅଭିଯୁକ୍ତ
- ମଧ୍ୟପ୍ରଦେଶ, ଛତିଶଗଡ଼ରୁ ଚୋରି: ଓଡ଼ିଶାରେ ବିକ୍ରି

ବାହାର ରାଜ୍ୟରୁ ଚୋରି, ଭୁବନେଶ୍ୱରରେ ବିକ୍ରି। ସକ୍ରିୟ ରହିଥିବା ଏକ ଆନ୍ତଃରାଜ୍ୟ କାର୍ ଚୋରି ର୍ୟାକେଟ୍‌କୁ ଧରିଛି କମିଶନରେଟ ପୋଲିସ। ରବିବାର ଶହୀଦନଗର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ର୍ୟାକେଟର ରହସ୍ୟ ଉନ୍ମୋଚନ କରିଛି। ଗିରଫ ଅଭିଯୁକ୍ତ ହେଲେ ଚନ୍ଦକା ଥାନା ଗୋଠପାଟଣାରେ ରହୁଥିବା ଛତିଶଗଡ଼ କାଙ୍କେର ଜିଲା ସଦର ଥାନାଞ୍ଚଳର ଅବଦୁଲ୍ ସକୁର୍ ଜନ୍‌କବିର୍(୪୮)। ତାଙ୍କଠାରୁ ପୋଲିସ ଦୁଇଟି ଚୋରା କାର ଜବତ କରିଛି। ପୋଲିସ ଆଇପିସିର ୩୭୯/୪୧୧/୪୧୪/୪୮୨ ଦଫାରେ ଏକ ମାମଲା (ନଂ.୫୦୫/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅବଦୁଲ୍ ମଧ୍ୟପ୍ରଦେଶ ଓ ଛତିଶଗଡ଼ରୁ ୪୦ଟି ଚୋରା କାର୍ ଆଣି ଭୁବନେଶ୍ୱରରେ ବିକ୍ରି କରିଛି। ଏହି ର୍ୟାକେଟ୍‌ରେ ଦୁଇ ରାଜ୍ୟର ଲୁଟେରା ଗ୍ୟାଙ୍ଗ୍ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ତେବେ ଏଥିରେ ଓଡ଼ିଶାରୁ କେହି ସାମିଲ ଅଛନ୍ତି ନା ନାହିଁ ସେନେଇ ପୋଲିସ ଖୋଳତାଡ଼ ଚଳାଇଛି।

### ଜବତ ଫାଇନାନ୍ସ ଗାଡ଼ିର ନମ୍ବର ଲଗାଇ ବିକୁଥିଲେ

ଅବ୍‌ଦୁଲ୍ ବିଭିନ୍ନ ଫାଇନାନ୍ସ କମ୍ପାନୀରେ ପଡ଼ି ରହି ନଷ୍ଟ ହେଉଥିବା ଜବତ କାର୍‌କୁ କିଣି ବିକ୍ରି କରୁଥିଲେ। ଏହି ସମୟରେ ଛତିଶଗଡ଼ ଓ ମଧ୍ୟପ୍ରଦେଶରେ ଗାଡି ଲୁଟେରାଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ସେଠାରୁ ଚୋରି କାର୍‌କୁ ଭୁବନେଶ୍ୱରରେ ବିକ୍ରି କରିବାକୁ ସେମାନେ ଅବଦୁଲ୍‌କୁ ଅଫର୍ ଦେଇଥିଲେ। ଅଧିକ ଟଙ୍କା ରୋଜଗାର କରିବା ଲୋଭରେ ଅବଦୁଲ ଉକ୍ତ ଗ୍ୟାଙ୍ଗ୍ ସହ ଯୋଡ଼ି ହୋଇ ଚୋରି ଗାଡ଼ି ବିକ୍ରିର ନୂଆ ବ୍ୟବସାୟ ଆରମ୍ଭ କରିଥିଲେ। ଅବଦୁଲ୍ ଫାଇନାନ୍ସ କମ୍ପାନୀରୁ ଆଣୁଥିବା ଭଙ୍ଗା କାରର ନମ୍ବର ପ୍ଲେଟ୍ କାଢି ରଖୁଥିଲେ। ତେବେ ଲୁଟେରାମାନେ ଯେଉଁ ଚୋରା କାର୍ ଦେଉଥିଲେ ସେଥିରେ ସେ ଉକ୍ତ ନମ୍ବର ଲଗାଇ ବିକ୍ରି କରୁଥିଲେ। ଚୋରା କାର୍‌ର ବିକ୍ରି ଟଙ୍କାକୁ ସେ ଲୁଟେରା ଗ୍ୟାଙ୍ଗକୁ ଦେବା ସହ ନିଜ କମିଶନ ମଧ୍ୟ କାଟି ରଖୁଥିଲେ।

### ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବ ମଧ୍ୟପ୍ରଦେଶ ପୋଲିସ

କମିଶନରେଟ ପୋଲିସ ଅବଦୁଲଙ୍କୁ ଧରିବା ପରେ ମଧ୍ୟପ୍ରଦେଶ ପୋଲିସକୁ ଖବର ଦେଇଥିଲା। ମଧ୍ୟପ୍ରଦେଶ ପୋଲିସ ଶହୀଦନଗର ଥାନାରେ ପହଞ୍ଚି ତଦନ୍ତ କରିବା ସହ ସେଠାରେ ସକ୍ରିୟ ଥିବା କାର୍ ଲୁଟେରା ଗ୍ୟାଙ୍ଗଙ୍କ ସମ୍ପର୍କରେ ତଥ୍ୟ ହାସଲ ପାଇଁ ଅଭିଯୁକ୍ତ ଅବ୍‌ଦୁଲକୁ ରିମାଣ୍ଡରେ ନେବ ବୋଲି ଜଣାପଡ଼ିଛି।

### ଏମିତି ଧରାପଡ଼ିଲେ ଅବଦୁଲ୍

ମଧ୍ୟପ୍ରଦେଶ ଓ ଛତିଶଗଡ଼ ପୋଲିସ କାର୍ ଚୋରି ର୍ୟାକେଟ୍‌ର ଲିଙ୍କ୍ ଓଡ଼ିଶାରେ ଥିବା ସୂଚନା ପାଇ ଭୁବନେଶ୍ୱର ଆସିଥିଲା। ଚୋରି କାର୍ ସମ୍ପର୍କରେ କମିଶନରେଟ ପୋଲିସକୁ ଜଣାଇଥିଲା। ରବିବାର ସକାଳେ ଏକ ଚୋରା ଗାଡ଼ି ପାର୍କିଂ ହୋଇଥିବା ଶହୀଦନଗର ଥାନା ପୋଲିସ ଜାଣିବା ପରେ ଯାଞ୍ଚ କରିଥିଲା। ନମ୍ବର ପ୍ଲେଟ୍ ସହ ଇଞ୍ଜିନ୍ ନମ୍ବର ଓ ଚେଚିସ୍ ନମ୍ବର ଭିନ୍ନ ଥିଲା। ଉକ୍ତ କାର୍ ଚୋରା ବୋଲି ଜାଣିବାପରେ ପୋଲିସ ଅବଦୁଲଙ୍କୁ ଧରି ଅଧିକ ପଚରାଉଚରା କରିଥିଲା। ତାଙ୍କ ବୟାନ ଆଧାରରେ ଘରେ ଥିବା ଆଉ ଏକ ଚୋରା କାର୍‌କୁ ପୋଲିସ ଜବତ କରିଥିଲା।

## ସରିଲା ରିମାଣ୍ଡ, ଜେଲ ଗଲେ ୨ ସୁପାରିକିଲର

**ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ)**

କମିଶନରେଟ ପୋଲିସ ହାତରେ ଧରାପଡ଼ିଥିବା ୨ ସୁପାରିକିଲର ଜଗତ୍‌ସିଂହପୁର ତିର୍ତ୍ତୋଲର ସମ୍ପଦ କୁମାର ସାହୁ ଓ ପ୍ରଶାନ୍ତ ଦାସଙ୍କ ୪ ଦିନିଆ ରିମାଣ୍ଡ ସରିବା ପରେ ରବିବାର ଜେଲ୍ ଯାଇଛନ୍ତି। ଜେରାବେଳେ ନୟାପଲ୍ଲୀ ଥାନା ପୋଲିସ ସେମାନଙ୍କଠାରୁ ବହୁ ତଥ୍ୟ ପାଇଛି। ଏମାନଙ୍କ ସହ ଜଣେ ବୈଦ୍ୟୁତିକ ଗଣମାଧ୍ୟମର ସାମ୍ବାଦିକଙ୍କ ସମ୍ପର୍କ ରହିଥିବା ପୋଲିସ ସନ୍ଦେହ କରୁଛି। ଏନେଇ ନୟାପଲ୍ଲୀ ଥାନା ଅଧିକାରୀ ଶରତ ସାହୁ କହିଛନ୍ତି, ରିମାଣ୍ଡ ସମୟରେ ଉଭୟେ ମିଛ କଥା କହିଥିଲେ। ତାଙ୍କ କଥା ଆଧାରରେ ସୁପାରି ଦେଇଥିବା ସହଯୋଗୀଙ୍କୁ ଧରିବାକୁ ଆଇଆର୍‌ସି ଭିଲେଜ ଏବଂ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଚଢାଉ କରାଯାଇଥିଲା। ହେଲେ ସେଭଳି କିଛି ତଥ୍ୟ ମିଳିନାହିଁ। ଖୁବ୍‌ଶୀଘ୍ର ତାଙ୍କର ସହଯୋଗୀ ଧରାପଡିବେ ଏବଂ ଆବଶ୍ୟକସ୍ଥଳେ ପୁଣିଥରେ ସେମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଜଣେ ବ୍ୟବସାୟୀଙ୍କୁ ଗୁଳି କରି ହତ୍ୟା କରିବାକୁ ପ୍ରଶାନ୍ତ ଓ ସମ୍ପଦ ୨୮ ନଭେମ୍ବରରେ ନୟାପଲ୍ଲୀ ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ଜଗି ରହିଥିବାବେଳେ ପୋଲିସ ଚଢ଼ାଉ କରିଥିଲା। ସମ୍ପଦଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୨ ପିସ୍ତଲ, ୯ ଗୁଳି ଜବତ ହୋଇଥିଲା। ହେଲେ ସେଠାରୁ ଖସି ଯାଇଥିବା ପ୍ରଶାନ୍ତ ପରେ ଚୌଦ୍ୱାର ଟାଙ୍ଗୀ ବିଶ୍ୱନାଥପୁରରୁ ଗିରଫ ହୋଇଥିଲେ।



ଭୁବନେଶ୍ୱରଠାରେ ଚାଲିଥିବା କଳିଙ୍ଗ ସାହିତ୍ୟ ମହୋତ୍ସବର ରବିବାର ଉଦ୍‌ଯାପନୀ ଅବସରରେ ଯୋଗଦେଇଥିବା ଅତିଥିମାନେ।

# କଳିଙ୍ଗ ସାହିତ୍ୟ ମହୋତ୍ସବ ସ୍ୱଦେଶୀ ଭାବନାର ପରିପ୍ରକାଶ

**ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ)**

ମହାମାରୀ ମାନବସମାଜକୁ ଆତ୍ମପରିଚିତିର ଏକ ମାଧ୍ୟମ ପ୍ରଦାନ କରିଛି। ଏପରି ସମୟରେ କଳିଙ୍ଗ ସାହିତ୍ୟ ମହୋତ୍ସବ ସ୍ୱଦେଶୀ ଭାବନା ପରିପ୍ରକାଶର ଏକ ଅନନ୍ୟ ଅବସର ପ୍ରଦାନ କରିଥିବାରୁ ଏହା ସମାଜକୁ ଉନ୍ନତ କରିବାରେ ସହାୟକ ହେବ। ଏପରି ମହୋତ୍ସବର ଆୟୋଜନ ଭାରତୀୟଙ୍କୁ ପାଶ୍ଚାତ୍ୟ ତଥା ବ୍ରିଟିଶ ମାନସିକତା ଚିନ୍ତାଧାରାକୁ ତ୍ୟାଗକରି ସ୍ୱଦେଶୀ ସାରସ୍ୱତ କୃତିକୁ ଅପଣାଇବାରେ ସହାୟକ ହେବ ବୋଲି କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି। ୩ଦିନିଆ କଳିଙ୍ଗ ସାହିତ୍ୟ ମହୋତ୍ସବ (କେଏଲ୍‌ଏଫ୍)ର ରବିବାର ଉଦ୍‌ଯାପନୀ ଅବସରରେ କେନ୍ଦ୍ରମନ୍ତ୍ରୀ ଭର୍ଚୁଆଲରେ ଯୋଗଦେଇ ଏହା କହିଛନ୍ତି। ଆସନ୍ତା ବର୍ଷଠାରୁ ନେପାଳର କାଠମାଣ୍ଡୁରେ ମହୋତ୍ସବର ଏକ ସଂସ୍କରଣ ଆୟୋଜନ କରାଯିବ ବୋଲି କେଏଲ୍‌ଏଫ୍ ପ୍ରତିଷ୍ଠାତା ନିର୍ଦ୍ଦେଶକ ରଶ୍ମୀ ରଞ୍ଜନ ପରିଡ଼ା କହିଛନ୍ତି।

### ଆସନ୍ତା ବର୍ଷରୁ କାଠମାଣ୍ଡୁରେ ହେବ

ଆଉଟଲୁକ୍ ମାଗାଜିନର ପରିଚାଳନା ସମ୍ପାଦକ ସତୀଶ ପଦ୍ମନାଭନ୍ କହିଲେ, ଆଜିକାଲି ସୋସିଆଲ ମିଡିଆ ଏବଂ ଅନ୍ୟକିଛି ଡିଜିଟାଲ୍ ମିଡିଆରେ ବିନା ସମ୍ପାଦନାରେ ଅନେକ ଅନୁପଯୁକ୍ତ ବିଷୟବସ୍ତୁ ଆସୁଛି। ନେପାଳର ପୂର୍ବତନ ଭାରତୀୟ ରାଷ୍ଟ୍ରଦୂତ ରଞ୍ଜିତ ରାଏ କହିଲେ, ଭାରତ ଆତ୍ମନିର୍ଭର ହେବା ପାଇଁ ନିଜ ଘରୋଇ ଦକ୍ଷତା ଚିହ୍ନିବା ହେଉଛି ପ୍ରାରମ୍ଭିକ ସୋପାନ। ପାରାଅଲମ୍ପିକ୍ ମେଡାଲ ବିଜେତା ପ୍ରମୋଦ ଭଗତ କହିଛନ୍ତି, କ୍ରୀଡ଼ାରେ କର୍ପୋରେଟ୍ ପୁଞ୍ଜି ବିନିଯୋଗ କେବଳ ନିବେଶ ଓ ଲାଭ ଧାରଣା ଉପରେ ଆଧାରିତ ହେବା ଉଚିତ୍ ନୁହେଁ। ଅଲିମ୍ପିକ୍ ସ୍ତରର କ୍ରୀଡ଼ାବିତ୍ ପ୍ରସ୍ତୁତି ପାଇଁ ପ୍ରାୟ ଏକ ଦଶନ୍ଧିର ପ୍ରୟାସ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ କ୍ରୀଡ଼ା ସାମ୍ବାଦିକ ଆୟାଜ ମେମୋନଙ୍କ ଦ୍ୱାରା ସମ୍ପାଦିତ 'ଦ୍ୱିତୀୟ ଇନିଂସ' ସମେତ ୧୦ଟି ପୁସ୍ତକକୁ ମିଶାଇ ମୋଟ ୩୦ ଉନ୍ମୋଚିତ ହୋଇଥିଲା। 'ମିଷ୍ଟିକ ମାଇକ୍' କାର୍ଯ୍ୟକ୍ରମରେ ୨୦ ଜଣ କଳାକାର ପ୍ରତିଭା ପ୍ରଦର୍ଶନ କରିଥିଲେ।

# କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଦିବ୍ୟାଙ୍ଗ, ମାନସିକ ଅନଗ୍ରସରଙ୍କ ପାଇଁ ସ୍ୱତନ୍ତ୍ର ବିଭାଗ

**ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ)**

### ପ୍ରତିଷ୍ଠା ହେଲା ଏସ୍‌ଇଏନ୍ ଗ୍ଲୋବ୍

କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ରବିବାର ସ୍ପେଶାଲ ଏଜୁକେଶନ ନିଡ୍ସ (ଏସ୍‌ଇଏନ୍) ଗ୍ଲୋବ୍ ପ୍ରତିଷ୍ଠା ହୋଇଛି। ଏଥିରେ ବିଭିନ୍ନ ବର୍ଗର ଦିବ୍ୟାଙ୍ଗ ଓ ମାନସିକ ଅନଗ୍ରସର ଛାତ୍ରୀଛାତ୍ରଙ୍କ ପାଇଁ ଉନ୍ନତ ଉପଚାରାତ୍ମକ ଚିକିତ୍ସା ସହ ଶିକ୍ଷା ପ୍ରଦାନ କରାଯିବ। ନ୍ୟାଶନାଲ ସେଣ୍ଟର ଫର୍ ଅଟିଜିମ୍‌ର ପ୍ରତିଷ୍ଠାତା ନିର୍ଦ୍ଦେଶିକା ମେରୀ ବରୁଆ, ପଶ୍ଚିମବଙ୍ଗ ଅଟିଜିମ୍ ସୋସାଇଟିର ପ୍ରତିଷ୍ଠାତା ନିର୍ଦ୍ଦେଶିକା ଇନ୍ଦ୍ରାଣୀ ବାସୁ, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଚେୟାରପର୍ସନ ଡ. ମୋନାଲିସା ବଳଙ୍କ ଉପସ୍ଥିତିରେ ଏହି ବିଭାଗ ଉଦ୍‌ଘାଟିତ ହୋଇଛି। ମେରୀ ବରୁଆ କହିଲେ, ଏସ୍‌ଇଏନ୍ ଗ୍ଲୋବ୍ ପ୍ରତିଷ୍ଠା କରି କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍ ଉଦାହରଣ ସୃଷ୍ଟି କରିଛି। ଦିବ୍ୟାଙ୍ଗଙ୍କ ପାଇଁ ଏଭଳି ଏକ ସ୍ୱତନ୍ତ୍ର ବିଭାଗ ପ୍ରତିଷ୍ଠା କରିବାରେ କିଟ୍‌ର କ୍ଷମତା, ଭିତ୍ତିଭୂମି ଓ ପ୍ରଶାସନିକ ଇଚ୍ଛାଶକ୍ତି ରହିଛି ବୋଲି ସେ କହିଥିଲେ। ଅଚ୍ୟୁତ ସାମନ୍ତ କହିଲେ, ଏହି ସ୍କୁଲ୍ ସବୁ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଆସୁଛି। କିଟ୍ ଓ କିସ୍‌ରେ ବ୍ୟବସ୍ଥିତ ଢଙ୍ଗରେ ଅନ୍ତର୍ଭୁକ୍ତି ନୀତି ଆପଣାଇବା ଯୋଗୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ କର୍ମଚାରୀ ଏଠାରେ ସୁବିଧାରେ ଶିକ୍ଷାଗ୍ରହଣ, କାର୍ଯ୍ୟ ସମ୍ପାଦନ ଓ ବଢ଼ିବାରେ ସକ୍ଷମ ହୋଇପାରିଛନ୍ତି। ମୋନାଲିସା ବଳ କହିଲେ, ଏହି ବିଭାଗରେ ଅକ୍ୟୁପେଶନାଲ୍ ଥେରାପି, ସ୍ପିଚ୍ ଥେରାପି, ସ୍ପେଶାଲ ଏଜୁକେଶନ, କଗ୍ନିଟିଭ ଥେରାପି, ବ୍ୟବହାରରେ ଉନ୍ନତି ଆଣିବା ଏବଂ ପରାମର୍ଶ ଦେବା ଆଦି ବ୍ୟବସ୍ଥା ରହିଛି। ସ୍କୁଲ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ଧନ୍ୟବାଦ ଦେଇଥିଲେ।



କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଏସ୍‌ଇଏନ୍ ଗ୍ଲୋବ୍‌କୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ଆନ୍ଦୋଳନ ତୀବ୍ର କରିବେ ଧନ୍ଦାମୂଳକ ଶିକ୍ଷକ

**ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ)**

ରାଜ୍ୟରେ ୨୦୧୬ରୁ ଆରମ୍ଭ ହୋଇଥିବା ଭୋକେଶନାଲ ବା ଧନ୍ଦାମୂଳକ ଶିକ୍ଷାକୁ ୫ବର୍ଷ ପୂରିଛି। ଏଥିରେ ନିୟୋଜିତ ଶିକ୍ଷକମାନେ ଆଜି ବି ସେହି ସମାନ ଦରମାରେ କାମ କରୁଛନ୍ତି। ଏଥିସହ ୫ ମାସ ହେବ ଦରମା ପାଇନାହାନ୍ତି। ଦରମା ନିୟମିତ ସହ ବୃଦ୍ଧି ଦାବି ନେଇ ସେମାନେ ଭୁବନେଶ୍ୱର ଲୋୟର ପିଏମଜିରେ ଧାରଣା ଚଳାଇଛନ୍ତି। ସରକାର ଦୁଃଖ ନ ଶୁଣିଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଧନ୍ଦାମୂଳକ ପ୍ରଶିକ୍ଷକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ରବିବାର ଧାରଣାସ୍ଥଳରେ ସଂଘ ସଭାପତି ସୁନୀଲ କୁମାର ଦେବତାଙ୍କ ଅଧ୍ୟକ୍ଷତାରେ ଏକ ସମାବେଶ ଓ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ଶେଖ୍ ବେଲାଲୁଦ୍ଦିନ ଅହମ୍ମଦ, ରାଜକିଶୋର ଦାଲ, ପ୍ରଶାନ୍ତ ମହାନ୍ତି, ସସ୍ମିତା ବାରିକ୍ ପ୍ରମୁଖ ଉପସ୍ଥିତ ରହି ଦାବି ସଂକ୍ରାନ୍ତରେ ଆଲୋଚନା କରିଥିଲେ।

# ପଣ୍ଡିତ ଉମେଶ ଚନ୍ଦ୍ର କରଙ୍କୁ 'ଗୁରୁ ସିଂହାରୀ ସମ୍ମାନ'

**ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ)**



ଗୁରୁ ପଣ୍ଡିତ ଉମେଶ ଚନ୍ଦ୍ର କର (ମଝି) ଅତିଥିଙ୍କଠାରୁ ସମ୍ମାନ ଗ୍ରହଣ କରୁଛନ୍ତି।

ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଦୁଇଦିନ ଧରି ଚାଲିଥିବା ଓଡ଼ିଶୀ ରାଗ ମହୋତ୍ସବ ଓ ପୁରସ୍କାର ପ୍ରଦାନ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଜୀବନବ୍ୟାପୀ ସାଧନା ପାଇଁ ଗୁରୁ ପଣ୍ଡିତ ଉମେଶ ଚନ୍ଦ୍ର କରଙ୍କୁ 'ଗୁରୁ ସିଂହାରୀ ସମ୍ମାନ' ପ୍ରଦାନ କରାଯାଇଛି। ସେହିପରି ନୃତ୍ୟ କଳା ସାଧିକା ଆଲୋକା କାନୁନ୍‌ଗୋଙ୍କୁ 'ଭଗବତୀ ସ୍ମୃତି ସମ୍ମାନ' ଓ ନୃତ୍ୟାଙ୍ଗନା ମଧୁସ୍ମିତା ମହାନ୍ତିଙ୍କୁ 'ଗୁରୁ ଗୋପାଳ ପଣ୍ଡା ଯୁବ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଛି। ପୁରସ୍କାର ପ୍ରଦାନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ତ୍ରିଧାରା ଶାସ୍ତ୍ରୀୟ ସଙ୍ଗୀତ ଆୟୋଜିତ ହୋଇଥିଲା। ଚେନ୍ନାଇରୁ ଆସିଥିବା ଗାୟକ ସିକିଲ୍ ସି. ଗୁରୁଚରଣ ଓ ସାଥୀଙ୍କ ଦ୍ୱାରା କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତ ଏବଂ ଭୁବନେଶ୍ୱରର ଅମିତ୍ ରଥ ଓ ସାଥୀଙ୍କ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷିତ ହୋଇଥିଲା। ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା ଓ ଶିଷ୍ୟଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟରେ 'ମଧୁଶ୍ରୀ ପଲ୍ଲବୀ' ଓ ଅଭିନୟ 'ଶ୍ରୀ ମହାଲକ୍ଷ୍ମୀଷ୍ଟକମ୍'କୁ ବେଶ୍ ଚମତ୍କାର ଢଙ୍ଗରେ ପ୍ରଦର୍ଶିତ କରାଯାଇଥିଲା। ଗୁରୁ ଗୋପାଳ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସଙ୍ଗୀତା ପଣ୍ଡା ସ୍ୱର ସଂଯୋଜନା କରିଥିଲେ। ଗୁରୁ ଗଜେନ୍ଦ୍ର ପଣ୍ଡା ନୃତ୍ୟ ଓ ଗୁରୁ ସଚ୍ଚିଦାନନ୍ଦ ଦାସ ତାଳ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ମୋ ସ୍କୁଲ ଅଭିଯାନର ଚେୟାର ପର୍ସନ ସୁସ୍ମିତା ବାଗ୍‌ଚୀ, ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ ଭାଇସ୍ ଚାନ୍‌ସେଲର ପ୍ରଫେସର ହରେକୃଷ୍ଣ ଶତପଥୀ ଏବଂ ଜିଜିପିଓ ଉପସଭାପତି ଡ. ଶାନ୍ତନୁ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ସରିଲା ଓଡ଼ିଶୀ ରାଗ ମହୋତ୍ସବ

# ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ୮ ପୁସ୍ତକ ଲୋକାର୍ପିତ

**ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ)**

ଲୋହିଆ ଏକାଡେମୀଠାରେ ରବିବାର ସାରସ୍ୱତ ସାଧକ ଡ. ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ରଚିତ ୮ ପୁସ୍ତକର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଯୋଗଦେଇ ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' କାବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ରାମ ସୀତାଙ୍କ ବିଷୟରେ ଯେଉଁସବୁ ଲେଖା ହୋଇଛି ତାହା କାଳିରେ ଲେଖାଯାଇଛି। ମାତ୍ର ଗଙ୍ଗାଧର ତାଙ୍କ କାବ୍ୟକୁ ଅଶ୍ରୁରେ ଲେଖିଛନ୍ତି। ତେଣୁ ନିଶ୍ଚିତ ଭାବେ ଲୁହ ବା ଲହୁରେ ଲେଖା କାବ୍ୟ ଅଧିକ ଆକୃଷ୍ଟ ହେବ। ସେହିପରି ଏକ ସମୟରେ ଗଙ୍ଗାଧର ତାଙ୍କ କାବ୍ୟ ଦ୍ୱାରା ଭାରତୀୟ ସାହିତ୍ୟରେ ଏକ ଚରିତ୍ରର ପ୍ରତିମା ଗଢିଛନ୍ତି ବୋଲି ଡ. ମଲ୍ଲିକ କହିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକା ଡ. ଶକୁନ୍ତଳା ବଳିଆରସିଂହ, ନବରତ୍ନ ସାହିତ୍ୟ ସଂସଦ ସଭାପତି ଡ. ଦିବାକର ମାନସିଂହ, ସାମାଜିକକର୍ମୀ ସୁଦର୍ଶନ ପ୍ରଧାନ ପ୍ରମୁଖ ଯୋଗଦେଇ ଡ. ଦାଶଙ୍କ ପୁସ୍ତକଗୁଡ଼ିକର ସମୀକ୍ଷା କରିଥିଲେ। ଭୁବନେଶ୍ୱର ଗଣମାଧ୍ୟମ ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢୀ ଏଥିରେ ସଭାପତିତ୍ୱ କରିଥିଲେ। ପରିବେଶବିତ୍ ନବ କିଶୋର ପଣ୍ଡା, ଶିକ୍ଷାବିତ୍ ରଘୁନାଥ ମିଶ୍ର ଓ ସୂର୍ଯ୍ୟମଣି ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା ଓ ପ୍ରକାଶିକା ସୁରେଖା ଦାଶ ଧନ୍ୟବାଦ ଦେଇଥିଲେ।




ଦୈନିକ ଖବରକାଗଜ ବିଶ୍ୱବାଣୀର ୧୬ତମ ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ ଇଞ୍ଜିନିୟର୍ସ ଭବନରେ ରବିବାର ଆୟୋଜିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ଦି ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ଚାଲିଥିବା ଅର୍ଗାନିକ ଫେୟାରର ଶେଷଦିନ ରବିବାରରେ ଗ୍ରାହକମାନେ ସବୁଜ ପନିପରିବା କିଣୁଛନ୍ତି।



ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀଠାରେ ରବିବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାରସ୍ୱତ ସାଧକ ଡ. ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ରଚିତ ୮ଟି ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୭୦,୦୨,୬୫,୧୧୯ | ୫୩,୨୧,୧୦୧ | ୨୪,୩୦,୦୪,୩୫୬ |
| ଭାରତ | ୩,୪୬,୯୦,୫୧୦ | ୪,୭୫,୪୩୪ | ୩,୪୧,୨୨,୭୯୫ |
| ଓଡ଼ିଶା | ୧୦,୫୧,୫୭୪ | ୮୪୩୪(+୫୩) | ୧୦,୪୧,୧୩୨ |

ରବିବାର ରାତି ୧୨ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଆଗେଇପାରୁନି ପ୍ରସ୍ତାବିତ ୩ ବନ୍ଦର କାମ

**ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)**



ରାଜ୍ୟର ୩ ସ୍ଥାନ ବାଲେଶ୍ୱର ଜିଲାର ସୁବର୍ଣ୍ଣରେଖା ମୁହାଣ, ପୁରୀ ଜିଲାର ଅସ୍ତରଙ୍ଗ ଏବଂ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ମହାନଦୀର ବାମ ପାର୍ଶ୍ୱରେ ଏକ ନଦୀଭିତ୍ତିକ ବନ୍ଦର ସ୍ଥାପନ ଲାଗି ପ୍ରସ୍ତାବ ରହିଛି। ହେଲେ ଏଯାଏ ପ୍ରସ୍ତାବିତ ୩ଟି ଯାକ ବନ୍ଦର କାମ ଆଗେଇ ପାରୁନି।

ବାଲେଶ୍ୱର ଜିଲା ସୁବର୍ଣ୍ଣରେଖା ମୁହାଣରେ ବନ୍ଦର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ୨୦୦୮ରେ କ୍ରିଏଟିଭ ପୋର୍ଟ ଡେଭ୍‌ଲପମେଣ୍ଟ ଲିଃ ଯାହା ଏବେ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡ ସହ ରିହାତି ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଏହି କାର୍ଯ୍ୟ ସେତେ ମାତ୍ରାରେ ଆଗେଇ ପାରିନାହିଁ। ଏହି ବନ୍ଦର କାର୍ଯ୍ୟ ପ୍ରାରମ୍ଭିକ ଅବସ୍ଥାରେ ଥିବା ସରକାର ସୂଚନା ଦେଇଛନ୍ତି। ସେହିପରି ଏହାକୁ ସଂଯୋଗ କରୁଥିବା ବସ୍ତା-ବାଲିଆପାଳ-ଚୌମୁଖ ସମ୍ପ୍ରସାରଣ ପାଇଁ ସଡ଼କ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ଅମର୍ଦ୍ଦା ରୋଡ୍ ଷ୍ଟେଶନରୁ ରେଳପଥ ସଂଯୋଗୀକରଣ ନିମିତ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି। ବନ୍ଦର କର୍ତ୍ତୃପକ୍ଷଙ୍କଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ, ଏହି ରେଳପଥ ସର୍ଭେ କାର୍ଯ୍ୟ ସମାପ୍ତ କରାଯାଇ ରେଲ୍‌ୱେ ବୋର୍ଡଙ୍କ ନିକଟରୁ ନୀତିଗତ ଅନୁମୋଦନ ପାଇସାରିଛି। ବର୍ତ୍ତମାନ ସାଉଥ୍ ଇଷ୍ଟର୍ନ ରେଲ୍‌ୱେଙ୍କ ଟେକ୍ନିକାଲ ପ୍ରସ୍ତାବ କାର୍ଯ୍ୟ ଜାରି ରହିଛି। ଅସ୍ତରଙ୍ଗ ବନ୍ଦର କାର୍ଯ୍ୟ ମଧ୍ୟ ସମାନ ସ୍ଥିତିରେ ରହିଛି। ଏ ପର୍ଯ୍ୟନ୍ତ ଏହି ବନ୍ଦର କାମ ସେତେଟା ଆଗେଇ ପାରିନାହିଁ।

ପୁରୀ ଜିଲା ଅସ୍ତରଙ୍ଗଠାରେ ବନ୍ଦର ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାର ବନ୍ଦର ବିକାଶ ସଂସ୍ଥା ନବଯୁବ ଇଞ୍ଜିନିୟରିଂ କମ୍ପାନୀ ଲିମିଟେଡ୍‌ଙ୍କ ସହ ୨୨ ନଭେମ୍ବର୨୦୧୦ରୁ ରିହାତି ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଏହି କାମ ପୂର୍ବରୁ ଜମି ଅଧିଗ୍ରହଣ ନେଇ ହାଇକୋର୍ଟରେ ଦୀର୍ଘଦିନ ଧରି ମାମଲା ଚାଲିବା ପରେ ନିକଟରେ ଏହାର ସମାଧାନ ହୋଇଥିବା ରାଜ୍ୟ ସରକାରଙ୍କ ତଥ୍ୟରୁ ଜଣାପଡିଛି। ସରକାରଙ୍କ ତଥ୍ୟ ମୁତାବକ, ଏହି ବନ୍ଦର ପ୍ରତିଷ୍ଠା ନିମନ୍ତେ ଆବଶ୍ୟକ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ୭ଟି ଗ୍ରାମର ଅଧିବାସୀ ବିରୋଧ କରିଥିଲେ। ଏହି ଗ୍ରାମର ଅଧିବାସୀ ଏନେଇ ହାଇକୋର୍ଟରେ ୨୦୧୪ରେ ଏକ ରିଟ୍ ପିଟିଶନ ଦାଖଲ କରିଥିଲେ। ଗତ ଅଗଷ୍ଟ ୧୩ ତାରିଖରେ ଏହି କାର୍ଯ୍ୟ ଲାଗି ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି। ତେଣୁ ୨୦୧୦ରୁ ଏବେ ସୁଦ୍ଧା ହିସାବ କଲେ ୧୧ ବର୍ଷ ମଧ୍ୟରେ ବନ୍ଦର କାମ ଆରମ୍ଭ ହୋଇପାରି ନାହିଁ। .

ସମାନଭାବେ ବିଭିନ୍ନ ସମସ୍ୟା କାରଣରୁ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ମହାନଦୀ ବାମ ପାର୍ଶ୍ୱରେ ପ୍ରତିଷ୍ଠା ହେବାକୁ ଥିବା ନଦୀଭିତ୍ତିକ ବନ୍ଦର କାର୍ଯ୍ୟ ଏଯାଏ ଆରମ୍ଭ ହୋଇନାହିଁ। ଏହି ବନ୍ଦର ପ୍ରତିଷ୍ଠା ଲାଗି ବିକାଶ ସଂସ୍ଥା ଚୟନ ନିମନ୍ତେ ବିଡିଂ ପ୍ରୋସେସ୍ କରାଯାଇଥିଲେ ମଧ୍ୟ କୌଣସି ବିଡର ଏ ପର୍ଯ୍ୟନ୍ତ ଆବଶ୍ୟକ ବିଡ୍ ଡକ୍ୟୁମେଣ୍ଟ ଦାଖଲ କରିନାହାନ୍ତି। ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ପାରାଦୀପ ବନ୍ଦର ଟ୍ରଷ୍ଟଙ୍କ ଦ୍ୱାରା ଏହି ନଦୀଭିତ୍ତିକ ବନ୍ଦରର ନିର୍ମାଣ ତଥା ପରିଚାଳନା ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ରାଜ୍ୟ ସରକାର ନୀତିଗତ ନିଷ୍ପତ୍ତି ଦେଇଥିବା ମନ୍ତ୍ରୀ ପଦ୍ମନାଭ ବେହେରା ଏକ ବିଧାନସଭା ପ୍ରଶ୍ନର ଉତ୍ତରରେ ଦର୍ଶାଇଛନ୍ତି।

# ହେମଦସ୍ତାରେ ପିଟି ସ୍ତ୍ରୀଙ୍କୁ ହତ୍ୟା

**କଣ୍ଟାପଡା,୧୨।୧୨(ଡି.ଏନ୍.ଏ.)**

## ବିଷପିଇ ଆତ୍ମହତ୍ୟା ଉଦ୍ୟମ କଲେ ସ୍ୱାମୀ

କଟକ ଜିଲା କଣ୍ଟାପଡ଼ା ବ୍ଲକ ଅଞ୍ଚଳରେ ରବିବାର ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ବ୍ୟକ୍ତି ସ୍ତ୍ରୀଙ୍କୁ ହେମଦସ୍ତାରେ ପିଟି ହତ୍ୟା କରିଛି। ସ୍ତ୍ରୀର ମୃତ୍ୟୁ ହୋଇଯିବା ପରେ ପଶ୍ଚାତ୍ତାପ କରି ସ୍ୱାମୀ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଗୋବିନ୍ଦପୁର ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ମୃତଦେହକୁ ଜବତ କରିବା ସହ ଗୁରୁତର ଅବସ୍ଥାରେ ଥିବା ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ପଠାଇଛି। ମୃତା ହେଲେ କଳ୍ପନା ବେହେରା(୩୫)। ଏ ନେଇ ପୋଲିସ ଏକ ମାମଲା(ନଂ.୧୩୮/୨୧) ରୁଜୁ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ଏହି ଥାନାସ୍ଥିତ ତରଡ଼ପଡ଼ା ଗ୍ରାମର ବିଶ୍ୱନାଥ ବେହେରା କଳ୍ପନାଙ୍କ ସହ ପ୍ରେମ ବିବାହ କରିଥିଲେ। ଗତ ୪ବର୍ଷ ହେବ ଉଭୟ ଏହି ଥାନାସ୍ଥିତ ଶଙ୍ଖୁଆ ଗ୍ରାମରେ ଘରଭଡ଼ା କରି ରହୁଥିଲେ। ତେବେ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ଅଧିକାଂଶ ସମୟ ପାରିବାରିକ କଳହ ହେଉଥିଲା। ରବିବାର ମଧ୍ୟ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ବିଶ୍ୱନାଥ ଉତ୍ତ୍ୟକ୍ତ ହୋଇ ଘରେ ଥିବା ଏକ ହେମଦସ୍ତାରେ କଳ୍ପନାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ସେ ରକ୍ତାକ୍ତ ଅବସ୍ଥାରେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ପାଟିଶୁଣି ସ୍ଥାନୀୟ ଲୋକ ଆସି ପହଞ୍ଚିବା ବେଳକୁ ବିଶ୍ୱନାଥ ବିଷ ପିଇଦେଇଥିବାରୁ ପାଟିରୁ ରକ୍ତ ଓ ଫେଣ ବାହାରୁଥିବା ଦେଖିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର କଳ୍ପନାଙ୍କୁ ମୃତ ଘୋଷଣା କରିଥିଲେ। କିନ୍ତୁ ବିଶ୍ୱନାଥଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ବିଶ୍ୱନାଥ ଜଣେ ଦିନମଜୁରିଆ ଭାବେ କାମ କରୁଥିବା ବେଳେ ତାଙ୍କର ୨ ଶିଶୁପୁତ୍ର ରହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତକୁ କଂଗ୍ରେସର ସମାଲୋଚନା

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ପାଇଁ ରବିବାର ଗଞ୍ଜାମ ଗସ୍ତ କରିଛନ୍ତି। ଏହି ଗସ୍ତକୁ କେବଳ ଲୋକଦେଖାଣିଆ କହିବା ସହ ୩ବର୍ଷ ହେଲା ମୁଖ୍ୟମନ୍ତ୍ରୀ କେଉଁଠିଥିଲେ ବୋଲି କଂଗ୍ରେସ ବରିଷ୍ଠ ନେତା ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଗଞ୍ଜାମରେ ନିଜ ନିର୍ବାଚନମଣ୍ଡଳୀକୁ ମୁଖ୍ୟମନ୍ତ୍ରୀ ୩ବର୍ଷ ହେଲା ଯାଇନାହାନ୍ତି। ସେଠାରେ ସରକାରୀ କର୍ମଚାରୀ ବିଡିଓ, କଲେକ୍ଟର ଜଣେ ଜଣେ ବିଧାୟକ। ସେମାନେ ଲୋକଙ୍କ କଥା ବୁଝୁଛନ୍ତି। ନବୀନ ବାବୁ ଆଉ ବିଧାନସଭା ଆସିବାର କ'ଣ ଆବଶ୍ୟକତା ଅଛି। ସେ ଦେଶରେ ଜଣେମାତ୍ର ମୁଖ୍ୟମନ୍ତ୍ରୀ, ଯିଏକି ବିଧାନସଭା ଆସନ୍ତି ନାହିଁ। ସରକାରୀ କର୍ମଚାରୀଙ୍କ ମାଧ୍ୟମରେ ଭୋଟ ନିଅନ୍ତି। ନିର୍ବାଚନ ଆସିଲେ ଜିତିବା ପାଇଁ ମୁଖ୍ୟମନ୍ତ୍ରୀ ରାଜନୀତି କରନ୍ତି। ଏଥିସହ ସେ କେନ୍ଦ୍ର ସରକାରଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି। କେନ୍ଦ୍ରରେ ଭାଜପା ସରକାର ଆସିବା ପରେ ଇନ୍ଦିରା ଗାନ୍ଧୀ ଆବାସ ଯୋଜନାକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରିଦେଲେ। କେବିକେ ଅଞ୍ଚଳ ପାଇଁ ଯେଉଁ ସ୍ୱତନ୍ତ୍ର ଯୋଜନା ଥିଲା, ତାହାକୁ ଭାଜପା ସରକାର ଆଉ ଗୁରୁତ୍ୱ ଦେଉନି। ସେହିଭଳି ଚାରିଆଡ଼େ ଲୋକଙ୍କୁ ଇନ୍ଦିରା ଆବାସ ମିଳିଲା, ହେଲେ କେବିକେରେ ପାଖାପାଖି ୨ ବର୍ଷ ହେଲା କେହିଜଣେ ଘର ଖଣ୍ଡିଏ ପାଇଲେ ନାହିଁ। ସେଠାରେ କ'ଣ କେହି ଗରିବ ଦଳିତ ଆଦିବାସୀ ନାହାନ୍ତି ବୋଲି ବାହିନୀପତି ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ବିଜେଡି ଓ ଭାଜପା ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ସଚେତନତା ସୃଷ୍ଟି କରିଛି 'ଓଡ଼ିଶା ପୁଷ୍ଟି ମହୋତ୍ସବ'


ପୁଷ୍ଟି ବଗିଚା ବା 'ମୋ ଉପକାରୀ ବଗିଚା'ରେ ସାମିଲ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ।

**ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)**

ଗ୍ରାମୀଣ ଓଡ଼ିଶାରେ ପୁଷ୍ଟିକର ଖାଦ୍ୟର ପ୍ରସାର ପ୍ରଚାର ନିମନ୍ତେ ମିଶନ ଶକ୍ତି ବିଭାଗ ଅଧୀନ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଚଳିତ ବର୍ଷ ୨୫୦୦ ଗ୍ରାମ ପଞ୍ଚାୟତରେ ସପ୍ତାହବ୍ୟାପୀ 'ଓଡ଼ିଶା ପୁଷ୍ଟି ମହୋତ୍ସବ' ଅନୁଷ୍ଠିତ ହୋଇଯାଇଛି। ଗତ ୬ରୁ ୧୨ ତାରିଖ ମଧ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଅଜିମ ପ୍ରେମ୍‌ଜୀ ଫାଉଣ୍ଡେଶନର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ସୁଜାତା ଆର୍ କାର୍ତ୍ତିକେୟନ୍ ଏହି ଉତ୍ସବର ସଫଳତାରେ ଖୁସି ବ୍ୟକ୍ତ କରି କହିଛନ୍ତି, 'ଓଡ଼ିଶା ପୁଷ୍ଟି ମହୋତ୍ସବ' ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବ, ଯାହାକି ରାଜ୍ୟର ଘରେ ଘରେ ପୁଷ୍ଟି ସମ୍ବନ୍ଧରେ ସଚେତନତା ସୃଷ୍ଟି କରିଛି। ରାଜ୍ୟରେ 'ମୋ ଉପକାରୀ ବଗିଚା'ର ସଫଳତା ନିଶ୍ଚିତ ପ୍ରଶଂସାଯୋଗ୍ୟ ବୋଲି ସେ କହିଛନ୍ତି।

ଓଡ଼ିଶା ଜୀବିକା ମିଶନର ନିର୍ଦ୍ଦେଶିକା ମାନସୀ ନିମ୍ଭାଲ କହିଛନ୍ତି, 'ଓଡ଼ିଶା ପୁଷ୍ଟି ମହୋତ୍ସବ' ହେଉଛି ଦେଶର ବିଶାଳ ପୁଷ୍ଟି ଉତ୍ସବ। ଏହା ରାଜ୍ୟରେ ପୁଷ୍ଟି ସମ୍ବନ୍ଧୀୟ ସଚେତନତାକୁ ଦର୍ଶାଉଥିବାବେଳେ ମୋ ଉପକାରୀ ବଗିଚା ଲୋକଙ୍କ ପୁଷ୍ଟିକର ଖାଦ୍ୟର ଆବଶ୍ୟକତାକୁ ପୂରଣ କରିପାରିଛି। ଅକ୍ସଫାମ୍‌ର ରିପୋର୍ଟ ଅନୁସାରେ, ମୋ ଉପକାରୀ ବଗିଚା ଅଧୀନରେ ରାଜ୍ୟରେ ୪ ଲକ୍ଷ ୭୪ ହଜାର ପୁଷ୍ଟି ବଗିଚା ସ୍ଥାପନ କରାଯାଇଛି। ୪ ଲକ୍ଷ ୭୦ ହଜାର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ପିଏଲ୍‌ଏ-ଲାନ୍ ଶିକ୍ଷଣୀୟ କାର୍ଯ୍ୟକ୍ରମ ଅଧୀନରେ ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଇଛି। ଓଡ଼ିଶା ଜୀବିକା ମିଶନର ୧୧,୭୦୪ ଦକ୍ଷ ଗୋଷ୍ଠୀଭିତ୍ତିକ କର୍ମଚାରୀ ଗ୍ରାମୀଣ ଓଡ଼ିଶାର ଘରେ ଘରେ ପୁଷ୍ଟି ବଗିଚା ସ୍ଥାପନ ନିମନ୍ତେ ଆବଶ୍ୟକ ସହାୟତା ପ୍ରଦାନ କରୁଛନ୍ତି ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, 'ମୋ ଉପକାରୀ ବଗିଚା' କାର୍ଯ୍ୟକ୍ରମ 'ସେଫ୍ ଓ ନ୍ୟୁଟ୍ରି ଫୁଡ୍' ବର୍ଗରେ 'ଆଉଟ୍‌ଲୁକ୍ ପୋଷଣ ଆୱାର୍ଡ ୨୦୧୯' ପାଇଛି। ମୋ ଉପକାରୀ ବଗିଚା ମିଶନ ଶକ୍ତି ବିଭାଗର ଏକ ସଫଳ ପ୍ରୟାସ ଏବଂ ଏହାର ସଫଳତା ଆଧାରରେ ମଧ୍ୟପ୍ରଦେଶ ଓ ଝାଡ଼ଖଣ୍ଡ ମଧ୍ୟ ସେମାନଙ୍କ ରାଜ୍ୟରେ ଏହାକୁ କାର୍ଯ୍ୟକାରୀ କରିଛନ୍ତି।

# ଉତ୍ତ୍ୟକ୍ତ ଲୋକେ ଜାଳିଦେଲେ ଗାଡ଼ି

## ଗାଡ଼ି ଧକ୍କାରେ ସାଇକେଲ ଚାଳକଙ୍କ ମୃତ୍ୟୁ ପରେ ଲୋକେ ତାତିଲେ

**କୋଲାବିରା, ୧୨।୧୨(ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଅନ୍ତର୍ଗତ ୪୯ନଂ. ଜାତୀୟ ରାଜପଥର ବଡବାହାଲଠାରେ ରବିବାର ଦୁର୍ଘଟଣା ଘଟିଛି। ଏକ ଲୁହାପଥର ବୋଝେଇ ଭାରିଯାନ ସାଇକେଲରେ ଯାଉଥିବା ହେମସାଗର ସାହୁ(୭୦)ଙ୍କୁ ପଛପଟୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣାପରେ ଲୋକେ ଏକତ୍ରିତ ହେବା ସହିତ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ଗାଡିର ପିଛା କରି ଏହାକୁ ଅଟକାଇ ଜାଳି ଦେଇଥିଲେ। ଭୟରେ ଚାଳକ ଓ ହେଲପର ଗାଡି ଛାଡି ଫେରାର ହୋଇଯାଇଥିଲେ।

ପ୍ରକାଶ ଯେ, ପୋଖରାସାହ୍ଲେ ଗ୍ରାମର ବ୍ୟବସାୟୀ ହେମସାଗର ସାଇକେଲ ଯୋଗେ କୋଲାବିରା ପଟକୁ ଆସୁଥିଲେ। ଏହି ସମୟରେ କେନ୍ଦୁଝର ଅଞ୍ଚଳରୁ ଲୁହାପଥର ବୋଝେଇ ଓଡି ୦୪ କ୍ୟୁ ୫୬୪୯ ନଂ. ବିଶିଷ୍ଟ ଏକ ଭାରିଯାନ ଝାରସୁଗୁଡ଼ା ଅଭିମୁଖେ ଆସୁଥିବା ସମୟରେ ବଡବାହାଲ ଗ୍ରାମ ନିକଟରେ ତାଙ୍କ ଉପରେ ଚଢିଯାଇଥିଲା। ଆଖପାଖ ଗ୍ରାମର ଅନେକ ମହିଳା ପୁରୁଷ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। କୋଲାବିରା ଥାନା ଅଧିକାରୀ ସୁକୁମାର ତ୍ରିପାଠୀ ଲୋକଙ୍କୁ ବୁଝାଶୁଝା କରିବା ପରେ ଶାନ୍ତ ପଡିଥିଲା ଏବଂ ରାସ୍ତାରୋକୋ ହଟିଥିଲା।


ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜାଳିଦେଇଛନ୍ତି।

# 'ସ୍ୱାଭିମାନ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ପଞ୍ଚାୟତ ନିର୍ବାଚନ ହେବ'

**ଚିତ୍ରକୋଣ୍ଡା/ କୋରାପୁଟ/ ସୁନାବେଡ଼ା/ପଟ୍ଟାଙ୍ଗୀ, ୧୨।୧୨(ଡି.ଏନ.ଏ./ସ୍ୱ.ପ୍ର)**

- ଘନବେଡ଼ା ବିଏସ୍‌ଏଫ୍ କ୍ୟାମ୍ପରେ ମାଓବାଦୀ ସ୍ଥିତି ପରଖିଲେ
- ସୁନାବେଡାରେ ମହିଳା ମାଓବାଦୀଙ୍କ ଆତ୍ମ ସମର୍ପଣ

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳକୁ ରବିବାର ଡିଜିପି ଅଭୟ ଗସ୍ତ କରିଛନ୍ତି। ପଣସପୁଟ ପଞ୍ଚାୟତ ଘନବେଡାସ୍ଥିତ ବିଏସ୍‌ଏଫ୍ କ୍ୟାମ୍ପରେ ପହଞ୍ଚି ସେ ମାଓବାଦୀ କାର୍ଯ୍ୟକଳାପର ସମୀକ୍ଷା କରିଛନ୍ତି।

ସ୍ୱାଭିମାନ ଅଞ୍ଚଳ ଅଞ୍ଚଳରେ ଯାହା ସବୁ ଉନ୍ନୟନମୂଳକ କାର୍ଯ୍ୟ ହେଉଛି ଓଡ଼ିଶା ପୋଲିସ ସହଯୋଗ କରିଆସୁଛି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏଠାରେ ଆଗେଇଚାଲିଛି। ସ୍ୱାଭିମାନ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବେ ପଞ୍ଚାୟତ ନିର୍ବାଚନ ହେବ ବୋଲି ଡିଜିପି କହିଥିଲେ। ଏହି ଅବସରରେ ଘନବେଡ଼ା ଗ୍ରାମବାସୀ ଡିଜିପିଙ୍କୁ ଭେଟି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଜଣାଇଥିଲେ। ସ୍ୱାଭିମାନ ଅଞ୍ଚଳ ଗସ୍ତ କରି ସେଠାରୁ କୋରାପୁଟ ଜିଲା ପଟ୍ଟାଙ୍ଗୀ ଯାଇ ନବନିର୍ମିତ ଥାନା କୋଠା ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୋଲିସ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ସହ କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ସେଠାରୁ ଡିଜିପି ସୁନାବେଡା ଗସ୍ତ କରି ହାଲ୍ ଟିଟିଏସ୍ ଅଡିଟୋରିୟମ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ କେକେଡିଏମ୍ ଡିଭିଜନ ଖଡଗ ଏରିଆ କମିଟି ଏସିଏମ୍ କ୍ୟାଡର ମହିଳା ମାଓବାଦୀ ଫୁଲବତୀ ଓସେଣ୍ଡି ଓରଫ କରୁଣା ଡିଜିପିଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ତାଙ୍କ ଘର ଛତିଶଗଡର କାଙ୍କର ଜିଲାର ଡୁରକେଣ୍ଡାଲ ଥାନା ଅନ୍ତର୍ଗତ ଗୁମୁଡି ଗ୍ରାମରେ। ବିଭିନ୍ନ ହିଂସାକାଣ୍ଡରେ ଜଡିତ ଥିବା ଫୁଲବତୀ ୨୦୦୮ରେ ମାଓବାଦୀ ସଙ୍ଗଠନରେ ଯୋଗ ଦେଇଥିଲେ। ଫୁଲବତୀଙ୍କୁ ଡିଜିପି ସ୍ୱାଗତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି କୋରାପୁଟ ଏସ୍‌ପି ବରୁଣ ଗୁଣ୍ଡୁପାଲ୍ଲି ଓ ନବରଙ୍ଗପୁର ଏସ୍‌ପି ପି.ଏସ୍. ପୁରୁଷୋତ୍ତମ ଦାସଙ୍କ ସହ ୮ ଜଣ ଯବାନଙ୍କୁ ଡିଜିପି ଡିସ୍କ ଆୱାର୍ଡ ପ୍ରଦାନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ସହ ଆଇଜି ଅପରେଶନ ଅମିତାଭ ଠାକୁର, ଡିଜି ଇଣ୍ଟେଲିଜେନ୍‌ସ ଲଳିତ ଦାସ, ଡିଆଇଜି ଏସ୍‌ଆଇଡବ୍ଲ୍ୟୁ ଅନିରୁଦ୍ଧ ସିଂ, ବିଏସ୍‌ଏଫ୍ ଡିଆଇଜି ସଞ୍ଜୟ ସିଂ, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ଉତ୍ତମ ରାଓ, ମାଲକାନଗିରି ଏସ୍‌ପି ପ୍ରହଲ୍ଲାଦ ସହାଇ ମୀନା, ଏସ୍‌ଡିପିଓ ମନୋଜ ବେହେରା, ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ରଙ୍କ ସମେତ ଜିଲା ପୋଲିସର ବହୁ ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।






**ସେନା କାର୍ଯ୍ୟାନୁଷ୍ଠାନରେ ୧୯୦ ହାଉଥି ନିହତ**

ସାନା, ୧୨।୧୨: ୟେମେନ୍‌ରେ ସାଉଦି ନେତୃତ୍ୱାଧୀନ ମେଣ୍ଟ କାର୍ଯ୍ୟାନୁଷ୍ଠାନରେ ୨୪ ଘଣ୍ଟା ମଧ୍ୟରେ ୧୯୦ ହାଉଥି ବିଦ୍ରୋହୀ ନିହତ ହୋଇଛନ୍ତି। ତୈଳ ସମୃଦ୍ଧ ମାରିବ୍ ପ୍ରଦେଶରେ ହାଉଥିମାନଙ୍କୁ ଟାର୍ଗେଟ କରାଯାଇ ମେଣ୍ଟ ପକ୍ଷରୁ ୩୬ ଥର ଆକ୍ରମଣ କରାଯାଇଥିଲା। ଏଥିରେ ସୈନ୍ୟବାହିନୀର ୨୦ ଯାନ ଏବଂ ଡ୍ରୋନ କଣ୍ଟ୍ରୋଲ ୟୁନିଟ ଧ୍ୱଂସ ହୋଇଛି। ହାଉଥି ମିଲିସିଆମାନେ ସାଉଦି ଆରବ ସହରଗୁଡ଼ିକୁ ଟାର୍ଗେଟ କରି ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ କରୁଥିବାରୁ ମେଣ୍ଟ ବାହିନୀ ପକ୍ଷରୁ ଏଭଳି ଅଭିଯାନ ଆରମ୍ଭ ହୋଇଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ..............................


ସୋହମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିମାନ ଟିକେଟ ବିକ୍ରି ବ୍ୟବସାୟ ଖସୁଛି

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

ଓଡ଼ିଶା ପର୍ଯ୍ୟଟନ ନିଗମ ଗତ ୩ ବର୍ଷରେ ବିମାନ ଟିକେଟ ବିକ୍ରି କରି ନେଟ୍ ୬୮.୫୪ ଲକ୍ଷ ଟଙ୍କାର ଲାଭ କରିଛି। ୨୦୧୮-୧୯ ଆର୍ଥିକ ବର୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷ ମଧ୍ୟରେ ପର୍ଯ୍ୟଟନ ନିଗମ ଏହି ଲାଭ ପାଇଛି। ମାତ୍ର ୨୦୧୮-୧୯ ଆର୍ଥିକ ବର୍ଷଠାରୁ ଏ ପର୍ଯ୍ୟନ୍ତ ସରକାରଙ୍କ ତଥ୍ୟକୁ ଦେଖିଲେ ଜଣାପଡିଛି, ପ୍ରତିବର୍ଷ କିନ୍ତୁ ଲାଭ ପରିମାଣ ହ୍ରାସ ପାଇବାରେ ଲାଗିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ନିଗମ ପକ୍ଷରୁ ବିମାନ ଟିକେଟ ବିକ୍ରିରୁ ୧୯.୧୩ ଲକ୍ଷ ଟଙ୍କା କ୍ଷତି ହୋଇଛି।

ବିଧାୟକ ସୌଭିକ ବିଶ୍ୱାଳ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହି ଉତ୍ତର ରଖିଛନ୍ତି। ମନ୍ତ୍ରୀ ପାଣିଗ୍ରାହୀ ବିଧାନସଭାରେ ରଖିଥିବା ଉତ୍ତର ମୁତାବକ, ୨୦୧୮-୧୯ ଆର୍ଥିକ ବର୍ଷରେ ୧୬୦୯.୫ ଲକ୍ଷ ଟଙ୍କାର ବିମାନ ଟିକେଟ ବିକ୍ରି କରାଯାଇଥିବା ବେଳେ କମିଶନି ବାବଦକୁ ୧୧୮.୪୪ ଲକ୍ଷ ଟଙ୍କା ଏଥିରୁ ମିଳିଛି। ସେଥିରୁ ୬୫.୦୯ ଲକ୍ଷ ଟଙ୍କା ଅପରେଶନାଲ ବାବଦ ଖର୍ଚ୍ଚ ହୋଇଛି। ସେଥିରୁ ଏହି ବର୍ଷ ୫୩.୩୫ ଲକ୍ଷ ଟଙ୍କାର ନେଟ୍ ଲାଭ ମିଳିଛି। ବିମାନ ଟିକେଟ ବିକ୍ରି କରାଯାଇଛି। ସେହିପରି ୨୦୧୯-୨୦ ଆର୍ଥିକ ବର୍ଷରେ ନେଟ୍ ଲାଭ ପରିମାଣ ହ୍ରାସ ପାଇଛି। ଏହି ବର୍ଷ ପର୍ଯ୍ୟଟନ ଉନ୍ନୟନ ନିଗମ ୧୩୮୮.୩ ଲକ୍ଷ ଟଙ୍କାର ବିମାନ ଟିକେଟ ବିକ୍ରି କରିଥିବା ବେଳେ ୯୨.୧୩ ଲକ୍ଷ ଟଙ୍କା କମିଶନି ବାବଦକୁ ଲାଭ କରିଛି। ସେଥିରୁ ୫୭.୮୧ ଲକ୍ଷ ଟଙ୍କା ଅପରେଶନାଲ ବାବଦରେ ଖର୍ଚ୍ଚ ହୋଇଛି। ଏହି ଆର୍ଥିକ ବର୍ଷରେ ନିଗମକୁ ନେଟ୍ ୩୪.୩୨ ଲକ୍ଷ ଟଙ୍କାର ଲାଭ ପ୍ରାପ୍ତି ହୋଇଥିଲା। ଅର୍ଥାତ୍ ୨୦୧୮-୧୯ ଆର୍ଥିକ ବର୍ଷ ତୁଳନାରେ ବିମାନ ଟିକେଟ ବିକ୍ରି ୨୦୧୯-୨୦ରେ ୩୨୧.୨ ଲକ୍ଷ ଟଙ୍କା ହ୍ରାସ ଘଟିଛି। ସେହି ଅନୁଯାୟୀ ନେଟ୍ ଲାଭ ମଧ୍ୟ ୧୯.୦୩ ଲକ୍ଷ ଟଙ୍କା ହ୍ରାସ ପାଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଏହି ବ୍ୟବସାୟରେ ନିଗମ ଆହୁରି ଅଧିକ କ୍ଷତି ସହିଛି। ନିଗମର ଏହି ବର୍ଷ ୧୯.୧୩ ଲକ୍ଷ ଟଙ୍କା କ୍ଷତି ହୋଇଛି।

୨୦୨୦-୨୧ରେ ବିମାନ ଟିକେଟ ୯୧.୬୫ ଲକ୍ଷ ଟଙ୍କାର ବିକ୍ରି ହୋଇଥିଲା ବେଳେ କମିଶନି ବାବଦରେ ମୋଟ ୩୧.୦୭ ଲକ୍ଷ ଟଙ୍କା ମିଳିଛି। କିନ୍ତୁ ଅପରେଶନାଲ ବାବଦରେ ଏହି ବର୍ଷ ୫୦.୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏହି ବର୍ଷ ଲାଭ ବଦଳରେ ୧୯.୧୩ ଲକ୍ଷ ଟଙ୍କାର କ୍ଷତି ନିଗମକୁ ବହନ କରିବାକୁ ପଡିଛି। ୨୦୧୮-୧୯ ଆର୍ଥିକ ବର୍ଷ ସହ ୨୦୨୦-୨୧କୁ ତୁଳନା କଲେ ଜଣାପଡିଛି ଯେ ଟିକେଟ ବିକ୍ରି କ୍ଷେତ୍ରରେ ୧୬୧୭.୮୫ ଲକ୍ଷ ଟଙ୍କାର କ୍ଷତି ଏ ବର୍ଷ ସହିବାକୁ ପଡିଛି। ଟିକେଟ ବିକ୍ରିରୁ ମିଳୁଥିବା କମିଶନିରେ ମଧ୍ୟ ୮୭.୩୭ ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡିଛି। ହେଲେ ଏ ବାବଦ ଅପରେଶନାଲ ଖର୍ଚ୍ଚ ୫୦.୨୦ ଲକ୍ଷ ରହିଛି, ଯାହା ପୂର୍ବ ଦୁଇବର୍ଷ ତୁଳନାରେ କମ୍ ରହିଛି। ଅନ୍ୟପଟେ ଉପରୋକ୍ତ ତଥ୍ୟ ଅନୁଯାୟୀ ନେଟ୍ ଲାଭ ୨୦୧୮-୧୯ ବର୍ଷ ତୁଳନାରେ ୭୨.୪୮ ଲକ୍ଷ ଟଙ୍କାର କ୍ଷତି ନିଗମକୁ ସହିବାକୁ ପଡିଛି। ଫଳରେ ୨୦୧୮-୧୯ ତୁଳନାରେ ୨୦୧୯-୨୦ରେ୭.୨୮ ଲକ୍ଷ ଅପରେଶନାଲ ଖର୍ଚ୍ଚ କମିଥିବା ବେଳେ ୨୦୨୦-୨୧ରେ ତାହା ୧୪.୮୯ ଲକ୍ଷକୁ ହ୍ରାସ ପାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଶା ହୋଇ ରକତ ପିଉଛି**
**ମାଛି ହୋଇ ଆହାର ଖାଉଛି ।**

ମଶା ମଣିଷ ଶରୀରରୁ ରକ୍ତ ଶୋଷି ନେଇଥାଏ । ସେହିପରି ମାଛି ଖାଦ୍ୟପଦାର୍ଥ ଉପରେ ବସି ଖାଦ୍ୟକୁ ଦୂଷିତ କରିଦେଇଥାଏ। ପରୋକ୍ଷରେ ଜଣେ ଇଚ୍ଛା କଲେ ବିବିଧ ରୂପରେ ନାନା ପ୍ରକାର ଶୋଷଣ କରିପାରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମାଡ଼ ମାରେ ଯେହୁ ନିଜ ନାରୀକୁ**
**ଶଳା ବୋଲି କହେ ଆଜ୍ଞାକାରୀକୁ**
**ଆସନ ନ ଦିଏ ବ୍ରହ୍ମଚାରୀଙ୍କୁ**
**ଆଖିଠାର ମାରେ ପର ନାରୀଙ୍କୁ**
**ବୋଲେ ଦନାଇ ଛେଚ ୟାଙ୍କ ଟାଙ୍କୁ ।**

ପତ୍ନୀ ଉପରକୁ ହାତ ଉଠାଇବା କାପୁରୁଷତା କାର୍ଯ୍ୟ ହୋଇଥାଏ। ଆଜ୍ଞାକାରୀ ବା ଅଧସ୍ତନ ବ୍ୟକ୍ତିଙ୍କ ପ୍ରତି କୁଭାଷା ପ୍ରୟୋଗ କରିବା ଅଶୋଭନୀୟତାର ପରିଚୟ ହୋଇଥାଏ। ବ୍ରହ୍ମଚାରୀଙ୍କୁ ଯଥୋଚିତ ସମ୍ମାନ ନଦେବା ବ୍ୟକ୍ତିର ହିନମନ୍ୟତାକୁ ଦର୍ଶାଇଥାଏ। ସେହିପରି ପର ନାରୀ ପ୍ରତି କୁନଜର ପକେଇବା ଅସାମାଜିକ ବା ଚରିତ୍ରହୀନର ଲକ୍ଷଣ ହୋଇଥାଏ। ଏପରି ଆଚରଣ ଦେଖାଉଥିବା ବ୍ୟକ୍ତି କେବଳ ନିନ୍ଦା, ଅପବାଦ ଓ ତିରସ୍କାର ପାଇବାକୁ ଯୋଗ୍ୟ ବା ହକ୍‌ଦାର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ବଡି ବିଲ୍ଡିଂରେ ବିଦୁରଙ୍କୁ ଗୋଲ୍ଡ

ଅନୁଗୋଳ ଅଫିସ, ୧୨।୧୨

ଦିଲ୍ଲୀର ଏନ୍‌ସିୟୁଆଇ ଅଡିଟୋରିୟମ୍‌ରେ ଅନୁଷ୍ଠିତ ବଡି ବିଲ୍ଡିଂ ପ୍ରତିଯୋଗିତାରେ ଓଡ଼ିଶାର ଏକମାତ୍ର ପ୍ରତିଯୋଗୀ ଅନୁଗୋଳର ବିଦୁର ମହାପାତ୍ରଙ୍କୁ ଗୋଲ୍ଡ ମେଡାଲ ମିଳିଛି। ଓପନ ଶର୍ଟ ବରିଷ୍ଠ ବିଭାଗରେ ସେ ଚାମ୍ପିୟନ ହୋଇଥିବା ରବିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବିଦୁର କହିଛନ୍ତି, ଗତ ୪ରୁ ୫ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ଏହି ଚମ୍ପିୟନ୍‌ଶିପ୍ ଆୟୋଜିତ ହୋଇଥିଲା। ଏଥିରେ ୩୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବମ୍ବେ, ଦିଲ୍ଲୀ, ମଧ୍ୟପ୍ରଦେଶ, ପଞ୍ଜାବ ଆଦି ରାଜ୍ୟରୁ ୨୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଓପନ ଶର୍ଟ ବରିଷ୍ଠ ବିଭାଗରେ ଭାଗ ନେଇଥିଲେ। ତେବେ ସମସ୍ତଙ୍କୁ ପଛରେ ପକାଇ ସେ ପ୍ରଥମ ସ୍ଥାନ ସହ ଗୋଲ୍ଡ ମେଡାଲ ହାସଲ କରିଥିଲେ। ଆଗାମୀ ଦିନରେ ସେ ମିଷ୍ଟର ଇଣ୍ଡିଆ ଓ ମିଷ୍ଟର ୟୁନିଭର୍ସ ହେବାକୁ ଇଚ୍ଛା ରଖିଥିବା ବିଦୁର ପ୍ରକାଶ କରିଛନ୍ତି। ବିଦୁରଙ୍କ ପୈତୃକ ଘର ଖୋର୍ଦ୍ଧା ଜିଲାରେ ହୋଇଥିବାବେଳେ ତାଙ୍କ ବାପା ବଳରାମ ମହାପାତ୍ର ନାଲ୍‌କୋରେ କାର୍ଯ୍ୟରତ ଥିଲେ। ତେଣୁ ସେ ପିଲାବେଳୁ ମା' ମୀନିଲତା ମହାପାତ୍ରଙ୍କ ସହ ଅନୁଗୋଳ ଜିଲାରେ ରହିଆସୁଛନ୍ତି। ଏହି ଖବରଦାତା ସମ୍ମିଳନୀରେ ତାଙ୍କ କୋଚ୍ ଅବଦୁଲ ଆଜାଦ୍, ସୌରଭ ଦାସ ଓ ବିଦୁରଙ୍କ ସ୍ତ୍ରୀ ଲିଜା କୁମାରୀ ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିଙ୍କ ଠାରୁ ବିଦୁର ଟ୍ରଫି ଗ୍ରହଣ କରୁଛନ୍ତି।

# ଭାରତକୁ ସ୍କିଲ୍ କ୍ୟାପିଟାଲ କରିବା ସର୍ବୋଚ୍ଚ ପ୍ରାଥମିକତା: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ): ଭାରତକୁ ସ୍କିଲ୍ କ୍ୟାପିଟାଲ କରିବା ଏବଂ ଯୁବକଙ୍କୁ ଉଦ୍ୟମୀ ତଥା ସେମାନଙ୍କୁ ରୋଜଗାର ସହ ଯୋଡ଼ିବା ଆମର ସର୍ବୋଚ୍ଚ ପ୍ରାଥମିକତାରେ ରହିଛି ବୋଲି ରବିବାର ଚନ୍ଦୌଲି ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ବହୁମୁଖୀ ସମ୍ମିଳନୀ କକ୍ଷର ଉଦ୍‌ଘାଟନ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଉଦ୍‌ଘାଟନ ପାଇଁ ସମସ୍ତ ବିଦ୍ୟାର୍ଥୀ, ଅଭିଭାବକ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶୁଭକାମନା ଜଣାଇ ଧର୍ମେନ୍ଦ୍ର କହିଛନ୍ତି, ଏହି ବହୁମୁଖୀ ହଲ୍ ଲୋକାର୍ପଣ ଦ୍ୱାରା ଯୁବବର୍ଗ, ବିଦ୍ୟାର୍ଥୀ ଏବଂ ଜନସାଧାରଣ ଉପକୃତ ହେବେ। ଏଠାରେ ପିଲାମାନେ କ୍ରୀଡ଼ା, ସହ ପାଠ ପଢ଼ି ପାରିବେ। ସେମାନଙ୍କ କୌଶଳ ବିକାଶ ପାଇଁ ପ୍ରଶିକ୍ଷଣ ଦିଆଯିବ। ଆଗାମୀ ଦିନରେ ଏହି ବିଦ୍ୟାଳୟକୁ ଆହୁରି ଅଧିକ ଭବ୍ୟ କରାଯିବ। ୨୦୨୨ ଜାନୁୟାରୀରେ ବିଦ୍ୟାଳୟ ପରିସରରେ ଏକ ଦକ୍ଷତା କେନ୍ଦ୍ର ଆରମ୍ଭ କରାଯିବ। ଭାରତକୁ ସ୍କିଲ୍ କ୍ୟାପିଟାଲ କରିବା, ଯୁବକଙ୍କୁ ଉଦ୍ୟମୀ ଏବଂ ରୋଜଗାର ସହ ଯୋଡ଼ିବା ମୋଦି ସରକାରଙ୍କ ପ୍ରାଥମିକତାରେ ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ମାଲକାନଗିରି କଲେଜରୁ ୩ ଛାତ୍ରୀଛାତ୍ର କୋଏମ୍ବାଟୁର ଗଲେ

ମାଲକାନଗିରି, ୧୨।୧୨ (ଡି.ଏନ୍.ଏ.)

**ରାଷ୍ଟ୍ରୀୟ ଏକତା ଶିବିର**

ତାମିଲନାଡୁରେ ଡିସେମ୍ବର ୧୪ରେ ହେବାକୁ ଥିବା ଅନ୍ତର୍ଜାତୀୟ ରାଷ୍ଟ୍ରୀୟ ଏକତା ଶିବିରରେ ଯୋଗ ଦେବାକୁ ମାଲକାନଗିରି ମହାବିଦ୍ୟାଳୟର ତିନି ଛାତ୍ରୀଛାତ୍ର ରବିବାର କୋଏମ୍ବାଟୁର ଗସ୍ତ କରିଛନ୍ତି। କେନ୍ଦ୍ରୀୟ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ଶିବିରରେ ଭାରତୀୟ କ୍ରୀଡା, କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ସମ୍ପର୍କରେ ଏକ କର୍ମଶାଳା ହେବ। ମହାବିଦ୍ୟାଳୟର ଏନ୍.ଏସ୍.ଏସ୍. ଅଧିକାରୀ ନମିତା ଦଣ୍ଡସେନାଙ୍କ ନେତୃତ୍ୱରେ ଯୁକ୍ତ ୩ କଳା ବିଭାଗର ରେଣୁକା ସାଲବାମ, ଶୁଭା ବିଶ୍ୱାସ ଓ ମାଧବୀ ମଣ୍ଡଳ ଗସ୍ତ କରିଛନ୍ତି। ଶିବିରରେ ମାଲକାନଗିରିର ବଣ୍ଡା, କୋୟା ଜନଜାତିର କଳା ସଂସ୍କୃତି ଏବଂ ଅନ୍ୟ ଜନଜାତିଙ୍କ ବିଶେଷତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରମାନେ ମତ ଉପସ୍ଥାପନ କରିବେ। ଅବିଭକ୍ତ କୋରାପୁଟ ଜିଲାରୁ ୧୦ ଜଣ ଏହି ଶିବିରରେ ଯୋଗ ଦେବାକୁ ମନୋନୀତ ହୋଇଥିବା ବେଳେ ମାଲକାନଗିରି କଲେଜରୁ ୩ଜଣ ରହିଛନ୍ତି।


# classifieds

**Everyday 0674-2580101, 2549302**

real estate

**SALE**

Bhubaneswar CRP ଛକରୁ ୧୫କି.ମି. ଦୂରରେ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ 1500/-, 950/-, 400/-, 650/- କିଣି ଘର କରନ୍ତୁ। Pinky. 6370476317. D-71751

**Flat for sale at Jharpada near Durga Mandap main road side. Contact: 6371401150.** D-22516

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥପୁରବଜାର sqft.- 200/- (outright). 9348232008. D-22469

ଘରବାଡ଼ି ପ୍ଲଟ୍ **30'road** ସହିତ **Sum Hospital**ରୁ **4k.m.** ଘଙ୍ଗାପାଟଣାରେ ମିଳୁଛି। **Owner-9090963952.** D-71746

Layer poultry farm for Lease/Sale 70km. from Bhubaneswar. Contact: 7008566481. D-22420

ଭୁବନେଶ୍ୱର ଚନ୍ଦକାରେ **Nalanda/BCCST College** ପାଖରେ **road, electricity, water, boundary** ଥାଇ ବାସୋପଯୋଗୀ **plot** ପୋଜେସନ ଥାଇ ମିଳୁଛି। **9348870771, 9090543542.** D-71742

BDA Approved G+3 Building for sale: BBSR Bargarh Brit Colony having parking space & on Bedroom, Kitchen, Toilet in the Ground Floor and on the 1st, 2nd, 3rd floor having 2 Nos Bed Room, 2 Nos. Toilet, Drawing, Dining, modular Kitchen utilities & Balcony. Contact: 9437012031. D-22520

**Gharabari plots available with boundarywall, 30' road, Electricity at Gudiapokhari near Sai Mandir. 9438463129, 7205988009.** D-71750

**NH side flat available for sale at Naharakanta Chhak, Bhubaneswar. Contact: 6371401150.** D-22515

to-let

(Govt. Employee) 2Room (asbestos) at 486, Saheednagar for rent. Contact: 7978159401. D-22511

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

One hour any therapy by expert therapist @800 only. 9078484455. D-71449

Newly Open Saikrupa Panchakarma Spa positively health benefits with Expert. 8984068077. D-22470

Newly open full body massage ladies and gents. 8327740003. D-71828

@999 refreshing your mind, body with the best therapy - 7873794731. D-71918

education

**Admissions for Regular B.ED courses of andhra university are available at here in ashoka collage of education, vizayanagaram Contact numbers - 9337987055, 9861223512.** D-22474


# ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ବ୍ୟକ୍ତିଗତ ସହାୟକ ନିଖୋଜ

ପୁରୀ ଅଫିସ, ୧୨।୧୨

- ବ୍ରିଜ୍ ନିକଟରୁ ଜୋତା, ମୋବାଇଲ ଫୋନ୍, ଗାଡ଼ି ଜବତ
- ସାଙ୍ଗକୁ ଅଟକ ରଖି ପୋଲିସର ପଚରାଉଚରା

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ବ୍ୟକ୍ତିଗତ ସହାୟକ ଚିତ୍ତରଞ୍ଜନ ପଲେଇ(୨୨) ନିଖୋଜ ହୋଇଯାଇଛନ୍ତି। ଏନେଇ ପରିବାର ପକ୍ଷରୁ ରବିବାର ପୁରୀ ସଦର ଥାନାରେ ଅଭିଯୋଗ କରାଯାଇଛି। ନିଖୋଜର କାରଣ ଜଣାପଡ଼ି ନ ଥିବାବେଳେ ତାଙ୍କୁ ଅପହରଣ କରାଯିବା ପରେ ହତ୍ୟା କରାଯାଇଥିବା ପରିବାର ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ପୋଲିସ ଚିତ୍ତରଞ୍ଜନଙ୍କ ଜଣେ ସାଙ୍ଗକୁ ଅଟକ ରଖି ପଚରାଉଚରା ଜାରି ରଖିଛି। ପୁରୀ ସଦର ଥାନା ଭାରପ୍ରାପ୍ତ ଅଧିକାରୀ ସୁମତି କୁମାରୀ ମହାନ୍ତିଙ୍କ ସୂଚନା ଅନୁଯାୟୀ, ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ସାନବନ୍ଧକେରା ଗ୍ରାମର ଚିତ୍ତରଞ୍ଜନ ଶନିବାର ତାଙ୍କର କେତେଜଣ ବନ୍ଧୁଙ୍କ ସହ ଭୋଜି କରିବାକୁ ଯାଇଥିଲେ। ମାତ୍ର ଆଉ ଘରକୁ ଫେରି ନ ଥିଲେ ବୋଲି ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ତଦନ୍ତ ସମୟରେ ସଦର ବ୍ଲକ ଅନ୍ତର୍ଗତ ଗଡ଼ମୃଗଶିରା ବ୍ରିଜ୍ ନିକଟରେ ରକ୍ତଛିଟା ପଡ଼ିଥିବାବେଳେ ଚିତ୍ତରଞ୍ଜନଙ୍କ ଜୋତା, ମୋବାଇଲ ଫୋନ୍, ମୋଟର ସାଇକେଲ୍‌କୁ ପୋଲିସ ଜବତ କରିଛି। ଏଥିସହ ଘଟଣାସ୍ଥଳରୁ ଚିତ୍ତରଞ୍ଜନଙ୍କ ଜଣେ ସାଙ୍ଗକୁ ପୋଲିସ ଉଦ୍ଧାର କରି ପଚରାଉଚରା ଜାରି ରଖିଛି। ଅଟକ ସାଙ୍ଗଙ୍କ କହିବାନୁସାରେ ବାଇକ୍ ଦୁର୍ଘଟଣା ପରେ ସେ ଅଚେତ ହୋଇଯାଇଥିଲେ ଏବଂ ଚିତ୍ତରଞ୍ଜନଙ୍କ ସମ୍ପର୍କରେ କିଛି ଜାଣିନାହାନ୍ତି। ଏନେଇ ସଦର ଥାନାରେ ଏକ କେସ୍ (ନଂ. ୩୨୪/୨୧) ରୁଜୁ କରାଯାଇ ପୋଲିସ ଅଧିକ ତଦନ୍ତ ଚଳାଇଛି। ସୋମବାର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରିବ ବୋଲି ଥାନା ଅଧିକାରିଣୀ ପ୍ରକାଶ କରିଛନ୍ତି।

# ଆଶ୍ରମ ସ୍କୁଲର ଷଷ୍ଠ ଶ୍ରେଣୀର ଛାତ୍ରୀ ଗର୍ଭବତୀ

ପଟ୍ଟାମୁଣ୍ଡାଇ, ୧୨।୧୨(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକର ଏକ ଆଶ୍ରମ ସ୍କୁଲର ଜଣେ ଷଷ୍ଠ ଶ୍ରେଣୀର ଛାତ୍ରୀ(୧୩) ଏବେ ୪ ମାସର ଗର୍ଭବତୀ ଥିବା ପୋଲିସ କହିଛି । ଯାଜପୁର ଅଞ୍ଚଳର ଛାତ୍ରୀ ଜଣକ ଉକ୍ତ ଆଶ୍ରମ ସ୍କୁଲରେ ରହି ପାଠ ପଢୁଥିଲେ । କରୋନା କଟକଣା ଯୋଗୁ ସରକାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ଘୋଷଣା କରିଥିଲେ । ଆଶ୍ରମ ସ୍କୁଲ ବନ୍ଦ ହେବା ପରେ ଛାତ୍ରୀ ଜଣକ ନିଜ ଘରକୁ ଚାଲି ଯାଇଥିଲେ। ସ୍କୁଲ ଖୋଲିବା ପରେ ସମ୍ପୃକ୍ତା ଛାତ୍ରୀ ଫେରିଥିଲେ । ଏହାର କିଛିଦିନ ପରେ ଆଶ୍ରମ ସ୍କୁଲ କର୍ତ୍ତୃପକ୍ଷ ଛାତ୍ରୀ ଜଣକ ଗର୍ଭବତୀ ଥିବା ଜାଣିବାକୁ ପାଇଥିଲେ । ଏହି ଘଟଣାକୁ ନେଇ ସ୍କୁଲ କର୍ତ୍ତୃପକ୍ଷ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଜଣାଇବା ସହିତ ଚଉଦକୁଳାଟ ଫାଣ୍ଡିରେ ଏତଲା ଦେଇଥିଲେ। ସେହି ଅଭିଯୋଗକୁ ଭିତ୍ତି କରି ପଟ୍ଟାମୁଣ୍ଡାଇ ଥାନାରେ ଏକ ମାମଲା(ନଂ.୬୯୭/୨୧) ରୁଜୁ ହୋଇଛି। ଏହି ଘଟଣାରେ ଜଡିତ ଜଣେ ୧୪ ବର୍ଷ ବୟସ୍କ ନାବାଳକଙ୍କୁ ପୋଲିସ ଧରି କେନ୍ଦ୍ରାପଡ଼ା ଜୁଭେନାଇଲ ଜଷ୍ଟିସ କୋର୍ଟରେ ହାଜର କରାଯାଇଛି। ଅନ୍ୟପକ୍ଷେ ଗର୍ଭବତୀ ଛାତ୍ରୀଙ୍କୁ ପୋଲିସ ଡାକ୍ତରୀ ମାଇନା କରାଇବା ପରେ ତାଙ୍କ ପରିବାର ଲୋକଙ୍କ ଜିମା ଦେଇଛି ।

**ପ୍ରଥମ ପୃଷ୍ଠାରୁ...**

## ପ୍ରଧାନମନ୍ତ୍ରୀଙ୍କ ଆକାଉଣ୍ଟରେ ...

ମୋଦି ଜୀ, ସବୁ ଠିକ୍ ଅଛି? ଯଦି ୭୩ ନିୟୁତରୁ ଊର୍ଦ୍ଧ୍ୱ ଫଲୋୟର୍ସ ଥିବା ଖୋଦ୍ ପ୍ରଧାନମନ୍ତ୍ରୀଙ୍କ ଟୁଇଟର ଆକାଉଣ୍ଟ ସୁରକ୍ଷିତ ନୁହେଁ, ତେବେ ଅନ୍ୟ ସାଧାରଣ ବ୍ୟବହାରକାରୀଙ୍କ ହ୍ୟାଣ୍ଡଲ କେତେ ସୁରକ୍ଷିତ ବୋଲି ସାଧାରଣରେ ପ୍ରଶ୍ନ ଉଠିବା ପରେ ଟୁଇଟର ପକ୍ଷରୁ ପ୍ରତିକ୍ରିୟା ଆସିଛି। କମ୍ପାନୀ ମୁଖପାତ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିଗତ ଟୁଇଟର ହ୍ୟାଣ୍ଡଲ ସାମୟିକ ଭାବେ କମ୍ପ୍ରମାଇଜ୍ ହେବା ପରେ ଏହାକୁ ସୁରକ୍ଷିତ କରିବା ପାଇଁ ଟୁଇଟର ପକ୍ଷରୁ ଜରୁରୀ ପଦକ୍ଷେପ ନିଆଯାଇଛି। ପିଏମ୍‌ଓ ସହିତ ଆମେ ନିରନ୍ତର ଯୋଗସୂତ୍ରରେ ରହିଛୁ। ପ୍ରକାଶ ଯେ, କେବଳ ପ୍ରଧାନମନ୍ତ୍ରୀ ମୋଦିଙ୍କ ଟୁଇଟ୍ ହ୍ୟାଣ୍ଡଲ ନୁହେଁ, ଅତୀତରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଓ ବିଶିଷ୍ଟ ବ୍ୟବସାୟୀ ବିଲ୍ ଗେଟ୍ସଙ୍କ ଆକାଉଣ୍ଟକୁ ମଧ୍ୟ ହ୍ୟାକର୍ସ ଟାର୍ଗେଟ କରିଥିଲେ।

## କ୍ରିପ୍ଟୋକରେନ୍ସିକୁ ନେଇ କେନ୍ଦ୍ରର ମତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିଛିଦିନ ହେଲା କ୍ରିପ୍ଟୋକରେନ୍ସି ବିରୋଧରେ ବିଭିନ୍ନ ମଞ୍ଚରେ ଭାଷଣ ଦେଉଛନ୍ତି। ନିକଟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଡେମୋକ୍ରାସି ସମିଟ୍‌ରେ ଆଲୋଚନା ବେଳେ କ୍ରିପ୍ଟୋର ବିପଦପୂର୍ଣ୍ଣ ଦିଗ ସମ୍ପର୍କରେ ଅବତାରଣା କରିଥିଲେ। ସେହିପରି କେନ୍ଦ୍ର ସରକାର ମଧ୍ୟ ଏହାକୁ ନେଇ ଚିନ୍ତାବ୍ୟକ୍ତ କରିସାରିଛନ୍ତି। ନିବେଶକମାନଙ୍କୁ ପ୍ରଲୋଭିତ କରିବା ପାଇଁ କ୍ରିପ୍ଟୋକରେନ୍ସି ସମ୍ପର୍କରେ ବିଭ୍ରାନ୍ତିକର ଦାବି ଉପସ୍ଥାପନ କରାଯାଇପାରେ। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଏବଂ ମନିଲଣ୍ଡରିଂ ପାଇଁ କ୍ରିପ୍ଟୋକୁ ବ୍ୟବହାର କରାଯାଇପାରେ ବୋଲି ସରକାର ବିବେଚନା କରି ଏହି ପ୍ରସଙ୍ଗର ସମାଧାନ ଲାଗି ଏକ ନୂଆ ଆଇନ ପ୍ରଣୟନ କରିବାକୁ ବିଚାର କରୁଛନ୍ତି। ଗତ ୪ ତାରିଖରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏକ ଜାତୀୟ ଗଣମାଧ୍ୟମ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କହିଥିଲେ, ସରକାର ଏକ ସୁଚିନ୍ତିତ କ୍ରିପ୍ଟୋକରେନ୍ସି ବିଲ୍ ଆଣିବାକୁ ଯାଉଛନ୍ତି। କ୍ରିପ୍ଟୋକୁ ନେଇ ଅନିୟନ୍ତ୍ରିତ କଳ୍ପନାଜଳ୍ପନା ଅସ୍ୱାସ୍ଥ୍ୟକର।

## ଆଇନମନ୍ତ୍ରୀଙ୍କ ...

ରାଜକିଶୋର ଜେନା, ବିଜେଡି ନେତା ଅଶୋକ କୁମାର ଓଝା ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚରେ ମନ୍ତ୍ରୀ ବସିଥିବାବେଳେ ବାଏନପୁର ଗାଁର ନାଗଭୂଷଣ ସ୍ୱାଇଁ ଓରଫ କୁନୁ ହଠାତ୍ ତାଙ୍କୁ ଲକ୍ଷ୍ୟକରି ଏକ ଚପଲ ଫିଙ୍ଗିଥିଲେ। ତାହା ମନ୍ତ୍ରୀଙ୍କ ଦେହରେ ନ ବାଜି ସଭାମଞ୍ଚରେ ପଡ଼ିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଉପସ୍ଥିତ ବିଜେଡି କର୍ମୀମାନେ କୁନୁଙ୍କୁ କାବୁ କରି ନିସ୍ତୁକ ମାଡ଼ ମାରିଥିଲେ। ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଖବର ଲେଖାହେବା ବେଳକୁ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**
ଆଜି ମନରେ ଆନନ୍ଦ, ଉତ୍ସାହ ଓ ଉଦ୍ଦୀପନାର ସହ ଯାତ୍ରା, ବନ୍ଧୁମିଳନ ଜନିତ ଦିନଟି ଉପଭୋଗ୍ୟ ରହିବ। ପାରିବାରିକ ଓ କର୍ମ କ୍ଷେତ୍ରରେ ଅନୁକୂଳତା ପ୍ରାପ୍ତ ହେବ। ଅର୍ଥ ଲାଭ, ଶାରୀରିକ ସୁସ୍ଥତା ଓ ବନ୍ଧୁଙ୍କ ସୁପରାମର୍ଶ ମନୋବଳ ବୃଦ୍ଧି କରିବ। ସାମୟିକ ଦ୍ୱନ୍ଦ୍ୱ ଓ ତର୍କବିତର୍କ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ।

**ବୃଷ**
ମାନସିକ ସ୍ୱାସ୍ଥ୍ୟହାନି ସାଙ୍ଗକୁ ପିଲାଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ବ୍ୟସ୍ତତା ପରିଲକ୍ଷିତ ହେବ। ବନ୍ଧୁଙ୍କ ସହ ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ କିନ୍ତୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ**
ସ୍ୱାସ୍ଥ୍ୟରେ ଉନ୍ନତି ଓ ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ବନ୍ଧୁବର୍ଗଙ୍କ ସମାଗମରେ ମନ ଭାବନାରାଇଜରେ ଉଡିବୁଲିବ। ଭାବୁଥିବା କାମ କରି ନ ପାରି ଆଉ ଗୋଟିଏ କାମ କରିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ଅଗ୍ରଗତି ଦ୍ରୁତ ହେବ। ମେଶିନାରି ଜିନିଷ ତଥା ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ।

**କର୍କଟ**
ଆଜି ଆପଣ ଦ୍ୱନ୍ଦ୍ୱରେ ପଡ଼ି କ'ଣ କରିବେ କିମ୍ବା ନ କରିବା ଉଚିତ ହେବ ତାହା ଠିକ୍ କରିପାରିବେ ନାହିଁ। ତଥାପି ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ,ଏଣୁ ସାବଧାନତା ଆବଶ୍ୟକ। ପ୍ରତ୍ୟୁଷ ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ।

**ସିଂହ**
କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା ପରିସରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ଦ୍ୱାରା ସହଯୋଗ ପାଇବେ। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା**
ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ କିନ୍ତୁ କୌଣସି କାମ ଅଟକିବ ନାହିଁ। ଆଶା ପୂରଣ କ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ସମ୍ଭାବନା ରହିଛି। ଘର ଲୋକଙ୍କୁ ଉପେକ୍ଷା କରି ପରକଥାରେ ପଡ଼ି ଭୁଲ ମାର୍ଗ ଅନୁସରଣ କରିପାରନ୍ତି।

**ତୁଳା**
ବିଭିନ୍ନ କାମରେ ଅନୁପ୍ରବେଶ କରି ସଫଳତା ହାସଲ କାରଣରୁ ମାନସିକ ସ୍ଥିତି ଭଲ ରହିବ। କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ। ତର୍କବିତର୍କ ଜନିତ ପାରିବାରିକ ଅଶାନ୍ତି ହେତୁ କୌଣସି କାମ ଉତ୍ସାହପ୍ରଦ ହେବନାହିଁ।

**ବିଛା**
ଅତୀତ ଘଟଣା କିମ୍ବା ବିଭିନ୍ନ ସମସ୍ୟା ଚିନ୍ତାକରି ମନ ଭାରାକାନ୍ତ ରହିବ। ଅନାବଶ୍ୟକ କଥାର ପୁନରାବୃତ୍ତିରୁ ଦୂରେଇ ରହିବା ଭଲ। ଅପରିହାର୍ଯ୍ୟ ଆବଶ୍ୟକତା ଉପଲବ୍ଧି କରି ବନ୍ଧୁଙ୍କୁ ଅନୁନୟ ବିନୟପୂର୍ବକ ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**
ଆଜି ପାରିବାରିକ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ସାମୟିକ ଅଶାନ୍ତି ଦେଖାଦେବ। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସଂଗଠନ, ନିର୍ମାଣ, ସଭାସମିତି ତଥା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର**
ଆଜି ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ଭୁଲିଯାଇ ଚିନ୍ତିତ ରହିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ଅଫିସ୍ କାମରେ ବିଭିନ୍ନ ସମସ୍ୟା ନିରାକରଣ ପାଇଁ ଚେଷ୍ଟିତ ହେବେ। ଯାତ୍ରା, ମାଙ୍ଗଳିକ କାମ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ**
ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବାରେ ବନ୍ଧୁବର୍ଗ ସାହାଯ୍ୟ, ସହଯୋଗ କରିବେ। କିନ୍ତୁ କୌଣସି ଆତ୍ମୀୟଙ୍କ ନକାରାତ୍ମକ ଚିନ୍ତାଧାରା ମନକୁ ସାମୟିକ ବିବ୍ରତ କରିପାରେ। ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଦୀର୍ଘ ଦିନର ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ**
ସକାଳୁ ଦୂରଯାତ୍ରା ସକାଶେ ପ୍ରସ୍ତୁତିପର୍ବ ଶେଷ କରିବାକୁ ବାଧ ହେବେ। କୌଣସି ବନ୍ଧୁଙ୍କର ଆସିବାର ବିଳମ୍ବତାକୁ ଲକ୍ଷ୍ୟକରି ବିଚଳିତବୋଧ କରିପାରନ୍ତି। ଏଣେ ଜମା ଭଲ ପଡୁନଥିବା ପାଖ ପଡ଼ୋଶୀଙ୍କ ଟୀକାଟିପ୍ପଣୀ ମନକୁ ଦ୍ୱିଧାଗ୍ରସ୍ତ କରିପାରେ। ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହେବେ କିମ୍ବା ନିଜ ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି।

# ଗାନ୍ଧୀ ହିନ୍ଦୁ, ଗଡ୍‌ସେ ହିନ୍ଦୁତ୍ୱବାଦୀ

**ଜୟପୁର,୧୨।୧୨**

ମହାତ୍ମା ଗାନ୍ଧୀ ହିନ୍ଦୁ ଓ ତାଙ୍କୁ ହତ୍ୟା କରିଥିବା ନାଥୁରାମ ଗଡ୍‌ସେ ହିନ୍ଦୁତ୍ୱବାଦୀ ଥିଲେ। ମୁଁ ଜଣେ ହିନ୍ଦୁ, କିନ୍ତୁ ହିନ୍ଦୁତ୍ୱବାଦୀ ନୁହେଁ। ଆପଣମାନେ ସମସ୍ତେ ହିନ୍ଦୁ। ରାଜସ୍ଥାନ ରାଜଧାନୀ ଜୟପୁରରେ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ବିଶାଳ ଜନସଭାକୁ ସମ୍ବୋଧିତ କରି ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଓ ନିଜ ମଧ୍ୟରେ ଏଭଳି ପ୍ରଭେଦ ଦେଖାଇଛନ୍ତି ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀ।

ଜୟପୁର ମେଗା ରାଲିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପେଟ୍ରୋଲ, ଡିଜେଲ ଓ ଅନ୍ୟ ଜରୁରୀ ସାମଗ୍ରୀଗୁଡ଼ିକର ଦରଦାମ ବୃଦ୍ଧିକୁ ନେଇ କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ଏହି ଅବସରରେ ରାହୁଲ କହିଛନ୍ତି, ଭାରତ ହିନ୍ଦୁମାନଙ୍କ ଦେଶ। ଏହା ଯେକୌଣସି ପ୍ରକାରେ କ୍ଷମତାରେ ରହିବାକୁ ଚାହୁଁଥିବା ହିନ୍ଦୁତ୍ୱବାଦୀମାନଙ୍କ ଦେଶ ନୁହେଁ। ଦରଦାମ୍ ବୃଦ୍ଧି ଓ ଦେଶବାସୀଙ୍କ କଷ୍ଟ ପାଇଁ ଏହି ହିନ୍ଦୁତ୍ୱବାଦୀମାନେ ଦାୟୀ। ମୋଦି ଓ ତାଙ୍କ ବନ୍ଧୁମାନେ ବିଗତ ୭ ବର୍ଷ ମଧ୍ୟରେ ଦେଶକୁ ଧ୍ୱଂସ କରିଦେଇଛନ୍ତି। ମହାତ୍ମା ଗାନ୍ଧୀ ସତ୍ୟର ସନ୍ଧାନରେ ସାରା ଜୀବନ ବିତାଇ ଦେଇଥିଲେ। କିନ୍ତୁ ହିନ୍ଦୁତ୍ୱବାଦୀ ଗଡ୍‌ସେ ୩ଟି ଗୁଳି ମାରି ତାଙ୍କୁ ହତ୍ୟା କରିଥିଲେ। ହିନ୍ଦୁମାନେ ସବୁବେଳେ ସତ୍‌ପଥରେ ଚାଲିବାକୁ ଚାହାନ୍ତି। ଏପରି କି ସତ୍ୟ ପାଇଁ ମରିବାକୁ ପଛାନ୍ତି ନାହିଁ। ଭାଗବତ ଗୀତା ହିନ୍ଦୁମାନଙ୍କୁ ସତ୍ୟର ଅନ୍ୱେଷଣ କରିବାକୁ କହିଥାଏ। ଅନ୍ୟପକ୍ଷେ ହିନ୍ଦୁତ୍ୱବାଦୀଙ୍କ ସତ୍ୟ ସହ କିଛି ସମ୍ପର୍କ ନ ଥାଏ। ସେମାନେ କେବଳ କ୍ଷମତା ପାଇଁ ତୃଷାର୍ତ୍ତ। ସେମାନେ ଆତଙ୍କିତ ଅବସ୍ଥାରେ ଥିବାରୁ ଘୃଣା ବିସ୍ତାର କରିଥାଆନ୍ତି ବୋଲି ରାହୁଲ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଉକ୍ତ ସଭାରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ଯୋଗଦେଇଥିଲେ। ହିନ୍ଦୁତ୍ୱବାଦୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଶିଳ୍ପପତି ବନ୍ଧୁମାନଙ୍କୁ ଫାଇଦା ଦେବା ପାଇଁ ଚାଷୀଙ୍କୁ ପଛରୁ ଛୁରାମାଡ଼ କରୁଛନ୍ତି ବୋଲି ପ୍ରିୟଙ୍କା ବର୍ଷିଥିଲେ। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦଗ୍‌ବିଜୟ ସିଂ ମଞ୍ଚାସୀନ ଥିଲେ। କଂଗ୍ରେସ ପକ୍ଷରୁ ଦିଲ୍ଲୀରେ ଏହି ସଭାର ଆୟୋଜନ କରିବା ପାଇଁ ସ୍ଥିର କରାଯାଇଥିଲା, କିନ୍ତୁ ଏଥିଲାଗି ଅନୁମତି ମିଳି ନ ଥିଲା ବୋଲି କଂଗ୍ରେସ କହିଛି।



ଜୟପୁରରେ ଆୟୋଜିତ 'ମେହଙ୍ଗାଇ ହଟାଓ ରାଲି'କୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମ୍ବୋଧନ କରୁଛନ୍ତି।

> *"୨୦୧୪ରୁ ହିନ୍ଦୁତ୍ୱବାଦୀମାନେ କ୍ଷମତାରେ ଥିବାବେଳେ ହିନ୍ଦୁମାନେ ହଟିଯାଇଛନ୍ତି। ଏହି ହିନ୍ଦୁତ୍ୱବାଦୀମାନେ ମିଛ ହିନ୍ଦୁ। ହିନ୍ଦୁତ୍ୱବାଦୀଙ୍କୁ କ୍ଷମତାଚ୍ୟୁତ କରି ହିନ୍ଦୁମାନଙ୍କୁ ଆଣିବାକୁ ପଡ଼ିବ।*
> **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

# 'ପଥରମାଡ଼ ପ୍ରମାଣ କଲେ ରାଜନୀତି ଛାଡ଼ିଦେବି'

## ପୋଲିସ କମିଶନରଙ୍କୁ ଜବାବ ଦେଲେ ତାରା

- ବର୍ବରତା ପାଇଁ କ୍ଷମା ନ ମାଗିଲେ କମିଶନର ଅଫିସ ଘେରିବ କଂଗ୍ରେସ



**ଭୁବନେଶ୍ୱର,୧୨।୧୨(ବ୍ୟୁରୋ)**

କଳାହାଣ୍ଡି ମହାଲିଙ୍ଗସ୍ଥିତ ସନ୍‌ସାଇନ ପବ୍ଲିକ୍ ସ୍କୁଲ୍ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ସହ ହାଇକୋର୍ଟର ସିଟିଂ ଜଜ୍‌ଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ ଦାବିରେ ଶୁକ୍ରବାର ଛାତ୍ର କଂଗ୍ରେସ ବିଧାନସଭା ଘେରାଉ ଉଦ୍ୟମ କରିଥିଲା। ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କଂଗ୍ରେସ ଭବନରେ ପଶି ଛାତ୍ର କଂଗ୍ରେସ କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା କଂଗ୍ରେସ ଅଭିଯୋଗ କରିଥିଲା। କିନ୍ତୁ କଂଗ୍ରେସ କର୍ମୀ ପୋଲିସ ଉପରକୁ ପଥର ମାଡ଼ କରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରିବାରୁ ପୋଲିସ ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହୋଇଥିବା ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଗଣମାଧ୍ୟମକୁ କହିଥିଲେ। ରବିବାର କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଏହାର ପାଲଟା ଜବାବ ଦେଇଛନ୍ତି। ସେ କହିଛନ୍ତି, ଛାତ୍ର କଂଗ୍ରେସର ଆନ୍ଦୋଳନବେଳେ ଯଦି ଧାରଣାସ୍ଥଳରେ ପଥର ମାଡ଼ କରାଯାଇଥିବା ପୋଲିସ ପ୍ରମାଣିତ କରିବ, ତେବେ ମୁଁ ରାଜନୀତି ଛାଡ଼ି ଦେବି। ନ ପାରିଲେ ପୋଲିସ କମିଶନର ଛାକିରି ଛାଡ଼ିବା ପାଇଁ ପ୍ରସ୍ତୁତ କି ଅବା ତାଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସରକାର ମାଜିଷ୍ଟ୍ରେଟ କିମ୍ବା ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ କରନ୍ତୁ। ପଥର ମାଡ଼ର ପ୍ରମାଣ କରିଦେଲେ ମୁଁ ବିଧାୟକ ପଦରୁ ଇସ୍ତଫା ଦେବି। ମୁଖ୍ୟମନ୍ତ୍ରୀ ହକି ପୁରସ୍କାର ବାଣ୍ଟିବାକୁ ସେହି ବାଟ ଦେଇ ଗଲେ, ସ୍ୱାସ୍ଥ୍ୟ କାର୍ଡ ବାଣ୍ଟିବାକୁ ଗଲେ। ଆମେ କେତେ ଘଣ୍ଟ ବଜେଇ ବିଧାନସଭାକୁ ଡାକିଲୁ, ହେଲେ ମୁଖ୍ୟମନ୍ତ୍ରୀ ଗୃହକୁ ଆସିଲେନି। ଶେଷରେ ସେ ପୋଲିସ ଲଗାଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ବର୍ବରତାର ସହ ଦମନ କଲେ। ଆନ୍ଦୋଳନ ବେଳେ ଅଣ୍ଡା ମାରିବା ସତ୍ୟ, ଟମାଟୋ ମାରିବା ସତ୍ୟ, କିନ୍ତୁ ପଥର ମରାଯାଇନାହିଁ। ବରଂ ପୋଲିସ କଂଗ୍ରେସ ଭବନରେ ପଶିବାର ଭିଡିଓ ପ୍ରମାଣ ରହିଛି। ଏହାକୁ ନେଇ ଆଗକୁ ପୋଲିସ କମିଶନରଙ୍କ ଅଫିସ ଘେରାଉ ହେବ। ପ୍ରିୟଦର୍ଶୀ କ୍ଷମା ମାଗନ୍ତୁ। ସେ କ୍ଷମା ନ ମାଗିବା ଯାଏ ମୁଁ ପଛକୁ ହଟିବି ନାହିଁ ବୋଲି ବାହିନୀପତି କହିଛନ୍ତି।

# ଆଜି ବେଗୁନିଆରେ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ

**ବେଗୁନିଆ,୧୨।୧୨(ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଖୋର୍ଦ୍ଧା ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନର ଶୁଭାରମ୍ଭ କରିବେ। ଏହି ଅବସରରେ ବେଗୁନିଆ ଅଞ୍ଚଳକୁ ମୁଖ୍ୟମନ୍ତ୍ରୀ ଗସ୍ତ କରିବାର କାର୍ଯ୍ୟକ୍ରମ ଥିବାରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପୂର୍ବାହ୍ନ ୧୧ଟା ୪୦ରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପଡ଼ିଆରେ ଅବତରଣ କରିବେ। ୩୫ ମିନିଟର କାର୍ଯ୍ୟକ୍ରମ ପରେ ପୁଣି ଫେରିଯିବେ ବୋଲି ଟାଉନ ହଲ ପରିସରରେ ରବିବାର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଏସ୍‌ପି ରାଜକିଶୋର ଦୋରା ସୂଚନା ଦେଇଛନ୍ତି।

ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧା ଜିଲାର ବିଭିନ୍ନ ପ୍ରକଳ୍ପ ପାଇଁ ୯୮୬କୋଟି ଟଙ୍କା ବ୍ୟୟବରାଦ କରିବେ। ଏଥିରେ ପୂର୍ଣ୍ଣାଙ୍ଗ ହୋଇଥିବା ୮୦ଟି ପ୍ରକଳ୍ପ କାର୍ଯ୍ୟକୁ ଉଦ୍‌ଘାଟନ କରିବା ସହ ପ୍ରାୟ ୨୨୧ଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଜିଲାରେ ପ୍ରାୟ ୪ଲକ୍ଷ ପରିବାର ୧୬ଲକ୍ଷ ହିତାଧିକାରୀ ବିଜୁ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ଉପକୃତ ହେବେ। ଏହାପରେ ୧୦ଟି ବ୍ଲକ୍‌ର ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବଣ୍ଟନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ସମସ୍ତ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ଏସ୍‌ପି ଦୋରା କହିଛନ୍ତି। ଏ ନେଇ ୨ଜଣ ଅତିରିକ୍ତ ଏସ୍‌ପି, ୪ଜଣ ଡିଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତି ନିରାପତ୍ତା ବ୍ୟବସ୍ଥା ପରିଚାଳନା ପାଇଁ ୧୫ଜଣ ଆଇଆଇସି ନିଯୁକ୍ତ ହୋଇଛନ୍ତି। ଏହା ସହ ୮ପ୍ଲାଟୁନ ସୁରକ୍ଷା ବଳଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ଟ୍ରାଫିକ ନିରାପତ୍ତା ରକ୍ଷା ପାଇଁ ୨ ଆଇଆଇସି, ୨ ଏସ୍‌ଆଇ, ୪ ଏଏସ୍‌ଆଇଙ୍କୁ ନିୟୋଜିତ କରାଯାଇଛି। କୋଭିଡ୍ କଟକଣା ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମ ହେଉଥିବା ନେଇ ବିଧାୟକ ରାଜେନ୍ଦ୍ର ସାହୁ କହିଛନ୍ତି।

# ଭିତ୍ତିପ୍ରସ୍ତର ସ୍ଥାପନ ନେଇ ବିଜେଡି-ଭାଜପା ମୁହାଁମୁହିଁ

**ବିଶୋଇ,୧୨।୧୨(ଡି.ଏନ.ଏ.)**

 କେନ୍ଦ୍ରମନ୍ତ୍ରୀ ତଥା ମୟୂରଭଞ୍ଜ ଏମ୍‌ପି ଇଂ. ବିଶ୍ୱେଶ୍ୱର ଟୁଡୁଙ୍କ ଦ୍ୱାରା ବିଶୋଇ ବ୍ଲକର ଭାତରଛତ୍ରଠାରେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ପୁନଃ ଭିତ୍ତିପ୍ରସ୍ତର ସ୍ଥାପନକୁ ନେଇ ରାଜନୈତିକ ଛକାପଞ୍ଝା ଦେଖାଯାଇଛି। ୨୦୧୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉକ୍ତ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ମାତ୍ର ରବିବାର ପୁଣି ଥରେ କେନ୍ଦ୍ରମନ୍ତ୍ରୀ ଟୁଡୁ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ଆସିଥିବା ବେଳେ ବିଜେଡି ଏହାକୁ ବିରୋଧ କରିଥିଲା। ସୁନାପୋଷି ଛକ ନିକଟରେ ବିଜେଡି କର୍ମୀମାନେ କେନ୍ଦ୍ର ମନ୍ତ୍ରୀଙ୍କ ଗାଡ଼ିକୁ ଅଟକାଇବା ସହିତ ଭାଜପା ବିରୋଧରେ ନାରାବାଜି ଦେଇଥିଲେ। ଏହି ସମୟରେ ପୋଲିସ ବିଜେଡି କର୍ମୀଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ଧସ୍ତାଧସ୍ତି ହୋଇଥିଲା। ପରେ କେନ୍ଦ୍ରମନ୍ତ୍ରୀ ଟୁଡୁ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ଏହି ସମାରୋହରେ କେନ୍ଦ୍ରମନ୍ତ୍ରୀଙ୍କ ସହ ସାରସକଣା ବିଧାୟକ ଡା. ବୁଢ଼ାନ ମୁର୍ମୁ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମାହାନ୍ତି, ଜେଏମ୍‌ଏମ୍ ରାଜ୍ୟ ସାଧାରଣ ସମ୍ପାଦକ ରାମଚନ୍ଦ୍ର ହାଁସଦା, ୩୩ନଂ. ଜୋନ୍ ଜିଲା ପରିଷଦ ସଦସ୍ୟା ନାନିକା ନାଏକ ପ୍ରମୁଖ ଯୋଗଦେଇଥିଲେ। ଏହି ବିଦ୍ୟାଳୟ ଲାଗି ୬ ବର୍ଷ ପୂର୍ବେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲେ ସୁଦ୍ଧା ଉଭୟ ପ୍ରଶାସନ ଓ ବିଜେଡି ସରକାରଙ୍କ ଅପାରଗତା ଯୋଗୁ ନିର୍ମାଣ କାର୍ଯ୍ୟ ଅଟକିଥିବା କେନ୍ଦ୍ରମନ୍ତ୍ରୀ କହିଥିଲେ। ଅନ୍ୟପକ୍ଷେ ଥରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ବିଦ୍ୟାଳୟର ପୁନର୍ବାର ଭିତ୍ତିପ୍ରସ୍ତର ସ୍ଥାପନ କରି ଭାଜପା ଆଗାମୀ ତ୍ରିସ୍ତରୀୟ ନିର୍ବାଚନରେ ମାଇଲେଜ ନେବାକୁ ଚାହୁଁଛି ବୋଲି ବିଜେଡି ପ୍ରତିକ୍ରିୟା ରଖିଛି।


କେନ୍ଦ୍ର ମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରୁଥିବା ବିଜେଡି କର୍ମୀଙ୍କୁ ପୋଲିସ ଅଟକାଉଛି।

- କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ବିରୋଧ
- ବିକ୍ଷୋଭ ସମୟରେ ପୋଲିସ ସହ ଧସ୍ତାଧସ୍ତି

# ଏସ୍‌ପିରେ ମିଶିଲେ ଭାଜପା, ବିଏସ୍‌ପି ବିଧାୟକ

**ଲକ୍ଷ୍ନୌ,୧୨।୧୨**

୨୦୨୨ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଅଧ୍ୟକ୍ଷା ମାୟାବତୀଙ୍କୁ ଝଟ୍‌କା ଲାଗିଛି। କାରଣ ଉଭୟଙ୍କ ଦଳର ଜଣେ ଲେଖାଏ ବିଧାୟକ ଅଖିଲେଶ ଯାଦବଙ୍କ ନେତୃତ୍ୱାଧୀନ ସମାଜବାଦୀ ପାର୍ଟି (ଏସ୍‌ପି)ରେ ସାମିଲ ହୋଇଛନ୍ତି। ଭାଜପାର ଦିଗ୍‌ବିଜୟ ନାରାୟଣ ଓରଫ୍ ଜୟ ଚୌବେ (ଖାଲିଦାବାଦ) ଏବଂ ବିଏସ୍‌ପିର ବିନୟ ଶଙ୍କର ତିୱାରୀ (ଚିଲୁପାର) ରବିବାର ଅଖିଲେଶଙ୍କ ଉପସ୍ଥିତିରେ ଲକ୍ଷ୍ନୌସ୍ଥିତ ଦଳୀୟ ମୁଖ୍ୟାଳୟରେ ଏସ୍‌ପିରେ ଯୋଗଦେଇଛନ୍ତି। ସେହିପରି ୟୁପି ବିଧାନ ପରିଷଦର ପୂର୍ବତନ ଅଧ୍ୟକ୍ଷ ଗଣେଶ ଶଙ୍କର ପାଣ୍ଡେ ମଧ୍ୟ ଅଖିଲେଶଙ୍କ ଦଳରେ ମିଶିଛନ୍ତି। ଏହାବାଦ ବିଭିନ୍ନ ଦଳର ବହୁ ସଂଖ୍ୟକ ବ୍ରାହ୍ମଣ ସମର୍ଥକ ଏହି ମିଶ୍ରଣ ପର୍ବରେ ସାମିଲ ହୋଇଛନ୍ତି।

# ସଫଳତା ପଛରେ ଥିଲା ଉଦାରତା

## ପଦ୍ମର ସ୍ୱର୍ଣ୍ଣମୁଦ୍ରା ଥିଲା ଇତିହାସର ସ୍ମାରକୀ

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଐତିହ୍ୟର ଓଡ଼ିଶା

ଶ୍ରୀପଦ୍ମକେଶର ନିର୍ମାଣ ସହିତ ରୂପାସଗଡ଼ ମୂଳରୁ ଜଡ଼ିତ ଥିଲା। ନରସିଂହଦେବ ରୂପାସଗଡ଼କୁ ଗୁରୁତ୍ୱ ଦେବା ସହିତ ଓଡ଼ିଶାର ଆଶ୍ଚର୍ଯ୍ୟମୟ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ କାର୍ଯ୍ୟରେ ସାମିଲ କରିଥିଲେ। ଯେତେବେଳେ ପଥର ବୁହାହୋଇ ଯିବା ପାଇଁ ଜଳପଥ ନିର୍ଦ୍ଦିଷ୍ଟ ହେଲା, ସେତେବେଳେ କାଦୁଆ କେନାଲର ତଳଭାଗରୁ ରୂପାସଗଡ଼ର ପଛପଟ ଦେଇ ପଦ୍ମତୋଳାଗଣ୍ଡ ପର୍ଯ୍ୟନ୍ତ ଜଳପଥରେ ଯିବାକୁ ନିଷ୍ପତ୍ତି ହୋଇଥିଲା। ଆଠହଜାର ତିନିଶହ ଚାଳିଶ ମାଢ଼ ସୁନା ଖର୍ଚ୍ଚ ହୋଇ ଏହି ଜଳପଥ ଗଣ୍ଡର ପଶ୍ଚିମକୁ ଛୁଉଁଥିଲା। ଉଦ୍ଦେଶ୍ୟ ଥିଲା ଗଡୁଆଙ୍କ ସହଯୋଗ ରହିବ ପଥରବୁହା ସମୟରେ।

ରୂପାସଗଡ଼ରେ କେବଳ ୩୦୦ ବଢ଼େଇ ବା ମହାରଣା ଶିଳ୍ପୀ ରହୁ ନ ଥିଲେ, ୩୧୨ ଜଣ ପାଇକିଆଳ ମଧ୍ୟ ରହୁଥିଲେ। ତାଙ୍କ ପାଇଁ ମଧ୍ୟ ଶିବିର ଥିଲା। ଗଡ଼ ଏକ ପେଣ୍ଠରେ ପରିଣତ ହୋଇଥିଲା। ବେପାରୀମାନେ ରାଜକୋଷକୁ ଖଜଣା ବି ଦେଉଥିଲେ। ଧାରଣା ଅଛି, ପ୍ରତି ଶିବିରରେ ୩୦୦ ଶିଳ୍ପୀ ରହୁଥିଲେ, ମାତ୍ର ବାୟାଚକଡ଼ା ପୋଥିର ୨୬ ସଂଖ୍ୟକ ପତ୍ରରୁ ଜଣାଯାଉଛି ୮୧୭ ଜଣ ଶିଳ୍ପୀଙ୍କୁ ଥରେ ବିବିଧ କାର୍ଯ୍ୟ ପାଇଁ ଶହେମାଢ଼ ସୁନା ଦିଆଯାଇଥିଲା। ତେଣୁ ପାଇକିଆଳଙ୍କୁ ମିଶାଇଲେ ପାଖାପାଖି ୧୨୦୦ ଲୋକ ଏହି ଗଡ଼ର ଶିବିରରେ ରହୁଥିଲେ। କାରଣ ଶିଳ୍ପୀଙ୍କ ଖାଦ୍ୟ ବ୍ୟବସ୍ଥା ଓ ଅନ୍ୟାନ୍ୟ ସହଯୋଗ ପାଇଁ ଆନୁପାତିକ ଶ୍ରମିକ ବି ଥିବେ।

ମନ୍ଦିର ନିର୍ମାଣ ସମୟରେ ଗଜପତି ନରସିଂହଦେବଙ୍କର ଏହି ଗଡ଼ ଉପରେ ଏତେ ବିଶ୍ୱାସ ଥିଲା ଯେ, ଏଠାରେ ମହାଶ୍ରମ (ଗଜପତି)ଙ୍କର ନିଜସ୍ୱ ଏକ ଭଣ୍ଡାର ରହିଥିଲା। ମନ୍ଦିରର 'ଆମଳକ' ନିର୍ମାଣ ସରିବା ପରେ ରୂପାସଗଡ଼ର ଶିବିର ବନ୍ଦ ହୋଇଥିଲା। ମନ୍ଦିର ନିକଟକୁ ଶିଳ୍ପୀମାନଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଅର୍କବଟ ତଳେ ଅସ୍ଥାୟୀ ଶିବିର ନିର୍ମାଣ ହୋଇ ରୂପାସରେ ଥିବା ଶିଳ୍ପୀଙ୍କୁ ରଖାଯାଇଥିଲା। ସୂକ୍ଷ୍ମ କାରୁକାର୍ଯ୍ୟ ସୁବିଧା ପାଇଁ ଏସବୁ ବ୍ୟବସ୍ଥା ହୋଇଥିଲା। ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣର ସ୍ମାରକୀ ସ୍ୱରୂପ 'ପଦ୍ମଚିହ୍ନ'ର ମୁଦ୍ରା ପ୍ରଚଳନ କରିଥିଲେ ଗଜପତି। ପଦ୍ମଚିହ୍ନିତ ନୂଆମୁଦ୍ରା ୪୬୦ ମାଢ଼ ସୁନା ପ୍ରଥମେ ରୂପାସଗଡ଼ର ଶିଳ୍ପୀଙ୍କୁ ଦିଆଯିବା ଘଟଣା ପୋଥିରେ ସ୍ପଷ୍ଟ ଭାବରେ ବର୍ଣ୍ଣନା କରାଯାଇଛି। ଅର୍କବଟ ଶିବିରରେ ରହିଲେ ମଧ୍ୟ ସେମାନେ ରୂପାସଗଡ଼ର ଶିଳ୍ପୀ ଭାବରେ ପରିଚିତ ହେଉଥିଲେ।

ଷୋଳଗଡ଼ର ଅବଦାନ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ସମୟରେ ରହିଥିଲା। ତାହା ପ୍ରସଙ୍ଗକ୍ରମେ ଆମେ ଆଲୋଚନା କରିବା। ଗୋଟିଏ ଗଡ଼ କଥା ଆମେ ଟିକିନିଖି ଆଲୋଚନା କଲେ ଏଇଥିପାଇଁ ଯେ, ଜାତି/ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଓଡ଼ିଆ ଏକ ପ୍ରାଣ, ଏକ ମନ ହୋଇ ଗଜପତିଙ୍କୁ ସହଯୋଗର ହାତ ବଢ଼ାଇଥିଲେ। ଜୋର ଜୁଲମରେ ନୁହେଁ, ସମସ୍ତଙ୍କ ପରିଶ୍ରମର ମୂଲ୍ୟ ଦେବାକୁ ଗଜପତି କେବେ ବି ଆନମନା ହୋଇନାହାନ୍ତି। ମୂଲ୍ୟ ଦେଲେ ଯେ କଥା ସରିଗଲା ତାହା ନୁହେଁ, କାର୍ଯ୍ୟ ଦେଖି, ତ୍ୟାଗ ଓ ନିଷ୍ଠାକୁ ଆକଳନ କରି ଗଜପତି ସମ୍ମାନ ବୃଦ୍ଧି ପାଇଁ ଉପାଧି ବି ଦେଉଥିଲେ। ନ ହେଲେ କିଲ୍ଲା ବୈୟାଳିଶି ବାଟିର ଦଳବେହେରାଙ୍କୁ 'ଭ୍ରମରବର' ଉପାଧି ଦେଇଥାନ୍ତେ କାହିଁକି!

କେବଳ ସେତିକି ନୁହେଁ, ବୈୟାଳିଶି ବାଟିର ଦଳବେହେରାଙ୍କ ସହଯୋଗର ସମ୍ମାନ ସ୍ୱରୂପ ବାରଟି ଗାଁର ରାଜସ୍ୱ ବାତିଲ କରାଯାଇଥିଲା। ବୃତ୍ତିଗତ ଖଜଣା ବି ଛାଡ଼ କରାଯାଇଥିଲା। ଇୟେ କ'ଣ ଗଜପତିଙ୍କର ଅତ୍ୟାଚାରର ଉଦାହରଣ ନା ଗଡ଼ମୁଖିଆଙ୍କ ଯୋଗୁ ସାଧାରଣ ଗ୍ରାମବାସୀଙ୍କ ପ୍ରତି ଉଦାର ମନୋଭାବର ଉଦାହରଣ! ବାହାରିଆ ତ ବୁଝିଲେନି, ଆମେ ବି ସେଇ ରାସ୍ତାରେ ଗଲୁ! ଗପ, କବିତା, ଉପନ୍ୟାସ ଓ ନାଟକରେ ରୋମାଞ୍ଚ ସୃଷ୍ଟି କରିବା ପାଇଁ ନିଜ ଐତିହ୍ୟକୁ ଛୋଟ କରିଦେଲୁ! ସ୍ମରଣୀୟ ଗଜପତିଙ୍କୁ ଅତ୍ୟାଚାରୀ ନାୟକ ଭାବରେ ଉପସ୍ଥାପନ କଲୁ?

କ'ଣ ମିଳିଲା ଆମକୁ! ଗୌରବମୟ ଐତିହ୍ୟକୁ ବିଭ୍ରାନ୍ତ କରି ବାସ୍ତବ ସ୍ଥିତିକୁ, ବାସ୍ତବ ଘଟଣାକୁ ଅଘଟଣ ଭାବରେ ସଜେଇ! ପାଠକ ମନରେ ଦର୍ଶକ ମନରେ! କିନ୍ତୁ... ଭିଆଇଦେଲୁ! ଐତିହାସିକ ଗଡ଼ମାନଙ୍କର ଅବଦାନ, ସାଧାରଣ ଗ୍ରାମବାସୀଙ୍କର ସ୍ୱତଃ ସହଯୋଗକୁ ଠିକ୍ ଭାବରେ ଚିତ୍ରଣ କରି ନ ପାରି ହୀନମନ୍ୟତା ସୃଷ୍ଟି କଲୁ। ଜାତିର ସ୍ୱାଭିମାନକୁ ନିଜ ଲୋକଙ୍କୁ ଜଣାଇପାରିଲୁ ନାହିଁ କି ଦେଶକୁ ଜଣାଇପାରିଲୁ ନାହିଁ। ଐତିହ୍ୟର ଏକ ବିକଳ ଚିତ୍ର ଖିଆଲରେ ହେଉ, ଅଜାଣତରେ ହେଉ ସଭିଙ୍କ ପାଇଁ ଆଙ୍କିଦେଲୁ!


ରୂପାସଗଡ଼ର ଆରାଧ୍ୟା ଦେବୀ କନକଦୁର୍ଗାଙ୍କ ବିଗ୍ରହ। (ଫଟୋ: ଅଜୟ କୁମାର ପାତ୍ର)

# ଚାଷୀଙ୍କ କ୍ଷତିଭରଣା ପୂର୍ବରୁ ଆରମ୍ଭ ରାଜନୈତିକ ଟଣାଓଟରା

**ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)**

ପ୍ରତ୍ୟେକ ଥର ବାତ୍ୟା ପରେ ସହାୟତା ଏବଂ କ୍ଷତିପୂରଣ ମିଳିବା ପୂର୍ବରୁ କେନ୍ଦ୍ରୀୟ ଟିମ୍ ଆସିବା ପରେ ଯେପରି ରାଜନୀତି ଜୋର୍ ଧରେ ଏଥର ମଧ୍ୟ ତାହା ଦେଖିବାକୁ ମିଳିଛି। ବିଜେଡି କହିଛି ପ୍ରାକୃତିକ ବିପର୍ଯ୍ୟୟ କ୍ଷତିଭରଣା ଲାଗି ରାଜ୍ୟ ସବୁବେଳେ କେନ୍ଦ୍ର ପାଖରେ ଦାବି କରୁଥିବା ବେଳେ ଅନୁରୂପ ସହଯୋଗ ମିଳୁନାହିଁ। କିଛି ମାଗିବା ପୂର୍ବରୁ ରାଜ୍ୟକୁ ପର୍ଯ୍ୟାପ୍ତ ଅର୍ଥ ରାଶି କେନ୍ଦ୍ର ପଠାଇ ଦେଉଛି। ହେଲେ ରାଜ୍ୟ ଖର୍ଚ୍ଚ ହିସାବ ଦେଇ ନ ପାରିବାରୁ ଟଙ୍କା ଫେରିଯାଉଥିବା ଭାଜପା କହିଛି। ଅନ୍ୟପଟେ କଂଗ୍ରେସ ବିଜେଡି ଓ ଭାଜପାକୁ ଟାର୍ଗେଟ କରିବା ସହ ଲୋକଦେଖାଣିଆ ଲଢେଇ ଛାଡି ଚାଷୀଙ୍କ ସମସ୍ୟା ସମାଧାନ କରିବାକୁ ଦାବି କରିଛି।

ବିଜେଡି ବିଧାୟକ ଶଶୀ ଭୂଷଣ ବେହେରା କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟରେ ଯେଉଁ କ୍ଷୟକ୍ଷତି ହୋଇଥାଏ ତାହା ଭରଣା କରିବା ଲାଗି ଲଗାତର କେନ୍ଦ୍ର ସରକାରଙ୍କ ନିକଟରେ ରାଜ୍ୟ ପକ୍ଷରୁ ଦାବି ହେଉଥିଲେ ମଧ୍ୟ ଆମେ ଅନୁରୂପ ଭାବେ ସହାୟତା ପାଉନାହୁଁ। ସବୁବେଳେ କେନ୍ଦ୍ର ସରକାର ବିପର୍ଯ୍ୟୟ ସହ ଅନ୍ୟାନ୍ୟ କ୍ଷେତ୍ରରେ ଓଡ଼ିଶାକୁ ଅଣଦେଖା କରି ଆସୁଥିବା ବେହେରା କହିଛନ୍ତି।

ଭାଜପା ବିଧାୟକ ନାଉରୀ ନାୟକ କହିଛନ୍ତି, ଅନ୍ୟକୁ ଦୋଷଦେବା ଆଗରୁ ପ୍ରଥମେ ନିଜ ଭୁଲ୍‌କୁ ବୁଝିବା କଥା। ବାତ୍ୟା ଅମ୍ଫନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆକାଶ ମାର୍ଗରୁ ରାଜ୍ୟର କ୍ଷୟକ୍ଷତି ଆକଳନ କରିଥିଲେ। ଏହାସହ ରାଜ୍ୟ ସରକାର ମାଗିବା ପୂର୍ବରୁ ମଧ୍ୟ ପ୍ରଧାନମନ୍ତ୍ରୀ ସହାୟତା ଘୋଷଣା କରିଥିଲେ। ହେଲେ ରାଜ୍ୟ ସରକାର ସବୁ କାମରେ ଯେମିତି ଇସି ଦାଖଲ କରିବା କଥା ସେଥିରେ ଅବହେଳା କରିବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ନାୟକ କହିଛନ୍ତି।

କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ବର୍ତ୍ତମାନ ବିଜେଡି-ଭାଜପା ମଧ୍ୟରେ ଭିତିରି ବୁଝାମଣା ଅତ୍ୟନ୍ତ ଭଲ ରହିଛି। ହେଲେ ସେମାନେ ଉପରକୁ ଲୋକଦେଖାଣିଆ ଲଢେଇ କରୁଛନ୍ତି। ଯେଉଁଠି ବାତ୍ୟା ଓ ବନ୍ୟା ଯୋଗୁ ଲୋକମାନେ ହଇରାଣ ହେଉଛନ୍ତି, ସେଠାରେ କମିଶନ ଗଠନ କରି ରିପୋର୍ଟ ସଂଗ୍ରହ କରିବା ଆବଶ୍ୟକ। ସେମାନେ ଯେଉଁ ରିପୋର୍ଟ ଦେବେ ସେହି ଅନୁଯାୟୀ କାର୍ଯ୍ୟକାରୀ ହେବା ଜରୁରୀ ବୋଲି ବାହିନୀପତି କହିଛନ୍ତି।

GOVERNMENT OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI
E-mail: ruralworksdivisioniimalkangiri@yahoo.in
INVITATION FOR BIDS
NATIONAL COMPETITIVE BIDDING

Bid Identification No. RWDEE_MKG_II_ONLINE_08/2021-22

No. O-1284: The Superintending Engineeer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade/Class registered with Central Government/MES/Railways according to the norm of "e" Procurement system in Online mode for the works detailed in the table below on turnkey basis.

1. Name of the work : Building works
2. No. of works : 19 Nos.
3. Estiamted Cost : Rs.0.89 lakhs to Rs.4.42
4. Tender Paper Cost : Rs.400/-, Rs.600/- and Rs.2000/-
5. Class of Contactor :

| Estimated Cost upto Rs.20.00 lakhs | Estimated Cost more than Rs.20.00 lakhs & within Rs.40.00 lakhs | Estimated Cost more than Rs.40.00 lakhs & within Rs.300.00 lakhs |
|---|---|---|
| 'D' & 'C' | 'C' | 'B' & 'A' |

6. Period of Completion : 01 (One) and 03 (Three) Calendar Months
7. Critical Dates :

| Procurement Officer | Bid Identification No. | Availability of Tender Online for Bidding | | Last date of Seeking tender clarification | Date of opening of Technical Bid |
|---|---|---|---|---|---|
| | | From | To | | |
| Superintending Engineer, Rural Works Division-II, Malkangiri | RWDEE_MKG-II_ ONLINE_08 of 2021-22 | 14.12.2021 at 11.00 A.M. | 23.12.2021 upto 05.30 P.M. | 22.12.2021 | 24.12.2021 at 11.00 A.M. |

- Further details can be seen in the bidding documents, which is available in the procurement portal **https://www.tendersorissa.gov.in**.
- Subsequent corrigendum if requied shall be appeared in the website.
- Authority reserves the right to reject any or all tenders without assigning any reason thereof.

**Sd./- Superintending Engineer, Rural Works Division-II, Malkangiri**
**OIPR-25079/11/0005/2122**

> ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ। କାରଣ, ଭଗବାନ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି। ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ- ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା। -ଶ୍ରୀମା



# ଆମ୍ବ ସ୍ୱାଦ ବରକୋଳିରେ ନାହିଁ

ଡିସେମ୍ବର ୧୨ ସକାଳୁ ଖବର ମିଳିଲା ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଟୁଇଟର ଆକାଉଣ୍ଟ ହ୍ୟାକ୍ ହୋଇଛି। ସେହି ହ୍ୟାକ୍‌ର ଦୁଷ୍ଟ ଲେଖା ଦର୍ଶାଇଲା ଯେ, ସତେ ଯେମିତି ପ୍ରଧାନମନ୍ତ୍ରୀ ମୋଦି ତାଙ୍କର ବ୍ୟକ୍ତିଗତ ଟୁଇଟର ହ୍ୟାଣ୍ଡ୍‌ଲରେ ଘୋଷଣା କରିଛନ୍ତି, 'ଭାରତ ସରକାରୀ ଭାବେ ବିଟ୍‌କଏନ୍‌କୁ ଲିଗାଲ ଟେଣ୍ଡର ଭାବେ ପ୍ରଚଳନ କରିଛି। ସରକାର ୫୦୦ ବିଟ୍‌କଏନ୍ କିଣି ଦେଶବାସୀଙ୍କ ମଧ୍ୟରେ ବାଣ୍ଟୁଛନ୍ତି। ଜଲ୍‌ଦି କର!
ଭବିଷ୍ୟତ ଆଜି ଆସିଗଲାଣି।'

ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟଙ୍କ ଟୁଇଟର ହ୍ୟାଣ୍ଡଲ୍‌ରୁ କୁହାଗଲା, ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିଗତ ଟୁଇଟର ଆକାଉଣ୍ଟ ଏବେ ସୁରକ୍ଷିତ କରିଦିଆଯାଇଛି। ଏଥିରୁ ବୁଝିବାକୁ ହେବ ଯେ, ଟୁଇଟର କମ୍ପାନୀର ସହାୟତା ଲୋଡ଼ାଯାଇ ମୋଦିଙ୍କ ବ୍ୟକ୍ତିଗତ ହ୍ୟାଣ୍ଡ୍‌ଲକୁ କେହି ଜଣେ ଦୁର୍ବୃତ୍ତ (ହ୍ୟାକର) ଦୁଷ୍ଟାମି କରି ଏକ ପିଲାଳିଆ ବାର୍ତ୍ତା ପକାଇଛନ୍ତି। ଏଠାରେ ପିଲାଳିଆମି ଏଇଥିପାଇଁ କୁହାଯିବ, କାରଣ ସେହି ହ୍ୟାକର ଇଚ୍ଛା କରିଥିଲେ ଏକ ଭୟାବହ ସ୍ଥିତି ସୃଷ୍ଟି କରିଦେଇଥାଆନ୍ତେ। ଉଦାହରଣ ସ୍ୱରୂପ, ଚାଇନା ସହ ଯୁଦ୍ଧ ଘୋଷଣା ଭଳି ଆପତ୍ତିଜନକ ବାର୍ତ୍ତା ଲେଖି ଦିଆଯାଇପାରିଥାଆନ୍ତା। ଏଥିରୁ ପ୍ରମାଣିତ ହେଉଛି ଯେ, କେହି ଜଣେ ହ୍ୟାକର ଏଭଳି ପଦକ୍ଷେପ ନେଇପାରିଲେ ତାହା ଦେଶର ସୁରକ୍ଷାକୁ ବିପଦରେ ପକାଇପାରେ। କୌତୂହଳ କଥା ହେଲା, ନିକଟରେ ଭାରତୀୟ ବଂଶୋଦ୍ଭବ ପରାଗ ଅଗ୍ରୱାଲ ଟୁଇଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପଦରେ ଅବସ୍ଥାପିତ ହୋଇଛନ୍ତି। ପୂର୍ବରୁ ପରାଗ ସେହି କମ୍ପାନୀର ଚିଫ୍ ଟେକ୍‌ନିକାଲ ଅଫିସର ବା ମୁଖ୍ୟ ବୈଷୟିକ ଅଧିକାରୀ (ସିଟିଓ) ଭାବେ କାର୍ଯ୍ୟ କରିଆସୁଥିଲେ। ଶୁଣିବାକୁ ମିଳୁଥିଲା ଯେ, ଟୁଇଟର ସିଇଓ ପରାଗଙ୍କ ଆଗମନ ଯୋଗୁ ଟୁଇଟର ଅଧିକ ସୁରକ୍ଷିତ ହୋଇଯିବ। ତେବେ ଏହି ସମୟରେ ମୋଦିଙ୍କ ଟୁଇଟର ଆକାଉଣ୍ଟ ହ୍ୟାକ୍ ହେବା ଦେଶ ପାଇଁ ଚିନ୍ତାର ବିଷୟ। ତେବେ ୫୦୦ ବିଟ୍‌କଏନ୍‌ର ଅର୍ଥ ଅନେକ ହଜାର କୋଟି ଟଙ୍କା। ଏହି ବାର୍ତ୍ତା ମାଧ୍ୟମରେ ମୋଦିଙ୍କ କଳାଧନ ଫେରାଇ ଆଣିବାର ପ୍ରତିଶ୍ରୁତି, ଯାହା ଦ୍ୱାରା ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୫ ଲକ୍ଷ ଟଙ୍କା ଆସିବା ସମ୍ପର୍କରେ ମନେପକାଇ ଦିଆଯାଇଛି।

ଏଠାରେ ଅନ୍ୟ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଉଲ୍ଲେଖ କରିବା ଉଚିତ ମନେକରୁଛୁ। ନିକଟ ଅତୀତକୁ ଦେଖିଲେ, ପ୍ରଧାନମନ୍ତ୍ରୀ ଏବଂ ଅନ୍ୟ ଉଚ୍ଚ ଦାୟିତ୍ୱରେ ଥିବା ବ୍ୟକ୍ତିମାନେ ସାମ୍ବାଦିକ ସମ୍ମିଳନୀ କରୁନାହାନ୍ତି। ପୂର୍ବରୁ ସବୁବେଳେ ମୁହାଁମୁହିଁ ପ୍ରଶ୍ନ-ଉତ୍ତର ଦିଆନିଆ ହେବା ଫଳରେ ଅନେକ ତଥ୍ୟ ସମ୍ପର୍କରେ ଦେଶବାସୀ ସ୍ପଷ୍ଟ ଜାଣିପାରୁଥିଲେ। ଏବେ ସେଭଳି କୌଣସି ସାମ୍ବାଦିକ ସମ୍ମିଳନୀ ହେଉ ନ ଥିବାରୁ ଟୁଇଟର ଭଳି ସୋସିଆଲ ମିଡିଆ ହୋଇଯାଇଛି ଏକତରଫା ବାର୍ତ୍ତା ଦେବାର ମାଧ୍ୟମ। ଏବେ ବାର୍ତ୍ତାଳାପ ବୋଇଲେ କିଛି ନାହିଁ। ସେଥିଯୋଗୁ ହ୍ୟାକିଂ ଦ୍ୱାରା ଅତ୍ୟଧିକ କ୍ଷତି ଘଟିବା ସମ୍ଭାବନା ବୃଦ୍ଧି ପାଉଛି।

ଭାରତ ପ୍ରଯୁକ୍ତିବିଦ୍ୟାରେ ବହୁତ ଆଗେଇପାରିଛି ବୋଲି ଦାବି କରାଯାଉଛି। ଏହାର ସର୍ବାଧିକ ଲାଭ ଏହି ଦେଶର ସରକାର ଉଠାଉଥିବେ ବୋଲି ବିଶ୍ୱାସ କରିବା ସ୍ୱାଭାବିକ। ବାସ୍ତବ କ୍ଷେତ୍ରରେ ଅନ୍‌ଲାଇନ୍ କାର୍ଯ୍ୟ କେବେହେଲେ ଅତ୍ୟଧିକ ମାତ୍ରାରେ ସୁରକ୍ଷିତ ରହିପାରିବ ନାହିଁ। ଇସ୍ରାଏଲ ଦ୍ୱାରା ନିର୍ମିତ ପେଗାସସ୍ ଗୋଇନ୍ଦା ସଫ୍ଟୱେର ଏକ ବ୍ୟବସାୟିକ ଧନ୍ଦା ଭାବେ ପରିଚିତ ହୋଇଗଲାଣି। ଭାରତ ସରକାର ମଧ୍ୟ ଏହି କମ୍ପାନୀ ସାହାଯ୍ୟରେ ନିଜ ନାଗରିକଙ୍କ ଉପରେ କଡ଼ା ନଜର ରଖୁଥିବା କଥା ଜଣାପଡ଼ିଛି। ପେଗାସସ୍‌ର ମୁଖ୍ୟ କାର୍ଯ୍ୟ ହେଲା ପ୍ରତ୍ୟେକ ନାଗରିକର ବ୍ୟକ୍ତିଗତ ତଥ୍ୟ ଯୋଗାଡ଼ କରିବା। ସେଥିନିମନ୍ତେ ସବୁ ପାସ୍‌ୱାର୍ଡ ଏବଂ ଡିଜିଟାଲ ବିଶ୍ୱରେ ପ୍ରତ୍ୟେକ କାର୍ଯ୍ୟ ଉପରେ ନଜର ରଖିବା। ଏହିଭଳି କାର୍ଯ୍ୟ ଫେସ୍‌ବୁକ୍, ଗୁଗଲ ଓ ଆପଲ୍ ଭଳି ବିଖ୍ୟାତ କମ୍ପାନୀ ସହ ଅନେକ ଅଜଣା ସଂସ୍ଥା ମଧ୍ୟ କରୁଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, କୌଣସି ଅନ୍‌ଲାଇନ୍ ବା ଇଣ୍ଟରନେଟ୍ ଉପରେ ଆଧାରିତ କାର୍ଯ୍ୟ କେବେହେଲେ ସମ୍ପୂର୍ଣ୍ଣ ଗୋପନୀୟ ରହିପାରିବ ନାହିଁ। ପେଗାସସ୍ ଆହୁରି ମଧ୍ୟ ପ୍ରମାଣ କରୁଛି ଯେ, କେବଳ ସରକାରୀ ପୋଲିସ ନୁହେଁ, ଘରୋଇ ସଂସ୍ଥାଗୁଡ଼ିକ ମଧ୍ୟ ସାଧାରଣ ନାଗରିକଙ୍କ ସବୁ ତଥ୍ୟ ନେବାକୁ ଆଗ୍ରହୀ। ଏଭଳି ବାତାବରଣରେ ଆଜିର ଭାରତ ସରକାର ସବୁବେଳେ କହିଆସୁଛନ୍ତି ଯେ, ଭବିଷ୍ୟତ ପାଇଁ ଭାରତ ଡିଜିଟାଲମୁହାଁ ହେବା ଦରକାର। ବାରମ୍ବାର କୁହାଯାଉଛି ଯେ, ନାଗରିକର ଟିକସ (ପାନ୍) କାର୍ଡକୁ ଆଧାର କାର୍ଡ ସଙ୍ଗେ ସଂଯୋଗ କର। ଆଧାରକୁ ବ୍ୟାଙ୍କ୍ ଆକାଉଣ୍ଟ ସହ ସଂଯୋଗ କର। ରନ୍ଧନ ଗ୍ୟାସ୍ କିଣିବାକୁ ହେଲେ ତାହାକୁ ମଧ୍ୟ ଆଧାର ସହିତ ସଂଯୋଗ କର। ଏହାକୁ ଏତେ ଦୂରକୁ ଟାଣି ନିଆଯାଉଛି ଯେ, ପିଲାଙ୍କ ପଢ଼ା ଲାଗି ନାମଲେଖା ସମୟରୁ ଆଧାର ନମ୍ବର ଦେବାକୁ ବାଧ୍ୟ କରାଯାଉଛି। କେବଳ ବାଧ୍ୟ କରାଯାଉ ନାହିଁ, ପ୍ରତ୍ୟେକ ଦିନ ଧମକପୂର୍ଣ୍ଣ ବାର୍ତ୍ତା ପଠାଇ ସମଗ୍ର ଜୀବନକୁ ଆଧାର ସହିତ ଯୋଡ଼ି ଦେବା ସକାଶେ ପ୍ରୟାସ ଚାଲିଛି। ଏହାର ବିପଦ ଅଧିକାଂଶ ଭାରତୀୟ ବୁଝିବାକୁ ନାରାଜ। ଯେଉଁମାନେ ବୁଝୁଛନ୍ତି, ସେମାନେ ରାଜନୈତିକ ଚିନ୍ତାଧାରା ଯୋଗୁ ଏହି ତ୍ରୁଟିକୁ ସମର୍ଥନ କରୁଛନ୍ତି। ମଝିରେ ଦିନାକାତେ ଟୁଇଟର ଏବଂ ଫେସ୍‌ବୁକ୍ ଭଳି କମ୍ପାନୀ ଉପରେ ଭାରତ ସରକାର ଚାପ ପକାଇ କହୁଥିଲା ଯେ, ପ୍ରତ୍ୟେକ ସୋସିଆଲ ମିଡିଆ ବ୍ୟବହାରକାରୀର ଆକାଉଣ୍ଟ ଖୋଲିବା ପାଇଁ ଆଧାର ସଂଯୋଗ ବାଧ୍ୟତାମୂଳକ କରାଯାଉ। ଏହି ଚାପର ବଶବର୍ତ୍ତୀ ହେବା ପରିବର୍ତ୍ତେ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ତାହାକୁ ପ୍ରତ୍ୟାଖ୍ୟାନ କରିଦେଲେ। ମନେପଡ଼େ ଟୁଇଟରର ଦିଲ୍ଲୀସ୍ଥିତ କାର୍ଯ୍ୟାଳୟ ଉପରେ ପୋଲିସ ଚଢ଼ାଉ କରି କେନ୍ଦ୍ର ସରକାରର କୋପ ଦର୍ଶାଇବା ଘଟଣା। ସେହି ଚଢ଼ାଉର କୌଣସି ଫଳ ମିଳିଥିବା ବିଷୟ ଆଜି ପର୍ଯ୍ୟନ୍ତ ସରକାର ଘୋଷଣା କରିନାହାନ୍ତି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ଅଫିସ ଟୁଇଟରରୁ ଜଣାପଡ଼ିଛି ଯେ, ଭାରତ ସରକାର ସେହି ଟୁଇଟର କମ୍ପାନୀର ଦ୍ୱାରସ୍ଥ ହୋଇ ମୋଦିଙ୍କ ବ୍ୟକ୍ତିଗତ ଆକାଉଣ୍ଟ ହ୍ୟାକିଂ ବିଷୟରେ ଗୁହାରି କରିଛନ୍ତି। ଅବଶ୍ୟ ସରକାରୀ ପ୍ରୋତ୍ସାହନରେ ଭାରତର ଟୁଇଟରର ପ୍ରତିରୂପ ଭାବେ ଏକ ଭିନ୍ନ କମ୍ପାନୀକୁ ବଢ଼ାଇବାକୁ ଚେଷ୍ଟା କରାଯାଇଛି। କିନ୍ତୁ ଆମ୍ବର ସ୍ୱାଦ କେବେହେଲେ ବରକୋଳିରେ ମିଳିବ ନାହିଁ।

# ଅର୍ଥନୀତିରେ ମିଥେନ



ଡ. ଚିତ୍ତରଂଜନ ମିଶ୍ର

ସମସ୍ତ ଜୀବିତ ପ୍ରାଣୀଙ୍କ ମଧ୍ୟରେ ଅଙ୍ଗାରକ ଓ ଉଦଜାନ ମୌଳିକ ଉପାଦାନ ରହିଛି । ସେମାନଙ୍କ ଶରୀର ମୃତ୍ୟୁ ପରେ ଅବକ୍ଷୟ ହେବା ଆରମ୍ଭ କରିଦେଇଥାଏ। ଯଦି ପରିବେଶରେ ଅମ୍ଳଜାନ ଉପଲବ୍ଧ ହୋଇଥାଏ ତେବେ ଅଙ୍ଗାରକ ଅଙ୍ଗାରକାମ୍ଳକୁ ଓ ଉଦଜାନ ଜଳକୁ ରୂପାନ୍ତରିତ ହୋଇଥାଏ। ଯଦି ପରିବେଶରେ ଅମ୍ଳଜାନ ଉପଲବ୍ଧ ହୋଇ ନ ଥାଏ ସେହି ଅଙ୍ଗାରକ ମିଥେନକୁ ରୂପାନ୍ତରିତ ହୋଇଥାଏ। ଅଙ୍ଗାରକାମ୍ଳ ତୁଳନାରେ ମିଥେନ ଅଧିକ ବିଶ୍ୱତାପନ ସୃଷ୍ଟି କରିଥାଏ। ମିଥେନ ଅଣୁଗୁଡ଼ିକ ମଧ୍ୟରେ କମ୍ପନ ଅଙ୍ଗାରକାମ୍ଳ ଅଣୁ ଅପେକ୍ଷା ଅଧିକ ହୋଇଥାଏ। ତେଣୁ ମିଥେନ ଅଙ୍ଗାରକାମ୍ଳ ତୁଳନାରେ ୨୮ରୁ ୮୦ଗୁଣ ଅଧିକ ଉତ୍ତାପକୁ ବାନ୍ଧି ରଖିବାରେ ସକ୍ଷମ ହୋଇଥାଏ ଏବଂ ଅଧିକ ତାପନ ସୃଷ୍ଟି କରିଥାଏ। ନଭେମ୍ବର ୧୨ରେ ସମାପ୍ତ ହୋଇଥିବା ଗ୍ଲାସଗୋ କୋପ୍ -୨୬ ବିଶ୍ୱ ଜଳବାୟୁ ସମ୍ମିଳନୀରେ ପ୍ରାୟ ୧୦୦ଟି ରାଷ୍ଟ୍ର ମିଥେନ ବାଷ୍ପର ନିର୍ଗମନକୁ ସୀମିତ ରଖିବା ପାଇଁ ସହମତି ପ୍ରକାଶ କରିଛନ୍ତି; ଯଦ୍ୱାରା ମିଥେନ ବାଷ୍ପଜନିତ ବିଶ୍ୱତାପନରେ ହ୍ରାସ ଘଟିପାରିବ।

କୃଷି ଓ ପଶୁପାଳନରୁ ବହୁଳ ପରିମାଣର ମିଥେନ ବାଷ୍ପ ନିର୍ଗତ ହୋଇଥାଏ। ଧାନ କ୍ଷେତଗୁଡ଼ିକ ବର୍ଷା ଓ ବନ୍ୟାରେ ଜଳପ୍ଳାବିତ ହୋଇଯାଇଥାଏ। ତେଣୁ ଜଳରେ ଥିବା ଅମ୍ଳଜାନ ପରିମାଣରେ ଦ୍ରୁତ ହ୍ରାସ ଘଟିଥାଏ। ତେଣୁ ଜଳମଗ୍ନ ହୋଇଥିବା ଧାନଗଛର ପତ୍ର ଓ ଅନ୍ୟାନ୍ୟ ପଦାର୍ଥଗୁଡ଼ିକ ପଚିବାକୁ ଆରମ୍ଭ କରିଥାଏ ଓ ତହିଁରୁ ମିଥେନ ବାଷ୍ପ ନିର୍ଗମନ ହୋଇଥାଏ। ପାଚନ ଓ ଗୋବରର କିଣ୍ୱନ ପ୍ରକ୍ରିୟାରେ ପଶୁଧନମାନଙ୍କ ଦ୍ୱାରା ମଧ୍ୟ ମିଥେନ ନିର୍ଗମନ ହୋଇଥାଏ। ବଡ଼ ବଡ଼ ଜଳବିଦ୍ୟୁତ୍ ପ୍ରକଳ୍ପର ଜଳଭଣ୍ଡାର ମଧ୍ୟକୁ ପ୍ରବାହିତ ହୋଇ ଯାଉଥିବା ପତ୍ର, ଗଛର ଛୋଟ ଛୋଟ ଡାଳ, ଶାଖା ପ୍ରଶାଖା, ପଶୁ ଆଦିର ମୃତ ଶରୀର ଇତ୍ୟାଦି ତଳକୁ ବସିଯାଇଥାଏ ଏବଂ ସେ ସବୁ ପଚି ଦୁର୍ଗନ୍ଧ ହେବା ସହ ମିଥେନ ନିର୍ଗମନ କରିଥାଏ। ନ୍ୟାଶନାଲ ଏନ୍‌ଭାଇରନମେଣ୍ଟାଲ ଇଞ୍ଜିନିୟରିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ତେହେରୀ ଜଳଭଣ୍ଡାରରୁ ପ୍ରଚୁର ପରିମାଣରେ ମିଥେନ ନିର୍ଗତ ହୁଏ। ଭାରତ କୋପ୍-୨୬ ମିଥେନ ରାଜିନାମାରେ ହସ୍ତାକ୍ଷର କରିନାହିଁ। ଭାରତର ଯୁକ୍ତି ହେଲା ରାଷ୍ଟ୍ରର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଆମକୁ କୃଷି, ପଶୁପାଳନ ଓ ଜଳବିଦ୍ୟୁତ ଉତ୍ପାଦନ ଉପରେ ଗଭୀର ଭାବେ ନିର୍ଭର କରିବାକୁ ପଡ଼ିବ।

ପରନ୍ତୁ ମିଥେନ ବାଷ୍ପର ନିର୍ଗମନରେ ହ୍ରାସ ଘଟାଇବା ସହ ଅର୍ଥନୈତିକ ଅଭିବୃଦ୍ଧି ଯେ ସମାନ୍ତରାଳ ଭାବେ ସମ୍ଭବ ଏହା ଭାରତ ସାବ୍ୟସ୍ତ କରି ଦେଖାଇ ଦେଇପାରିବ। ୟୁନାଇଟେଡ୍ ନେସନ୍ସ ଏନ୍‌ଭାଇରନମେଣ୍ଟ ପ୍ରୋଗ୍ରାମ କୁହେ , ମିଥେନ ବାଷ୍ପ ନିର୍ଗମନର ଅର୍ଦ୍ଧେକ ଉପାୟ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଉପକାରୀ ହେବ । ଉଦାହରଣ ସ୍ୱରୂପ ଧାନ କ୍ଷେତକୁ ଅବିଚ୍ଛିନ୍ନ ଭାବରେ ଜଳପ୍ଳାବିତ ନ କରି ମଝିରେ ମଝିରେ ଜଳପ୍ଳାବିତ କରାଯାଇପାରେ। ସ୍ୱଳ୍ପ ଶୁଖିଲା ସମୟ କିଣ୍ୱନକୁ ହ୍ରାସ କରିବ ଏବଂ ନୂଆ ଜଳ ଅମ୍ଳଜାନ ଆଣିବ। ଫସଲ ଉତ୍ପାଦନର ପରିମାଣ ପ୍ରଭାବିତ ହେବ ନାହିଁ ଏବଂ ଜଳର ସଞ୍ଚୟ ସହ ମିଥେନ ବାଷ୍ପର ନିର୍ଗମନରେ ମଧ୍ୟ ହ୍ରାସ ଘଟିବ । ଦ୍ୱିତୀୟ ଉଦାହରଣଟି ହେଉଛି ପଶୁପାଳନ କ୍ଷେତ୍ରରୁ। ଗବେଷଣାରୁ ଜଣାପଡ଼ିଛି ଯେ, ବଳଦମାନେ ତୁଳନାତ୍ମକ ଭାବେ ଗାଈଙ୍କ ଅପେକ୍ଷା ଅଧିକ ମିଥେନ ବାଷ୍ପ ନିର୍ଗମନ କରିଥାନ୍ତି। ଆମେ ଏହା ସତ ବୋଲି ଧରିନେବା ଯେ ବିଭିନ୍ନ ପ୍ରଜାତିର ଗାଈ ବିଭିନ୍ନ ସ୍ତରର ମିଥେନ ବାଷ୍ପ ମଧ୍ୟ ନିର୍ଗମନ କରିବେ। ଯେଉଁ ପ୍ରଜାତିର ଗାଈ ଅପେକ୍ଷାକୃତ କମ୍ ପରିମାଣର ମିଥେନ ବାଷ୍ପ ନିର୍ଗମନ କରିଥାନ୍ତି ଆମେ ସେହି ପ୍ରଜାତିର ଗୋପାଳନକୁ ପ୍ରୋତ୍ସାହନ ଦେବା, ଯଦ୍ୱାରା ମିଥେନ ବାଷ୍ପର ନିର୍ଗମନ ପରିମାଣ ନିଶ୍ଚିତ ଭାବେ ହ୍ରାସ ଘଟିବ।

ପ୍ରାୟ ଦୁଇ ଦଶନ୍ଧି ପୂର୍ବରୁ ସାରା ଦେଶରେ ଏକାଧିକ ଗୋବର ଗ୍ୟାସ୍ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଉଥିଲା। ଗୋବରର ପାଚନ ପ୍ରକ୍ରିୟା ସମୟରେ ନିର୍ଗମନ ହେଉଥିବା ମିଥେନ ବାଷ୍ପକୁ ସଂଗୃହୀତ କରି ଷ୍ଟୋଭରେ ଜାଳେଣି ଭାବେ ବ୍ୟବହୃତ ହେଉଥିଲା। ଏହି ଦହନ ଦ୍ୱାରା ମିଥେନଠାରୁ ଅପେକ୍ଷାକୃତ କମ୍ ମାରାତ୍ମକ ଅଙ୍ଗାରକାମ୍ଳ ବାଷ୍ପକୁ ଏହା ରୂପାନ୍ତରିତ ହେଉଥିଲା। ଏଲ.ପି.ଜି. ଶସ୍ତାରେ ଉପଲବ୍ଧ ହେବା ଦିନଠାରୁ ଗୋବର ଗ୍ୟାସ୍ ପ୍ଲାଣ୍ଟର ବିନାଶ ହୋଇଗଲା। ସଂପ୍ରତି ଗୋବରର ପାଚନ ପ୍ରକ୍ରିୟା ସମୟରେ ଉତ୍ପନ୍ନ ହେଉଥିବା ମିଥେନ ବାଷ୍ପ ବାୟୁମଣ୍ଡଳକୁ ଚାଲିଯାଉଛି। ଆମେ ମିଥେନ ବାଷ୍ପର ନିର୍ଗମନକୁ ହ୍ରାସ କରିବା ସହ ଅର୍ଥନୈତିକ ସମୃଦ୍ଧି ମଧ୍ୟ ହାସଲ କରିପାରିବା, ଯଦି ଗୋବର ଗ୍ୟାସ ପ୍ଲାଣ୍ଟକୁ ପୁଣି ପ୍ରୋତ୍ସାହିତ କରାଯାଇପାରିବ। ଆମକୁ ମଧ୍ୟ ନିରାମିଷ ଖାଦ୍ୟକୁ ପ୍ରୋତ୍ସାହିତ କରିବାକୁ ପଡ଼ିବ। କାରଣ ଫିଡଷ୍ଟକ ବା କଞ୍ଚାମାଲରୁ ମାଂସର ପ୍ରସ୍ତୁତି ପ୍ରକ୍ରିୟାରେ ଅଧିକ ମିଥେନ ବାଷ୍ପର ନିର୍ଗମନ ହୋଇଥାଏ।

ସରକାର ଆନ୍ଧ୍ରର ପୋଲାଭରମ୍ ଓ ଉତ୍ତରାଖଣ୍ଡର ଲାଖୱାର ଭ୍ୟାସିଠାରେ ବିଶାଳ ଜଳ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା କରୁଛନ୍ତି। ଏହି ପ୍ରକଳ୍ପରୁ ଉତ୍ପାଦିତ ବିଦ୍ୟୁତ୍ ଶକ୍ତି ୟୁନିଟ ପିଛା ୮ଟଙ୍କା ଅବା ତଦୂର୍ଦ୍ଧ୍ୱ ମୂଲ୍ୟରେ ଉତ୍ପାଦିତ ହେବ। ଏହି ସବୁ ପ୍ରକଳ୍ପରୁ ମିଥେନ ବାଷ୍ପର ନିର୍ଗମନକୁ ପରିହାର କରାଯାଇପାରିବ ଏବଂ ୟୁନିଟ ପିଛା ୪ଟଙ୍କା ମୂଲ୍ୟରେ ବିଦ୍ୟୁତ୍ ଶକ୍ତି ଉପଲବ୍ଧ ହୋଇପାରିବ; ଯଦି ସେହି ଅର୍ଥକୁ ସୌର ଓ ପବନ ଶକ୍ତି ଉତ୍ପାଦନରେ ବିନିଯୋଗ କରାଯାଏ, ସରକାର ଏହି ବିକଳ୍ପକୁ ପ୍ରୋତ୍ସାହିତ କଲେ ଅଧିକ ଅର୍ଥନୈତିକ ଅଭିବୃଦ୍ଧି ସହ ମିଥେନ ନିର୍ଗମନ କମ୍ କରାଯାଇପାରିବ।

ଏ ସମସ୍ତ ନୀତିରେ ସଫଳ ରୂପାୟନ ପାଇଁ ସାଂପ୍ରତିକ 'ଟ୍ୟାକ୍ସ ପଲିସି ଫ୍ରେମୱାର୍କ'ରେ ପରିବର୍ତ୍ତନ କରିବାକୁ ପଡ଼ିବ। କୃଷକମାନଙ୍କୁ ଯୋଗାଇ ଦିଆଯାଇଥିବା ଜଳର ମୂଲ୍ୟରେ ନିଶ୍ଚିତ ଅଭିବୃଦ୍ଧି ଆଣିବାକୁ ପଡ଼ିବ ଏବଂ ଜଳର ପରିମାଣ ଅନୁଯାୟୀ ସେମାନଙ୍କୁ ଏହା କିଣିବାକୁ ପ୍ରୋତ୍ସାହିତ କରିବାକୁ ପଡ଼ିବ। ସଂପ୍ରତି ଅଧିକାଂଶ ଜଳସେଚନ କାର୍ଯ୍ୟକ୍ରମ କେତେ ଏରିଆ ଜଳସେଚିତ ହେଲା ତଦନୁଯାୟୀ ଟିକସ ନେଇଥାଆନ୍ତି ହେଲେ କେତେ ପରିମାଣର ଜଳ ବ୍ୟୟ ହେଲା ତା' ଉପରେ ନୁହେଁ। ସବୁ ପ୍ରକାର ମାଂସ ଉପରେ ଟିକସ ଲାଗୁ ହେବା ଦରକାର ; ଯଦ୍ୱାରା ନିରାମିଷାଶୀ ଖାଦ୍ୟକୁ ଆବଶ୍ୟକୀୟ ପ୍ରୋତ୍ସାହନ ମିଳିପାରିବ। ବିଶାଳ ଜଳବିଦ୍ୟୁତ୍ ପ୍ରକଳ୍ପକୁ କମାଇବା ଦରକାର କିମ୍ବା ଏଥିରେ ଅତିମାତ୍ରାରେ ଟିକସ ଲଗାଯିବା ଦରକାର; ଯଦ୍ୱାରା ସୌରଶକ୍ତି ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇପାରିବ।

ଏ ସମସ୍ତ ଟିକସ ବ୍ୟବସ୍ଥା ଚାଉଳ, ଏଲ.ପି.ଜି., ମାଂସ ଓ ଜଳ ବିଦ୍ୟୁତ୍ ମୂଲ୍ୟର ଅଭିବୃଦ୍ଧିରେ ନିଶ୍ଚିତ ସହାୟକ ହେବ। ଏ ସମସ୍ତ ଟିକସରୁ ମିଳୁଥିବା ରାଜସ୍ୱ 'ଡାଇରେକ୍ଟ କ୍ୟାଶ୍ ଟ୍ରାନ୍ସଫର' ବ୍ୟବସ୍ଥା ମାଧ୍ୟମରେ ସର୍ବସାଧାରଣ ଜନତାଙ୍କୁ ବିତରଣ କରାଯାଇପାରିବ। ଏହି ବ୍ୟବସ୍ଥା ପ୍ରଚଳନ ହେଲେ ଉପଭୋକ୍ତାମାନେ କୌଣସି ରୂପେ ଆଦୌ ପ୍ରଭାବିତ ହେବେ ନାହିଁ। ମିଥେନ ଟିକସ ବାବଦରେ ଉପଭୋକ୍ତାମାନଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଅତିରିକ୍ତ ଅର୍ଥ 'କ୍ୟାଶ୍ ଟ୍ରାନ୍ସଫର' ମାଧ୍ୟମରେ ସେମାନେ ଫେରି ପାଇବେ। ପାର୍ଥକ୍ୟ ଏହା ହେବ ଯେ ଯେଉଁ ଉପଭୋକ୍ତାମାନେ କେବଳ ଚାଉଳ ଓ ମାଂସ ଉପଯୋଗ କରିଥାନ୍ତି ସେମାନେ କ୍ଷତିଗ୍ରସ୍ତ ହେବେ। ଧରାଯାଉ ଧାନ କ୍ଷେତରେ ଜଳସେଚନ ପାଇଁ ବ୍ୟବହୃତ ହେଉଥିବା ଜଳ ଲାଗି ସରକାର ମିଥେନ ଟିକସ ବାବଦରେ ୧୦୦୦କୋଟି ଟଙ୍କା ସଂଗ୍ରହ କଲେ। ଏହି ଟଙ୍କା ଚାଉଳ ଉପରେ ନିର୍ଭର କରୁଥିବା ଦେଶର ୪୦କୋଟି ନାଗରିକଙ୍କ ଦ୍ୱାରା ମୁଣ୍ଡ ପିଛା ୨୫ଟଙ୍କା ହିସାବରେ ପ୍ରଦାନ କରାଯିବ। ତା'ପରେ ସରକାର ଏହି ୧୦୦୦କୋଟି ଟଙ୍କାକୁ ଆମ ଦେଶର ୧୩୫କୋଟି ଲୋକଙ୍କୁ ମୁଣ୍ଡ ପିଛା ୭ଟଙ୍କା ୪୦ପଇସା ହିସାବରେ 'କ୍ୟାଶ୍ ଟ୍ରାନ୍ସଫର' କରିବେ। ଫଳାଫଳ ହେବ ଯେ ଯେଉଁମାନେ ଚାଉଳ ଉପଭୋଗ କରିଥାନ୍ତି ସେମାନେ ମୁଣ୍ଡ ପିଛା ୨୫ ଟଙ୍କା ଦେଇ ୭ ଟଙ୍କା ୪୦ପଇସା ପାଇବେ। ଅପରପକ୍ଷରେ ଯେଉଁମାନେ ଚାଉଳ ଉପଭୋଗ କରି ନ ଥାନ୍ତି ସେମାନଙ୍କୁ କୌଣସି ପଇସା ଦେବାକୁ ପଡ଼ିବ ନାହିଁ ଏବଂ ଅପ୍ରତ୍ୟାଶିତ ଲାଭ ଭାବେ ମୁଣ୍ଡ ପିଛା ୭ଟଙ୍କା ୪୦ପଇସା ପାଇବେ। ଏହା ମିଥେନ ନିର୍ଗମନ କରୁଥିବା ଧାନ ବା ଚାଉଳ କ୍ଷେତ୍ରରୁ ଅନ୍ୟାନ୍ୟ ଫସଲ ଆଡ଼କୁ କୃଷକମାନଙ୍କୁ ପ୍ରୋତ୍ସାହିତ କରିବ।

ଠିକ୍ ସେହିପରି ଧରାଯାଉ ଯେ ସରକାର ଏଲ.ପି.ଜି.ରୁ ମିଥେନ ଟିକସ ବାବଦରେ ୧୦୦୦ କୋଟି ଟଙ୍କା ସଂଗ୍ରହ କଲେ। ଏହି ଟିକସକୁ ଏଲ.ପି.ଜି. ବ୍ୟବହାର କରୁଥିବା ଦେଶର ୪୦ କୋଟି ନାଗରିକ ପ୍ରଦାନ କରିବେ। ସେମାନଙ୍କୁ ମୁଣ୍ଡ ପିଛା ୨୫ଟଙ୍କା ଦେବାକୁ ପଡ଼ିବ। ତା'ପରେ ସରକାର ଦେଶର ୧୩୫ କୋଟି ନାଗରିକଙ୍କୁ ମୁଣ୍ଡ ପିଛା ୭ଟଙ୍କା ୪୦ ପଇସା 'କ୍ୟାଶ୍ ଟ୍ରାନ୍ସଫର' କରିବେ। ଫଳାଫଳ ଏହା ହେବ ଯେ ଯେଉଁମାନେ ଏଲ.ପି.ଜି. ବ୍ୟବହାର କରନ୍ତି ସେମାନଙ୍କୁ ଅଧିକ ଅର୍ଥ ଦେବାକୁ ପଡ଼ିବ, ଅପରପକ୍ଷରେ ଯେଉଁମାନେ ଗୋବର ଗ୍ୟାସ ବ୍ୟବହାର କରିବେ ସେମାନେ ମୁଣ୍ଡ ପିଛା ୭ଟଙ୍କା ୪୦ ପଇସା ପାଇବେ। ଗୋବର ଗ୍ୟାସ୍ ବ୍ୟବହାର କରୁଥିବା କାରଣରୁ ସେମାନେ କ୍ଷତିରେ ପଡ଼ିବେ ନାହିଁ କାରଣ ମିଥେନ ଟିକସ କାରଣରୁ ଏଲ.ପି.ଜି. ଗ୍ୟାସ୍‌ର ଦାମ୍‌ରେ ନିଶ୍ଚିତ ବୃଦ୍ଧି ଘଟିଥାନ୍ତା।

ଲୋକଙ୍କ କଲ୍ୟାଣରେ ବାଧା ସୃଷ୍ଟି ନ କରି ଏବଂ ଅର୍ଥନୈତିକ ସମୃଦ୍ଧିକୁ ପ୍ରୋତ୍ସାହିତ କରି ଆମେ ଏଭଳି ନିମ୍ନ ମିଥେନ ଅର୍ଥ ବ୍ୟବସ୍ଥା ଆଡ଼କୁ ଅଗ୍ରସର ହୋଇପାରିବା। କିନ୍ତୁ ମିଥେନ ଟିକସ 'କ୍ୟାଶ୍ ଟ୍ରାନ୍ସଫର' କ୍ଷେତ୍ରରେ ସୁବିନିଯୋଗ ଦରକାର, ତା'ନୁହେଁ କି ସରକାରୀ କର୍ମଚାରୀମାନଙ୍କ ଅଭିବର୍ଦ୍ଧିତ ଦରମା କିମ୍ବା ଅନ୍ୟାନ୍ୟ ସରକାରୀ ବ୍ୟୟ କ୍ଷେତ୍ରରେ ଏହା ବିନିଯୋଗ ହେବ।

ବି-୩, ଏଚ.ଆଇ.ଜି. କଲୋନୀ
ବରମୁଣ୍ଡା, ଭୁବନେଶ୍ୱର,
ମୋ-୯୩୩୮୨୦୪୯୯୩

# ଶିଶୁ ମାନସିକ ସ୍ୱାସ୍ଥ୍ୟର ଯତ୍ନ



ରାଜୀବ କର୍ମୀ

ଶିଶୁମାନଙ୍କ ମାନସିକ ସ୍ୱାସ୍ଥ୍ୟ ମୁଖ୍ୟତଃ ଆବେଗିକ, ଭାବନାଗତ, ବିକାଶଗତ, ସାମାଜିକ ଦକ୍ଷତା ହାସଲ ଏବଂ ଅସୁବିଧା ସମୟରେ ଧୈର୍ଯ୍ୟର ସହ ସାମ୍ନା କରିବା ଉପରେ ପର୍ଯ୍ୟବସିତ। ମାନସିକ ଭାବରେ ସୁସ୍ଥ ଶିଶୁମାନେ ସକାରାତ୍ମକ ଜୀବନ ଶୈଳୀ ସହିତ ପରିବାର ଏବଂ ସମାଜରେ ଭଲ ପ୍ରଦର୍ଶନ କରିଥାନ୍ତି। ମାନସିକ ଅସୁସ୍ଥ ଶିଶୁର ଶିଖିବାର ଶୈଳୀ, ପରିସ୍ଥିତି, ଅନୁକୂଳ ବ୍ୟବହାର ଏବଂ ଆବେଗ ନିୟନ୍ତ୍ରଣରେ ଗୁରୁତର ପରିବର୍ତ୍ତନ ଦେଖାଦେଇଥାଏ। ଅନେକ ଶିଶୁ ବେଳେବେଳେ ଭୟ ଏବଂ ଚିନ୍ତାଗ୍ରସ୍ତ ହୋଇଥାନ୍ତି; ଯେଉଁଥିପାଇଁ ସେମାନେ ନକାରାତ୍ମକ ବ୍ୟବହାର କରିଥାନ୍ତି। ଯଦି ଘରେ, ବିଦ୍ୟାଳୟରେ ଏବଂ ଖେଳକୁଦ କରୁଥିବା ସ୍ଥାନରେ ଏହି ଲକ୍ଷଣଗୁଡ଼ିକ ଗୁରୁତର ଭାବରେ ଦେଖାଯାଉଛି ତେବେ ଶିଶୁର ମାନସିକ ସ୍ତରରେ କିଛି ଅସୁବିଧା ଥିବାର ସମ୍ଭାବନା ଥାଇପାରେ। ମାନସିକ ସ୍ୱାସ୍ଥ୍ୟ କେବଳ ମାନସିକ ରୋଗର ଅନୁପସ୍ଥିତି ନୁହେଁ। କିଛି ଶିଶୁମାନେ ମାନସିକ ସ୍ୱାସ୍ଥ୍ୟ ଠିକ୍ ଥିଲେ ବି ବେଳେବେଳେ ତାଙ୍କର ବ୍ୟବହାରରେ ପରିବର୍ତ୍ତନ ଆସିଥାଏ ଏବଂ ମାନସିକ ସ୍ୱାସ୍ଥ୍ୟର ଅସୁବିଧା ଥିଲେ ଜୀବନକୁ ମୁକାବିଲା କରିବାର ଦକ୍ଷତା ଏବଂ ଦୁର୍ବଳତାରେ ଭିନ୍ନତା ଆସିଥାଏ। ତେଣୁ ମାନସିକ ସ୍ୱାସ୍ଥ୍ୟର ସ୍ତରକୁ ଚିହ୍ନିବା ଏବଂ ବୁଝିବା ଅତ୍ୟଧିକ ଗୁରୁତ୍ୱ ବହନ କରେ।

ଶୈଶବରେ ମୁଖ୍ୟତଃ ଏ.ଡି.ଏଚ୍.ଡି. ଚିନ୍ତା, ଭୟ ଏବଂ ବ୍ୟବହାରିକ ବ୍ୟତିକ୍ରମ ଭଳି ଅସୁବିଧା ସହିତ ନିଜର ଆବେଗକୁ ନିୟନ୍ତ୍ରଣ, ଶିକ୍ଷଣ ଏବଂ ବିକାଶର ଅକ୍ଷମତା, ଅଟିଜମ୍ ଏବଂ ବେଳେବେଳେ ବିପଦପୂର୍ଣ୍ଣ ବ୍ୟବହାର ଯେପରି କି ନିଶାଦ୍ରବ୍ୟ ସେବନ ଏବଂ ନିଜକୁ କ୍ଷତି ପହଞ୍ଚାଇବା ଭଳି କେତେକ ମାନସିକ ଅସୁସ୍ଥତା ଦେଖାଦେଇଥାଏ। ଏହି ଲକ୍ଷଣ ଆଦ୍ୟ ଶୈଶବ, ସ୍କୁଲ ବୟସରେ, କିଶୋରାବସ୍ଥାରେ ଜଣାପଡ଼ିଥାଏ ଏବଂ କେତେକ ପିଲାଙ୍କ କ୍ଷେତ୍ରରେ ଏହା ବାହାରକୁ ଜଣାପଡ଼ି ନଥାଏ। ପିଲାର ବୟସ ବଢ଼ିବା ସଙ୍ଗେସଙ୍ଗେ ଲକ୍ଷଣରେ ପରିବର୍ତ୍ତନ ଆସିଥାଏ। ଯେପରି କି ଖେଳିବା ସମୟରେ ଅସୁବିଧା, ଶିଖିବାରେ ଅସୁବିଧା, କହିବାରେ ଅସୁବିଧା ଏବଂ ନିଜର ଆବେଗକୁ ନିୟନ୍ତ୍ରଣରେ ରଖିବାରେ ଅସୁବିଧା ଦେଖାଦେଇଥାଏ। ମାନସିକ ଅସୁସ୍ଥତା ବେଳେବେଳେ ଅତ୍ୟଧିକ ଗୁରୁତର ହୋଇଥାଏ, ଏପରି କି ଏହା ଜୀବନସାରା ମଧ୍ୟ ରହି ଶିଶୁର ଶାରୀରିକ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନ ଜୀବିକାରେ ବାଧା ସୃଷ୍ଟି କରିଥାଏ। ଆଦ୍ୟ ଚିହ୍ନଟ ଏବଂ ଉପଚାର ବିନା ଏହା ଘରେ, ବିଦ୍ୟାଳୟରେ ଏବଂ ସମାଜରେ ଅସୁବିଧା ସୃଷ୍ଟି କରିଥାଏ ; ଯାହା କି ଶିଶୁର ବିକାଶରେ ବାଧା ଉପୁଜେ ଏବଂ ପରବର୍ତ୍ତୀ ସମୟରେ ଏହାର ପ୍ରଭାବ ପଡ଼ିଥାଏ।

ସାମ୍ପ୍ରତିକ ଆକଳନ ଅନୁସାରେ ପୃଥିବୀର ୭ ଜଣରୁ ଜଣେ ୧୦ରୁ ୧୯ ବର୍ଷର ଶିଶୁ ଏବଂ କିଶୋର ମାନସିକ ଅସୁସ୍ଥତାର ଲକ୍ଷଣ ଦେଖାଇଥାନ୍ତି; ଯେଉଁଥିରୁ ଦକ୍ଷିଣ ଏସିଆରୁ ଭାଗ ଅଧିକ। ଭାରତରେ ଶିଶୁମାନଙ୍କର ମାନସିକ ସ୍ୱାସ୍ଥ୍ୟକୁ ବେଶି ଗୁରୁତ୍ୱ ଦିଆଯାଏ ନାହିଁ। ତେଣୁ ଅନେକ ଅସୁସ୍ଥତାର ଚିହ୍ନଟ ଏବଂ ଚିକିତ୍ସା ହୋଇପାରେ ନାହିଁ। ଇଣ୍ଡିଆନ ଜର୍ନାଲ ଅଫ୍ ସାଇକିଆଟ୍ରିକ୍ ଅନୁସାରେ ଭାରତରେ ପାଞ୍ଚ କୋଟି ଶିଶୁ ମାନସିକ ଅସୁସ୍ଥତାର ଶିକାର ହୋଇଛନ୍ତି। ଯେଉଁମାନଙ୍କ ଭିତରୁ ୮୦ରୁ ୯୦ ଭାଗ ଚିକିତ୍ସା ଏବଂ ଅନ୍ୟାନ୍ୟ ସହାୟତା ପାଇପାରୁ ନାହାନ୍ତି। ଯାହାର ଏକ ବଡ଼ କାରଣ ହେଉଛି ମାନସିକ ସ୍ୱାସ୍ଥ୍ୟର ଆବଶ୍ୟକତା ଏବଂ ସରକାରୀ ଅର୍ଥ ବ୍ୟବସ୍ଥାରେ ଏକ ବଡ଼ ଅନ୍ତର। ଏହି ଜର୍ନାଲ ଅନୁସାରେ ଭାରତ ତା'ର ବାର୍ଷିକ ବଜେଟ୍‌ର କେବଳ ୦.୫ ଭାଗ ମାନସିକ ସ୍ୱାସ୍ଥ୍ୟର ବିକାଶରେ ଖର୍ଚ୍ଚ କରିଥାଏ।

ଶିଶୁର ମାନସିକ ଅସୁସ୍ଥତାର କାରଣଗୁଡ଼ିକ ମଧ୍ୟରେ ଶିଶୁର ପାରିବାରିକ ପରିବେଶ, ଲାଳନ ପାଳନ, ବିଦ୍ୟାଳୟର ବାତାବରଣ, ସମ୍ପର୍କର ଗୁଣବତ୍ତା, ବିଭିନ୍ନ ଶୋଷଣ ଏବଂ ଅବହେଳା, ବିଭେଦତା, ଦାରିଦ୍ର୍ୟ, ବିପର୍ଯ୍ୟୟ ଏବଂ ସ୍ୱାସ୍ଥ୍ୟଗତ ଅସୁବିଧା ଯେପରି କି କୋଭିଡ୍ ଇତ୍ୟାଦି। ଏହି ସମସ୍ୟାକୁ ପ୍ରତିହତ କରିବାକୁ ହେଲେ ଉପରୋକ୍ତ ବିଷୟକୁ ପ୍ରାଧାନ୍ୟ ଦେବା ଜରୁରୀ। ସାମ୍ପ୍ରତିକ ଚିକିତ୍ସା ବିଜ୍ଞାନରେ ଅନେକ ନୂଆ ପଦ୍ଧତି ଅବଲମ୍ବନ କରି ଉପଚାର କରୁଥିବାର ନଜିର ରହିଛି; ଯେଉଁଥିରେ ମାତାପିତା, ଅଭିଭାବକ, ପଡ଼ୋଶୀ, ସାଙ୍ଗସାଥୀ ଏବଂ ଶିକ୍ଷକଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଭିଜ୍ଞ ବ୍ୟକ୍ତି ଏବଂ ଆବଶ୍ୟକ ସ୍ଥଳେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଜରୁରୀ । କିନ୍ତୁ ସବୁଠାରୁ ମୂଳ ହେଉଛି ଅସୁସ୍ଥତାର ଆଦ୍ୟ ଚିହ୍ନଟ ଏବଂ ଚିକିତ୍ସା।

ଶିଶୁର ମାନସିକ ସ୍ୱାସ୍ଥ୍ୟରେ ପରିବର୍ତ୍ତନକୁ ମା'ବାପା ଚିହ୍ନିବା ଜରୁରୀ। ଯେପରି ପିଲା ଘରେ ବ୍ୟବହାରରେ ବ୍ୟତିକ୍ରମ, ବିଦ୍ୟାଳୟରେ ଏବଂ ସାଙ୍ଗସାଥୀଙ୍କ ସହ ବ୍ୟବହାରରେ ପରିବର୍ତ୍ତନ ଏବଂ ତାକୁ ନିୟନ୍ତ୍ରଣ କରିବା ଏବଂ ଉପଯୁକ୍ତ ସମୟରେ ଉପଯୁକ୍ତ ସେବା ସହଯୋଗ ନେବା ଜରୁରୀ । ଯଦି ପିଲାଟି ଛୋଟ ଛୋଟ କଥାରେ ରାଗୁଛି, ଭୟ କରୁଛି, ଚିନ୍ତାରେ ରହୁଛି ତେବେ ତା'ର କାରଣ ଖୋଜିବା, କଥାହେବା ଏବଂ ଅସୁବିଧା ବିଷୟରେ ବିନା ସଂକୋଚରେ ପ୍ରକାଶ ପାଇଁ ଉତ୍ସାହିତ କରିବାକୁ ମା' ବାପାମାନେ ଧ୍ୟାନଦେବା ଆବଶ୍ୟକ। ମା'ବାପାଙ୍କ ଛଡ଼ା ଶିଶୁର ମାନସିକ ସ୍ୱାସ୍ଥ୍ୟକୁ ବୁଝିବାରେ ବିଦ୍ୟାଳୟ ଶିକ୍ଷକଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ବିଦ୍ୟାଳୟରେ ଶିଶୁର ବ୍ୟବହାରରେ ପରିବର୍ତ୍ତନକୁ ଶିକ୍ଷକ ହିଁ ଶୀଘ୍ର ଚିହ୍ନିପାରନ୍ତି। ଏହି ପରିବର୍ତ୍ତନ ବିଷୟରେ ଶିଶୁର ସାଙ୍ଗସାଥୀଙ୍କ ସହ କଥା ହେବା, ମାତା ପିତାଙ୍କ ସହ କଥା ହେବା ଏବଂ ଅଭିଜ୍ଞ ବ୍ୟକ୍ତିଙ୍କ ପରାମର୍ଶ ନେବାର ଦାୟିତ୍ୱ ଶିକ୍ଷକଙ୍କର ରହିଛି। ଅନେକ କ୍ଷେତ୍ରରେ ଶିଶୁର ମାନସିକ ଅସୁସ୍ଥତାକୁ ନିୟନ୍ତ୍ରଣ କରିବା ଏବଂ ଏହାକୁ ପରିଚାଳନା କରିବାକୁ ଶିଶୁକୁ ସହାୟତା କରିବା ପାଇଁ ମନସ୍ତାତ୍ତ୍ୱିକ ଚିକିତ୍ସା ଜରୁରୀ ହୋଇପଡ଼େ ; ଯା' ଫଳରେ ସେ ଘରେ, ବିଦ୍ୟାଳୟରେ ଏବଂ ସମାଜରେ ଭଲ କରିପାରିବ। ଏହି ମନସ୍ତାତ୍ତ୍ୱିକ ଚିକିତ୍ସା ସମୟରେ ମାତା ପିତାଙ୍କ ସହିତ ପରିବାରର ଅନ୍ୟ ସଦସ୍ୟ ଏବଂ ବିଦ୍ୟାଳୟର ଶିକ୍ଷକ ମାନଙ୍କୁ ସାମିଲ୍ କରିବା ଜରୁରୀ।

ଶିଶୁର ସକାରାତ୍ମକ ବ୍ୟବହାରରେ ଉନ୍ନତି ଏବଂ ନକାରାତ୍ମକ ବ୍ୟବହାରକୁ କିପରି କମ୍ କରାଯାଇ ପାରିବ ତାହା ପରିବାର, ବିଦ୍ୟାଳୟ ଏବଂ ଶିଶୁକୁ ଶିଖାଇ ଥାଏ। କଗ୍ନିଟିଭ୍ ବ୍ୟବହାର ଚିକିତ୍ସା ଶିଶୁର ଭାବନା ଏବଂ ଆବେଗକୁ ପରିବର୍ତ୍ତନ କରିଥାଏ ; ଯାହା କି ଶିଶୁର ବ୍ୟବହାରରେ ନକାରାତ୍ମକ ପରିବର୍ତ୍ତନ ଆଣିଥାଏ। ମନୋଚିକିତ୍ସକ ଶିଶୁର ଭାବନା ଏବଂ ଅନୁଭବ ବିଷୟରେ ସଚେତନ ପାଇଁ ସାହାଯ୍ୟ କରିଥାଏ। ଯେଉଁ ଭାବନା ଏବଂ ଆବେଗ ଶିଶୁକୁ ଅସୁବିଧାରେ ପକାଇଥାଏ, ତାକୁ ଚିହ୍ନଟ କରି ପରିବର୍ତ୍ତନ କରିବାରେ ଶିଶୁକୁ ସାହାଯ୍ୟ କରିଥାଏ। ଅନେକ ସମୟରେ କଗ୍ନିଟିଭ୍ ଚିକିତ୍ସା ଏବଂ ବ୍ୟବହାର ଚିକିତ୍ସା ଶିଶୁର ଏ.ଡି.ଏଚ୍. ଡି., ବ୍ୟବହାର ଅସୁସ୍ଥତା, ଚିନ୍ତା, ଅବସାଦ ଇତ୍ୟାଦି ଅସୁବିଧାକୁ ଦୂର କରିବାରେ ସହାୟତା କରିଥାଏ। ଅନ୍ୟାନ୍ୟ ଚିକିତ୍ସା ଯେପରି କି ପରିବାରର ଅନ୍ୟାନ୍ୟ ସଦସ୍ୟମାନଙ୍କୁ ପରାମର୍ଶ ମାଧ୍ୟମରେ ପରସ୍ପର କଥୋପକଥନ ଦକ୍ଷତା ଏବଂ ଆଲୋଚନା ମାଧ୍ୟମରେ ଦ୍ୱନ୍ଦ୍ୱକୁ ଦୂର କରିବା, ଅବସାଦ କ୍ଷେତ୍ରରେ ଶିଶୁର ପାରସ୍ପରିକ ମନୋଚିକିତ୍ସା ସହାୟତା କରିଥାଏ। ଏହାସହିତ ବେଳେ ବେଳେ ଶିଶୁର ଅନ୍ୟାନ୍ୟ ସ୍ୱାସ୍ଥ୍ୟାବସ୍ଥା ଯେପରି କି ନିଦ୍ରାହୀନତା, ଶ୍ୱାସ ନେବାରେ କଷ୍ଟ, ସ୍ୱଳ୍ପ ଦୃଷ୍ଟି, ଶ୍ରବଣରେ ଅସୁବିଧା, ଶିଖିବାରେ ଅସୁବିଧା ମଧ୍ୟ ଆବେଗଜନିତ ଅସୁବିଧା ଦେଖାଦେଇଥାଏ। ତେଣୁ ଶିଶୁର ମାନସିକ ଅସୁବିଧାକୁ ସତର୍କତାର ସହ ଚିହ୍ନି ପଦକ୍ଷେପ ନେବା ଜରୁରୀ।

ଶଗଡ଼ା, ବୌଦ୍ଧ, ମୋ:୮୩୨୮୮୪୮୧୪୫

## ଏଇ ଭାରତରେ

ପିଲାଦିନରୁ ଚାଷ ପ୍ରତି ଆଗ୍ରହ ରଖିଥିବା କେରଳର ଜଣେ ଚାଷୀ ଏବେ ୧୭୦ କିସମର କଦଳୀ ଚାଷ କରି ଉଦାହରଣ ସୃଷ୍ଟି କରିଛନ୍ତି। ୱାଏନାଡ଼୍‌ର ଏହି କୃଷକ ଜଣକ ହେଉଛନ୍ତି ଏନ୍.କେ. ନିଶାନ୍ତ। ୨ ଏକର ଜମିରେ ନିଶାନ୍ତ ଏହି ଚାଷ କରୁଛନ୍ତି। ୱାଏନାଡର ଦୁଇଟି ସ୍ଥାନ ମାନାଥାଉଡି ଓ ନିରଭିଲ୍‌ପୁଝାରେ ତାଙ୍କ ଜମି ରହିଛି। ସାରା ଦେଶରେ ସେ ୧୫ ବର୍ଷ ଧରି ୧୭୦ କିସମର କଦଳୀ ସଂଗ୍ରହ କରିପାରିଛନ୍ତି ଓ ପ୍ରତ୍ୟେକଟି କିସମର ଚାଷ କରି ବେଶ୍ ଉତ୍ପାଦନ କରୁଛନ୍ତି। ବଡ଼ କଥା ହେଉଛି, ନିଶାନ୍ତ ଏମ୍ପ୍ଲଏମେଣ୍ଟ ଏକ୍ସଚେଞ୍ଜରେ ଜଣେ କିରାଣୀ ଭାବେ କାର୍ଯ୍ୟକରିବା ସହ ସେଥିରୁ ସମୟ ବାହାର କରି ଏଭଳି ସଫଳତା ସାଉଁଟି ପାରିଛନ୍ତି। ସେ ଏହି ଚାଷ ପାଇଁ କଦଳୀ ଗଛ ସଂଗ୍ରହଠାରୁ ଆରମ୍ଭ କରି ଚାଷ, ଉତ୍ପାଦନ ଓ ମାର୍କେଟିଂ ସବୁ କରୁଛନ୍ତି ବୋଲି କହନ୍ତି ୪୭ ବର୍ଷୀୟ ନିଶାନ୍ତ। ସେ କଦଳୀ ଚାଷ ସହ ଗୋଲମରିଚ, କଫି ଚାଷ ମଧ୍ୟ କରନ୍ତି। ଦେଶର ବିଭିନ୍ନ ସ୍ଥାନରୁ ଭିନ୍ନ ଭିନ୍ନ କିସମର କଦଳୀ ଗଛ ସଂଗ୍ରହ କରିବା ଲାଗି 'ଭାଖାଗ୍ରାମମ୍' ଫେସ୍‌ବୁକ୍ ଗ୍ରୁପ୍ ଆରମ୍ଭ କରିଛନ୍ତି ଯାହା ମାଧ୍ୟମରେ ଅନେକ କିସମର କଦଳୀ ସିଡ୍ ସଂଗ୍ରହ କରୁଛନ୍ତି। ଭାରତୀୟ ଡାକ ଦ୍ୱାରା ଲୋକେ ସିଡ୍‌କୁ ତାଙ୍କ ପାଖକୁ ପଠାଉଛନ୍ତି। ତାଙ୍କ ଫାର୍ମର କଳା ରଙ୍ଗର କଦଳୀ ଗଛ ଅତି ଆକର୍ଷଣୀୟ। ସବୁଠୁ କମ୍ ଉଚ୍ଚତା ବିଶିଷ୍ଟ ୩.୫ ଫୁଟ କଦଳୀ ଗଛ ମଧ୍ୟ ତାଙ୍କ ଫାର୍ମରେ ଶୋଭା ପାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଡିସେମ୍ବର ୧୯୯୬

- ଗଙ୍ଗାନଦୀ ଜଳ ବଣ୍ଟନ ନେଇ ଭାରତ ଓ ବାଂଲାଦେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଐତିହାସିକ ଚୁକ୍ତି ସ୍ୱାକ୍ଷରିତ।
- ଆଠଟି ରାଜ୍ୟର ତଫସିଲଭୁକ୍ତ ଅଞ୍ଚଳରେ ପଞ୍ଚାୟତ ନିର୍ବାଚନ ପାଇଁ ଅନୁମତି ଦେବାଲାଗି ଆଗତ ପଞ୍ଚାୟତ ବିଲ୍ ରାଜ୍ୟ ସଭାରେ ଗୃହୀତ।

## ଚିରନ୍ତନୀ

ତିଆଗି ଯିବି ସବୁ ତୁମରି ଲାଗି ସଖି
ତୁମରି ପଦେ ମୋର ଜୀବନ ପୂଜା ରଖି
ଜାଣେ ଗୋ ଜାଣେ ସହି
ଆଦର ସଦା ବହି
ତୋଳିବ ଧୂଳିତଳୁଁ
ପରମ ପ୍ରୀତି ବଳୁଁ।
-(ଆଶ୍ୱାସନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 8 | 2 | | | | | |
| | | 6 | 3 | | | 5 | | |
| | | 7 | 5 | | | | 9 | 3 |
| | | | 9 | 6 | | | | 7 |
| 2 | 8 | | | 3 | | 1 | | |
| | 7 | | | | | | | |
| | 9 | 2 | | | | 8 | | |
| 1 | | | | | | 9 | | |
| | | 4 | | | 2 | 7 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 9 | 7 | 3 | 6 | 5 | 4 | 2 |
| 2 | 4 | 7 | 9 | 5 | 8 | 3 | 6 | 1 |
| 5 | 3 | 6 | 1 | 4 | 2 | 7 | 9 | 8 |
| 6 | 8 | 5 | 2 | 9 | 7 | 4 | 1 | 3 |
| 7 | 9 | 4 | 3 | 1 | 5 | 2 | 8 | 6 |
| 1 | 2 | 3 | 6 | 8 | 4 | 9 | 5 | 7 |
| 3 | 5 | 8 | 4 | 7 | 1 | 6 | 2 | 9 |
| 9 | 6 | 1 | 5 | 2 | 3 | 8 | 7 | 4 |
| 4 | 7 | 2 | 8 | 6 | 9 | 1 | 3 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାତ୍ରି ପାଟ୍ରୋଲିଂ କଡ଼ାକଡ଼ି ଜରୁରୀ

ମହାଶୟ,

ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। କିନ୍ତୁ ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂ ପର୍ଯ୍ୟାପ୍ତ ହେଉନାହିଁ କହିଲେ ଚଳେ। ଫଳରେ ଚୋରି ଡକାୟତି ସାଙ୍ଗକୁ ରାହାଜାନି ଏବଂ ନାରୀମାନଙ୍କ ପ୍ରତି ଅତ୍ୟାଚାର ବଢ଼ିଚାଲିଛି। ସ୍ଥାନୀୟ ଜୟଦୁର୍ଗା ନଗରରେ ଜନୈକ ମହିଳାଙ୍କ ପ୍ରତି ଘଟିଥିବା ଘଟଣା ଏକ ଜ୍ୱଳନ୍ତ ଉଦାହରଣ। ରାଜଧାନୀରେ ଏହିପରି ବହୁତ ଘଟଣା ଘଟିଯାଉଥିଲେ ମଧ୍ୟ ପୋଲିସ ନୀରବଦ୍ରଷ୍ଟା। ଡିସିପି ମହାଶୟଙ୍କୁ ଅନୁରୋଧ ରାତ୍ରି ପାଟ୍ରୋଲିଂକୁ କଡ଼ାକଡ଼ି ପାଳନ କରାଯାଉ।

– ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜମାକାରୀ ସୁରକ୍ଷିତ ରହିଲେ ବ୍ୟାଙ୍କ ବଞ୍ଚିପାରିବ



■୨୭ ବର୍ଷ ପରେ ଜମାକାରୀମାନେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଜମା ଉପରେ ବୀମା ଗ୍ୟାରେଣ୍ଟି ପାଇଛନ୍ତି

■ବ୍ୟାଙ୍କ ବୁଡ଼ିଲେ ଜମାକାରୀଙ୍କୁ ୯୦ ଦିନ ମଧ୍ୟରେ ମିଳିବ ଜମାଅର୍ଥ

ନୂଆଦିଲ୍ଲୀ, ୧୨।୧୨

ବ୍ୟାଙ୍କଗୁଡ଼ିକୁ ବଞ୍ଚାଇବା ପାଇଁ ଆମକୁ ଜମାକାରୀଙ୍କୁ ସୁରକ୍ଷା ଦେବାକୁ ପଡ଼ିବ। ଏହା କରିବା ଦ୍ୱାରା ଆମେ ବ୍ୟାଙ୍କ ସହିତ ଜମାକାରୀଙ୍କୁ ମଧ୍ୟ ସୁରକ୍ଷିତ ରଖିପାରିବା। ଦେଶର ସମୃଦ୍ଧିରେ ବ୍ୟାଙ୍କଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ତେଣୁ ବ୍ୟାଙ୍କର ସମୃଦ୍ଧିକୁ ନିଶ୍ଚିତ କରିବା ପାଇଁ ଜମାକାରୀଙ୍କ ଟଙ୍କାକୁ ସୁରକ୍ଷିତ ରଖିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। 'ଜମାକାରୀ ପ୍ରଥମେ: ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସମୟବଦ୍ଧ ଜମାରାଶି ବୀମା ଦେୟର ଗ୍ୟାରେଣ୍ଟି' ଶୀର୍ଷକ କାର୍ଯ୍ୟକ୍ରମରେ ଯୋଗଦେଇ ମୋଦି ଏହା କହିଛନ୍ତି।

ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ ହୋଇଛି। ପ୍ରଥମଟି ହେଲା ୨୭ ବର୍ଷ ବ୍ୟବଧାନ ପରେ ଜମାକାରୀମାନେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଜମା ଉପରେ ବୀମା ଗ୍ୟାରେଣ୍ଟି ପାଇଛନ୍ତି। ପୂର୍ବରୁ ଅର୍ଥାତ୍ ୧୯୯୩ରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମାରାଶି ଉପରେ ବୀମା କଭର ହେଉଥିଲା। ଉଲ୍ଲେଖଥାଉ କି, ଦେଶରେ ୬୦ ଦଶକରେ ବ୍ୟାଙ୍କ ଜମାକାରୀଙ୍କ ପାଇଁ ବୀମା ବ୍ୟବସ୍ଥା କରାଯାଇଥିଲା। ପ୍ରଥମେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଜମା ଉପରେ ବୀମା ଗ୍ୟାରେଣ୍ଟି ଥିଲା। ପରେ ତାହାକୁ ୧ଲକ୍ଷକୁ ବୃଦ୍ଧି କରାଯାଇଥିଲା। ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେଲା, ବ୍ୟାଙ୍କ ବୁଡ଼ିବା ସ୍ଥିତିରେ ମଧ୍ୟ ଜମାକାରୀଙ୍କୁ ୯୦ ଦିନ ମଧ୍ୟରେ ସେମାନଙ୍କ ଜମାଅର୍ଥ ଫେରସ୍ତ ମିଳିଯିବ। ପୂର୍ବରୁ ଅର୍ଥ ଫେରସ୍ତର କୌଣସି ସୀମା ନ ଥିଲା। ଏହି ଦୁଇ ବ୍ୟବସ୍ଥା ଉପରେ ଖୁସି ବ୍ୟକ୍ତ କରି ମୋଦି କହିଛନ୍ତି ଯେ, ଗତ କିଛିଦିନ ମଧ୍ୟରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଜମାକାରୀଙ୍କୁ ବର୍ଷ ବର୍ଷ ଧରି ଫସିରହିଥିବା ସେମାନଙ୍କ ଟଙ୍କା ଫେରସ୍ତ ମିଳିଛି। ଏହି ରାଶି ପ୍ରାୟ ୧୩୦୦ କୋଟି ଟଙ୍କା ହେବ। ଏଥିସହ ଆଉ ପ୍ରାୟ ୩ ଲକ୍ଷ ଜମାକାରୀଙ୍କୁ ବ୍ୟାଙ୍କଗୁଡ଼ିକରେ ଫସି ରହିଥିବା ସେମାନଙ୍କ ଟଙ୍କା ମିଳିବାକୁ ଯାଉଛି। ବ୍ୟାଙ୍କ ଜମାରାଶି ଉପରେ ବୀମା କଭର ୫ ଲକ୍ଷ ଟଙ୍କାକୁ ବୃଦ୍ଧି ପଦକ୍ଷେପ ୭୬ଲକ୍ଷ କୋଟି ଟଙ୍କାର ସଞ୍ଚୟକୁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷା କରିବ। ୯୮% ବ୍ୟାଙ୍କିଙ୍ଗ୍ ଆକାଉଣ୍ଟ ପାଇଁ ଏହି ବ୍ୟବସ୍ଥା ଲାଗୁ ହେବ। ଏଭଳି ବ୍ୟାପକ ବୀମା ବ୍ୟବସ୍ଥା ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ମଧ୍ୟ ନାହିଁ ବୋଲି ମୋଦି କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନ ଉପସ୍ଥିତ ଥିଲେ।

## ଉଚ୍ଚ ରିଟର୍ନ ସହ ବିପଦ ଜଡ଼ିତ ଥାଏ



ଅଧିକ ରିଟର୍ନ ଅର୍ଥ ଅଧିକ ବିପଦ। ଉଚ୍ଚ ରିଟର୍ନ ସହ ବିପଦ ଜଡ଼ିତ ଥାଏ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ରବିବାର ଜମାକାରୀଙ୍କୁ ଚେତେଇ ଦେଇଛନ୍ତି। ବ୍ୟାଙ୍କଗୁଡ଼ିକୁ ଦୃଢ଼ ଏବଂ ସ୍ଥିର ରଖିବା ଏକ ମିଳିତ ପ୍ରୟାସ। ଏଥିପାଇଁ ମ୍ୟାନେଜ୍‌ମେଣ୍ଟ, ବୋର୍ଡ ଏବଂ ବ୍ୟାଙ୍କ କମିଟିଗୁଡ଼ିକ ଉତ୍ତରଦାୟୀ ହେବା ଆବଶ୍ୟକ। କୋଭିଡ ମହାମାରୀ ସମୟରେ ଦେଶ ମିଳିତ ଭାବେ କାର୍ଯ୍ୟ କରିବାର ନିଦର୍ଶନ ଦେଖାଇଛି। ବିଶ୍ୱ ଅର୍ଥନୀତିର ଡ୍ରାଇଭର ସିଟ୍‌ରେ ବସିପାରିବା ଭଳି ମୁହୂର୍ତ୍ତ ଭାରତ ପାଇଁ ଆସିଛି। ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ସମସ୍ତ ପକ୍ଷ ଏକାଠି କାମ କଲେ ଏହା ସମ୍ଭବ ହେବ ବୋଲି ଦାସ କହିଛନ୍ତି।

## ହ୍ୟୁଣ୍ଡାଇର ସ୍ମାର୍ଟ କାର କେୟାର ସେବା



ଭୁବନେଶ୍ୱର,୧୨।୧୨

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ହ୍ୟୁଣ୍ଡାଇ ମୋଟର୍ସର ପ୍ରମୁଖ ଡିଲର ଉତ୍କଳ ହ୍ୟୁଣ୍ଡାଇ ପକ୍ଷରୁ ତା'ର ଅଗଣିତ ଗ୍ରାହକଙ୍କୁ ସ୍ମାର୍ଟ କାର୍ କେୟାର ସେବା (କ୍ଲିନିକ) ଯୋଗାଇବ ବୋଲି ଘୋଷଣା କରାଯାଇଛି। କମ୍ପାନୀର ପାହାଳସ୍ଥିତ ସର୍ଭିସ ସେଣ୍ଟର ପରିସରରେ ଉକ୍ତ କ୍ଲିନିକର ଶୁଭାରମ୍ଭ କରାଯାଇଛି। ଚଳିତ ମାସ ୧୧ରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି ସେବା ଉପଲବ୍ଧ ରହିବ ବୋଲି ଶୋ'ରୁମ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ କମ୍ପାନୀର ଗ୍ରାହକ ସେବା ଅଧିକାରୀ ପ୍ରଫୁଲ୍ଲ ସାହୁ କହିଛନ୍ତି, ହ୍ୟୁଣ୍ଡାଇର ପାହାଳ ସର୍ଭିସ ସେଣ୍ଟରରେ ଲେବର ଚାର୍ଜ ସାଙ୍ଗକୁ ପାର୍ଟସ ଏବଂ କାର୍ ସାନିଟାଇଜେଶନ ଭଳି ସେବା ଉପରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି।

## ମିସ୍‌ଡ କଲରେ ମିଳିବ ଗ୍ୟାସ

**ଭୁବନେଶ୍ୱର,୧୨।୧୨:** ବର୍ତ୍ତମାନ ଏଲ୍‌ପିଜି ସିଲିଣ୍ଡର ବୁକିଂ ପାଇଁ ଦେଶର ପ୍ରମୁଖ ଇନ୍ଧନ ବିପଣନ (ଗ୍ୟାସ୍) କମ୍ପାନୀ ବିଭିନ୍ନ ପ୍ରକାରର ସହଜ ସୁବିଧା ସେବା ଗ୍ରାହକଙ୍କ ପାଇଁ ଉପଲବ୍ଧ କରାଇଛନ୍ତି। କମ୍ପାନୀର କାରବାର ବୃଦ୍ଧି ପାଇଁ ଏଭଳି ନିଷ୍ପତ୍ତି ସହ ଗ୍ୟାସ୍ ସିଲିଣ୍ଡର ବୁକ୍ କରିବାକୁ ଗ୍ରାହକଙ୍କୁ କେବଳ ଏକ ମିସ୍‌ଡ କଲ୍ ଦେବାକୁ ପଡିବ। ଏଲ୍‌ପିଜି ସିଲିଣ୍ଡର ବୁକିଂ ଠିକଣାରେ ପହଞ୍ଚିଯିବ ବୋଲି କମ୍ପାନୀଗୁଡିକ ପକ୍ଷରୁ କୁହାଯାଇଛି।

**Marriage Wish**



ରଶ୍ମିତା ଓ ସୁଧାଂଶୁ
ଲକ୍ଷ୍ମୀବିହାର, ଭୁବନେଶ୍ୱର
ପଞ୍ଚଦଶତମ ବିବାହ ବାର୍ଷିକୀ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭ କାମନା। ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଭବିଷ୍ୟତ ଦାମ୍ପତ୍ୟ ଜୀବନ ଅଧିକ ସୁଖମୟ ଓ ମଧୁମୟ କରନ୍ତୁ।
ଶୁଭେଚ୍ଛା ସହ: ନନା, ବୋଉ, କାକା, ଖୁଡୀ, ଫୁପୁ ଭାଇନା, ଭାଉଜ, ମୋନା ଓ ଇଶୁ।
ଲକ୍ଷ୍ମୀସାଗର, କଟକ ରୋଡ୍, ଭୁବନେଶ୍ୱର
ଧ-୭୭୪୧୫

# ଓଡ଼ିଶା ଫାଷ୍ଟ ଫୋରମ୍‌ର ଶୁଭାରମ୍ଭ



ଭୁବନେଶ୍ୱର,୧୨।୧୨

ରାଜ୍ୟରେ ପ୍ରଥମ ଥର ପାଇଁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷମାନଙ୍କୁ ନେଇ 'ଓଡ଼ିଶା ଫାଷ୍ଟ ଫୋରମ'ର ଶୁଭାରମ୍ଭ କରାଯାଇଛି। ଫୋରମ୍‌ର ପ୍ରଥମ ବୈଠକ ନିକଟରେ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଭିସି ଜରିଆରେ ଯୋଗ ଦେଇ ଫୋରମ୍‌ର ପ୍ରଥମ ବୈଠକକୁ ଉଦଘାଟନ କରି କହିଥିଲେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଚ୍ଚମାନର ଶାସନ ସହ ଏକ ସ୍ଥିର ସରକାର ଯୋଗୁ ରାଜ୍ୟର ଅଭିବୃଦ୍ଧି ତଥା ବିକାଶ ହୋଇପାରିଛି। ସେହିଭଳି ରାଜ୍ୟର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ସହ ସର୍ବାଙ୍ଗୀନ ଉନ୍ନତିରେ ବେଦାନ୍ତ ନିଜର ସହଯୋଗ ଜାରି ରଖିବ ବୋଲି ଅନୀଲ କହିଥିଲେ। ସେହିପରି ଏଭଳି ଏକ ମହତ୍ କାର୍ଯ୍ୟରେ ସେ ତାଙ୍କ ପରିବାରର ୭୫% ସମ୍ପତ୍ତିକୁ ଦାନ କରିବାକୁ ପ୍ରତିଶ୍ରୁତି ଦେଉଛନ୍ତି ବୋଲି ଅଗ୍ରୱାଲ ମତବ୍ୟକ୍ତ କରିଛନ୍ତି। ଉକ୍ତ ବୈଠକରେ ପଦ୍ମବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାଶିଆ ସଭାପତିତ୍ୱ କରିଥିବାବେଳେ ବେଦାନ୍ତ ଓଡ଼ିଶାର ସଭାପତି ତଥା ନିର୍ଦ୍ଦେଶକ ତପନ ଚାନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ବେଦାନ୍ତର ସିଇଓ ରାହୁଲ ଶର୍ମା କମ୍ପାନୀର କାର୍ଯ୍ୟକଳାପ ଓ ଫୋରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ବୈଠକରେ ଫୋରମ୍‌ର ସମସ୍ତ ସଦସ୍ୟ ପଦ୍ମବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାଶିଆଙ୍କୁ ଚେୟାରମ୍ୟାନ ରହିବାକୁ ଅନୁରୋଧ କରିଥିଲେ। ସେହିଭଳି ଶିଳ୍ପ ଜଗତର ଖ୍ୟାତନାମା ପ୍ରବନ୍ଧକ ତଥା ନାଲ୍‌କୋର ପୂର୍ବତନ ଅଧ୍ୟକ୍ଷ ଓ ବେଦାନ୍ତ ଓଡ଼ିଶାର ସଭାପତି ତଥା ନିର୍ଦ୍ଦେଶକ ତପନ ଚାନ୍ଦଙ୍କୁ ଫୋରମ୍‌ର ସଂଯୋଜକ ପାଇଁ ଅନୁରୋଧ କରାଯାଇଥିଲା। ଫୋରମ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଓଡିଶାର ବହୁ ସୁନାମଧନ୍ୟ ବ୍ୟକ୍ତିବିଶେଷ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପରିଶେଷରେ ବେଦାନ୍ତର ଏଭଳି କାର୍ଯ୍ୟକ୍ରମ ସବୁ ମହଲରେ ପ୍ରଶଂସା କରାଯାଉଛି ବୋଲି ଫୋରମ ପକ୍ଷରୁ କୁହାଯାଇଥିଲା।

## ଜିଆଇଏମର ଆଗମନ-୨୦୨୧

ଭୁବନେଶ୍ୱର,୧୨।୧୨

ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟର ନବାଗତ ଏମ୍‌ବିଏ ଛାତ୍ରୀଛାତ୍ରମାନଙ୍କୁ ଅନୁଷ୍ଠାନର 'ଆଗମନ-୨୦୨୧' ମାଧ୍ୟମରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଇଛି। ଏଚଏମଡି ମୋବାଇଲ ଇଣ୍ଡିଆ (ନୋକିଆ)ର କ୍ଷେତ୍ରୀୟ ବ୍ୟବସାୟିକ ପରିଚାଳକ ମାନସ ସାହୁ, ମିଶନ ପସିବୁଲ୍‌ର ଡ. ଅଶୋକ ପଣ୍ଡା, ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟର ପରାମର୍ଶଦାତା ଡ. ପି.ସି. ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ସି.ଏ. ସଂଗ୍ରାମ କେଶରୀ ପଟ୍ଟନାଏକ ପିଲାମାନଙ୍କୁ ସଫଳ ବ୍ୟକ୍ତିଙ୍କର ନୀତି ଏବଂ ଆଦର୍ଶରେ ଅନୁପ୍ରାଣିତ ସହ ଶୃଙ୍ଖଳା ମାଧ୍ୟମରେ ସଫଳତା ମିଳିପାରିବ ବୋଲି ଉଦ୍‌ବୋଧନ ଦେଇଥିଲେ।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385
8637280816,
7894447167, 9338226625

FINANCE
ପର୍ସନାଲ, ବିଜ୍‌ନେସ୍, ପ୍ରପର୍ଟି, ଗୃହ, ଶିକ୍ଷା, କୃଷି, ଗାଈ, କୁକୁଡ଼ା ଓ ଛେଳି ପାଳନ ପାଇଁ ସମସ୍ତ ପ୍ରକାର LOAN 7 ଦିନ ମଧ୍ୟରେ ଯୋଗାଇ ଦିଆଯାଉଛି। ଘରେ ବସି ONLINE ମାଧ୍ୟମରେ, ସୁଧ ୨%।
Mob.- 7656825030
W.- 8280679121
B.D.F.C. FINANCE
BIJAPADA, BILASPUR, BARAGARH

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 8987604637
Whatsapp: 8902923601

କେମିତି ମଦ ଛାଡିବେ
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ୍, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ. ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ୍, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାକ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ. ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୁଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଫୁର୍‌ସତ୍

## ଅମିତାଭଙ୍କୁ ମାସକୁ ୧୦ ଲକ୍ଷ ଟଙ୍କା ଦେବେ କ୍ରୀତି




**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ କ୍ରୀତି ସାନନ ବିଗ୍-ବି ଅମିତାଭ ବଚ୍ଚନଙ୍କୁ ମାସକୁ ୧୦ ଲକ୍ଷ ଟଙ୍କା ଦେବେ। ଏହାର କାରଣ ଜାଣିବାକୁ ଆପଣଙ୍କ ମନରେ ନିଶ୍ଚିତ ପ୍ରଶ୍ନ ଉଠୁଥିବ। ତେବେ କ୍ରୀତି ଅମିତାଭଙ୍କୁ ମାଗଣାରେ ଏତେ ପରିମାଣର ଟଙ୍କା ଦେବେନି। ଅମିତାଭଙ୍କ ମୁମ୍ବାଇର ଅନ୍ଧେରୀସ୍ଥିତ ଡୁପ୍ଲେକ୍ସ ଆପାର୍ଟମେଣ୍ଟକୁ ଭଡ଼ା ନେଇଥିବାରୁ କ୍ରୀତି ତାଙ୍କୁ ମାସକୁ ୧୦ ଲକ୍ଷ ଟଙ୍କା ଭଡ଼ା ଆକାରରେ ଦେବେ। ବିଗ ବି'ଙ୍କର ଏହି ଡୁପ୍ଲେକ୍ସ ଆପାର୍ଟମେଣ୍ଟ ଆଲଟାଣ୍ଟିସ ବିଲ୍ଡିଂର ୨୭ ଏବଂ ୨୮ ମହଲାରେ ଅବସ୍ଥିତ। ଏଥିପାଇଁ କ୍ରୀତି ୬୦ ଲକ୍ଷ ଟଙ୍କା ସିକ୍ୟୁରିଟି ଜମା ଦେଇଛନ୍ତି। ଏହି ଅଭିନେତ୍ରୀ ଅମିତାଭଙ୍କ ଡୁପ୍ଲେକ୍ସ ଆପାର୍ଟମେଣ୍ଟକୁ ଦୁଇ ବର୍ଷ ପାଇଁ ଭଡ଼ାରେ ଦେଇଛନ୍ତି।

## ମୃତ ପିତାଙ୍କ ମୂର୍ତ୍ତି ସାମ୍ନାରେ ବିବାହ କଲେ ଝିଅ



**ଜଳଗାଁଓ:** ଝିଅମାନେ ବିଶ୍ୱରେ ସବୁଠାରୁ ଅଧିକ ତାଙ୍କ ପିତାଙ୍କୁ ହିଁ ଭଲ ପାଇଥାଆନ୍ତି। ଏହା ପ୍ରମାଣ କରି ଦେଖାଇଛନ୍ତି ମହାରାଷ୍ଟ୍ର ଜଳଗାଁଓର ଜଣେ ଝିଅ। କରୋନାରେ ପିତାଙ୍କ ଦେହାନ୍ତ ପରେ ଯୁବତୀ ଜଣକ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିଥିଲେ। ଏବେ ଏହି ପ୍ରତିମୂର୍ତ୍ତି ସାମ୍ନାରେ ସେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଜଳଗାଁଓ ଜିଲାର ପାଚୋରାରେ ପ୍ରିୟଙ୍କାଙ୍କ ବିବାହ ଏବେ ଚର୍ଚ୍ଚାର ବିଷୟ ହୋଇଛି । ସ୍ୱର୍ଗତ ପିତା ଭାଗବତ ପାଟିଲଙ୍କ ମୂର୍ତ୍ତି ସାମ୍ନାରେ ବିବାହ ସମୟରେ ଏମିତି ଲାଗୁଥିଲା ଯେମିତି ତାଙ୍କ ପିତା ସାମ୍ନାରେ ବସି ତାଙ୍କୁ ଆଶୀର୍ବାଦ ଦେଉଛନ୍ତି। ସେଥିପାଇଁ ବିବାହ ପୂର୍ବରୁ ସେ ପିତାଙ୍କ ମୂର୍ତ୍ତି ତିଆରି କରିଦେଇଥିଲେ ବୋଲି ପ୍ରିୟଙ୍କା କହିଛନ୍ତି। ତାଙ୍କ ବାପା ଜଣେ ସେନା ଯବାନ ଥିଲେ। କରୋନାରେ ତାଙ୍କର ମୃତ୍ୟୁ ହୋଇଥିଲା। ୪ ଭଉଣୀରେ ପ୍ରିୟଙ୍କା ୩ ନମ୍ବର।

## କାର୍ ଇଞ୍ଜିନ୍‌ରୁ ହେଲିକପ୍ଟର



ଭୋଲସୱାଗନ ବିଟଲ ଇଞ୍ଜିନରୁ ହେଲିକପ୍ଟର ପ୍ରସ୍ତୁତ କରାଯାଇଛି। ଏଥିରେ କାରର ଅବଶିଷ୍ଟ ଅଂଶକୁ ବ୍ୟବହାର କରାଯାଇଛି। ରାସ୍ତାରେ ଗଡ଼ିବା ପରେ ହେଲିକପ୍ଟରଟି ଆକାଶରେ ଉଡୁଥିବା ଦେଖି ଲୋକମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଏହି ଭିଡିଓକୁ ୭ଲକ୍ଷରୁ ଅଧିକ ଲୋକ ଦେଖିସାରିଲେଣି। ଏହା ସହିତ ଲୋକମାନେ ଏହି ଭିଡିଓରେ ସେମାନଙ୍କର ପ୍ରତିକ୍ରିୟା ମଧ୍ୟ ଦେଇଛନ୍ତି। ଭିଡିଓ ଦେଖିବା ପରେ ଜଣେ ୟୁଜର ଲେଖିଛନ୍ତି, ପ୍ରତିଭା ଥିଲେ ସୁଯୋଗକୁ ହାତଛଡ଼ା କରନ୍ତୁ ନାହିଁ। ଭିଡିଓଟି '@MendesOnca' ନାମକ ଆକାଉଣ୍ଟ ସହିତ ଶେୟାର କରାଯାଇଛି। ଏହା ସୋସିଆଲ ମିଡିଆରେ ଲୋକପ୍ରିୟ ହୋଇଛି।

ମନେ ପଡ଼ନ୍ତି

ପଞ୍ଚମ ଶ୍ରାଦ୍ଧବାର୍ଷିକୀ



୰ଭୋଳାନାଥ ସାହୁ
ଚିନ୍ତାମଣିଶ୍ୱର , ଭୁବନେଶ୍ୱର
ଆବିର୍ଭାବ-୦୭।୦୮।୧୯୪୧
ତିରୋଧାନ- ୦୯।୧୨।୨୦୧୬
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆଉ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:::ଶୋକସନ୍ତପ୍ତ:::-
ସ୍ତ୍ରୀ, ପୁଅ, ଝିଅ, ବୋହୂ, ନାତି, ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୨୫୧୨

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସଞ୍ଜୀବନୀ ପଟ୍ଟନାୟକ
ଚାନ୍ଦବାଲି, ଭଦ୍ରକ
ଆବିର୍ଭାବ: ୦୬।୦୧।୧୯୮୨
ତିରୋଧାନ: ୧୩।୧୨।୨୦୧୧
ନିତୁ, ଚାହୁଁ ଚାହୁଁ ଆଜକୁ ଦଶ ବର୍ଷ ହେଲା। ତୁ ଆମ ସମସ୍ତଙ୍କୁ ଛାଡ଼ି ଚାଲିଗଲୁ। ଆଜିବି ତୋ କଥା ସବୁବେଳେ ମନେ ପଡ଼େ। ତୁ ସବୁବେଳେ ଭଲରେ ଥାଆ।
-:ଶୋକସନ୍ତପ୍ତ:-
ପଟ୍ଟନାୟକ ଓ ସାମଲ ପରିବାରବର୍ଗ
ଧ-୨୨୫୩୧

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରଫୁଲ୍ଲ ଷଡ଼ଙ୍ଗୀ
ଟାଇଁସର, ମାଧପୁର, ଆଠମଲ୍ଲିକ, ଜିଲ୍ଲା: ଅନୁଗୁଳ
ଆବିର୍ଭାବ- ୧୫।୦୬।୧୯୫୮
ତିରୋଧାନ- ୦୩।୧୨।୨୦୨୧
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:::ଶୋକସନ୍ତପ୍ତ:::-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଷଡ଼ଙ୍ଗୀ ପରିବାରବର୍ଗ ।
ଧ-୨୨୫୩୨

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବିଷ୍ଣୁଚରଣ ବେହେରା
ଆବିର୍ଭାବ: ୨୨।୦୯।୧୯୪୧
ତିରୋଧାନ: ୨୪।୧୨।୨୦୨୦
(ମାର୍ଗଶିର ମାସ ଶୁକ୍ଳପକ୍ଷ ଦଶମୀ ତିଥି)
ତୁମର ଅନୁପସ୍ଥିତି ଆମେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଆମମାନଙ୍କର ଅଭୁଲା ସ୍ମୃତି ହୋଇ ରହିବ। ଆପଣଙ୍କର ଅମରଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ:- ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ପରିବାରବର୍ଗ ।
ଧ-୨୨୫୩୩

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରମିଳା ମହାନ୍ତି
ସ୍ୱାମୀ ୰କୃଷ୍ଣଚନ୍ଦ୍ର ମହାନ୍ତି
L.I.G-122, ବ୍ରିଟ୍ କଲୋନୀ, ନୟାପଲ୍ଲୀ, ଭୁବନେଶ୍ୱର-୧୨
ଆବିର୍ଭାବ ଦିବସ-୦୧।୦୧।୧୯୪୪
ତିରୋଧାନ ଦିବସ- ୦୩।୧୨।୨୦୨୧
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଆମର ପାଥେୟ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଭକ୍ତିପୂତ ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର: ରାଜେନ୍ଦ୍ର, ଜ୍ଞାନେନ୍ଦ୍ର, ପୁତ୍ରବଧୂ: ସସ୍ମିତା (ବୁଢ୍ଢୀ), କାବେରୀ, ନାତି, ନାତୁଣୀ: ମିଶୁ, ନିଲ୍, ହୋଲି, ଟୁଲୀ, ଝିଅ/ଜ୍ୱାଇଁ: ଡଲି, ସେଲି, ରବି, ରଞ୍ଜନ ଏବଂ ଅନ୍ୟମାନେ ।
ଧ-୨୨୫୩୦

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୩/୨୦୨୧ Bhubaneswar, Monday, December 13/ 2021

# ରାଜ୍ୟ ଭାରୋତ୍ତୋଳନ ଉଦ୍‌ଯାପିତ

ଭୁବନେଶ୍ୱର, ୧୨।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମ ପରିସରରେ ରାଜ୍ୟ ଭାରୋତ୍ତୋଳନ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଗଞ୍ଜାମ ଜିଲା ୧୩୦ ପଦକ ସହ ଚାମ୍ପିୟନ ଏବଂ ଖୋର୍ଦ୍ଧା ୧୦୮ ପଦକ

## ଗଞ୍ଜାମ ଚାମ୍ପିୟନ, ଖୋର୍ଦ୍ଧା ରନର୍ସଅପ୍

ପାଇ ରନର୍ସଅପ୍ ହୋଇଛି। ପ୍ରତିଯୋଗିତାରେ ମୋଟ ୩୦ଟି ନୂଆ ରେକର୍ଡ ସ୍ଥାପନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ଆର. ଭିନିଲ କ୍ରିଷ୍ଣା, ଯୁଗ୍ମ ଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନା, ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ନାରାୟଣ ସାହୁ, କ୍ରୀଡ଼ା ଓ ଯୁବସେବା ବିଭାଗ ଅନୁ ଶାସନ ସଚିବ ରାଜେନ୍ଦ୍ର ପ୍ରସାଦ ପାଣି ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ଅନ୍ୟ ଅଫିସର, କ୍ରୀଡ଼ା ବିଭାଗ ଏବଂ ହାଇ ପରଫର୍ମାନ୍ସ ସେଣ୍ଟରର କୋଚ୍‌ମାନେ, ଏବିଟିପି ଏବଂ କଳିଙ୍ଗ ଷ୍ଟାଡିୟମ କ୍ରୀଡ଼ା ବିଜ୍ଞାନ କେନ୍ଦ୍ରର ସଦସ୍ୟମାନେ ଉପସ୍ଥିତ ରହି ପ୍ରତିଯୋଗିତାର ସଫଳ ପରିଚାଳନାରେ ସହଯୋଗ କରିଥିଲେ।



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ଜମ୍ମୁ-କଶ୍ମୀରଠାରୁ ହାରିଲା ଓଡ଼ିଶା

ଭୁବନେଶ୍ୱର,୧୨।୧୨(ସ୍ପୋର୍ଟ୍ସ ବ୍ୟୁରୋ)

କ୍ରମାଗତ ୩ଟି ବିଜୟ ପରେ ଓଡ଼ିଶା ଚଳିତ ବିଜୟ ହଜାରେ ଟ୍ରଫିରେ ପ୍ରଥମ ପରାଜୟ ବରଣ କରିଛି। ରବିବାର ଥାଣେର ଦାଦୋଜୀ କଣ୍ଡୋଦେବ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୯୫ ରନରେ ଜମ୍ମୁ- କଶ୍ମୀରଠାରୁ ପରାସ୍ତ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଜମ୍ମୁ- କଶ୍ମୀର ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୭୮ ରନ ସଂଗ୍ରହ କରିଥିଲା। ଜବାବରେ ଓଡ଼ିଶା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୫ ଓଭରରେ ୧୮୩ ରନକରି ଅଲଆଉଟ ହୋଇ ପରାଜୟ ବରଣ କରିଛି। ଓଡ଼ିଶା ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ତରଫରୁ ଅଭିଷେକ ରାଉତ ସର୍ବାଧିକ ୪୦, ଗୋବିନ୍ଦ ପୋଦ୍ଦାର ୩୭, ଶାନ୍ତନୁ ମିଶ୍ର ୨୮, ବିପ୍ଳବ ସାମନ୍ତରାୟ ୨୧, ଦେବବ୍ରତ

## ବିଜୟ ହଜାରେ ଟ୍ରଫି

ପ୍ରଧାନ ୧୮ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ବୋଲିଂରେ ଜମ୍ମୁ- କଶ୍ମୀର ତରଫରୁ ବାମହାତୀ ଦ୍ରୁତ ବୋଲର ଅବିଦ ମୁସ୍ତାକ୍ ସର୍ବାଧିକ ୫, ମୁଜତାବା ୟୁସୁଫ୍ ୨ ଉଇକେଟ ଅକ୍ତିଆର କରିଥିଲେ।

ଜମ୍ମୁ- କଶ୍ମୀର ତରଫରୁ ହେନାନ ନାଜିର ସର୍ବାଧିକ ୭୯, ଶୁଭମ ଖଜୁରିଆ ୩୮, ପରଭେଜ ରସୁଲ ୩୦, ଅଧିନାୟକ ଶୁଭମ ପଣ୍ଡିର ୨୮, ଅବିଦ ମୁସ୍ତାକ ୨୫, କାମରାନ ଇକବାଲ ୧୭ ରନକରି ଆଉଟ ହୋଇଥିବା ବେଳେ ଆକ୍ୱିବ ନବୀ ୧୮ ରନକରି ଅପରାଜିତ ରହିଥିଲେ। ଓଡ଼ିଶା ତରଫରୁ ଦେବବ୍ରତ ପ୍ରଧାନ, ବିପ୍ଳବ, ଅଭିଷେକ ରାଉତ, ଶାନ୍ତନୁ ମିଶ୍ର ୨ଟି ଲେଖାଏ, ଜୟନ୍ତ ବେହେରା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଜମ୍ମୁ- କଶ୍ମୀର ୫୦ ଓଭରରେ ୨୭୮/୯ (ହେନାନ ନାଜିର- ୭୯, ଶୁଭମ ଖଜୁରିଆ- ୩୮, ପରଭେଜ ରସୁଲ-୩୦, ଶୁଭମ ପଣ୍ଡିର- ୨୮, ଅବିଦ ମୁସ୍ତାକ- ୨୫, ଆକ୍ୱିବ ନବୀ- ୧୮*, ଦେବବ୍ରତ ପ୍ରଧାନ- ୨/୫୫, ବିପ୍ଳବ ସାମନ୍ତରାୟ- ୨/୧୫, ଅଭିଷେକ ରାଉତ- ୨/୫୬, ଶାନ୍ତନୁ ମିଶ୍ର- ୨/୨୯)। ଓଡ଼ିଶା ୪୫ ଓଭରରେ ୧୮୩/ଅଲଆଉଟ (ଅଭିଷେକ- ୪୦, ଗୋବିନ୍ଦ ପୋଦ୍ଦାର- ୩୭, ଶାନ୍ତନୁ-୨୮, ବିପ୍ଳବ- ୨୧, ଦେବବ୍ରତ- ୧୮, ମୁସ୍ତାକ-୫/୩୮, ୟୁସୁଫ-୨/୩୪)।

**ଆଇଏଫ୍ଏ ଶିଲ୍ଡ**

# ରିୟଲ କଶ୍ମୀର ଫାଇନାଲରେ

କଲ୍ୟାଣୀ (ପଶ୍ଚିମବଙ୍ଗ), ୧୨।୧୨: ଗତଥରର ଚାମ୍ପିୟନ ରିୟଲ କଶ୍ମୀର ଏଫ୍‌ସି କ୍ରମାଗତ ଦ୍ୱିତୀୟ ଥର ପାଇଁ ଆଇଏଫ୍ଏ ଶିଲ୍ଡ ଫୁଟ୍‌ବଲ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛି। ରବିବାର ଦଳ ୨-୧ ଗୋଲରେ ଗୋକୁଲମ କେରଳ ଏଫ୍‌ସିକୁ ହରାଇ ଦେଇଛି। ମ୍ୟାଚରେ କେରଳ ଯଦିଓ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା କୋଚ୍ ଡେଭିଡ ରବର୍ଟସନଙ୍କ ରିୟଲ କଶ୍ମୀର ଦଳ ସୁଯୋଗର ସଦ୍‌ବ୍ୟବହାର କରି ମ୍ୟାଚ ଜିତି ଫାଇନାଲରେ ପ୍ରବେଶ କରିଥିଲା। ମାସନ ଲି’ ରବର୍ଟସନ ୨୩ତମ ମିନିଟ୍‌ରେ ଏକ ହେଡର ଜରିଆରେ ଦଳ ପକ୍ଷରୁ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ଏହାର ୮ମିନିଟ ପରେ ସୁରଚନ୍ଦ୍ର ଚନ୍ଦନ ସିଂ ଚନ୍ଦମ ସିଂଙ୍କ କର୍ନରକୁ ଗୋଲରେ ପରିଣତ କରି ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଗୋଲ୍‌କିପର ବିଲାଲ ହୁସେନଙ୍କ ତ୍ରୁଟି ଫାଇଦା ଉଠାଇ କେରଳ ତରଫରୁ ୪୮ତମ ମିନିଟ୍‌ରେ ରବିନ ସିଂ ଏକ ଗୋଲ ସ୍କୋର କରି ପରାଜୟ ବ୍ୟବଧାନକୁ ହ୍ରାସ କରିଥିଲେ। ୧୨୪ତମ ଆଇଏଫ୍ଏ ଶିଲ୍ଡର ଟାଇଟଲ ମୁକାବିଲା ବୁଧବାର ହେବ। କଶ୍ମୀର ଦଳ ସେଦିନ ଶ୍ରୀନିଡି ଡେକାନ୍ ଏଫ୍‌ସିକୁ ଭେଟିବ। ଏହି ଦଳ ଅତିରିକ୍ତ ସମୟକୁ ଯାଇଥିବା ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ରେଲୱେ ଏଫ୍‌ସିକୁ ପରାସ୍ତ କରିଥିଲା।

# ଭର୍ଷ୍ଟାପେନ୍‌ଙ୍କୁ ବିଶ୍ୱ ଟାଇଟଲ

ଆବୁଧାବି, ୧୨।୧୨

ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ତାଙ୍କ କ୍ୟାରିୟରର ପ୍ରଥମ ଫର୍ମୁଲା ୱାନ ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ଆବୁଧାବିରେ ରବିବାର ଅନୁଷ୍ଠିତ ସିଜନ ଶେଷ ଫର୍ମୁଲା ୱାନ୍ ମୋଟର ରେସ୍‌ରେ ନାଟକୀୟ ଭାବେ ସେ ରେସ୍ ଜିତିବା ପରେ ଏହି ଐତିହାସିକ ସଫଳତା ହାସଲ କରିଛନ୍ତି। ଏକଦା ରେସ୍ ତାଙ୍କ ନିକଟତମ

## ଫର୍ମୁଲା ୱାନ୍ ମୋଟର ରେସିଂ

ପ୍ରତିଦ୍ୱନ୍ଦ୍ୱୀ ମର୍ସିଡିଜ୍‌ର ଲୁଇସ୍ ହାମିଲଟନଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଥିବା ଭଳି ମନେ ହେଉଥିଲା। ରେସ୍‌ର ଆଉ ଗୋଟିଏ ଲାପ୍ ବାକି ଥିବାବେଳେ ଭର୍ଷ୍ଟାପେନ୍ ତାଙ୍କ ଟାୟାର ବଦଳାଇଥିଲେ। ହାମିଲଟନଙ୍କ ଟାୟାର କିନ୍ତୁ ପୁରୁଣା ରହିଥିଲା। ଅନ୍ତିମ ଲାପ୍‌ରେ କିନ୍ତୁ ଡଚ୍ ଡ୍ରାଇଭର ଜିତାପଟ ହାସଲ କରିଥିଲେ। କହିବାକୁ ଗଲେ ଫର୍ମୁଲା ୱାନ ଇତିହାସରେ ଏହି ସିଜନରେ ବହୁ ବିବାଦୀୟ ଘଟଣା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଖେଳପ୍ରେମୀ ମହଲରେ କିଛିଦିନ ବିତର୍କ ଚାଲିବ। ରେସ୍‌ରେ ଫେରାରିର କାର୍ଲୋସ ସେଞ୍ଜ୍ ଜୁନିୟର ତୃତୀୟ ସ୍ଥାନରେ ରହିଥିବା ବେଳେ ଆଲ୍‌ଫା ତାଉରିର ଦୁଇ ଡ୍ରାଇଭର ୟୁକି ଟିସୁନୋଡା ଓ ପିଏରେ ଗାସ୍‌ଲି ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଥିଲେ। ୬ଷ୍ଠରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ମର୍ସିଡିଜ୍‌ର ଭାଲଟେରି ବୋଟାସ, ମ୍ୟାକଲରେନର ଲାଣ୍ଡୋ ନୋରିସ୍, ଆଲ୍‌ପାଇନର ଫର୍ନାଣ୍ଡୋ ଆଲୋଁସୋ ଓ ଏଷ୍ଟିବାନ ଓକନ ଏବଂ ଫେରାରିର ଚାର୍ଲ୍ସ ଲେକରେକ୍।



ମାକ୍ସ ଭର୍ଷ୍ଟାପେନ୍

# ଗଣ୍ଡରପୁର କପ ଫୁଟବଲ ଉଦ୍‌ଯାପିତ

ବାରଙ୍ଗ,୧୨।୧୨(ଡି.ଏନ୍.ଏ.)

## ସହରାଞ୍ଚଳରେ ଜଗା, ଗ୍ରାମାଞ୍ଚଳରେ ସ୍ୱର୍ଣ୍ଣଦେବୀ କ୍ଲବ ବିଜୟୀ

ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ ଗଣ୍ଡରପୁର ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଶେଷଦିନରେ ଗ୍ରାମାଞ୍ଚଳରେ ସ୍ୱର୍ଣ୍ଣଦେବୀ କ୍ଲବ ବଉଳକୁଦ ସହ ମା’ ମଙ୍ଗଳା କ୍ଲବ ଗୋଠପୁର ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ମା ମଙ୍ଗଳା କ୍ଲବକୁ ହରାଇ ସ୍ୱର୍ଣ୍ଣଦେବୀ କ୍ଲବ ଚାମ୍ପିୟନ ହୋଇଥିଲା। ସେହିଭଳି ସହରାଞ୍ଚଳ ମ୍ୟାଚରେ ଭଦ୍ରକ ଦଳକୁ ହରାଇ ଜଗା ୟୁନାଇଟେଡ କ୍ଲବ ଚାମ୍ପିୟନ ହୋଇଥିଲା। ଦୀନବନ୍ଧୁ ଦାସ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇ ତାଙ୍କୁ ପୂର୍ବ ଘୋଷଣା ମୁତାବକ ଏକ ବ୍ୟାଟେରି ଚାଳିତ ଗାଡି ଦିଆଯାଇଥିଲା। ଏହି ଉତ୍ସବରେ ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାଁ ଓ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୩/୨୦୨୧ (୮+୪=୧୨ ପୃଷ୍ଠା)    Bhubaneswar, Monday, December 13/2021




**ମେହବୁବା ଗୃହବନ୍ଦୀ**

ଜମ୍ମୁ-କଶ୍ମୀର ପ୍ରଶାସନ ପିଡିପିର ଯୁବ ସମ୍ମିଳନୀକୁ ଅନୁମତି ଦେଇନାହାନ୍ତି। ଏଥିସହିତ ଦଳ ଅଧକ୍ଷା ମେହବୁବା ମୁଫ୍‌ତିଙ୍କୁ ଗୃହବନ୍ଦୀ କରାଯାଇଛି।

୦୩

୦୪

**ଆଦିତ୍ୟଙ୍କ ପ୍ରଭାବୀ ପ୍ରଦର୍ଶନ**

ରାୟପୁରରେ ଅନୁଷ୍ଠିତ ଏଆଇଟିଏ ୧୮ ବର୍ଷରୁ କମ୍ ଟେନିସ ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରି ଓଡ଼ିଶାର ଆଦିତ୍ୟ ମହାପାତ୍ର ରନର୍ସଅପ୍ ହୋଇଛନ୍ତି।



# ଆନ୍ଧ୍ରରେ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ

## ୩୮ରେ ପହଞ୍ଚିଲା ଆକ୍ରାନ୍ତଙ୍କ ସଂଖ୍ୟା

**ନୂଆଦିଲ୍ଲୀ, ୧୨।୧୨**

ଆନ୍ଧ୍ରପ୍ରଦେଶ, କେରଳ ଓ ଚଣ୍ଡିଗଡ଼ରେ ରବିବାର ପ୍ରଥମ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିସହିତ ମହାରାଷ୍ଟ୍ର ଓ କର୍ଣ୍ଣାଟକରେ ଆଉ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ଏହାକୁ ମିଶାଇ ଦେଶରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୮ରେ ପହଞ୍ଚିଛି। ଆୟର୍ଲାଣ୍ଡରୁ ଫେରିଥିବା ଆନ୍ଧ୍ରପ୍ରଦେଶ ବ୍ୟକ୍ତି ଜଣକ ମୁମ୍ବାଇରେ ପହଞ୍ଚିବା ପରେ ତାଙ୍କର କୋଭିଡ୍ ରିପୋର୍ଟ ନେଗେଟିଭ୍ ଥିଲା। କିନ୍ତୁ ବିଶାଖାପାଟଣାରେ ରିପୋର୍ଟ ପଜିଟିଭ୍ ଆସିବାରୁ ନମୁନା ଜିନୋମ୍ ସିକ୍ୱେନ୍ସିଂ ପାଇଁ ପଠାଯାଇଥିଲା। ପଡୋଶୀ ରାଜ୍ୟରେ ଓମିକ୍ରନ୍ ପହଞ୍ଚିବା ପରେ ଓଡ଼ିଶାରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସଂକ୍ରମଣ ରୋକିବା ଲାଗି ରାଜ୍ୟରେ ସତର୍କତା ବ୍ୟବସ୍ଥା ବଢ଼ାଇଦିଆଯାଇଛି। ତୃତୀୟ ଲହର ଭୟ ବଢୁଥିବାରୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ପିଲାଙ୍କ ଉପସ୍ଥାନ ହ୍ରାସ ପାଇଛି। ଅଧିକାଂଶ ଅଭିଭାବକ ପିଲାଙ୍କୁ ସ୍କୁଲ୍ ପଠାଉନାହାନ୍ତି। ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ଚାଲିଥିବାବେଳେ ଅନ୍ୟ ଅଫ୍‌ଲାଇନ ପରୀକ୍ଷାକୁ ବାତିଲ କରିଦିଆଯାଇଛି। କେନ୍ଦ୍ର ସରକାର ମଧ୍ୟ ରାଜ୍ୟକୁ ଚିଠି ଲେଖି କୋଭିଡ୍ ସଂକ୍ରମଣ ବଢୁଥିବା ଅଞ୍ଚଳକୁ କଣ୍ଟେନମେଣ୍ଟ କରିବା ଓ ବିଦେଶୀ ଯାତ୍ରୀଙ୍କ ଉପରେ କଡ଼ା ନଜର ରଖିବା ଓ ପରୀକ୍ଷା କରାଇବା ପାଇଁ ପରାମର୍ଶ ଦେଇଥିଲେ।



କେରଳର କୋଚିରେ ଚିହ୍ନଟ ହୋଇଥିବା ପ୍ରଥମ ଓମିକ୍ରନ୍ ସଂକ୍ରମିତ ଡିସେମ୍ବର ୬ରେ ବ୍ରିଟେନ୍‌ରୁ ଫେରିଥିଲେ। ଇଟାଲୀରୁ ଆସି ଚଣ୍ଡିଗଡ଼ରେ ପହଞ୍ଚିଥିବା ୨୦ ବର୍ଷୀୟ ଯୁବକ କୋଭିଡ୍–୧୯ର ନୂଆ ଭାରିଆଣ୍ଟରେ ସଂକ୍ରମିତ ହୋଇଛନ୍ତି। ସେ ଫାଇଜର ଟିକାର ଦୁଇଟି ଡୋଜ୍ ନେଇଥିଲେ। କର୍ଣ୍ଣାଟକରେ ତୃତୀୟ ସଂକ୍ରମିତ ବ୍ୟକ୍ତି ଜଣକ ଦକ୍ଷିଣ ଆଫ୍ରିକା ଫେରନ୍ତା ହୋଇଥିବାବେଳେ ପଶ୍ଚିମ ଆଫ୍ରିକୀୟ ଦେଶରୁ ମହାରାଷ୍ଟ୍ରର ନାଗପୁର ଆସିଥିବା ଅନ୍ୟ ଜଣଙ୍କଠାରେ ଏହି ଭାରିଆଣ୍ଟ ଦେଖାଯାଇଛି। ତାଙ୍କୁ ମିଶାଇ ମହାରାଷ୍ଟ୍ରରେ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ସର୍ବାଧିକ ୧୮ରେ ପହଞ୍ଚିଛି। ଚଣ୍ଡିଗଡ଼ର ସଂକ୍ରମିତ ଜଣକ ନଭେମ୍ବର ୨୨ରେ ଇଟାଲୀରୁ ଫେରିଥିଲେ। ଶନିବାର ରାତିରେ ତାଙ୍କର ଜିନୋମ ସିକ୍ୱେନ୍ସିଂ ରିପୋର୍ଟରେ ଓମିକ୍ରନ୍ ପଜିଟିଭ୍ ଜଣାପଡ଼ିଥିଲା। ତାଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଛି।

# ୨୨୮୧ କୋଟି ପ୍ରକଳ୍ପର ଶିଳାନ୍ୟାସ

- ତାରାତାରିଣୀଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ
- ହିଞ୍ଜିଳିରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଅନାବରଣ
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ ବଣ୍ଟନ
- ଅଣ୍ଡାମାଡ଼ ଆଶଙ୍କାରେ ୪ ଭାଜପା କର୍ମୀ ଅଟକ

**ପୁରୁଷୋତ୍ତମପୁର/ହିଞ୍ଜିଳିକାଟୁ, ୧୨।୧୨ (ଡି.ଏନ.ଏ.)**

୨୦୧୯ ସାଧାରଣ ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ଥର ପାଇଁ ନିଜ ନିର୍ବାଚନମଣ୍ଡଳୀ ଗସ୍ତ କରିଛନ୍ତି। ରବିବାର ନବୀନ ଗଞ୍ଜାମ ଜିଲା ଗସ୍ତରେ ଆସି ପୁରୁଷୋତ୍ତମପୁର ଓ ହିଞ୍ଜିଳିକାଟୁରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ହେଲିକପ୍ଟରରୁ ଓହ୍ଲାଇ ସେ ପ୍ରଥମେ ପୁରୁଷୋତ୍ତମପୁରଠାରେ ମା' ତାରାତାରିଣୀଙ୍କ ଦର୍ଶନ କରିଥିଲେ। ସେଠାରୁ ସଭାସ୍ଥଳକୁ ଯାଇ ୨,୨୮୧ କୋଟି ୩୬ ଲକ୍ଷ ଟଙ୍କାର ୧,୨୯୬ ପ୍ରକଳ୍ପକୁ ଭିଡିଓ କନଫରେନ୍ସରେ ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। ଏହାସହ ଜିଲାର ୨୬ ଲକ୍ଷ ୭୬ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ।

ସେଠାରୁ ମଧ୍ୟାହ୍ନ ପ୍ରାୟ ୧୨ଟାରେ ହିଞ୍ଜିଳିକାଟୁରେ ପହଞ୍ଚିଥିଲେ। ବୃନ୍ଦାବନ ବିଦ୍ୟାପୀଠ ମିନି ଷ୍ଟାଡ଼ିୟମ୍ ହେଲିପ୍ୟାଡ଼ରୁ କାର୍‌ରେ ବିଜୁ ପଟ୍ଟନାୟକ ଛକରେ ପହଞ୍ଚି ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। ପରେ ମହିଳା ଏସ୍ଏଚଜିଗୁଡ଼ିକ ପାଇଁ ୧୨୫କୋଟି ଟଙ୍କାର ଋଣ ସହାୟତା ଘୋଷଣା ସହ ଶେରଗଡ଼ ବ୍ଲକ ଟାକରଡ଼ା କାଳିଜାଇ ଏସ୍ଏଚ୍‌ଜିକୁ ୬ଲକ୍ଷ ଟଙ୍କା, ହିଞ୍ଜିଳିକାଟୁ ବ୍ଲକ ଚାନ୍ଦୁଲିଜୟ ମା' ଭବାନୀ ଏସ୍ଏଚ୍‌ଜିକୁ ୫ଲକ୍ଷ ଓ ମ୍ୟୁନିସିପାଲିଟିର କିରଣ ଏସ୍ଏଚ୍‌ଜିକୁ ୫ଲକ୍ଷର ଚେକ୍ ପ୍ରଦାନ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ୩ ହିତାଧିକାରୀଙ୍କୁ ବିଏସ୍‌କେୱାଇ କାର୍ଡ଼ ବଣ୍ଟନ କରିଥିଲେ। ୩ ଆଇଟିଆଇ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ସେଠାରେ ଆବର୍ଜନା ସଂଗ୍ରହ ପାଇଁ ୩ବ୍ୟାଟେରିଚାଳିତ ଯାନ ଓ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବା ପାଇଁ ବସ୍‌କୁ ପତାକା ଦେଖାଇ ଲୋକାର୍ପିତ କରିଥିଲେ। ସେଠାରୁ ୫–ଟି ଦ୍ୱାରା ରୂପାନ୍ତରଣ ବୃନ୍ଦାବନ ହାଇସ୍କୁଲକୁ ଯାଇଥିଲେ। ସ୍ମାର୍ଟ କ୍ଲାସରୁମ୍‌ରେ ଛାତ୍ରୀଛାତ୍ରଙ୍କ ସହ ବସି ପାଠପଢ଼ା ଅନୁଧ୍ୟାନ କରି ପିଲାଙ୍କ ସହ ରୂପାନ୍ତରଣର ଅନୁଭୂତି ନେଇ ଆଲୋଚନା କରିଥିଲେ। ପରେ ଇ–ପାଠାଗାର, ଆଧୁନିକ ବିଜ୍ଞାନାଗାର ଓ ବଗିଚା ବୁଲି ଦେଖିଥିଲେ। ଅଣ୍ଡାମାଡ ଆଶଙ୍କାରେ ଭାଜପାର ଜିଲା ସାଧାରଣ ସମ୍ପାଦକ ଅନିଲ କୁମାର ପଣ୍ଡା ଓ ଘୁମୁସର ଜିଲା ଯୁବ ମୋର୍ଚ୍ଚା ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କୁ ପୋଲିସ ଉଠାଇ ଆଣି ଖଲ୍ଲିକୋଟ ଥାନାରେ ଅଟକ ରଖିଥିବା ବେଳେ କୁମାରୀର ମଇନା ବେହେରା ଓ ମାଙ୍ଗୁ ବେହେରାଙ୍କୁ ପୁରୁଷୋତ୍ତମପୁର ପୋଲିସ ଅଟକ ରଖି ମୁଖ୍ୟମନ୍ତ୍ରୀ ଯିବାପରେ ଛାଡିଥିଲା। କାର୍ଯ୍ୟକ୍ରମରେ ୫–ଟି ସଚିବ ଭି.କେ.ପାଣ୍ଡିଆନ, ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, ଆସିକା ଏମ୍‌ପି ପ୍ରମିଳା ବିଷୋଇ, ବିଧାୟକ ବିକ୍ରମ କୁମାର ପଣ୍ଡା, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଜିଲା ବିଜେଡି ସଭାପତି ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଧାୟିକା ଲତିକା ପ୍ରଧାନ, ବିଧାୟକ ଶ୍ରୀକାନ୍ତ ସାହୁ, ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବିଧାୟକ ସୁବାସ ବେହେରା, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷା ସୋନମ୍ ପଲେଇ, ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଡିଆଇଜି ସତ୍ୟବ୍ରତ ଭୋଇ ଓ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ପ୍ରମୁଖ ଉପସ୍ଥିତ ଥିଲେ। ଶେରଗଡ଼ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ କୁମାର ମହାପାତ୍ର, ନଗର ବିଜେଡ଼ି ସଭାପତି ଭୀମସେନ ବେହେରା, ବ୍ଲକ ସଭାପତି ସୁରେନ୍ଦ୍ର ପ୍ରଧାନ, ଶେରଗଡ଼ ବ୍ଲକ ସଭାପତି ଶରତ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ଓରଫ୍ ସତ୍ୟବ୍ରତ ତ୍ରିପାଠୀ ମଞ୍ଚ ସଂଯୋଜନା କରିଥିଲେ। ଜନସାଧାରଣଙ୍କ ପାଇଁ ବସ୍‌ଷ୍ଟାଣ୍ଡରେ ଏଲଇଡ଼ି ମାଧ୍ୟମରେ କାର୍ଯ୍ୟକ୍ରମ ଦେଖିବାର ବ୍ୟବସ୍ଥା ହୋଇଥିଲା। ସୂଚନାଯୋଗ୍ୟ, କରୋନା କଟକଣା ଓ ଅନ୍ୟାନ୍ୟ କାରଣରୁ ମୁଖ୍ୟମନ୍ତ୍ରୀ ଦୀର୍ଘ ୩୨ ମାସ ପରେ ନିଜ ନିର୍ବାଚନମଣ୍ଡଳୀ ଗସ୍ତ କରିଥିବା ଜଣାପଡିଛି।




ଗଞ୍ଜାମ ଜିଲା ତାରାତାରିଣୀଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଜଣେ ମହିଳାଙ୍କୁ ବିଜୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରୁଛନ୍ତି। ନିକଟରେ ୫–ଟି ସଚିବ ଭି.କେ. ପାଣ୍ଡିଆନ।

# ୧୬,୫୦୦ ଫୁଟ ଉଚ୍ଚରେ ଉଡ଼ିଲା ଏନ୍‌ସିସି ପତାକା

## ଟିମ୍‌ରେ ଓଡ଼ିଶାର ଆଶିଷ

**ପୁରୀ ଅଫିସ, ୧୨।୧୨**

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି)ର କ୍ୟାଡେଟ୍‌ଆଶିଷ ଜେନା ଓଡ଼ିଶାର ଏକମାତ୍ର କ୍ୟାଡେଟ ଭାବେ ହିମାଳୟର ୧୬ହଜାର ୫୦୦ ଫୁଟ ଉଚ୍ଚ ପର୍ବତାରୋହଣ କରିଛନ୍ତି। ଭାରତ ସରକାରଙ୍କ ପକ୍ଷରୁ ଏନ୍‌ସିସି ମହାନିର୍ଦ୍ଦେଶାଳୟ ନୂଆଦିଲ୍ଲୀ ଦ୍ୱାରା ଦେଶର ୫ଜଣ କ୍ୟାଡେଟଙ୍କୁ ଚୟନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଆଶିଷ ଓଡ଼ିଶାର ଏକମାତ୍ର କ୍ୟାଡେଟ୍ ଭାବେ ଏହି ଦୁଃସାହସିକ ପର୍ବତାରୋହଣ କରିବାରେ ସଫଳ ହୋଇଥିଲେ। କ୍ୟାଡେଟ୍‌ଙ୍କ ମନରେ ସାହସିକତା ତଥା ଆତ୍ମବିଶ୍ୱାସ ବୃଦ୍ଧି କରିବା ଲାଗି ଏଭଳି ପଦକ୍ଷେପ ନିଆଯାଇଥିଲା। ପଶ୍ଚିମବଙ୍ଗର ଦାର୍ଜିଲିଂସ୍ଥିତ ହିମାଳୟ ପର୍ବତାରୋହଣ ପ୍ରତିଷ୍ଠାନରେ ପ୍ରଥମ ଦଶ ଦିନ ପଥରପୂର୍ଣ୍ଣ ଓ ବରଫାବୃତ୍ତ ପର୍ବତ ଆରୋହଣ ପ୍ରଶିକ୍ଷଣ ନେଇ ପରବର୍ତ୍ତୀ ୧୨ଦିନରେ ପ୍ରତିକୂଳ ପରିସ୍ଥିତିରେ ନିମ୍ନ ତାପମାତ୍ରାରେ ବରଫାବୃତ ହିମାଳୟର ୧୬,୫୦୦ ଫୁଟ ଉଚ୍ଚ ପର୍ବତାରୋହଣ କରି ଏନ୍‌ସିସି ପତାକା ଉଡ଼ାଇଥିଲେ। ଏଥିଲାଗି ପ୍ରତିଷ୍ଠାନ ପକ୍ଷରୁ ତାଙ୍କୁ ପ୍ରଶଂସା କରାଯିବା ସହ ମେଡାଲ ଓ ପ୍ରମାଣପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏନ୍‌ସିସି ବାଟାଲିୟନ ପୁରୀର କମାଣ୍ଡିଙ୍ଗ୍ ଅଫିସର କର୍ଣ୍ଣେଲ ସୁଦର୍ଶନ ଜୋଶୀ ଓ ପ୍ରଶାସନିକ ଅଫିସର କର୍ଣ୍ଣେଲ ପ୍ରସନ୍ନ କୁମାର ପଣ୍ଡାଙ୍କ ସମେତ ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟ ଭୁବନେଶ୍ୱର ପକ୍ଷରୁ ଆଶିଷଙ୍କୁ ପ୍ରଶଂସା କରାଯାଇଛି। ତାଙ୍କୁ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁଜାତା ମିଶ୍ର ଓ ଏନ୍‌ସିସି ଅଧିକାରୀ ଲେଫ୍ଟନାଣ୍ଟ ଡ. ସଞ୍ଜୟ କୁମାର ସୁନ୍ଦରାୟ ସମ୍ବର୍ଦ୍ଧିତ କରିଛନ୍ତି।




କ୍ୟାଡେଟମାନେ ହିମାଳୟ ପର୍ବତର ୧୬, ୫୦୦ ଫୁଟ୍ ଉଚ୍ଚରେ ଏନ୍‌ସିସି ପତାକା ଉତ୍ତୋଳନ କରୁଛନ୍ତି।

# ଫସଲ କ୍ଷୟକ୍ଷତି ଅନୁଧ୍ୟାନ କଲେ କେନ୍ଦ୍ରୀୟ ଟିମ୍

- ନଷ୍ଟ ଫସଲ ଦେଖାଇଲେ ଚାଷୀ
- ଆଜି ଆଉ ୪ ଜିଲା ଗସ୍ତ

**ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ)/କେନ୍ଦ୍ରାପଡ଼ା ଅଫିସ/ଜଗତ୍‌ସିଂହପୁର ଅଫିସ**

ବାତ୍ୟା 'ଜୱାଦ'ଜନିତ ବର୍ଷାରେ ରାଜ୍ୟରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ଏହି କ୍ଷୟକ୍ଷତି ଆକଳନ ପାଇଁ ଓଡ଼ିଶା ଆସିଥିବା କେନ୍ଦ୍ରୀୟ ଟିମ୍ ରବିବାର କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାକୁ ଯାଇ ସ୍ଥିତି ପରଖିଛି। କେନ୍ଦ୍ରୀୟ ଅଧିକାରୀମାନେ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିବା ସହିତ ସହାୟତା ପାଇଁ ଆଶ୍ୱାସନା ଦେଇଛନ୍ତି।

ଗୋଟିଏ ଟିମ୍ କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ, ରାଜନଗର, ମାର୍ଶାଘାଇ ଓ ଗରଦପୁର ବ୍ଲକ ଅଞ୍ଚଳରେ ବୁଲି ବର୍ଷାଜନିତ କ୍ଷୟକ୍ଷତି ଆକଳନ କରିଛନ୍ତି। କେତେକ ବିଲରେ ଧାନ ପଚି ଯାଇଥିବାବେଳେ ଆଉ କେତେକ ସ୍ଥାନରେ ଗଜା ହୋଇଥିଲା। ସେହିପରି ପରିବା ଚାଷ ବି କ୍ଷତିଗ୍ରସ୍ତ ହୋଇଥିଲା। ଚାଷୀମାନେ ଏସବୁ ନଷ୍ଟ ଫସଲକୁ ଅନୁଧ୍ୟାନକାରୀ ପ୍ରଶାସନିକ ଅଧିକାରୀଙ୍କୁ ଦେଖାଇଥିଲେ। ଏଥିସହ ଋଣ ଶୁଝିବା ଏବେ କଷ୍ଟକର ହେବ ବୋଲି ଚାଷୀମାନେ ଦୁଃଖ ପ୍ରକାଶ କରି କହୁଥିବା ଦେଖିବାକୁ ମିଳିଥିଲା। ପୂର୍ବାହ୍ନ ୧୦ଟାରେ କେନ୍ଦ୍ରୀୟ ଟିମ୍‌ର ପ୍ରଶାସନିକ ଅଧିକାରୀ ଡ. ମାନସ ଚନ୍ଦ୍ର ସିହ୍ନା, ଶାଶ୍ୱତ କୁମାର ମହାପାତ୍ରଙ୍କ ସହ ରାଜ୍ୟ ମୃତ୍ତିକା ସଂରକ୍ଷଣ ବିଭାଗ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା, କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ବ୍ରଜକିଶୋର ଲେଙ୍କା କେନ୍ଦ୍ରାପଡ଼ା ଜିଲା ସର୍କିଟ ହାଉସ୍‌ରେ ପହଞ୍ଚିଥିଲେ। ସେଠାରୁ ଏଡିଏମ୍ ଦୁର୍ଗାପ୍ରସାଦ ମହାରଣା, ଏଡିଏମ୍ ପୀତାମ୍ବର ସାମଲ, ଉପଜିଲାପାଳ ନିରଞ୍ଜନ ବେହେରା ପ୍ରମୁଖଙ୍କ ସହ କ୍ଷେତ୍ର ପରିଦର୍ଶନ କରିଥିଲେ।

ସେହିପରି ଆଉଏକ ଟିମ୍ ଜଗତ୍‌ସିଂହପୁର ଜିଲା ଯାଇଥିଲେ। ଏହି ଟିମ୍‌ରେ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଆର୍.ବି. କାଉଲ ଓ କୃଷି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଡ. ମାନସିଂହ ଥିଲେ। ଏମାନଙ୍କ ସହିତ ଓଡ଼ିଶା ଉଦ୍ୟାନ କୃଷି ବିଭାଗର ନିର୍ଦ୍ଦେଶକ ରୋହିତ ଲେଙ୍କା, ଜିଲାର କୃଷି ଓ ଉଦ୍ୟାନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ସେମାନେ ତିର୍ତ୍ତୋଲ ବ୍ଲକର ମଣିଜଙ୍ଗା, ନିମକଣା, ବୋଧେଇ, କୃଷ୍ଣଚନ୍ଦ୍ରପୁର, ଏରସମା ବ୍ଲକର ନିମୋଳ, କୋଠି, କୁଜଙ୍ଗ ବ୍ଲକର ବାଲିଆ, ଜିଲାନାସୀ ପଞ୍ଚାୟତର ଜୟଶଙ୍କରପୁର ସହ ତାଳଦଣ୍ଡା ଅଞ୍ଚଳର କ୍ଷତିଗ୍ରସ୍ତ ଧାନ, ଅଣଧାନ (ଚିନାବାଦାମ) ଓ ପନିପରିବା ଫସଲର ସ୍ଥିତି ଦେଖିଥିଲେ। ପ୍ରତିନିଧି ଦଳ ଚାଷୀଙ୍କୁ ଭେଟି କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ। ଏସବୁ ଦେଖିଲା ପରେ ଚାଷୀମାନଙ୍କୁ ସରକାରୀ ସହାୟତା ପ୍ରଦାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ବାତ୍ୟା ପ୍ରଭାବରେ ଉପକୂଳ ଜିଲାରେ ପ୍ରବଳ ବର୍ଷା ହୋଇଥିବାବେଳେ ଜଗତ୍‌ସିଂହପୁରରେ ଅଧିକ ବର୍ଷିଥିଲା। ଅମଳ ସମୟରେ ଏହି ବର୍ଷାରେ ବ୍ୟାପକ ଫସଲ ନଷ୍ଟ ହୋଇଥିଲା। କ୍ଷୟକ୍ଷତି ଆକଳନ କରିବା ପାଇଁ କେନ୍ଦ୍ରୀୟ ଟିମ୍ ଦୁଇଦିନିଆ ଗସ୍ତରେ ଓଡ଼ିଶା ଆସିଛନ୍ତି। ୬ଟି ଜିଲା କ୍ଷେତ୍ର ପରିଦର୍ଶନ କରି ସୋମବାର ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।



ଜଗତ୍‌ସିଂହପୁର ଜିଲାରେ କେନ୍ଦ୍ରୀୟ ପ୍ରତିନିଧି ଦଳ କ୍ଷତିଗ୍ରସ୍ତଙ୍କୁ ଭେଟୁଛନ୍ତି।

# ନଦୀକୁ ଖସିଲା ଟ୍ରକ୍, ଚାଳକ ମୃତ




ପୋଲ ଉପରୁ ବ୍ରାହ୍ମଣୀ ନଦୀକୁ ଖସିପଡ଼ିଥିବା ଟ୍ରକ୍।

**ପରଜଙ୍ଗ, ୧୨।୧୨ (ଡି.ଏନ.ଏ.)**

୫୩ନଂ. ଜାତୀୟ ରାଜପଥର ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗ–ଜଟିଆ ଛକ ନିକଟରେ ରବିବାର ଭୋର ସମୟରେ ଏକ ଲୁହାପଥର ବୋଝେଇ ଟ୍ରକ୍ ପୋଲ ଉପରୁ ବ୍ରାହ୍ମଣୀ ନଦୀକୁ ଖସିପଡ଼ିଛି। ଫଳରେ ପାଲଲହଡ଼ା ଥାନା ସାମିଆପଲିର ଚାଳକ ମାନସ ରଞ୍ଜନ ଧୀବରଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, କେନ୍ଦୁଝରରୁ ଲୁହାପଥର ବୋଝେଇ କରି ଉକ୍ତ ଟ୍ରକ୍ (ନଂ. ଓଡି୦୯ପି–୦୧୨୨) ତାଳଚେର ଅଭିମୁଖେ ଯାଉଥିଲା। ତେବେ ପୋଲ ଉପରେ ଗାଡ଼ିର ଚକା ଫାଟି ଯିବାରୁ ଏହା ଭାରସାମ୍ୟ ହରାଇ ନଦୀ ମଧ୍ୟକୁ ଖସିପଡ଼ିଥିଲା।

# ସଲାସୂତ୍ରାରେ ଖଣି ଚୋରି

## ୮୨୦୧ କୋଟି ଟଙ୍କାର ଡିମାଣ୍ଡ ନୋଟିସ୍

**ଯାଜପୁର ଅଫିସ, ୧୨।୧୨**

ରାଜ୍ୟରେ ୨୦୧୯–୨୦ରୁ ଅଦ୍ୟାବଧି ଖଣି ଲିଜ୍‌ଧାରୀମାନେ ନିୟମ ଉଲ୍ଲଂଘନ କରି ୮୨୦୧ କୋଟି ଟଙ୍କାର ଲୁହାପଥର ଓ ମାଙ୍ଗାନିଜ ଉତ୍ତୋଳନରେ ଚୋରି, ଅନିୟମିତତା ଓ ଅବହେଳା କରିଛନ୍ତି। ସମ୍ପୃକ୍ତ ଲିଜ୍‌ଧାରୀମାନଙ୍କୁ ଖଣି ବିଭାଗ ପକ୍ଷରୁ ଗତ ୭ ଅଗଷ୍ଟରୁ ୨୨ ସେପ୍ଟେମ୍ବର ମଧ୍ୟରେ କାରଣଦର୍ଶାଅ ନୋଟିସ ସହିତ ଉପରୋକ୍ତ ଅର୍ଥ ପୈଠ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ତେବେ ସେଥିରୁ ମାତ୍ର ୬୨.୯୪୯ କୋଟି ଟଙ୍କା ଆଦାୟ ହୋଇଛି। ଗତ ବିଧାନସଭାର ଏକ ପ୍ରଶ୍ନର ଉତ୍ତରରେ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି। ତେବେ ଏହି ମହାଦୁର୍ନୀତିରେ ଖଣି ବିଭାଗର କେତେଜଣ ଅଧିକାରୀ ସାମିଲ ଥିବା କୁହାଯାଉଛି। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଏଯାଏ ତଦନ୍ତ କିମ୍ବା କୌଣସି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାବେଳେ କେବଳ ଲିଜ୍‌ଧାରୀମାନଙ୍କୁ ଦାୟୀ କରାଯାଇଛି।

ରାଜ୍ୟର ୮ ଖଣି ଲିଜ୍‌ଧାରୀ ବେଆଇନ ଭାବେ ଖଣିଜ ସାମଗ୍ରୀ ଉତ୍ତୋଳନ ଓ ପରିବହନ କରିଥିବା ରାଜ୍ୟ ସରକାର ଜାଣି ପାରିଥିଲେ। ଏଥିରେ ବିପୁଳ ପରିମାଣରେ ରାଜସ୍ୱ କ୍ଷତି ହୋଇଛି। ଏହାର ଭରଣା କରିବାକୁ ରାଜ୍ୟ ସରକାର ଡିମାଣ୍ଡ ନୋଟିସ ଜାରି କରିଛନ୍ତି। ଆର୍ସେଲର ମିତ୍ତଲ ଇଣ୍ଡିଆ ପ୍ରାଇଭେଟ ଲିଃକୁ ୨୨୧.୭୪୪ ହେକ୍ଟର ଜମିରେ ଠାକୁରାଣୀ ଆଇରନ ଓର ବ୍ଲକ ଲୁହାପଥର ଉତ୍ତୋଳନ କରିବାକୁ ଲିଜ୍ ଦିଆଯାଇଛି। ତେବେ ଏହି ଲିଜ୍‌ଧାରୀ ମାଇନ୍ସ ଡେଭଲପ୍‌ମେଣ୍ଟ ଆଣ୍ଡ ପ୍ରଡକ୍ସନ ଏଗ୍ରିମେଣ୍ଟ (ଏମ୍‌ଡିପିଏ)କୁ ଉଲ୍ଲଂଘନ କରିଥିବାରୁ ସେହି ଆଧାରରେ ୧୩୦.୭ କୋଟି ଟଙ୍କା ପୈଠ କରିବାକୁ ନୋଟିସ ଜାରି କରାଯାଇଥିଲା। ସେଥିରୁ ୩୫.୨୯୯ କୋଟି ଟଙ୍କା ଦାଖଲ ହୋଇଛି। ଜିଏମ୍ ଆଇରନ ଆଣ୍ଡ ଷ୍ଟିଲ କମ୍ପାନୀ ଲିଃର ୧୨୯.୬୧ ହେକ୍ଟର ବଡ଼ମାପାହାଡ଼ ଆଇରନ ଓର ବ୍ଲକକୁ ୬୦.୮୮ କୋଟି ଟଙ୍କାର ଡିମାଣ୍ଡ ହୋଇଥିଲାବେଳେ ୧୫ କୋଟି ଟଙ୍କା ଦାଖଲ କରି ସାରିଛି। ସେହିପରି ସିରାଜଉଦ୍ଦିନ ଆଣ୍ଡ କୋ ୩୪୧.୯୮୧ ହେକ୍ଟର ବିଶିଷ୍ଟ ବଲଦା ଆଇରନ ଓର ବ୍ଲକକୁ ୫୫୩୯.୬୩ କୋଟି ଟଙ୍କା, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ଲିଃର ୬୬୯.୦୭୮ ହେକ୍ଟରର ଜଜଙ୍ଗ ଆଇରନ ଓର ବ୍ଲକକୁ ୬୯୬.୩୨ କୋଟି ଟଙ୍କା, ନେରଭରମ୍ ଷ୍ଟିଲ ଆଣ୍ଡ ପାୱାର ଲିଃର ୭୪.୭୦୨ ହେକ୍ଟର ରୋଇଡା–୨ ଆଇରନ ଓର ବ୍ଲକକୁ ୧୩୯୬.୧୨ କୋଟି ଟଙ୍କା, ଘନଶ୍ୟାମ ମିଶ୍ର ଆଣ୍ଡ ସନ୍ସ ଲିଃର ୩୪୯.୭୦୯ ହେକ୍ଟର ଗୋରୁମହିସିନି ଆଇରନ ଓର ବ୍ଲକକୁ ୮୫.୦୨ କୋଟି ଟଙ୍କା, ପିଏମ୍ ଗ୍ରାନାଇଟ ଏକ୍ସପର୍ଟ ପ୍ରା.ଲିଃର ୭୩.୩୦୧ ହେକ୍ଟର ଜମିର କନ୍ଥେର–କୋଇଡା ମାଙ୍ଗାନିଜ ଖଣିକୁ ୩.୩୧ କୋଟି, ଜଗତଜନନୀ ସର୍ଭିସ ପ୍ରା.ଲିଃର ୭୩.୪୧୩ ହେକ୍ଟର ଜୁରୁରୀ ଆଇରନ ଓର ବ୍ଲକକୁ ୨୭୬.୭୪ କୋଟି ଟଙ୍କାର ଡିମାଣ୍ଡ ନୋଟିସ ହୋଇଛି।



ଅନ୍ୟପକ୍ଷେ ଓଡିଶା ମିନେରାଲ୍ସ ପ୍ରିଭେନସନ ଅଫ୍ ଥେଫ୍ଟ, ସ୍ମଗ୍‌ଲିଂ (ଓଏମ୍‌ପିଟିଏସ୍) ଓ ଅନ୍ୟ ଖଣି ନିୟମକୁ ଉଲ୍ଲଂଘନ କରିଥିବା ଲିଜ୍‌ଧାରୀ ତାରିଣୀ ମିନେରାଲ୍ସ, ଶ୍ରୀ ଡି.ଆର. ପଟ୍ଟନାୟକ, କସଭି ଇଣ୍ଟରନ୍ୟାଶନାଲ ପ୍ରା.ଲି., ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ, ଏମ୍‌ଜି ମହାନ୍ତି ଓ ଏମ୍‌ଜିଏମ୍ ମିନେରାଲ୍ସଙ୍କ ନାମରେ ୧୨.୬୫ କୋଟି ଟଙ୍କାର ଡିମାଣ୍ଡ ନୋଟିସ ହୋଇଥିଲା। ଏହି ଅର୍ଥକୁ ସମସ୍ତେ ଦାଖଲ କରିଥିବା ରିପୋର୍ଟରେ ଦର୍ଶାଯାଇଛି। ତେବେ ଏହି ପ୍ରକ୍ରିୟାରେ ବିଭାଗୀୟ ଅଧିକାରୀମାନଙ୍କୁ ହାତ କରି ଆହୁରି ବିପୁଳ ପରିମାଣର ଖଣିଜ ପଦାର୍ଥ ଚୋରି ହୋଇଥିବା ସେତେବେଳେ ଅଭିଯୋଗ ହୋଇଥିଲା। ଏପରି କି ଏହି କାରବାରରେ ବହୁ ହଜାର କୋଟି ଟଙ୍କାର ଲୁହାପଥର ଓ ମାଙ୍ଗାନିଜ ଚୋରି ହୋଇଥିଲେ ହେଁ ଡିମାଣ୍ଡ ନୋଟିସ୍ ଅତି କମ୍ କରାଯାଇ ଲିଜ୍‌ଧାରୀମାନଙ୍କୁ ସୁରକ୍ଷା ଦିଆଯାଇଥିବା ଅଭିଯୋଗ ହେଉଛି।

## ସହଜରେ ଦୂର ହେବ ଅବସାଦ

ଅବସାଦର ସମ୍ମୁଖୀନ ହେବା ପଛରେ ଅନେକ କାରଣ ରହିଛି। ତେବେ ଏଥିରୁ କିପରି ମୁକୁଳିବେ ସେ ବିଷୟରେ ଚିନ୍ତା କରିବା ଦରକାର। ଏହାର ଏକ ସରଳ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ପ୍ରତିଦିନ କିଛି ସମୟ ଯୋଗ କରନ୍ତି, ତେବେ ସେ ନିଜକୁ ଅବସାଦଠାରୁ କେତେକାଂଶରେ ଦୂରେଇ ରଖିପାରିବେ। ଏପରି ମତ ଦେଇଛନ୍ତି ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଅଧିକାଂଶ ସମୟ ଅବସାଦର ଶିକାର ହେଉଥିବା କିଛି ବ୍ୟକ୍ତିଙ୍କ ଦୈନନ୍ଦିନ ଜୀବନଶୈଳୀକୁ ସେମାନେ ତନ୍ନ ତନ୍ନ କରି ଅନୁଧ୍ୟାନ କରିଥିଲେ। ତା' ସହ ସେମାନଙ୍କୁ ନିୟମିତ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦% ବ୍ୟକ୍ତି କେତେକାଂଶରେ ଅବସାଦରୁ ଉପଶମ ପାଇଥିଲେ ବୋଲି ରିପୋର୍ଟରୁ ଜଣାପଡିଛି।



## ସନ୍ତୁଳିତ ଖାଦ୍ୟ ଓ କାର୍ଯ୍ୟଦକ୍ଷତା

ଆମେ ଆବୋରିଥିବା କାର୍ଯ୍ୟକୁ ତୁଲାଇବାକୁ ନିଜର ସାମର୍ଥ୍ୟ ସହ ଉପଯୁକ୍ତ ଯୋଜନାର ଆବଶ୍ୟକତା ରହିଛି। ତେବେ ଯଦି ଜଣେ ବ୍ୟକ୍ତି ନିୟମିତ ସନ୍ତୁଳିତ ଖାଦ୍ୟ ଖାଅନ୍ତି ସେ ସୁସ୍ଥ ରହିବା ସହ ତାଙ୍କୁ ଆଉ ଏକ ଫାଇଦା ମିଳିଥାଏ। ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତାରେ ବୃଦ୍ଧି ଘଟିଥାଏ ବୋଲି ଏକ ସର୍ଭେରୁ ଜଣାପଡିଛି। 'ସନ୍ତୁଳିତ ଖାଦ୍ୟ କିପରି ଜଣକ କାର୍ଯ୍ୟ ଦକ୍ଷତାକୁ ପ୍ରଭାବିତ କରେ' ଏପରି ବିଷୟକୁ ନେଇ ଲଣ୍ଡନ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ନିଜର ଖାଦ୍ୟପେୟ ପ୍ରତି ଅଧିକ ସତର୍କ ଥିଲେ, ସେମାନେ ନିଜ କାମକୁ ଅନ୍ୟମାନଙ୍କ ତୁଳନାରେ ବେଶ୍ ସୂଚାରୁ ରୂପେ ତୁଲାଉଥିଲେ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ମାଂସପେଶୀକୁ ମଜଭୁତ ରଖେ ଭିଟାମିନ୍-ଡି'

ହର୍‌ମୋନ୍‌ର ପ୍ରାକୃତିକ ଉପାଦାନ ହେଉଛି ଭିଟାମିନ 'ଡି'। ଏହା ଶରୀରରେ ଅସ୍ଥି ଓ ମାଂସପେଶୀକୁ ମଜଭୁତ ରଖିବାରେ ସାହାଯ୍ୟ କରେ। ହେଲେ, ଶରୀରରେ ଯେତେବେଳେ ଏହି ଭିଟାମିନ୍‌ର ଅଭାବ ଘଟେ, ସେତେବେଳେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ୟୁନିଭରସିଟି ଅଫ୍ ସାଉଥ୍ ଅଷ୍ଟ୍ରେଲିଆ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ଏହା ଅସନ୍ତୁଳିତ ରହିଲେ ତାହାର ପ୍ରଭାବ ମାଂସପେଶୀ ଉପରେ ପଡ଼େ, ତା' ସହ ଏଥିଯୋଗୁ ହୃତ୍‌ପିଣ୍ଡର କାର୍ଯ୍ୟ ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଶରୀରରେ ଭିଟାମିନ୍ 'ଡି'ର ଅଭାବ ପରିଲକ୍ଷିତ ହେଲେ ସ୍ନାୟୁଗୁଡ଼ିକ ଦୁର୍ବଳ ହୋଇପଡ଼େ। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ଭିଟାମିନ୍-ଡି ଯୁକ୍ତ ଖାଦ୍ୟ ଯଥା- କଦଳୀ, କମଳା, ଆଲ୍‌ମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର, ଜୁସ୍ ଆଦିକୁ ଖାଇବା ନିହାତି ଆବଶ୍ୟକ। ଏହାସହ ପ୍ରତିଦିନ ସକାଳେ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ।



# ଗ୍ରହାଣୁ ସଂଘାତ ମହାକାଶ ଅଭିଯାନ



ଇ. ମାୟାଧର ସ୍ୱାଇଁ

*"କୌଣସି ଗ୍ରହାଣୁ ପୃଥିବୀ ଆଡ଼କୁ ଆସି ଧକ୍କା ହେବାର ସମ୍ଭାବନା ଜଣାଗଲେ ଗୋଟିଏ କୃତ୍ରିମ ଉପଗ୍ରହ ପଠାଇ ତାହା ସହିତ ସଂଘର୍ଷ କରାଇ ତାହାର ଗତିପଥ ବଦଳାଇ ଦେବା ହେଉଛି ଗୋଟିଏ ଉତ୍ତମ ପନ୍ଥା। ଏଥିପାଇଁ ନାସା ପରୀକ୍ଷା ଆରମ୍ଭ କରିଦେଇଛି। ଏହା ୨୪ ନଭେମ୍ବର, ୨୦୨୧ ମସିହାରେ କାଲିଫର୍ନିଆର ମହାକାଶ ଉତ୍‌କ୍ଷେପଣ ଘାଟିରୁ 'ସ୍ପେସ୍‌ଏକ୍ସ ଫାଲ୍‌କନ୍-୯' ରକେଟ୍ ସାହାଯ୍ୟରେ ଅନ୍ତରୀକ୍ଷକୁ ଗୋଟିଏ ମହାକାଶ ଯାନ ପଠାଇଛି। ଏହି ଅଭିଯାନର ନାମ ରଖାଯାଇଛି ଡାର୍ଟ (DART)।"*

ସୌର ଜଗତରେ ମଙ୍ଗଳ ଓ ବୃହସ୍ପତି ଗ୍ରହ କକ୍ଷ ମଝିରେ ଅନେକ କ୍ଷୁଦ୍ରପିଣ୍ଡ ସୂର୍ଯ୍ୟକୁ ପରିକ୍ରମଣ କରୁଛନ୍ତି। ଏଗୁଡ଼ିକୁ ଗ୍ରହାଣୁ ବା ଗୌଣ ଗ୍ରହ କୁହାଯାଏ। ସେଗୁଡ଼ିକ ମଧ୍ୟରେ ବୃହତ୍ତମ ହେଉଛି 'ସେରେସ୍', ଯାହାର ବ୍ୟାସ ହେଉଛି ୯୪୬ କି.ମି.। କିନ୍ତୁ ଅଧିକାଂଶ ଗ୍ରହାଣୁର ଆକାର ହେଉଛି ବହୁତ ଛୋଟ। ୧୮୦୧ ମସିହାରେ ସେରେସ୍ ଆବିଷ୍କୃତ ହେବା ପରେ ଅନ୍ୟଗୁଡ଼ିକ ଆବିଷ୍କୃତ ହେବାରେ ଲାଗିଛି। ଏଗୁଡ଼ିକ ମଧ୍ୟରୁ କେତେକର କକ୍ଷ ପୃଥିବୀ କକ୍ଷର ନିକଟବର୍ତ୍ତୀ ଅଛି। ଏଗୁଡ଼ିକୁ 'ଭୂସମୀପବର୍ତ୍ତୀ ଗ୍ରହାଣୁ' କୁହାଯାଏ। ଯଦି କୌଣସି ଗ୍ରହାଣୁ କକ୍ଷଚ୍ୟୁତ ହୋଇ ପୃଥିବୀ ସହ ଧକ୍କା ହୁଏ, ତାହାହେଲେ ପୃଥିବୀରେ ଅଜସ୍ର କ୍ଷତି ହେବ। ଅନୁମାନ କରାଯାଉଛି ଯେ, ଆଜକୁ ୬୫ ନିୟୁତ ବର୍ଷ ତଳେ ଏହିଭଳି ଏକ ଗ୍ରହାଣୁର ସଂଘର୍ଷରେ ପୃଥିବୀରୁ ଡାଇନୋସର ବଂଶ ଲୋପ ପାଇଯାଇଥିଲା। ନିକଟ ଅତୀତରେ ୧୯୦୮ ମସିହାରେ ରୁଷିଆର ସାଇବେରିଆରେ ତୁଙ୍ଗାସ୍କା ନାମକ ସ୍ଥାନରେ ଗୋଟିଏ ଗ୍ରହାଣୁ ପଡ଼ି ଅନେକ କ୍ଷତି ହୋଇଥିଲା। ଏହିପରି ବିପଜ୍ଜନକ ଗ୍ରହାଣୁରୁ ପୃଥିବୀକୁ ରକ୍ଷା କରିବା ପାଇଁ ଆମେରିକାର ମହାକାଶ ସଂସ୍ଥା 'ନାସା' ଏକ ଉପାୟ ବାହାର କରିଛି।

କୌଣସି ଗ୍ରହାଣୁ ପୃଥିବୀ ଆଡ଼କୁ ଆସି ଧକ୍କା ହେବାର ସମ୍ଭାବନା ଜଣାଗଲେ ଗୋଟିଏ କୃତ୍ରିମ ଉପଗ୍ରହ ପଠାଇ ତାହା ସହିତ ସଂଘର୍ଷ କରାଇ ତାହାର ଗତିପଥ ବଦଳାଇ ଦେବା ହେଉଛି ଗୋଟିଏ ଉତ୍ତମ ପନ୍ଥା। ଏଥିପାଇଁ ନାସା ପରୀକ୍ଷା ଆରମ୍ଭ କରିଦେଇଛି। ଏହା ୨୪ ନଭେମ୍ବର, ୨୦୨୧ ମସିହାରେ କାଲିଫର୍ନିଆର ମହାକାଶ ଉତ୍‌କ୍ଷେପଣ ଘାଟିରୁ 'ସ୍ପେସ୍‌ଏକ୍ସ ଫାଲ୍‌କନ୍-୯' ରକେଟ୍ ସାହାଯ୍ୟରେ ଅନ୍ତରୀକ୍ଷକୁ ଗୋଟିଏ ମହାକାଶ ଯାନ ପଠାଇଛି। ଏହି ଅଭିଯାନର ନାମ ରଖାଯାଇଛି ଡାର୍ଟ (DART)। ଏହାର ପୂରା ନାମ ହେଉଛି 'ଡବଲ୍ ଆଷ୍ଟରଏଡ୍ ରିଡିରେକ୍‌ସନ୍ ଟେଷ୍ଟ' ବା ଓଡ଼ିଆରେ ହେବ 'ଦ୍ୱୈତ-ଗ୍ରହାଣୁ ଦିଗ ପରିବର୍ତ୍ତନ ପରୀକ୍ଷା'।

ଏହି ଅଭିଯାନରେ ମହାକାଶ ଯାନ ଦ୍ୱୈତ-ଗ୍ରହାଣୁ ମଧ୍ୟରୁ ଗୋଟିଏ ଗ୍ରହାଣୁ ସହ ସଂଘର୍ଷ କରି ତାହାର ବେଗକୁ ବଦଳାଇଦେବ। ଦ୍ୱୈତ-ଗ୍ରହାଣୁ ପଦ୍ଧତିରେ ଦୁଇଟି ଗ୍ରହାଣୁ ଥାଏ ଓ ପ୍ରତ୍ୟେକ ଗ୍ରହାଣୁ ଅନ୍ୟର ଚାରିପଟେ ପରିକ୍ରମଣ କରିଥାଏ ଏବଂ ଏହା ସହିତ ଉଭୟ ଗ୍ରହାଣୁ ସୂର୍ଯ୍ୟ ଚାରିପଟେ ପରିକ୍ରମଣ କରିଥାଆନ୍ତି। ଗ୍ରହାଣୁ ଦୁଇଟିର ନାମ ହେଉଛି ଡିଡିମୋସ୍ ଓ ଡିମୋରୋଫୋସ୍। ଏଥିମଧ୍ୟରୁ ଡିଡିମୋସ୍ ହେଉଛି ବଡ଼ ଓ ଏହାର ଦୈର୍ଘ୍ୟ ହେଉଛି ୭୮୦ ମିଟର। ଛୋଟ ଗ୍ରହାଣୁ ଡିମୋରୋଫୋସ୍‌ର ଦୈର୍ଘ୍ୟ ହେଉଛି ୧୬୦ ମିଟର। ସୂର୍ଯ୍ୟ ଚାରିପଟେ ଥରେ ଘୂରି ଆସିବା ପାଇଁ ଏହି ଗ୍ରହାଣୁ ଦ୍ୱୟ ଦୁଇବର୍ଷରୁ ସାମାନ୍ୟ ଅଧିକ ସମୟ ନେଇଥାଆନ୍ତି। 'ନାସା'ର ଲକ୍ଷ୍ୟ ଅଛି ଡିମୋରୋଫୋସ୍। ଏହା ସହିତ ମହାକାଶ ଯାନର ଧକ୍କା ହେବା ପାଇଁ ଡିଜାଇନ୍ କରାଯାଇଛି। ସୂଚନାଯୋଗ୍ୟ, ପୃଥିବୀ ସହିତ ଏହି ଦୁଇ ଗ୍ରହାଣୁର ସଂଘର୍ଷ ହେବାର ଆଦୌ ସମ୍ଭାବନା ନାହିଁ। କିନ୍ତୁ ପରୀକ୍ଷା ପାଇଁ ନାସା ଏହାକୁ ଚୟନ କରିଛି। ଏହାକୁ ବାଛିବାର ଉଦ୍ଦେଶ୍ୟ ହେଉଛି ଯେ, ଏହା ପୃଥିବୀଠାରୁ ଅପେକ୍ଷାକୃତ ନିକଟରେ ଅଛି ଏବଂ ଫଳରେ ଭୂପୃଷ୍ଠରୁ ଦୂରବୀକ୍ଷଣ ସାହାଯ୍ୟରେ ଏହାସହିତ ମହାକାଶ ଯାନର ସଂଘର୍ଷକୁ ଦେଖିହେବ। ଯୋଜନା ଅନୁଯାୟୀ ମହାକାଶ ଯାନ ୨୬ ସେପ୍ଟେମ୍ବର, ୨୦୨୨ ମସିହାରେ ଡିମୋରୋଫୋସ୍ ଗ୍ରହାଣୁ ସହିତ ଧକ୍କା ହେବ। ସେତେବେଳକୁ ଏହା ପୃଥିବୀଠାରୁ ଏଗାର ନିୟୁତ କି.ମି. ଦୂରରେ ଥିବ।





ମହାକାଶ ଯାନରେ 'କ୍ୟୁବସାଟ୍' ନାମରେ ଗୋଟିଏ ଛୋଟ ମହାକାଶ ଯାନ ଯାଇଛି। ଏହାକୁ ଇଟାଲୀ ମହାକାଶ ସଂସ୍ଥା ନିର୍ମାଣ କରିଛି। ଗ୍ରହାଣୁ ସହିତ ଡାର୍ଟ ମହାକାଶ ଯାନର ସଂଘର୍ଷର ଦଶ ଦିନ ପୂର୍ବରୁ ଏହା ମୂଳ ଯାନରୁ ବାହାରିଯିବ ଏବଂ ଗ୍ରହାଣୁ ସହିତ ମୂଳଯାନର ସଂଘର୍ଷର ଚିତ୍ର ପୃଥିବୀକୁ ପଠାଇବ। କ୍ୟୁବସାଟ୍‌ରେ ଦୁଇଟି ଶକ୍ତିଶାଳୀ କ୍ୟାମେରା 'ଲୁକେ' ଓ 'ଲିଆ' ଖଞ୍ଜାଯାଇଛି।

୧୪୦ ମିଟରରୁ ଅଧିକ ବ୍ୟାସ ଥିବା କୌଣସି ଗ୍ରହାଣୁ ଆସନ୍ତା ୧୦୦ ବର୍ଷ ମଧ୍ୟରେ ପୃଥିବୀ ସହିତ ଧକ୍କା ହେବାର ସମ୍ଭାବନା ନାହିଁ। ମାତ୍ର ୨୦୨୧ ମସିହା ଅକ୍ଟୋବର ସୁଦ୍ଧା ଏହି ପ୍ରକାରର ମାତ୍ର ୪୦ ପ୍ରତିଶତ ଗ୍ରହାଣୁକୁ ଚିହ୍ନଟ କରାଯାଇଛି। ଏଣୁ ଚିହ୍ନଟ କରାଯାଇ ନ ଥିବା ଗ୍ରହାଣୁର କକ୍ଷପଥ ଜଣା ନ ପଡ଼ିବା ପର୍ଯ୍ୟନ୍ତ ପୃଥିବୀ ସହିତ ଏହାର ସମ୍ଭାବ୍ୟ ସଂଘର୍ଷକୁ ଏଡ଼ାଇ ଦେଇ ହେବ ନାହିଁ।

୫୦୦ କି.ଗ୍ରା. ଓଜନର ଡାର୍ଟ ମହାକାଶ ଯାନ ସେକେଣ୍ଡ ପ୍ରତି ୬.୬ କି.ମି. ବେଗରେ ଗ୍ରହାଣୁ ସହିତ ଧକ୍କା ହେବ। ଗଣନା କରାଯାଇଛି ଯେ, ଏହି ସଂଘର୍ଷ ଯୋଗୁ ଏହାର ସାଥୀ ଗ୍ରହାଣୁର ଚାରିପଟେ ଡିମୋରୋଫୋସ୍ ବେଗ ଏକ ପ୍ରତିଶତ ହ୍ରାସ ପାଇବ ଏବଂ ଏହା ତାହାର ପରିକ୍ରମଣ ସମୟକୁ କିଛି ମିନିଟ୍ ପରିବର୍ତ୍ତନ କରିଦେବ, ଯାହା ପୃଥିବୀରୁ ଦୂରବୀକ୍ଷଣ ସାହାଯ୍ୟରେ ଦେଖିବା ଓ ମାପିବା ପାଇଁ ଯଥେଷ୍ଟ ହେବ।

ପୃଥିବୀକୁ କୌଣସି ଗ୍ରହାଣୁର ସମ୍ଭାବ୍ୟ ସଂଘର୍ଷରୁ ରକ୍ଷା କରିବା ପାଇଁ ଏହା ହେଉଛି ପ୍ରଥମ ପରୀକ୍ଷା। ମହାକାଶ ଅଭିଯାନର ଅନେକ ମାନବ ଉପଯୋଗୀ ଉଦ୍ଦେଶ୍ୟ ମଧ୍ୟରେ ଏହା ନିଶ୍ଚିତ ଭାବେ ସର୍ବୋତ୍କୃଷ୍ଟ ହେବ। ନାସା ମଧ୍ୟ ଏହି ଅଭିଯାନରେ ବୈଦ୍ୟୁତିକ ପ୍ରପଲସନ୍ ବ୍ୟବସ୍ଥାର ପରୀକ୍ଷା କରୁଛି। ଯାନ ଦେହରେ ଖଞ୍ଜାଯାଇଥିବା ୧୯ ମିଟର ଦୈର୍ଘ୍ୟର ସୌରଫଳକରୁ ଏହା ୬.୬ କିଲୋୱାଟ୍ ବିଦ୍ୟୁତ୍ ଶକ୍ତି ପାଇବ। ପୂର୍ବରୁ ମହାକାଶ ଯାନଗୁଡ଼ିକର ଇଞ୍ଜିନରେ କଠିନ କିମ୍ବା ତରଳ ଇନ୍ଧନ ବ୍ୟବହୃତ ହେଉଥିଲା। ମାତ୍ର ନାସା ଜିନନ୍ ବ୍ୟବହାର କରି ଏକ ଆୟନ୍ ଇଞ୍ଜିନର ବିକାଶ କରିଛି ଏବଂ ଏହା ପରୀକ୍ଷାମୂଳକ ଭାବେ ଏହି ଅଭିଯାନରେ ବ୍ୟବହୃତ ହୋଇଛି।

ଏହି ମହାକାଶ ଅଭିଯାନର ପରୀକ୍ଷାକୁ ଆଗେଇ ନେବା ପାଇଁ ୟୁରୋପୀୟ ମହାକାଶ ସଂସ୍ଥା ୨୦୨୬ ମସିହାରେ ସେହି ଗ୍ରହାଣୁ ପାଖକୁ 'ହେରା' ନାମକ ଅଭିଯାନ ପ୍ରେରଣ କରିବ ଓ ତାହା ୨୦୨୭ ମସିହାରେ ଗ୍ରହାଣୁ ପାଖରେ ପହଞ୍ଚି ତାହାର ବିଭିନ୍ନ ତଥ୍ୟ ଆହରଣ କରିବ। ଡାର୍ଟ ଅଭିଯାନ ସଫଳ ହେଲେ ନାସା ଆହୁରି ବଡ଼ ଗ୍ରହାଣୁ ପାଖକୁ ଏହି ପ୍ରକାର ଅଭିଯାନ ପଠାଇ ପରୀକ୍ଷା ପାଇଁ ଘୋଷଣା କରିଛି।

- ୭୦, ଲକ୍ଷ୍ମୀବିହାର ଫେଜ୍-୧
ଭୁବନେଶ୍ୱର-୭୫୧୦୧୮
ମୋ: ୯୪୩୮୬୯୩୭୨୪

## କରୋନା ବୃଦ୍ଧି କରିପାରେ କିଡ୍‌ନୀ ସଂକ୍ରମଣ

କୋଭିଡ୍-୧୯ର ଭୟାବହତା ଏବେ ମଧ୍ୟ ଦୂର ହୋଇନାହିଁ। ସାର୍‌ସ-କୋଭ୍-୨ ପରେ ଏବେ ଓମିକ୍ରନ୍ ଭ୍ୟାରିୟାଣ୍ଟ ପୁଣି ଥରେ ସମଗ୍ର ବିଶ୍ୱରେ ଆତଙ୍କ ଖେଳାଇ ଦେଇଛି। କୋଭିଡ୍‌କୁ ନେଇ ଏକ ନୂଆ ତଥ୍ୟ ନିକଟରେ ଲୋକଲୋଚନକୁ ଆସିଛି। ଏହାଦ୍ୱାରା ଆକ୍ରାନ୍ତ ହେଲେ କିଡ୍‌ନୀ ସଂକ୍ରମଣ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ୟୁନିଭରସିଟି ଅଫ୍ ୱାଶିଂଟନ୍ ସ୍କୁଲ୍ ଅଫ୍ ମେଡିସିନ୍ ତରଫରୁ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି। ସେମାନଙ୍କ ଦ୍ୱାରା ହୋଇଥିବା ଏହି ସର୍ଭେରୁ ଜଣାପଡିଛି ଯେ, କୋଭିଡ୍-୧୯ରେ ସଂକ୍ରମିତ ହୋଇଥିବା ପ୍ରାୟ ୨୫ ପ୍ରତିଶତ ଲୋକଙ୍କର ଗୁରୁତର କିଡ୍‌ନୀ ସମସ୍ୟା ଦେଖାଦେଇଛି। ଏପରି କି କେତେକଙ୍କର କିଡ୍‌ନୀ ନଷ୍ଟ ହୋଇଛି। କରୋନା ଦ୍ୱାରା ଆକ୍ରାନ୍ତ ହେବା ପରେ ଇମ୍ୟୁନୋ ସିଷ୍ଟମ୍‌ରୁ କ୍ଷରିତ ହେଉଥିବା ଇନ୍‌ଫ୍ଲାମେଟୋରି ପ୍ରୋଟିନ୍ ଏବଂ ସାଟୋକାଇନିନ ଏହି ଭାଇରସ୍ ସଂସ୍ପର୍ଶରେ ଆସି ଶରୀରରେ ଥିବା ଟିସୁ ଏବଂ ଅଙ୍ଗପ୍ରତ୍ୟଙ୍ଗକୁ ନଷ୍ଟ କରିଦିଏ। କିଡ୍‌ନୀରେ ଥିବା ୧୧ ପ୍ରକାର ସେଲ୍‌ରୁ ଯଦି ଗୋଟିଏ ପ୍ରକାର ସେଲ୍ ବାହ୍ୟ ଜୀବାଣୁ ବା ଭାଇରସ୍ ଦ୍ୱାରା ସଂକ୍ରମିତ ହୁଏ, ତେବେ ଏହା କିଡ୍‌ନୀର କାର୍ଯ୍ୟଧାରାକୁ ପ୍ରଭାବିତ କରିଥାଏ। ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, କୋଭିଡ୍‌ରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିର



ଯଦି କିଡ୍‌ନୀ ଯଦି ଖରାପ ହୁଏ, ତେବେ ଏହା ଭଲ ହେବାର ଆଶଙ୍କା ଖୁବ୍ କମ୍ ରହିଥାଏ। ଏଥିପାଇଁ ଏପରି ସମସ୍ୟାରୁ ରକ୍ଷା କରିବା ପାଇଁ ଗବେଷଣା ଚାଲିଛି ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ଏଥିରୁ ରକ୍ଷା ପାଇବା ପାଇଁ ହେଲେ ସତର୍କତା ଅବଲମ୍ବନ କରିବା ସହ ଡାକ୍ତରଙ୍କ ସହ ତୁରନ୍ତ ପରାମର୍ଶ କରିବା ପାଇଁ ଗବେଷକମାନେ ପରାମର୍ଶ ଦେଇଛନ୍ତି।

### ଜିନିଷ ଏକ: ଉପକାର ଅନେକ

## ଦହି

*ଦହିରେ ଭରି ରହିଛି ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ। ପ୍ରତିଦିନ ଦହି ଖାଇବା ଦ୍ୱାରା ଶରୀର ସୁସ୍ଥ ରହିବା ସହ କାର୍ଯ୍ୟ କରିବାର ଦକ୍ଷତା ବୃଦ୍ଧି ପାଏ। ଏଥିରେ କ୍ୟାଲସିୟମ୍ ଓ ପଟାସିୟମ୍ ଭରପୂର ମାତ୍ରାରେ ରହିଛି, ଯାହା ଶରୀର ପାଇଁ ବେଶ୍ ଲାଭପ୍ରଦ। ତେଣୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଏହାକୁ ସାମିଲ କରନ୍ତୁ। ଆମେ ପ୍ରତିଦିନ ଆମ ଖାଦ୍ୟରେ ଦହିକୁ ସାମିଲ କରିବା ନିହାତି ଦରକାର। ଜାଣନ୍ତୁ ଏହାର ଉପକାରୀ ଗୁଣ ସମ୍ପର୍କରେ...*





- ଦହି ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ। ପ୍ରାୟ ୭୦% ଶକ୍ତି ଆମେ ଦହିରୁ ହିଁ ପାଇଥାଉ।
- ଦହିରେ କ୍ୟାଲ୍‌ସିୟମ୍ ଥିବାରୁ ଏହା ହାଡ଼ ଓ ଆଣ୍ଠୁଗଣ୍ଠିକୁ ମଜଭୁତ କରିବାରେ ସାହାଯ୍ୟ କରେ। ଅଷ୍ଟିଓପୋରେସିସ୍ ସମସ୍ୟାକୁ ଏହା କେତେକାଂଶରେ ଦୂର କରିଥାଏ। ଏଥି ସହ ଦାନ୍ତକୁ ମଧ୍ୟ ଦୃଢ଼ ରଖେ।
- ଏହା ଚର୍ମ ଏବଂ କେଶକୁ ବଢ଼ିବାରେ ସାହାଯ୍ୟ କରେ। ଏଥିରେ ଥିବା ଲାକ୍‌ଟିକ୍ ଏସିଡ୍ ଯୋଗୁ କ୍ଷତ ସ୍ଥାନ ଶୀଘ୍ର ପୂରଣ ହୋଇ ଯାଇଥାଏ।
- ଲାକ୍‌ଟିକ୍ ଏସିଡ୍‌ରେ ଆଣ୍ଟି-ଫଙ୍ଗାଲ୍ ଗୁଣ ରହିଛି, ଯାହା କେଶମୂଳକୁ ଶକ୍ତ ରଖିବା ସହ ରୁପି ହେବାରୁ ରକ୍ଷା କରେ।
- ହଜମ ପ୍ରକ୍ରିୟାକୁ ଆହୁରି ସକ୍ରିୟ କରେ ଦହି।
- ଏହାକୁ ନିୟମିତ ଖାଇଲେ ଶରୀରରେ କୋଲେଷ୍ଟରଲ୍ ପରିମାଣ ସନ୍ତୁଳିତ ରହିଥାଏ। ତା' ସହ ମେଦ ବହୁଳତା ପରି ସମସ୍ୟାକୁ କେତେକାଂଶରେ କମାଇଥାଏ।
- ଏହା ହାର୍ଟକୁ ମଧ୍ୟ କେତେକାଂଶରେ ସୁସ୍ଥ ରଖିଥାଏ।
- ରକ୍ତରେ ଶର୍କରା ପରିମାଣକୁ ସନ୍ତୁଳିତ ରଖେ ଦହି।

## ଯୁବପିଢ଼ି ଓ ହୃଦ୍‌ରୋଗ

ବର୍ତ୍ତମାନ ହୃଦ୍‌ରୋଗ ବୟସ୍କମାନଙ୍କଠାରୁ ଯୁବଗୋଷ୍ଠୀଙ୍କ ପାଖରେ ଅଧିକ ଦେଖାଯାଉଛି ବୋଲି ଏକ ସର୍ଭେରୁ ଜଣାପଡିଛି। 'ଯୁବପିଢ଼ି ଓ ହୃଦ୍‌ରୋଗ' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଅସନ୍ତୁଳିତ ଜୀବନଶୈଳୀ, ଖାଦ୍ୟପେୟ ଏବଂ ନିଜ ଶାରୀରିକ ସମସ୍ୟା ପ୍ରତି ଠିକ୍ ସମୟରେ ଦୃଷ୍ଟି ନ ଦେବା ଫଳରେ ଅଧିକାଂଶ ଯୁବପିଢ଼ି ଏପରି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ଯଦି ଆପଣ ଡାଇବେଟିସ୍ କିମ୍ବା ରକ୍ତଚାପ (ବ୍ଲଡପ୍ରେସର) ପରି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି, ତେବେ ହୃଦ୍‌ଘାତର ଶିକାର ହେବାର ଆଶଙ୍କା ଅଧିକ ରହିଛି। ତେଣୁ ଏ ନେଇ ସତର୍କ ରହିବା ନିହାତି ଦରକାର। ଅନ୍ୟପକ୍ଷରେ କୋଲେଷ୍ଟରଲ, ରକ୍ତଚାପ ଓ ଡାଇବେଟିସ୍‌କୁ ସବୁବେଳେ ନିୟନ୍ତ୍ରଣରେ ରଖନ୍ତୁ। ମାନସିକ ଚାପଠାରୁ ନିଜକୁ ଦୂରେଇ ରଖନ୍ତୁ। ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ ସାମିଲ କରନ୍ତୁ। ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଯେତେ ଦୂରରେ ରଖିବେ ତାହା ସେତେ ଭଲ। ଅଧିକ ମସଲା, ତେଲଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ।



## ସ୍ୱାସ୍ଥ୍ୟ ସୂଚନା

- ନିଜକୁ ସୁସ୍ଥ ରଖିବା ପାଇଁ ଜୀବନଶୈଳୀ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ। ତେଣୁ ନିଜ ଜୀବନଶୈଳୀକୁ ସବୁବେଳେ ଏପରି ରଖନ୍ତୁ, ଯେମିତି ଅଧିକାଂଶ ସମୟ ଆପଣ ନିଜକୁ ରୋଗଠାରୁ ଦୂରେଇ ରଖିପାରିବେ।
- ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜ ସ୍ୱାସ୍ଥ୍ୟ ପ୍ରତି ଆବଶ୍ୟକ ଦୃଷ୍ଟି ଦିଅନ୍ତୁ। ନିୟମିତ ସମୟ ଅନ୍ତରାଳରେ ଆପଣଙ୍କ ସ୍ୱାସ୍ଥ୍ୟର ରୁଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ।
- ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରିବା ସମୟରେ ନିଜ ରୋଗ ବିଷୟରେ ସବିଶେଷ ବିବରଣୀ ଦିଅନ୍ତୁ। କାରଣ ତାହାକୁ ଆଧାର କରି ସେ ଆପଣଙ୍କୁ ଚିକିତ୍ସା ବିଷୟରେ ପରାମର୍ଶ ଦେବେ।
- କେତେକ ରୋଗର ଚିକିତ୍ସା କରିବା ସମୟରେ ଡାକ୍ତର କିଛି ପ୍ୟାଥୋଲୋଜିକାଲ ଟେଷ୍ଟ କରିବାକୁ ପ୍ରେସକ୍ରିପସନରେ ଉଲ୍ଲେଖ କରିଥାଆନ୍ତି। ସେଗୁଡିକୁ ଆଦୌ ଅବହେଳା କରନ୍ତୁ ନାହିଁ। କାରଣ ସେହି ରିପୋର୍ଟଗୁଡିକୁ ଅନୁଧ୍ୟାନ କରି ଡାକ୍ତର ଔଷଧ ଲେଖିଥାଆନ୍ତି।



- ଯଦି ଜିମ୍ ଯିବାକୁ ମନସ୍ଥ କରିଛନ୍ତି, ତେବେ ତା'ପୂର୍ବରୁ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ତା'ସହ ଜିମ୍‌ରେ କେଉଁ କେଉଁ ବ୍ୟାୟାମ କଲେ ତାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ସାବ୍ୟସ୍ତ ହେବ, ତାହା ଜିମ୍ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।



ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନରେ ଭାରତୀୟ କିଷାନ ୟୁନିୟନ(ବିକେୟୁ) କୌଣସି ଦଳକୁ ସମର୍ଥନ କରିବ ନାହିଁ। ବିକେୟୁ ରାଜନୈତିକ ଦଳରେ ପରିଣତ ହେବ ନାହିଁ। ରାଜନୀତିରୁ ଦୂରେଇ ରହିବ।

-ରାକେଶ ଟିକାଏତ୍, ବିକେୟୁ ରାଷ୍ଟ୍ରୀୟ ମୁଖପାତ୍ର

## ସଂକ୍ଷେପରେ

### ଭିକାରିଙ୍କୁ ଉଦ୍ୟୋଗୀ କରାଉଛି ଏନ୍‌ଜିଓ

**ଲକ୍ଷ୍ନୌ, ୧୨।୧୨(ପି.ଟି.):** ଭିକାରିମାନଙ୍କୁ ରୋଜଗାରକ୍ଷମ କରି ଆତ୍ମନିର୍ଭର କରାଇବା ନିମନ୍ତେ ଉତ୍ତରପ୍ରଦେଶ ବାରାଣସୀର ଏକ ଅଣଲାଭଦାୟକ ସଂସ୍ଥା ଅଣ୍ଟା ଭିଡ଼ିଛି। କମନ୍ ମ୍ୟାନ୍ ଟ୍ରଷ୍ଟ ନାମକ ସଂସ୍ଥା ଏକ ପ୍ରକଳ୍ପ ଆରମ୍ଭ କରିଛି, ଯେଉଁଥିରେ ଲାପ୍‌ଟପ୍ ଏବଂ କନ୍‌ଫରେନ୍ସ ବ୍ୟାଗ୍ ଭଳି ସାମଗ୍ରୀ ପ୍ରସ୍ତୁତ ହେଉଛି। ଉକ୍ତ ଏନ୍‌ଜିଓ ଗତ ଫେବୃୟାରୀରେ 'ବେଗାର୍ସ କର୍ପୋରେଶନ ନାମରେ ଏକ ଉପକ୍ରମର ସଂକଳ୍ପ ନେଇ ଜୁଲାଇରେ ଏହାର ଶୁଭାରମ୍ଭ କରିଥିଲା। ଦାନ ନୁହେଁ, ନିବେଶ ଉପରେ ଗୁରୁତ୍ୱ ଦେଉଥିବା ଉକ୍ତ କର୍ପୋରେଶନ ୨୦୨୩ ସୁଦ୍ଧା ବାରାଣସୀକୁ ଭିକାରିମୁକ୍ତ କରିବା ଲାଗି ଲକ୍ଷ୍ୟ ରଖିଛି। ସଂଗଠନ ବାରଣାସୀର ବିଭିନ୍ନ ସ୍ଥାନରେ ୧୨ଟି ଭିକାରି ପରିବାରକୁ ତାଲିମ ପ୍ରଦାନ କରିବା ପରେ ସେମାନେ ଭିକ୍ଷାବୃତ୍ତି ଛାଡ଼ିଦେଇଛନ୍ତି। ଏହି ପାଇଲଟ୍ ମଡେଲ ସଫଳ ହେଲେ ଦେଶର ଅନ୍ୟ ଅଞ୍ଚଳରେ ଲାଗୁ କରାଯିବ ବୋଲି କମନ୍ ମ୍ୟାନ୍ ଟ୍ରଷ୍ଟ ମୁଖ୍ୟ ଚନ୍ଦ୍ର ମିଶ୍ର କହିଛନ୍ତି। ୨୦୨୨ ମାର୍ଚ୍ଚରେ ବେଗାର୍ସ କର୍ପୋରେଶନ ଏକ ଲାଭକାରୀ କମ୍ପାନୀ ଭାବେ ପଞ୍ଜୀକୃତ ହେବ। ନିବେଶକ ଓ ପୁଞ୍ଜିପତିମାନେ ଏଥିରେ ୨.୫ କୋଟି ଟଙ୍କା ନିବେଶ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାପରେ ବାରାଣସୀର ପ୍ରଥମ ପର୍ଯ୍ୟାୟରେ ୧୦ ଭିକାରି ପରିବାରକୁ ଚୟନ କରାଯାଇ ସେମାନଙ୍କୁ ତାଲିମ ଦିଆଯିବା ସହ ସ୍ୱାବଲମ୍ବୀ କରାଯିବ। ଉକ୍ତ ଟ୍ରଷ୍ଟ ବାରାଣସୀର ରାଜେନ୍ଦ୍ର ପ୍ରସାଦ ଘାଟଠାରେ ସ୍କୁଲ୍ ଅଫ୍ ଲାଇଫ୍ ଚଳାଇଛି, ଯେଉଁଠି ଭିକାରି ପରିବାରର ୩୨ ଜଣ ପିଲା ପାଠ ପଢୁଛନ୍ତି।

### ସାଧାରଣତନ୍ତ୍ର ଦିବସରେ ୫ କେନ୍ଦ୍ରୀୟ ଏସୀୟ ରାଷ୍ଟ୍ର ନେତା ଅତିଥି ହୋଇପାରନ୍ତି

**ନୂଆଦିଲ୍ଲୀ, ୧୨।୧୨:** ୨୦୨୨ ସାଧାରଣତନ୍ତ୍ର ଦିବସରେ ୫ କେନ୍ଦ୍ରୀୟ ଏସୀୟ ରାଷ୍ଟ୍ରର ନେତା ମୁଖ୍ୟ ଅତିଥି ହୋଇପାରନ୍ତି। ଏଥିପାଇଁ କାଜାକସ୍ତାନ, କିର୍‌ଗିଜସ୍ତାନ, ତାଜିକିସ୍ତାନ, ତୁର୍କମେନିସ୍ତାନ ଏବଂ ଉଜ୍‌ବେକିସ୍ତାନକୁ ଭାରତ ଆମନ୍ତ୍ରଣ କରିଛି। ଏହା ଗୃହୀତ ହେଲେ ପ୍ରଥମ ଥର ପାଇଁ ସମସ୍ତ ୫ କେନ୍ଦ୍ରୀୟ ଏସୀୟ ରାଷ୍ଟ୍ରର ପ୍ରତିନିଧି ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି ହେବେ। ୨୦୧୮ ଆସିଆନ୍ ସମିଟ୍‌ରେ ଏହି ନେତାମାନେ ଏକାଠି ହୋଇଥିଲେ। ୩ ସପ୍ତାହ ପୂର୍ବରୁ ଏହି ଦେଶଗୁଡ଼ିକ ସହ ନୂଆଦିଲ୍ଲୀ ଯୋଗାଯୋଗ କରିଥିବା ବିଭିନ୍ନ ସୂତ୍ରରୁ ଜଣାପଡିଛି। ଭାରତ ସହ ଏହି ଦେଶଗୁଡ଼ିକର ସଂସ୍କୃତି, ସଭ୍ୟତା ଏବଂ ଐତିହାସିକ ସଂଯୋଗ ରହିଛି। ଏହାର ନେତାମାନେ ସାଧାରଣତନ୍ତ୍ର ଦିବସର ଅତିଥି ହେଲେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ମଜଭୁତ ହୋଇପାରିବ। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ୨୦୧୫ରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ବାରାକ ଓବାମା, ୨୦୧୬ରେ ସେତେବେଳର ଫ୍ରାନ୍ସ ରାଷ୍ଟ୍ରପତି ଫ୍ରାଙ୍କୋଇସ୍ ହଲାଣ୍ଡେ, ୨୦୧୭ରେ ୟୁଏଇର ମହମ୍ମଦ ବିନ୍ ଜାୟେଦ ଅଲ୍ ନାହ୍ୟାନ, ୨୦୧୮ରେ ୧୦ ଆସିଆନ୍ ଦେଶର ନେତା, ୨୦୧୯ରେ ଦକ୍ଷିଣ ଆଫ୍ରିକାର ସିରିଲ ରାମାଫୋସା ଏବଂ ୨୦୨୦ରେ ବ୍ରାଜିଲ ରାଷ୍ଟ୍ରପତି ଜଏର ବୋଲସୋନାରୋ ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି ହୋଇଥିଲେ।

# ଭଗ୍ନାବଶେଷ ତଳେ ଆତ୍ମୀୟଙ୍କ ସନ୍ଧାନ

**ନ୍ୟୁୟର୍କ,୧୨।୧୨**

ଆମେରିକାର କେଣ୍ଟକିରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ୬ ରାଜ୍ୟରେ ତାଣ୍ଡବ ରଚିଛି। ଏଥିରେ ୯୪ ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଉଥିଲେ ହେଁ ପ୍ରକୃତ ସଂଖ୍ୟା ୧୦୦ରୁ ଅଧିକ ହେବ ବୋଲି ଆଶଙ୍କା କରାଯାଉଛି। ଝଡ଼ବର୍ଷାରେ ଘରଦ୍ୱାର ଭାଙ୍ଗିଯାଇଛି, ବଡ଼ବଡ଼ ଗଛ ଟଳିପଡ଼ିଛି। କେଉଁଠି ରେଳପଥରୁ ଟ୍ରେନ୍ ବିଚ୍ୟୁତ ହୋଇ ଓଲଟିପଡ଼ିଛି ତ ପୁଣି କେଉଁଠି ବିଶାଳ ଟାୱାର ଧରାଶାୟୀ ହୋଇଛି। ଯେଉଁଆଡ଼େ ଅନେଇଲେ ଆଖି ଆଗରେ କେବଳ ଧ୍ୱଂସର ଚିତ୍ର। ବାତ୍ୟା ପ୍ରଭାବିତ ଲୋକେ ବ୍ୟାକୁଳ ହୋଇ ଭଗ୍ନାବଶେଷ ତଳେ ନିଜ ଆତ୍ମୀୟସ୍ୱଜନଙ୍କୁ ଖୋଜିବାରେ ଲାଗିଛନ୍ତି। ଆମେରିକା ଇତିହାସର ୧୦୦ ବର୍ଷ ମଧ୍ୟରେ ଏହାକୁ ସବୁଠୁ ବଡ଼ ଘାତକ ବାତ୍ୟା କୁହାଯାଉଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସର୍ବାଧିକ ପ୍ରଭାବିତ ରାଜ୍ୟ କେଣ୍ଟକିରେ ବିପର୍ଯ୍ୟୟ ଘୋଷଣା କରିଛନ୍ତି। କେଣ୍ଟକିରେ ଶୁକ୍ରବାର ଆସିଥିବା ଝଡ଼ କେବଳ ଏହି ରାଜ୍ୟରେ ୮୦ ଜଣଙ୍କ ଜୀବନ ନେଇସାରିଲାଣି। ଲ୍ୟୁଟ୍‌ନାଣ୍ଟ ଗଭର୍ଣ୍ଣର କାକେଲିନ୍ କୋଲ୍‌ମ୍ୟାନ୍ କହିଛନ୍ତି, ପ୍ରତି ଘଣ୍ଟାରେ ମୃତ୍ୟୁ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଭାଙ୍ଗିରୁଜି ଯାଇଥିବା କୋଠାଗୁଡ଼ିକ ତଳେ ଚାପି ହୋଇଯାଇଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ଜରୁରୀ ପ୍ରଶମନ ଟିମ୍ ପ୍ରାଣପଣେ ଉଦ୍ୟମ ଜାରି ରଖିଛି। ଧ୍ୱସ୍ତବିଧ୍ୱସ୍ତ ମେଫିଲ୍ଡ ସହରରେ ଝଡ଼ର ପ୍ରଭାବ ସବୁଠୁ ଅଧିକ ରହିଥିଲା। ଏପରି ବିପର୍ଯ୍ୟୟ ସୃଷ୍ଟିକାରୀ ବାତ୍ୟା ଜୀବନରେ କେବେ ଦେଖି ନ ଥିବା ସ୍ଥାନୀୟ କଂଗ୍ରେସମ୍ୟାନ୍ ଜେମ୍ସ କୋମର କହିଛନ୍ତି। ମେଫିଲ୍ଡସ୍ଥିତ ଏକ କ୍ୟାଣ୍ଡେଲ ଫ୍ୟାକ୍ଟ୍ରିରୁ ଶୁକ୍ରବାର ୪୦ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଆହୁରି ୬୦ ଜଣ ନିଖୋଜ ଥିବା ସମ୍ପୃକ୍ତ ଅଞ୍ଚଳକୁ ପରିଦର୍ଶନ କରିବା ପରେ ଗଭର୍ଣ୍ଣର ଆଣ୍ଡି ବେଶିୟର ସୂଚନା ଦେଇଛନ୍ତି। ଗଭର୍ଣ୍ଣରଙ୍କ ମତରେ ଶନିବାରଠାରୁ କେହି ଜଣେ ହେଲେ ଶ୍ରମିକ ଉକ୍ତ ଫ୍ୟାକ୍ଟ୍ରିରୁ ଜୀବନ୍ତ ଉଦ୍ଧାର ହୋଇନାହାନ୍ତି। ଯଦି ବା କେହି ଜୀବନ୍ତ ମିଳିଯିବେ ତାକୁ ଚମତ୍କାର ହିଁ କୁହାଯିବ। ଏହି ଝଡ଼ରେ ଇଲିନୋଇସ୍‌ସ୍ଥିତ ଏଡ୍‌ୱାର୍ଡ୍‌ଭିଲେରେ ଥିବା ଆମାଜନର ଏକ ଗୋଦାମଘର ଭୁଶୁଡ଼ିପଡ଼ିବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ସେଠାରେ ଆହୁରି କେତେଜଣ ଫସିରହିଥିବା ପୋଲିସ କହିଛି। ରାଷ୍ଟ୍ରପତି ବାଇଡେନ୍ ଏକ ଫେଡେରାଲ ଏମର୍ଜେନ୍ସି ଡିଜାଷ୍ଟର ଡିକ୍ଲାରେଶନ ଘୋଷଣା କରିଛନ୍ତି। ଏଥିସହ କେଣ୍ଟକି ପାଇଁ ସ୍ୱତନ୍ତ୍ର ପାଣ୍ଠି ଘୋଷଣା କରିଛନ୍ତି।



- ■କେଣ୍ଟକି ଧ୍ୱସ୍ତବିଧ୍ୱସ୍ତ
- ■୬ ରାଜ୍ୟ ପ୍ରଭାବିତ
- ■ମୃତ୍ୟୁସଂଖ୍ୟା ୧୦୦
- ■ସବୁଠି ବିପର୍ଯ୍ୟୟର ଚିତ୍ର

➩ଆର୍କାନସାସ୍, ମିସୌରି, ଟେନେସି, କେଣ୍ଟକିରେ ୫୫ ନିୟୁତରୁ ଊର୍ଦ୍ଧ୍ୱ ଲୋକ ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି।

➩ଶୀତଦିନେ ଏଭଳି ବାତ୍ୟା ସୃଷ୍ଟି ହୋଇ ନ ଥାଏ। ତେବେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ଏପରି ବିପର୍ଯ୍ୟୟ ଦେଖିବାକୁ ମିଳୁଛି ବୋଲି ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି।

➩୧୯୨୫ ମସିହାରେ ମିସୌରିରେ ସୃଷ୍ଟି ହୋଇଥିବା ଏକ ଝଡ଼ ୨୧୯ ମାଇଲ ବ୍ୟାପୀ ଅଞ୍ଚଳରେ ତାଣ୍ଡବ ରଚିଥିଲା। ଏଥିରେ ୬୫୯ ଜଣଙ୍କ ଜୀବନ ଯାଇଥିଲା।

ରାଜ୍ୟର ଲକ୍ଷ ଲକ୍ଷ ଲୋକ ବିଜୁଳି ଓ ପାଣିରୁ ବଞ୍ଚିତ ହୋଇଛନ୍ତି। ସମସ୍ତେ କେବଳ ଭଗବାନଙ୍କୁ ପ୍ରାର୍ଥନା କରୁଛନ୍ତି ସେମାନଙ୍କ ଆତ୍ମୀୟ ଲୋକ ଜୀବିତ ଥାଆନ୍ତୁ।



ମେଫିଲ୍ଡରେ ପରିଜନଙ୍କୁ ଖୋଜୁଛନ୍ତି ଜଣେ ମହିଳା।

## ମେହବୁବା ଗୃହବନ୍ଦୀ



**ଶ୍ରୀନଗର, ୧୨।୧୨**

କୋଭିଡ୍ କଟକଣା ଦର୍ଶାଇ ଜମ୍ମୁ-କଶ୍ମୀର ପ୍ରଶାସନ ପିଡିପିର ଯୁବ ସମ୍ମିଳନୀକୁ ଅନୁମତି ଦେଇନାହାନ୍ତି। ଏଥିସହିତ ଦଳ ଅଧ୍ୟକ୍ଷା ତଥା ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତିଙ୍କୁ ଗୃହବନ୍ଦୀ କରାଯାଇଛି। ରବିବାର ମେହବୁବାଙ୍କ ଗୁପ୍‌କାର ବାସଭବନରେ ଦଳୀୟ ଯୁବ ସମ୍ମିଳନୀ ଅନୁଷ୍ଠିତ ହେବାର ଥିଲା। ଏଥିପାଇଁ ପ୍ରଶାସନ ଅନୁମତି ଦେଲେ ନାହିଁ ବୋଲି ଜଣେ ପିଡିପି ନେତା କହିଛନ୍ତି। ଯୁବକମାନଙ୍କୁ ଶକ୍ତିହୀନ କରିବା ଲାଗି ସରକାର ନୂଆ ବାଟ ବାଛିଛନ୍ତି। ସରକାର ଯୁବକମାନଙ୍କୁ ଗଣତନ୍ତ୍ରଠାରୁ ଦୂରେଇ ରଖିବାକୁ ଚାହାନ୍ତି। ୩ ବର୍ଷ ହେଲା ଯୁବକମାନଙ୍କୁ ଘରୁ ବାହାରିବାକୁ ଦିଆଯାଉ ନ ଥିବା ମେହବୁବା ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି।

## ବ୍ରିଟେନ୍‌ରେ ଆଜିଠୁ ବୁଷ୍ଟର ଡୋଜ୍

**ଲଣ୍ଡନ, ୧୨।୧୨**

କରୋନାର ଓମିକ୍ରନ୍ ଭାରିଆଣ୍ଟ ସଂକ୍ରମଣ ବଢୁଥିବାରୁ ବ୍ରିଟେନରେ ୩୦ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ଲୋକଙ୍କୁ କୋଭିଡ୍ ଟିକାର ବୁଷ୍ଟର ଡୋଜ୍ ଦେବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ସୋମବାରଠାରୁ ବୁକିଂ ଆରମ୍ଭ ହେଉଛି। ବ୍ରିଟେନରେ ୩୦ରୁ ୩୯ ବର୍ଷ ବୟସ ବର୍ଗର ୭୫ ଲକ୍ଷ ଲୋକ ଥିବାବେଳେ ୩୫ ଲକ୍ଷ ବୁଷ୍ଟର ଡୋଜ୍ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବୁଷ୍ଟର ଡୋଜ୍ ଓମିକ୍ରନ୍‌କୁ ପ୍ରତିହତ କରିବାରେ ପ୍ରଭାବଶାଳୀ ସାବ୍ୟସ୍ତ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ବର୍ଷ ଶେଷ ସୁଦ୍ଧା ବ୍ରିଟେନରେ ଓମିକ୍ରନ୍‌ସଂକ୍ରମଣ ଡେଲ୍ଟା ଭାରିଆଣ୍ଟ ସଂକ୍ରମଣକୁ ଟପିଯିବ ବୋଲି ବିଶେଷଜ୍ଞମାନେ ସତର୍କ କରାଇବା ପରେ ସରକାର ତତ୍ପର ହୋଇଛନ୍ତି।



ଚେନ୍ନାଇର ମାରିନା ବିଚ୍‌ରେ ଜଣେ ଯୁବକ ଦୁଃସାହସିକ କୌଶଳ ପ୍ରଦର୍ଶନ କରୁଛନ୍ତି।

## ଭାଟିକାନ ସିଟି ଭଳି ହେବ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର

**ନାଗପୁର, ୧୨।୧୨**

ଅଯୋଧ୍ୟାର ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଭାଟିକାନ୍ ସିଟି ଏବଂ ମକ୍କା ଭଳି ବିକଶିତ ହେବ। ଏହା ହିନ୍ଦୁତ୍ୱର ପ୍ରତୀକ ଭାବେ ପରିଚିତ ହେବ ବୋଲି ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ଅଧ୍ୟକ୍ଷ ରବୀନ୍ଦ୍ର ନାରାୟଣ ସିଂ କହିଛନ୍ତି। ରବିବାର ମହାରାଷ୍ଟ୍ରର ନାଗପୁରଠାରେ ଭିଏଚ୍‌ପିର ବିଦର୍ଭ ଆଞ୍ଚଳିକ କାର୍ଯ୍ୟାଳୟ ଭୂମିପୂଜନ ଉତ୍ସବରେ ଯୋଗଦେଇ ରବୀନ୍ଦ୍ର କହିଛନ୍ତି,ରୋମାନ କାଥୋଲିକ୍ ଚର୍ଚ୍ଚର ମୁଖ୍ୟାଳୟ ଭାଟିକାନ ସିଟି ଏବଂ ଇସ୍‌ଲାମ ଧର୍ମର ପବିତ୍ର ସହର ମକ୍କା ଭଳି ରାମ ଜନ୍ମଭୂମି ତୀର୍ଥକ୍ଷେତ୍ରକୁ ବିକଶିତ କରାଯିବ। ଭାରତରେ ଧର୍ମାନ୍ତରୀକରଣ ଲକ୍ଷ୍ୟରେ ଆସୁଥିବା ବିଦେଶୀ ଅନୁଦାନ ରୋକିବାରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ନେଇଥିବା ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ। ଦେଶସେବା ପାଇଁ ମୁସଲମାନ ସମ୍ପ୍ରଦାୟ ହିନ୍ଦୁମାନଙ୍କ ସହ ସାମିଲ ହେବା ଲାଗି ଭିଏଚ୍‌ପି ମୁଖ୍ୟ ଆହ୍ୱାନ ଦେଇଛନ୍ତି।

## ପାର୍ଲାମେଣ୍ଟ ଆକ୍ରମଣକୁ ୨୦ ବର୍ଷ

**ନୂଆଦିଲ୍ଲୀ, ୧୨।୧୨(ଆଇଏଏନ୍‌ଏସ୍)**

### ଉଜ୍ଜୀବିତ ରହିଛି ଆତଙ୍କ ବେଳର ସ୍ମୃତି

ଭାରତର ପାର୍ଲାମେଣ୍ଟ ଭବନ ଉପରେ ଆକ୍ରମଣକୁ ୨୦ବର୍ଷ ପୂରିଛି। ୨୦୦୧ ଡିସେମ୍ବର ୧୩ରେ ଆତଙ୍କବାଦୀମାନେ ପାର୍ଲାମେଣ୍ଟ ପରିସରରେ ପ୍ରବେଶ କରି ଆକ୍ରମଣ କରିଥିଲେ, ଯାହା ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା। ସେହି ସମୟର ଆତଙ୍କ ଏବେ ବି ଦେଶବାସୀଙ୍କ ମନରେ ଉଜ୍ଜୀବିତ ହୋଇ ରହିଛି। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ଥିବାରୁ ଆତଙ୍କବାଦୀମାନେ ପାର୍ଲାମେଣ୍ଟ ଭିତରେ ପ୍ରବେଶ କରିପାରି ନ ଥିଲେ। ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା ଏବଂ ଜୈଶ-ଇ-ମହମ୍ମଦର ୫ ସଦସ୍ୟ ଏକ ଧଳା ଆମ୍ବାସଡର କାର୍‌ରେ ଆସି ସଂସଦ ଭବନ ପରିସର ମଧ୍ୟକୁ ଅନୁପ୍ରବେଶ କରିଥିଲେ। ଉକ୍ତ କାର୍‌ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ପାର୍ଲାମେଣ୍ଟର ଜାଲ୍ ଷ୍ଟିକର ଲାଗିଥିଲା। ଏକେ୪୭ ରାଇଫଲ, ଗ୍ରେନେଡ୍ ଲଞ୍ଚର, ପିସ୍ତଲ ଏବଂ ଗ୍ରେନେଡ୍ ସହ ପ୍ରସ୍ତୁତ ହୋଇ ରହିଥିବା ଆତଙ୍କବାଦୀମାନେ ସୁରକ୍ଷା ବଳୟ ଅତିକ୍ରମ କରି ଭିତରେ ପ୍ରବେଶ କରିବା ପରେ ଆକ୍ରମଣ କରିଥିଲେ।



## ମାଗଣା ଡାଲି, ଚାଉଳ ପ୍ୟାକେଟରେ ମୋଦି-ଯୋଗୀ

**ଲକ୍ଷ୍ନୌ,୧୨।୧୨**

ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ହିତାଧିକାରୀମାନଙ୍କୁ ରବିବାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣା ଡାଲି, ଚାଉଳ, ତେଲ, ଲୁଣ ଆଦି ପ୍ୟାକେଟ ବଣ୍ଟନ କରାଯାଇଛି। ପ୍ରାୟ ୮୦,୦୦୦ ରାଶନ ଦୋକାନ ପାଇଁ ଏହି ବଣ୍ଟନ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆରମ୍ଭ କରିଛନ୍ତି। ୨୦୨୨ ମାର୍ଚ୍ଚ ସୁଦ୍ଧା ରାଜ୍ୟର ୧୫ କୋଟି ହିତାଧିକାରୀଙ୍କୁ ଏଭଳି ପ୍ୟାକେଟ ଦିଆଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଉକ୍ତ ପ୍ୟାକେଟଗୁଡ଼ିକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଯୋଗୀଙ୍କ ଫଟୋ ରହିଛି। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି।

## ତେଜସ୍ୱୀଙ୍କ ବିବାହକୁ ନେଇ ଲାଲୁ ପରିବାରରେ ବିବାଦ

**ପାଟନା, ୧୨।୧୨**

ଆର୍‌ଜେଡି ଅଧ୍ୟକ୍ଷ ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ସାନପୁଅ ତେଜସ୍ୱୀଙ୍କ ତରବରିଆ ବିବାହକୁ ନେଇ ପରିବାରରେ ବିବାଦ ଦେଖାଦେଇଛି। ତେଜସ୍ୱୀ ଜଣେ ଖ୍ରୀଷ୍ଟିଆନ ଝିଅଙ୍କୁ ବିବାହ କରିଥିବାରୁ ଲାଲୁଙ୍କ ଶାଳକ ସାଧୁ ଯାଦବ ଏହାର ସମାଲୋଚନା କରିଛନ୍ତି। ବାହାଘରରେ ଯୋଗଦେଇ ନ ପାରି ଅନେକ ନିକଟ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୁଇ ଭଣଜା ତେଜପ୍ରତାପ ଓ ତେଜସ୍ୱୀଙ୍କୁ ସାଧୁ ଯାଦବ ଲମ୍ପଟ ବୋଲି କହିଛନ୍ତି। ସେମାନେ ଉପଯୁକ୍ତ ଜୀବନସାଥୀ ବାଛିବାରେ ବିଫଳ ହୋଇଥିବା ମାମୁ ସାଧୁ କହିଛନ୍ତି। ଅନ୍ୟ ପକ୍ଷରେ ଆମ କଥାରେ ମୁଣ୍ଡ ନ ପୂରାଇବାକୁ ତେଜପ୍ରତାପ ଭୋଜପୁରୀ ଭାଷାରେ ଟୁଇଟ୍ କରି ସାଧୁ ଯାଦବଙ୍କୁ ଚେତାବନୀ ଦେଇଛନ୍ତି। ସିଙ୍ଗାପୁରରେ ଥିବା ଲାଲୁଙ୍କ ଝିଅ ରୋହିଣୀ ଟୁଇଟର ଯୋଗେ ସାଧୁଙ୍କୁ ମାମୁ କଂସ ସହ ତୁଳନା କରିଛନ୍ତି।



ନ୍ୟୁୟର୍କର ଟାଇମ୍ସ ସ୍କୋୟାରରେ ସାଣ୍ଟା କୋନ୍ ଉତ୍ସବ ଅବସରରେ କଳାକାରଙ୍କ ନୃତ୍ୟ।

# 'ପାକ୍ ସହ ପ୍ରତ୍ୟକ୍ଷ ଯୁଦ୍ଧ ଜିତିଛୁ, ପରୋକ୍ଷ ବି ଜିତିବୁ'

**ନୂଆଦିଲ୍ଲୀ, ୧୨।୧୨**

### ଧର୍ମ ଆଧାରରେ ଦେଶ ବିଭାଜନ ଐତିହାସିକ ଭୁଲ୍ : ରାଜନାଥ

ଭାରତ ୧୯୭୧ରେ ପାକିସ୍ତାନ ବିରୋଧରେ ପ୍ରତ୍ୟକ୍ଷ ଯୁଦ୍ଧ ଜିତିଥିଲା। ଏବେ ପାକିସ୍ତାନ ପ୍ରେରିତ ଆତଙ୍କବାଦ ବିରୋଧରେ ପରୋକ୍ଷ ଯୁଦ୍ଧରେ ମଧ୍ୟ ଆମେ ଜିତିବୁ ବୋଲି ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ରବିବାର କହିଛନ୍ତି। ସ୍ୱାଧୀନତା ସମୟରେ ଧର୍ମ ନାମରେ ଦେଶ ବିଭାଜନ ଐତିହାସିକ ଭୁଲ୍। ୧୯୭୧ ଯୁଦ୍ଧରୁ ଏହା ସ୍ପଷ୍ଟ ହୋଇଥିଲା। ଆତଙ୍କବାଦ ଏବଂ ଅନ୍ୟ ଭାରତ ବିରୋଧୀ କାର୍ଯ୍ୟ ମାଧ୍ୟମରେ ପାକିସ୍ତାନ ଭାରତକୁ ଖଣ୍ଡ ଖଣ୍ଡ କରିବାକୁ ଚାହୁଁଥିବା ରାଜନାଥ ୧୯୭୧ ଯୁଦ୍ଧ ବିଜୟର ସ୍ୱର୍ଣ୍ଣିମ ବିଜୟ ପର୍ବ ଅବସରରେ ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇ କହିଛନ୍ତି।

ସ୍ୱର୍ଣ୍ଣିମ ବିଜୟ ପର୍ବକୁ ଆହୁରି ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରିବା ଲାଗି ଭାରତ ସରକାର ଯୋଜନା କରିଥିଲେ। ତେବେ ବାୟୁସେନା ହେଲିକପ୍ଟର ଦୁର୍ଘଟଣାରେ ଦେଶର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ ରାୱତ୍, ତାଙ୍କ ସ୍ତ୍ରୀ ଏବଂ ଅନ୍ୟ ୧୧ ଜଣ ଯବାନଙ୍କ ଅକାଳ ବିୟୋଗ ପରେ ଉକ୍ତ ପର୍ବକୁ ନିରାଡ଼ମ୍ବର ଭାବେ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ରାଜନାଥ କହିଛନ୍ତି। ଜେନେରାଲ ରାୱତ୍‌ଙ୍କ ପରଲୋକରେ ଦେଶ ଜଣେ ପରାକ୍ରମୀ ଯୋଦ୍ଧା, ଦକ୍ଷ ଉପଦେଷ୍ଟାଙ୍କୁ ହରାଇଲା। ସ୍ୱର୍ଣ୍ଣିମ ବିଜୟ ପର୍ବ ପାଳନ ଲାଗି ସେ ଅତ୍ୟନ୍ତ ଉତ୍‌ଫୁଲ୍ଲିତ ଥିଲେ। ଆଜିର ଉତ୍ସବରେ ତାଙ୍କ ଅନୁପସ୍ଥିତି ଅନୁଭବ କରୁଥିବା ରାଜନାଥ ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ 'ୱାଲ୍ ଅଫ୍ ଫେମ୍-୧୯୭୧ ଭାରତ-ପାକ୍ ଯୁଦ୍ଧ'ର ଉଦ୍‌ଘାଟନ କରିଛନ୍ତି। ସେହି ସମୟରେ ଭାରତର ସଶସ୍ତ୍ର ବଳ ଦେଖାଇଥିବା ପରାକ୍ରମ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ବିଷୟ ହୋଇ ରହିଛି। ଏହି ଯୁଦ୍ଧ କେବଳ ପାକିସ୍ତାନୀ ସୈନ୍ୟବାହିନୀ ବିରୋଧରେ ନ ଥିଲା, ଏହା ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ଲଢ଼େଇ ଥିଲା। ଆମ ଗଣତାନ୍ତ୍ରିକ ପରମ୍ପରା, ଉପଯୁକ୍ତ ବ୍ୟବହାର ଓ ନୈତିକତାର ଏହା ଉତ୍କୃଷ୍ଟ ଦୃଷ୍ଟାନ୍ତ ଭାବେ ସାରା ବିଶ୍ୱ ଜାଣିଥିଲା। ଭାରତ କେବେ କୌଣସି ଦେଶ ଉପରେ ଆକ୍ରମଣ କରେନାହିଁ କିମ୍ବା କୌଣସି ଦେଶର ଇଞ୍ଚେ ବି ଜମି ଦଖଲ କରିନାହିଁ। ବାଂଲାଦେଶରେ ଗଣତାନ୍ତ୍ରିକ ପରମ୍ପରା ସ୍ଥାପନରେ ଏହା ସହାୟତା କରିଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି।



## ସ୍ୱର୍ଣ୍ଣିମ ବିଜୟ ପର୍ବରେ ବାଜିଲା ସିଡିଏସ୍‌ଙ୍କ ରେକର୍ଡ ବାର୍ତ୍ତା

**ନୂଆଦିଲ୍ଲୀ, ୧୨।୧୨**

୧୯୭୧ ଯୁଦ୍ଧରେ ଭାରତ ବିଜୟର ୫୦ ବର୍ଷ ପୂର୍ତ୍ତି ଅବସରରେ ରବିବାର ନୂଆଦିଲ୍ଲୀରେ ଅନୁଷ୍ଠିତ ସ୍ୱର୍ଣ୍ଣିମ ବିଜୟ ପର୍ବରେ ଦିବଂଗତ ସିଡିଏସ୍ ଜେନେରାଲ ବିପିନ ରାୱତଙ୍କର ପୂର୍ବରୁ ରେକର୍ଡ ହୋଇଥିବା ବାର୍ତ୍ତା ବାଜିଥିଲା। ଗତ ୮ ତାରିଖରେ ବାୟୁସେନା ବିମାନ ଦୁର୍ଘଟଣାରେ ଜେନେରାଲ ରାୱତ୍‌ଙ୍କ ସମେତ ୧୩ ଜଣଙ୍କର ମୃତ୍ୟୁ ଘଟିଥିଲା। ୭ ତାରିଖରେ ରେକର୍ଡ ହୋଇଥିବା ଉକ୍ତ ବାର୍ତ୍ତାରେ ସିଡିଏସ୍ ସ୍ୱର୍ଣ୍ଣିମ ବିଜୟ ପର୍ବ ଅବସରରେ ସଶସ୍ତ୍ର ବଳକୁ ଅଭିନନ୍ଦନ ଜଣାଇଛନ୍ତି। ଉକ୍ତ ଯୁଦ୍ଧରେ ପ୍ରାଣବଳି ଦେଇଥିବା ଯବାନମାନଙ୍କୁ ସେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଆମ ସେନା ପାଇଁ ଆମେ ଗର୍ବିତ, ଆସ ସମସ୍ତେ ମିଶି ବିଜୟ ପର୍ବ ପାଳିବା ବୋଲି ଉକ୍ତ ବାର୍ତ୍ତାରେ ଜେନେରାଲ ରାୱତ୍ କହିଛନ୍ତି। ଏହି ଅବସରରେ ୧୨ରୁ ୧୪ ତାରିଖ ମଧ୍ୟରେ ଏକାଧିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଅମର ଯବାନ ଜ୍ୟୋତି କମ୍ପ୍ଲେକ୍ସରେ ବିଜୟ ପର୍ବ ପାଳନ କରାଯିବା ଗର୍ବର ବିଷୟ ବୋଲି ଜେନେରାଲ ରାୱତ୍ ବାର୍ତ୍ତାରେ କହିଛନ୍ତି।






କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଜାତୀୟ ଜୁନିୟର ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାରେ ଚାମ୍ପିୟନ ଓଡ଼ିଶା ବାଳକ ଏବଂ ବ୍ରୋଞ୍ଜ ପଦକ ବିଜୟୀ ବାଳିକା ଦଳ ଅତିଥିଙ୍କ ଗହଣରେ।

# ଓଡ଼ିଶା ବାଳକ ଚାମ୍ପିୟନ, ବାଳିକାଙ୍କୁ ବ୍ରୋଞ୍ଜ

ଭୁବନେଶ୍ୱର, ୧୨।୧୨(କ୍ରୀଡ଼ା ପ୍ରତିନିଧି)

ରଗ୍‌ବୀ ଇଣ୍ଡିଆ, ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜାତୀୟ ଜୁନିୟର ରଗ୍‌ବୀ ସେଭେନ୍ସ (୧୮ ବର୍ଷରୁ କମ୍ ବାଳିକା ଓ ବାଳକ) ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। କିଟ୍ ରଗ୍‌ବୀ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଗତ ୧୦ ତାରିଖରୁ ଆରମ୍ଭ ହୋଇଥିଲା। ଓଡ଼ିଶା ବାଳକ ଦଳ ଚମତ୍କାର ପ୍ରଦର୍ଶନ କରି ଏଥିରେ ଚାମ୍ପିୟନ ହୋଇଥିବାବେଳେ ବାଳିକା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଫାଇନାଲରେ ଓଡ଼ିଶା ବାଳକ ଦଳ ମହାରାଷ୍ଟ୍ରକୁ ୧୪-୧୨ ପଏଣ୍ଟରେ ପରାସ୍ତ କରିଥିଲା। ପଶ୍ଚିମବଙ୍ଗକୁ ହରାଇ ବିହାର ତୃତୀୟ ସ୍ଥାନ ଅଧିକାର କରିଥିଲା। ସେହିପରି ବାଳିକା ବିଭାଗ ଫାଇନାଲରେ ଦିଲ୍ଲୀକୁ ହରାଇ ବିହାର ଚାମ୍ପିୟନ ହୋଇଥିବାବେଳେ ଓଡ଼ିଶା ୪୩-୫ରେ ମହାରାଷ୍ଟ୍ରକୁ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି। ୨୧ ମହିଳା ଓ ୨୪ ପୁରୁଷ ଦଳରେ ମୋଟ ୬୦୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା, ରଗ୍‌ବୀ ଇଣ୍ଡିଆ ବୋର୍ଡ ସଦସ୍ୟ ତଥା ଅଭିନେତା ରାହୁଲ ବୋଷ, ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡ ଚେୟାରମ୍ୟାନ ତଥା ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି, ଭିନିଲ କ୍ରିଷ୍ଣାଙ୍କ ପତ୍ନୀ ଏସ୍.ଭି. ଚନ୍ଦନା, କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ପ୍ରଥମ ତିନିସ୍ଥାନ ଅଧିକାର କରିଥିବା ସମସ୍ତ ବାଳିକା ଓ ବାଳକ ଦଳକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଏପରି ଏକ ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ସେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ରଗ୍‌ବୀ ଇଣ୍ଡିଆ ଓ ରାଜ୍ୟ ଆସୋସିଏଶନକୁ ଧନ୍ୟବାଦ ଜଣାଇଛନ୍ତି।

**ଜାତୀୟ ଜୁନିୟର ରଗ୍‌ବୀ ସେଭେନ୍ସ**

**ପୋଜିଶନ**

**ବାଳକ ବିଭାଗ**
* ଓଡ଼ିଶା ଚାମ୍ପିୟନ
* ମହାରାଷ୍ଟ୍ର ରନର୍ସଅପ୍
* ବିହାର ତୃତୀୟ

**ବାଳିକା ବିଭାଗ**
* ବିହାର ଚାମ୍ପିୟନ
* ଦିଲ୍ଲୀ ରନର୍ସଅପ୍
* ଓଡ଼ିଶା ତୃତୀୟ

# ଚେଜ୍, କୋଟ୍ରେଲ୍, ମେୟର୍ସ କୋଭିଡ୍ ପଜିଟିଭ୍

**କରାଚୀ, ୧୨।୧୨ (ପି.ଟି.):** ପାକିସ୍ତାନ ବିପକ୍ଷ ଆଗାମୀ ଅନ୍ତର୍ଜାତୀୟ ଟି୨୦ ସିରିଜ ଖେଳିବା ପାଇଁ ଡିସେମ୍ବର୯ରେ କରାଚୀରେ ପହଞ୍ଚିଥିବା ୱେଷ୍ଟଇଣ୍ଡିଜ କ୍ରିକେଟ ଦଳର ୩ ଖେଳାଳିଙ୍କର କୋଭିଡ୍ ଟେଷ୍ଟରେ ପଜିଟିଭ ଆସିଛି। ସେମାନେ ହେଲେ ବାମହାତୀ ପେସ୍ ବୋଲର ଶେଲ୍‌ଡନ କୋଟ୍ରେଲ, ଅଲରାଉଣ୍ଡର ରୋଷ୍ଟନ ଚେଜ୍ ଓ କାଇଲ ମେୟର୍ସ। ଏହି ୩ ଜଣଙ୍କ ବ୍ୟତୀତ ଭ୍ରମଣକାରୀ ଟିମ୍ ମ୍ୟାନେଜମେଣ୍ଟର ଜଣେ ଅଣକୋଚିଂ ଷ୍ଟାଫ୍ ମଧ୍ୟ କରୋନା ସଂକ୍ରମିତ ହୋଇଥିବା ୱେଷ୍ଟଇଣ୍ଡିଜ କ୍ରିକେଟ ପ୍ରକାଶ କରିଛି।

**ଏଆଇଟିଏ ୧୮ ବର୍ଷରୁ କମ୍ ଟେନିସ**

# ଆଦିତ୍ୟ ରନର୍ସଅପ୍

**ଭୁବନେଶ୍ୱର, ୧୨।୧୨ (କ୍ରୀଡ଼ା ପ୍ରତିନିଧି):** ଛତିଶଗଡ଼ର ରାଏପୁରରେ ଅନୁଷ୍ଠିତ ଏଆଇଟିଏ ୧୮ ବର୍ଷରୁ କମ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଆଦିତ୍ୟ ମହାପାତ୍ର ରନର୍ସଅପ୍ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ଆଦିତ୍ୟ ଛତିଶଗଡ଼ର ଅଥର୍ବ ବଲାନିଙ୍କଠାରୁ ୬-୩, ୨-୬, ୧-୬ ସେଟ୍‌ରେ ହାରି ଯାଇଥିଲେ। ଏକ ଗରିବ ପରିବାରରୁ ଆସିଥିବା ମେଣ୍ଢାଶାଳର ଆଦିତ୍ୟଙ୍କ ବାପା ଫୁଲ ବିକ୍ରି କରନ୍ତି ଏବଂ ମା' ଗୃହିଣୀ। ପରିବାରରେ ଆର୍ଥିକ ଅନଟନ ଲାଗିରହିଥିବା ବେଳେ ତାଙ୍କ ପ୍ରତିଭା ଗୁରୁକୁଳ ଟେନିସ ଏକାଡେମୀର ପ୍ରତିଷ୍ଠାତା ଏବଂ କୋଚ୍ ସନ୍ତୋଷ କୁମାର ମଲିକଙ୍କ ଦୃଷ୍ଟିକୁ ଆସିଥିଲା। ସେହିଦିନଠାରୁ ସନ୍ତୋଷ କେବଳ ଆଦିତ୍ୟଙ୍କୁ ମାଗଣାରେ କୋଚିଂ ଦେଉନାହାନ୍ତି ଟେନିସ ଖେଳିବା ପାଇଁ ଉପକରଣ କିଣିବାଠାରୁ ଆରମ୍ଭ କରି ସମସ୍ତ ଖର୍ଚ୍ଚ ଗତ ୫ ବର୍ଷ ଧରି ତୁଲାଉଛନ୍ତି। ଜଣକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ହେବାକୁ ହେଲେ ବର୍ଷକୁ ଅତିକମ୍‌ରେ ୨୦ରୁ ୩୦ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ହୋଇଥାଏ, ଯାହାକି କୋଚ୍ ସନ୍ତୋଷଙ୍କ ପକ୍ଷରେ ସମ୍ଭବ ନୁହେଁ। ତେଣୁ ଆଦିତ୍ୟ ଯାତାୟାତ ଖର୍ଚ୍ଚ ପାଇଁ ପାର୍ଟ ଟାଇମ୍ କୋଚିଂ ଦେଉଛନ୍ତି। ଏହାକୁ ସମ୍ବଳ କରି ସେ ଚଳିତ ବର୍ଷ ୪ଟି ଟୁର୍ଣ୍ଣାମେଣ୍ଟ ଖେଳି ପାରିଛନ୍ତି। ଅଗରତାଲା ଓ ବେଙ୍ଗାଲୁରୁ ଟୁର୍ଣ୍ଣାମେଣ୍ଟରେ ସେ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିବାବେଳେ ଜାମସେଦପୁରରେ ସେମିଫାଇନାଲ ଖେଳିଥିଲେ। ରାଏପୁରରେ ଆଦିତ୍ୟ ପ୍ରତିଭା ପ୍ରଦର୍ଶନ କରି ରନର୍ସଅପ୍ ହୋଇଛନ୍ତି।



ଟ୍ରଫି ସହ ଆଦିତ୍ୟ ମହାପାତ୍ର।

**ଆଦିତ୍ୟ ପ୍ରତିଭା ସମ୍ପନ୍ନ**

"ପିଲାମାନେ ୧୫ରୁ ୨୫ ଟୁର୍ଣ୍ଣାମେଣ୍ଟ ଖେଳିବା ପରେ ଯାହା କରିଥାନ୍ତି ଆଦିତ୍ୟ ମାତ୍ର ୪ଟି ଟୁର୍ଣ୍ଣାମେଣ୍ଟ ଖେଳି ତାହା କରିପାରିଛନ୍ତି। ଆଦିତ୍ୟଙ୍କଠାରେ ଜଣେ ଅନ୍ତର୍ଜାତୀୟ ସ୍ତରର ଖେଳାଳି ହେବାର ସମସ୍ତ ଗୁଣ ଅଛି। ତାଙ୍କ ଭଳି ଖେଳାଳିଙ୍କୁ କ୍ୟାରିୟର ଆରମ୍ଭରେ ସପୋର୍ଟ ମିଳିଲେ ନିଶ୍ଚିତ ସୁଫଳ ମିଳିବ" ବୋଲି କୋଚ୍ ସନ୍ତୋଷ ମଲିକ ପ୍ରକାଶ କରିଛନ୍ତି।



ସନ୍ତୋଷ ମଲିକ

# ୭ ଓଡ଼ିଆଙ୍କ କେଦାରକଣ୍ଠା ଆରୋହଣ



କେଦାରକଣ୍ଠା ପର୍ବତ ଶିଖରରେ ୭ ଓଡ଼ିଆ।

**ଭବାନୀପାଟଣା/କୋକସରା, ୧୨।୧୨(ସ୍ୱ.ପ୍ର./ଡି.ଏନ.ଏ.)**

ହିମାଳୟର ୧୨ ହଜାର ୫ଶହ ଫୁଟ୍ ଉଚ୍ଚତା ବିଶିଷ୍ଟ କେଦାରକଣ୍ଠା ପର୍ବତାରୋହଣ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ୭ ଓଡ଼ିଆ। ସେମାନେ ହେଲେ କଳାହାଣ୍ଡିର ସତ୍ୟପୀର ପ୍ରଧାନ, ଡ.ଯୋଗେଶ୍ୱର ନାଏକ, ପ୍ରଭାତ କୁମାର ମହାନ୍ତି, ଜିତେନ୍ଦ୍ର ସାହୁ, ବଲାଙ୍ଗୀରର ଡ. ଛବିଲାଲ ମେହେର, ନବରଙ୍ଗପୁରର ପ୍ରଦୀପ କୁମାର ସିଂ ଓ ସୁନ୍ଦରଗଡର ବିଶ୍ୱକର୍ମା ସିଂ। କଳିଙ୍ଗ ଡେୟାର ଡେଭିଲ୍ସ ଓ ଥ୍ରିଲୋଫେଲିଆ ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶ ତଥା ଦେଶ ବାହାରର ୧୭ଜଣ ପର୍ବତାରୋହୀ ଚୟନ ହୋଇଥିଲେ। ସେଥିମଧ୍ୟରୁ ଓଡ଼ିଶାର ୭ଜଣ ଥିଲେ। କଳିଙ୍ଗ ଡେୟାର ଡେଭିଲ୍ସ ସଭାପତି ଡ.ସତ୍ୟପୀର ପ୍ରଧାନ ଭୁବନେଶ୍ୱରଠାରେ ପତାକା ଦେଖାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ୭ ତାରିଖ ସକାଳୁ ଆରୋହଣ ପାଇଁ ଉତ୍ତରାଖଣ୍ଡ ରାଜ୍ୟ ସଂକ୍ରି ଗ୍ରାମରୁ ସେମାନେ ଯାତ୍ରା ଆରମ୍ଭ କରିଥିଲେ। ୪ ଦିନ ବରଫ ପାହାଡ଼ରେ ଚାଲିବା ପରେ ଶନିବାର ସକାଳେ ସେମାନେ ହିମାଳୟ କେଦାରକଣ୍ଠା ପାହାଡ଼ ଶିଖରରେ ପହଞ୍ଚିଥିଲେ। ଏହି ସମୟରେ ସେଠାରେ ମାଇନସ୍ ୧୦ରୁ ୧୨ ଡିଗ୍ରୀ ସେଲସିୟସ ତାପମାତ୍ରା ରହିଥିଲା। ଏହି କାର୍ଯ୍ୟକ୍ରମ ନିମନ୍ତେ ହାଇଟେକ୍ ଗ୍ରୁପ ଅଧ୍ୟକ୍ଷ ଡ.ତିରୁପତି ପାଣିଗ୍ରାହୀ ଓଡ଼ିଆ ପର୍ବତାରୋହୀଙ୍କୁ ପ୍ରୋତ୍ସାହିତ କରିଥିଲେ।

# ଭାରତୀୟ ରୋୟରଙ୍କୁ ୧ ସ୍ୱର୍ଣ୍ଣ, ୩ ରୌପ୍ୟ

**ବାନ୍ ଚାଙ୍ଗ୍ (ଥାଇଲାଣ୍ଡ), ୧୨।୧୨ (ପି.ଟି.)**

ଏଠାରେ ଚାଲିଥିବା ଏସିଆନ ରୋଇଂ ଚାମ୍ପିୟନଶିପ୍‌ର ଅନ୍ତିମ ଦିବସ ରବିବାର ଭାରତ ପାଇଁ ଏକ ଭଲ ଦିନ ଥିଲା। ସିନିୟର ରୋୟର ଅରବିନ୍ଦ ସିଂ ଲାଇଟ୍‌ୱେଟ୍ ପୁରୁଷ ସିଙ୍ଗଲ୍ସ ସ୍କଲ୍ସ ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଥିବାବେଳେ ତାଙ୍କ ସାଥୀ ପ୍ରତିଯୋଗୀମାନେ ୩ ରୌପ୍ୟ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ଅରବିନ୍ଦ ୭:୫୫.୯୪୨ ସେକେଣ୍ଡ ଟାଇମିଂରେ ଅନ୍ୟମାନଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଅରବିନ୍ଦ ଓ ତାଙ୍କ ପାର୍ଟନର ଅର୍ଜୁନ ଲାଲ୍ ଜାଟ୍ ଟୋକିଓ ଅଲିମ୍ପିକ୍ସ ପୁରୁଷ ଲାଇଟ୍‌ୱେଟ୍ ଡବଲ ସ୍କଲ୍ସରେ ଏକାଦଶ ସ୍ଥାନ ଅଧିକାର କରିଥିଲେ। ଏଠାରେ ସେ ତାଙ୍କ ଉଜ୍‌ବେକିସ୍ତାନ, ଚାଇନା, ଭିଏତ୍‌ନାମ, ଇଣ୍ଡୋନେସିଆ ଓ ଥାଇଲାଣ୍ଡ ପ୍ରତିଯୋଗୀଙ୍କୁ ପଛରେ ପକାଇ ଦେଇଥିଲେ। ଚାମ୍ପିୟନଶିପ୍‌ରେ ଭାରତ ତିନୋଟି ରୌପ୍ୟ ପଦକ ପୁରୁଷ ଲାଇଟ୍‌ୱେଟ୍ ଡବଲ୍ ସ୍କଲ୍ସ, ପୁରୁଷ କ୍ୱାଡ୍ରପଲ୍ ସ୍କଲ୍ସ ଓ ପୁରୁଷ କକ୍ସଲେସ ଫୋର୍ ଇଭେଣ୍ଟ୍ସ ବିଭାଗରେ ପାଇଛି। ଭାରତ ଚାମ୍ପିୟନଶିପ୍‌ରେ ଓଭରଅଲ ୨ ସ୍ୱର୍ଣ୍ଣ ଓ ୪ ରୌପ୍ୟ ପଦକ ଲାଭ କରିଛି। ଲାଇଟ୍‌ୱେଟ୍ ପୁରୁଷ ଡବଲ ସ୍କଲ୍ସରେ ଆଶିଷ ଫୁଗାଟ ଓ ସୁଖବିନ୍ଦର ସିଂ ୭:୧୨.୫୬୮ ଟାଇମିଂରେ ଏକ ରୌପ୍ୟ ପାଇଥିବା ବେଳେ ବିଟୁ ସିଂ, ଜାକର ଖାଁ, ମନଜିତ୍ କୁମାର ଓ ସୁଖମିତ୍ ସିଂଙ୍କୁ ନେଇ ଭାରତୀୟ ଦଳ ଫଟୋ ଫିନିଶ ଟାଇମିଂ ୬:୩୩:୬୬୧ ସେକେଣ୍ଡରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସ୍ୱର୍ଣ୍ଣ ବିଜେତା ଦଳଠାରୁ ସେ ମାତ୍ର ୦.୫୨୩ ସେକେଣ୍ଡ ପଛରେ ରହିଥିଲେ। ଯଶବୀର ସିଂ, ପୁନିତ କୁମାର, ଗୁରମିତ ସିଂ ଓ ଚରଣଜିତ୍ ସିଂ ପୁରୁଷ କକ୍ସଲେସ୍ ଫୋର୍ ଫାଇନାଲରେ ୬:୫୧.୬୬୧ ଟାଇମିଂରେ ଅନ୍ୟ ରୌପ୍ୟ ପଦକଟିକୁ ଜିତିଥିଲେ। ଓଭର ଅଲ୍ ଭାରତର ଆଉ ଏକ ଭଲ ପ୍ରଦର୍ଶନ ବୋଲି ରୋଇଂ ଫେଡେରେଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ଏମ୍.ଭି. ଶ୍ରୀରାମ ପ୍ରକାଶ କରିଛନ୍ତି।



କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ନାଲ୍‌କୋ କପ୍ ସିନିୟର ବାସ୍କେଟ ବଲ ଚାମ୍ପିୟନଶିପ୍‌ର ମହିଳା ବିଭାଗରେ ଚାମ୍ପିୟନ ବିଏଏ ଓ ପୁରୁଷରେ ଟାଇଟଲ ବିଜୟୀ ଓଡ଼ିଶା ପୋଷ୍ଟାଲ ଦଳ ଅତିଥିଙ୍କ ସହ।

# ଧାୱନଙ୍କୁ ଟକ୍କର ଦେବେ ଋତୁରାଜ

**ନୂଆଦିଲ୍ଲୀ, ୧୨।୧୨**

ଆସନ୍ତାବର୍ଷ ଜାନୁୟାରୀରେ ଭାରତ ଓ ଘରୋଇ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆୟୋଜନ ହେବ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ। ତେଣୁ ଭାରତୀୟ ଦଳର କମ୍ବିନେଶନ ନେଇ ଏବେଠାରୁ ଅଙ୍କକଷା ଆରମ୍ଭ ହୋଇଛି। ଅବଶ୍ୟ ଏବେ ଚାଲିଥିବା ବିଜୟ ହଜାରେ ଟ୍ରଫିରେ ଖେଳାଳିଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି। ବିଜୟ ହଜାରେ ଟ୍ରଫିରେ ଅଭିଜ୍ଞ ଓପନର ଶିଖର ଧାୱନ ଆଶାନୁରୂପ ଖେଳିପାରିନାହାନ୍ତି। ସେ ଯୁବ ଓପନର ଋତୁରାଜ ଗାଏକ୍ୱାଡଙ୍କଠାରୁ କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେଉଛନ୍ତି। ବହୁ ପ୍ରତୀକ୍ଷିତ ଏହି ସିରିଜରେ ଭେଙ୍କଟେଶ ଆୟାର ଖେଳିବା ମଧ୍ୟ ଏକପ୍ରକାର ନିଶ୍ଚିତ ମନେହେଉଛି।

ଇତିମଧ୍ୟରେ ଓପନର ରୋହିତ ଶର୍ମା ଭାରତୀୟ ଦିନିକିଆ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ତେବେ ଏହି ସିରିଜ ପାଇଁ ଦଳ ଘୋଷଣା କରାଯାଇନାହିଁ। ବାୟୋ ବବଲ ଜନିତ କ୍ଳାନ୍ତି ଓ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି ଚୟନକର୍ତ୍ତାମାନେ ଦିନିକିଆ ଦଳ ଚୟନ କରିବେ ବୋଲି ଆଶା କରାଯାଉଛି। ବିଜୟ ହଜାରେ ଟ୍ରଫି ଚାଲୁ ରହିଥିବାବେଳେ ଦୁଇଟି ନାମକୁ ନେଇ ବେଶ୍ ଚର୍ଚ୍ଚା ହେଉଛି। ସେ ଦୁଇଜଣ ଖେଳାଳି ହେଲେ ଋତୁରାଜ ଓ ଆୟାର। ଋତୁରାଜ କ୍ରମାଗତ ୩ଟି ଓ ଆୟାର ଦୁଇଟି ଶତକ ଅର୍ଜନ କରିଛନ୍ତି। ଭଲ ବ୍ୟାଟିଂ କରିବା ସହ ଆୟାର କେତୋଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ଅକ୍ତିଆର କରିଛନ୍ତି। ଫଳରେ ସେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିକଳ୍ପ ଭାବେ ଉଭା ହୋଇଛନ୍ତି। ଆୟାର ଜଣେ ସ୍ପେଶାଲିଷ୍ଟ ଓପନର। ମାତ୍ର ଲୋକେଶ ରାହୁଲ ଓ ରୋହିତଙ୍କ ଉପସ୍ଥିତିରେ ଟପ୍ ଅର୍ଡରରେ ସ୍ଥାନ ପାଇବା କଷ୍ଟକର ମନେହେଉଛି। ତେଣୁ ସେ ୫ କିମ୍ବା ୬ ନମ୍ବରରେ ବ୍ୟାଟିଂ କରିବେ।

ମଧ୍ୟପ୍ରଦେଶ ତରଫରୁ ପ୍ରତିନିଧିତ୍ୱ କରି ଆୟାର କେରଳ ବିପକ୍ଷରେ ୪ ନମ୍ବରରେ ବ୍ୟାଟିଂ କରି ୮୪ ବଲରୁ ୧୧୨ ରନ ସଂଗ୍ରହ କରିଥିଲେ। ଏହାପରେ ସେ ୫ ନମ୍ବରରେ ବ୍ୟାଟିଂ କରି ଉତ୍ତରାଖଣ୍ଡ ବିପକ୍ଷରେ ୪୯ ବଲରୁ ୭୧ ରନ ସଂଗ୍ରହ କରିଛନ୍ତି। ଏହାପରେ ସେ ରବିବାର ଚଣ୍ଡିଗଡ଼ ବିପକ୍ଷରେ ୧୧୩ଟି ବଲ୍ ଖେଳି ୧୦ ଛକା ଓ ୮ଟି ଚୌକା ସହ ୧୫୧ ରନର ଶତକୀୟ ପାଳି ଖେଳିଛନ୍ତି। ସେ ମଧ୍ୟ ପ୍ରତ୍ୟେକ ମ୍ୟାଚ୍‌ରେ ୯ରୁ ୧୦ ଓଭର ବୋଲିଂ କରୁଛନ୍ତି। ତେଣୁ ସେ ଭାରତୀୟ ଦିନିକିଆ ଦଳରେ ସୁଯୋଗ ପାଇବାର ହକ୍ ରଖୁଛନ୍ତି ଓ ସେ ଦକ୍ଷିଣ ଆଫ୍ରିକା ଯିବା ଏକ ପ୍ରକାର ନିଶ୍ଚିତ ବୋଲି ବିସିସିଆଇ ସୂତ୍ରରୁ ଜଣାଯାଇଛି। ଟିମ୍ ଇଣ୍ଡିଆର ନୂଆ ମ୍ୟାନେଜମେଣ୍ଟ ତାଙ୍କୁ ମିଡଲ ଅର୍ଡରରେ ବ୍ୟାଟିଂ କରିବାକୁ ପରାମର୍ଶ ଦେବେ।

## ଋତୁରାଜଙ୍କ ହ୍ୟାଟ୍ରିକ ସେଞ୍ଚୁରି

ମହାରାଷ୍ଟ୍ର ଅଧିନାୟକ ଋତୁରାଜ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସର୍ବାଧିକ ରନ ସଂଗ୍ରହ କରି ଅରେଞ୍ଜ କ୍ୟାପ ପାଇଥିଲେ। ଏବେ ସେ ବିଜୟ ହଜାରେ ଟ୍ରଫିରେ କ୍ରମାଗତ ତୃତୀୟ ଶତକ ଅର୍ଜନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେଣୁ ତାଙ୍କୁ ଓପନର ଭାବେ ଦଳରେ ସାମିଲ କରିବାକୁ ଚୟନକର୍ତ୍ତା ଚିନ୍ତା କରୁଥିବେ। ଫଳରେ ଅଭିଜ୍ଞ ଓପନର ଶିଖର ଧାୱନ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ଗତ ଶ୍ରୀଲଙ୍କା ଗସ୍ତରେ ସେ ଦୁଇଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ତେବେ ସେ ଦିନିକିଆ ଖେଳିବାର ସୁଯୋଗ ପାଇନାହାନ୍ତି। ଗତ ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜରେ ମଧ୍ୟ ସେ ସୁଯୋଗ ପାଇ ନ ଥିଲେ। କାରଣ ରୋହିତ ଓପନିଂ କରିଥିଲେ ଓ ଲୋକେଶ ରାହୁଲ ଓ ଇଶାନ କିଷନ ଟପ୍ ଅର୍ଡରରେ ଖେଳିଥିଲେ।

# ହାଡ଼ିବନ୍ଧୁ, ସତ୍ୟବାଦୀ ସ୍ମାରକୀ କ୍ରିକେଟ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୨।୧୨ (କ୍ରୀଡ଼ା ପ୍ରତିନିଧି):** ସ୍ଥାନୀୟ ସୁନ୍ଦରପଦା, କପିଳପ୍ରସାଦ ସାକ୍ସ ଖେଳ ପଡ଼ିଆରେ ୧୩ତମ ହାଡ଼ିବନ୍ଧୁ ଏବଂ ସତ୍ୟବାଦୀ ସ୍ମାରକୀ ଅଲ୍ ଓଡ଼ିଶା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ମ୍ୟାଚରେ ଏମ୍‌ବିଏସ୍ ଦଳ ଷ୍ଟ୍ରାଇକର୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଷ୍ଟ୍ରାଇକର୍ସ ଦଳ ୧୯ ଓଭରରେ ୧୨୮ ରନକରି ଅଲଆଉଟ ହୋଇଥିଲା। ବିପକ୍ଷ ଦଳର ସୌରଭ ଜେନା ୨ଟି ଉଇକେଟ ନେଇଥିଲେ। ଏମ୍‌ବିଏସ୍ ଦଳ ୧୪ ଓଭରରେ ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଉଦ୍‌ଘାଟନୀ ଉତ୍ସବରେ ବାବୁ ସିଂ, ବିଭୂତି ଭୂଷଣ ଚମ୍ପତି, ନିହାର ଚମ୍ପତି, ପ୍ରଶାନ୍ତ ପ୍ରଧାନ, ଜିତେନ୍ଦ୍ର କୁମାର ନନ୍ଦ, ଗୌର ପ୍ରସାଦ ନନ୍ଦ, ଦେବୀ ପ୍ରସାଦ ନନ୍ଦ, ତପନ କୁମାର ରାଉତରାୟ ଓ ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ମ୍ୟାଚ ଶେଷରେ ଅତିଥିଭାବେ ଯୋଗଦେଇ ସୁବୋଧ ପଟ୍ଟନାୟକ ବିଜୟୀ ଦଳର ସୌରଭଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ପିଲୁ ମାର୍ଥା ଓ ପ୍ରଶାନ୍ତ ଶୁକ୍ଳା ମ୍ୟାଚ ପରିଚାଳନା କରିଥିଲେ।



ସୌରଭ ଜେନା ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।




# ବିଜୟ ସହ ଓଡ଼ିଶା ହକି ଦଳର ଅଭିଯାନ

**ଭୁବନେଶ୍ୱର, ୧୨।୧୨(କ୍ରୀଡ଼ା ପ୍ରତିନିଧି)**

ପୁଣେରେ ଚାଲିଥିବା ୧୧ତମ ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍‌ର ରବିବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୮-୦ ଗୋଲରେ ଗୁଜରାଟକୁ ହରାଇ ଅଭିଯାନ ଆରମ୍ଭ କରିଛି। ପୁଲ୍ 'ଏଫ୍'ର ଏହି ମ୍ୟାଚରେ ଓଡ଼ିଶା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ରାଜ୍ୟ ଦଳ ପକ୍ଷରୁ ସୁଶୀଲ ଧନୱର ୧୭, ୨୬ ଓ ୩୬ତମ ମିନିଟରେ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ପ୍ରକାଶ ବାର୍ଲା ୩୪ ଓ ୫୭ ଏବଂ ପାତ୍ରସ ତିର୍କୀ ୩୯ ଓ ୫୨ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ମଙ୍ଗ୍ରା ଭେଙ୍ଗ୍ରା ୪୮ତମ ମିନିଟରେ ଅନ୍ୟ ଗୋଲଟି ଦେଇଥିଲେ। ପୁଲ୍ 'ଏଫ୍'ର ଅନ୍ୟ ଏକ ମ୍ୟାଚରେ ବେଙ୍ଗଲ ୮-୦ ଗୋଲରେ ଗୋଆକୁ ପରାସ୍ତ କରିଛି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୧୪ ତାରିଖରେ ବେଙ୍ଗଲ ବିପକ୍ଷରେ ଖେଳିବ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୧୩ ଡିସେମ୍ବର, ୨୦୨୧



## ସଂକ୍ଷେପରେ

### ବାଇକ୍, ଟଙ୍କା ଜବତ: ଜଣେ ଗିରଫ

ଯାଁଳା,୧୨।୧୨(ଡି.ଏନ୍.ଏ.): ଜଣେ ଯୁବକଙ୍କଠାରୁ ଲୁଟ୍ କରିବା ଅଭିଯୋଗରେ ଜଟଣୀ ଥାନା ଯାଁଳା ଫାଣ୍ଡି ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଢେଙ୍କାନାଳ ଅଞ୍ଚଳର ସୁରେନ୍ଦ୍ର ସାହୁ ଓରଫ ବଳିଆ। ସେ ଶ୍ୱଶୁର ଘର ଅରିସଲ ଅଞ୍ଚଳରେ ଆସି ରହୁଥିଲେ। ପୋଲିସ ତାଙ୍କଠାରୁ ଗୋଟିଏ ବାଇକ୍, ୨ ହଜାର ଟଙ୍କା ଓ ମୋବାଇଲ ଫୋନ ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଛତାବର ପଞ୍ଚାୟତର ଅରିସଲ ଗ୍ରାମର ଜଣେ ଯୁବକ ବାଇକ୍ ଯୋଗେ ଘରକୁ ଯାଉଥିଲେ। ଇଣ୍ଫୋଭ୍ୟାଲି ରାସ୍ତାରେ ୨ ଯୁବକ ଅଚାନକ ତାଙ୍କ ଗାଡ଼ିକୁ ଆଗକୁ ଆସିଯାଇ ଜୋର ଜବରଦସ୍ତ ୨ ହଜାର ଟଙ୍କା ଏବଂ ମୋବାଇଲ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଉକ୍ତ ଯୁବକ ଯାଁଳା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ବଳିଆଙ୍କୁ ଧରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲେ।

### ସିରିଜ୍ ଦୁର୍ଘଟଣା, ୨ ଗୁରୁତର

ବେଗୁନିଆ,୧୨।୧୨(ଡି.ଏନ୍.ଏ.): ବେଗୁନିଆ ପେଟ୍ରୋଲ ପମ୍ପ ନିକଟରେ ରବିବାର ସନ୍ଧ୍ୟାରେ ସିରିଜ୍ ଦୁର୍ଘଟଣା ଘଟିଛି। ଏଥିରେ ୨ଜଣ ଗୁରୁତର ହୋଇଛନ୍ତି। ପ୍ରକାଶ ଥାଉକି, ନୟାଗଡ ପଟୁ ଭୁବନେଶ୍ୱର ଅଭିମୁଖେ ଗୋଟିଏ ବୁଲେଟ (ନଂ ଓଡି୦୫ଟି-୭୧୬୨) ଯାଉଥିଲା। ବୁଲେଟ ଆଗରେ ଆଉ ଏକ କାର (ନଂ.ଓଡି୩୩ଜେ-୫୩୪୬) ଯାଉଥିଲା। ଭାରସାମ୍ୟ ହରାଇ ବୁଲେଟ ଓ କାର୍ ମଧ୍ୟରେ ଦୁର୍ଘଟଣା ହୋଇଥିଲା। ଫଳରେ ବିପରୀତ ଦିଗରୁ ନୟାଗଡ ଅଭିମୁଖେ ଆସୁଥିବା ଏକ ବୋଲେରୋ (ନଂ.ଓଡି୨୫ସି-୧୫୯୮) ସହ ମଧ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରୁ ଗୁରୁତର ୨ଜଣଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଖବର ପାଇ ବେଗୁନିଆ ଥାନା ପୋଲିସ ପହଞ୍ଚି ଗାଡି ୩ଟିକୁ ଜବତ କରି ତଦନ୍ତ ଚଳାଇଛି। ଆହତ ବ୍ୟକ୍ତିଙ୍କର ପରିଚୟ ମିଳି ନ ଥିଲା ବେଳେ ଦୁର୍ଘଟଣାଗ୍ରସ୍ତ କାର୍ ଓ ବୋଲେରୋ ନୟାଗଡ଼ ଜିଲା ଓଡଗାଁ ଅଞ୍ଚଳର ବୋଲି ଜଣାପଡିଛି।

### ପରିତ୍ୟକ୍ତ ଘରୁ ମୃତଦେହ ଜବତ

ଜଟଣୀ,୧୨।୧୨(ଡି.ଏନ୍.ଏ.): ଖୋର୍ଦ୍ଧାରୋଡ ରେଳପଥ ଅଧୀନ ରେଳବାଇ ଟ୍ରାଫିକ କଲୋନୀ ରେଳବାଇ କଲ୍ୟାଣ ମଣ୍ଡପ ନିକଟରେ ଥିବା ଏକ ପରିତ୍ୟକ୍ତ ଘରୁ ରବିବାର ଜଟଣୀ ଥାନା ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନ ଥିବାବେଳେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଯାଞ୍ଚ ଚଳାଇଛି। ସୂଚନାଯୋଗ୍ୟ, ଉକ୍ତ କଲ୍ୟାଣ ମଣ୍ଡପ ନିକଟ ରେଲୱେ କ୍ୱାର୍ଟର ନମ୍ବର (ଡି/୩/ଏ /ଇ)ରେ ଜଣେ ବ୍ୟକ୍ତି ସଂଜ୍ଞାହୀନ ହୋଇ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବ୍ୟକ୍ତିଙ୍କୁ ସ୍ଥାନୀୟ ହସ୍ପିଟାଲ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟନ

ଜଟଣୀ,୧୨।୧୨(ଡି.ଏନ୍.ଏ.): ଜଟଣୀ ବ୍ଲକ ଅଧୀନ କୁଶମାଟି ଛଣଘର ପଞ୍ଚାୟତରେ ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ରବିବାର ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗୋବିନ୍ଦପୁର, ଛେଲଦା ଗ୍ରାମ ପାଣିପ୍ରକଳ୍ପ ଓ ଗୋପୀନାଥପୁର, ଓଗରସୁଆଁ, ଗୋଜସହି ପାଣି ପ୍ରକଳ୍ପ, ପଞ୍ଚାୟତ କଲ୍ୟାଣ ମଣ୍ଡପ, ମାର୍କେଟ କମ୍ପ୍ଲେକ୍ସ, ପାଲା ମଣ୍ଡପ, ଚଣ୍ଡୀ କ୍ଲବ, ଉତ୍ତରାୟଣୀ କ୍ଲବ, ଭଲିବଲ କ୍ଲବ, ମାଳିସାହି ଭାଗବତ ଘର, ଛଣଘର କ୍ଲବ, ହରିଜନ ସାହି ତ୍ରିନାଥ ଘର, ଭୋଇ ସାହି ଭାଗବତ ଘର, ଅଙ୍ଗନୱାଡି କେନ୍ଦ୍ର ସହିତ ଏକ ପଞ୍ଚାୟତ ଫାସିଲିଟି ସେଣ୍ଟର୍ ଓ ଅନେକ ସମ୍ପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସକୁ ବିଧାୟକ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପୌରାଧକ୍ଷ ସଂଗ୍ରାମ କେଶରୀ ରାଉତରାୟ, ସରପଞ୍ଚ ସୁନୀଲ ରାଉତରାୟଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉମାକାନ୍ତ ଘଡାଇ, ବସନ୍ତ ସାହୁ, ଭରତ ଭଟ, ସୁଭରଞ୍ଜନ ନାୟକ, ଧନୁର୍ଜୟ ଛୋଟରାୟ, କଣ୍ଟୁରି ବେହେରା, କ୍ଷେତ୍ରମୋହନ ନାୟକ, ପ୍ରଫୁଲ୍ଲ ରାଉତରାୟ, ସୁଧାକର ପାଇକରାୟ, ବାଳକୃଷ୍ଣ ସ୍ୱାଇଁ, ଦୀନବନ୍ଧୁ ବେହେରା, ସୁଚିସ୍ମିତା ରାଉତରାୟ, ପ୍ରୀତିପ୍ରଭା ମହାରଣା, ସ୍ମିତାଞ୍ଜଳି ପଟ୍ଟନାୟକ, ଶ୍ରୀନିବାସ ସାହୁ, ସନ୍ତୋଷ ବଳିଆରସିଂହ ପ୍ରମୁଖ ସାମିଲ ଥିଲେ।

# ରାଜଧାନୀରେ ଆନ୍ତଃରାଜ୍ୟ କାର ଚୋରି ର୍‍ୟାକେଟ୍

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)







- ■ଛତିଶଗଡ଼ର ଅଭିଯୁକ୍ତ ଗିରଫ, ୨ କାର୍ ଜବତ
- ■୪୦ ଚୋରା ଗାଡି ବିକ୍ରି କରିଛନ୍ତି ଅଭିଯୁକ୍ତ
- ■ମଧ୍ୟପ୍ରଦେଶ, ଛତିଶଗଡ଼ରୁ ଚୋରି: ଓଡ଼ିଶାରେ ବିକ୍ରି

ବାହାର ରାଜ୍ୟରୁ ଚୋରି, ଭୁବନେଶ୍ୱରରେ ବିକ୍ରି। ସକ୍ରିୟ ରହିଥିବା ଏକ ଆନ୍ତଃରାଜ୍ୟ କାର୍ ଚୋରି ର୍‍ୟାକେଟକୁ ଧରିଛି କମିଶନରେଟ୍ ପୋଲିସ। ରବିବାର ଶହୀଦନଗର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ର୍‍ୟାକେଟର ରହସ୍ୟ ଉନ୍ମୋଚନ କରିଛି। ଗିରଫ ଅଭିଯୁକ୍ତ ହେଲେ ଚନ୍ଦକା ଥାନା ଗୋଠପାଟଣାରେ ରହୁଥିବା ଛତିଶଗଡ଼ କାଙ୍କେର ଜିଲା ସଦର ଥାନାଞ୍ଚଳର ଅବଦୁଲ୍ ସକୁର୍ ଜନ୍‌କବିର୍(୪୮)। ତାଙ୍କଠାରୁ ପୋଲିସ ଦୁଇଟି ଚୋରା କାର ଜବତ କରିଛି। ପୋଲିସ ଆଇପିସିର ୩୭୯/୪୧୧/୪୧୪/୪୮୨ ଦଫାରେ ଏକ ମାମଲା (ନଂ.୫୦୫/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅବଦୁଲ୍ ମଧ୍ୟପ୍ରଦେଶ ଓ ଛତିଶଗଡ଼ରୁ ୪୦ଟି ଚୋରା କାର୍ ଆଣି ଭୁବନେଶ୍ୱରରେ ବିକ୍ରି କରିଛି। ଏହି ର୍‍ୟାକେଟ୍‌ରେ ଦୁଇ ରାଜ୍ୟର ଲୁଟେରା ଗ୍ୟାଙ୍ଗ୍ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ତେବେ ଏଥିରେ ଓଡ଼ିଶାରୁ କେହି ସାମିଲ ଅଛନ୍ତି ନା ନାହିଁ ସେନେଇ ପୋଲିସ ଖୋଳତାଡ଼ ଚଳାଇଛି।

#### ଜବତ ଫାଇନାନ୍ସ ଗାଡ଼ିର ନମ୍ବର ଲଗାଇ ବିକୁଥିଲେ

ଅବ୍‌ଦୁଲ୍ ବିଭିନ୍ନ ଫାଇନାନ୍ସ କମ୍ପାନୀରେ ପଡ଼ି ରହି ନଷ୍ଟ ହେଉଥିବା ଜବତ କାର୍‌କୁ କିଣି ବିକ୍ରି କରୁଥିଲେ। ଏହି ସମୟରେ ଛତିଶଗଡ଼ ଓ ମଧ୍ୟପ୍ରଦେଶରେ ଗାଡି ଲୁଟେରାଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ସେଠାରୁ ଚୋରି କାର୍‌କୁ ଭୁବନେଶ୍ୱରରେ ବିକ୍ରି କରିବାକୁ ସେମାନେ ଅବଦୁଲ୍‌କୁ ଅଫର୍ ଦେଇଥିଲେ। ଅଧିକ ଟଙ୍କା ରୋଜଗାର କରିବା ଲୋଭରେ ଅବଦୁଲ ଉକ୍ତ ଗ୍ୟାଙ୍ଗ୍ ସହ ଯୋଡ଼ି ହୋଇ ଚୋରି ଗାଡ଼ି ବିକ୍ରିର ନୂଆ ବ୍ୟବସାୟ ଆରମ୍ଭ କରିଥିଲେ। ଅବଦୁଲ୍ ଫାଇନାନ୍ସ କମ୍ପାନୀରୁ ଆଣୁଥିବା ଭଙ୍ଗା କାରର ନମ୍ବର ପ୍ଲେଟ୍ କାଢି ରଖୁଥିଲେ। ତେବେ ଲୁଟେରାମାନେ ଯେଉଁ ଚୋରା କାର୍ ଦେଉଥିଲେ ସେଥିରେ ସେ ଉକ୍ତ ନମ୍ବର ଲଗାଇ ବିକ୍ରି କରୁଥିଲେ। ଚୋରା କାର୍‌ର ବିକ୍ରି ଟଙ୍କାକୁ ସେ ଲୁଟେରା ଗ୍ୟାଙ୍ଗକୁ ଦେବା ସହ ନିଜ କମିଶନ ମଧ୍ୟ କାଟି ରଖୁଥିଲେ।

#### ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବ ମଧ୍ୟପ୍ରଦେଶ ପୋଲିସ

କମିଶନରେଟ ପୋଲିସ ଅବଦୁଲଙ୍କୁ ଧରିବା ପରେ ମଧ୍ୟପ୍ରଦେଶ ପୋଲିସକୁ ଖବର ଦେଇଥିଲା। ମଧ୍ୟପ୍ରଦେଶ ପୋଲିସ ଶହୀଦନଗର ଥାନାରେ ପହଞ୍ଚି ତଦନ୍ତ କରିବା ସହ ସେଠାରେ ସକ୍ରିୟ ଥିବା କାର୍ ଲୁଟେରା ଗ୍ୟାଙ୍ଗଙ୍କ ସମ୍ପର୍କରେ ତଥ୍ୟ ହାସଲ ପାଇଁ ଅଭିଯୁକ୍ତ ଅବଦୁଲଙ୍କୁ ରିମାଣ୍ଡରେ ନେବ ବୋଲି ଜଣାପଡିଛି।

#### ଏମିତି ଧରାପଡ଼ିଲେ ଅବଦୁଲ୍

ମଧ୍ୟପ୍ରଦେଶ ଓ ଛତିଶଗଡ଼ ପୋଲିସ କାର୍ ଚୋରି ର୍‍ୟାକେଟ୍‌ର ଲିଙ୍କ୍ ଓଡ଼ିଶାରେ ଥିବା ସୂଚନା ପାଇ ଭୁବନେଶ୍ୱର ଆସିଥିଲା। ଚୋରି କାର୍ ସମ୍ପର୍କରେ କମିଶନରେଟ ପୋଲିସକୁ ଜଣାଇଥିଲା। ରବିବାର ସକାଳେ ଏକ ଚୋରା ଗାଡ଼ି ପାର୍କିଂ ହୋଇଥିବା ଶହୀଦନଗର ଥାନା ପୋଲିସ ଜାଣିବା ପରେ ଯାଞ୍ଚ କରିଥିଲା। ନମ୍ବର ପ୍ଲେଟ୍ ସହ ଇଞ୍ଜିନ୍ ନମ୍ବର ଓ ଚେଚିସ୍ ନମ୍ବର ଭିନ୍ନ ଥିଲା। ଉକ୍ତ କାର୍ ଚୋରା ବୋଲି ଜାଣିବାପରେ ପୋଲିସ ଅବଦୁଲଙ୍କୁ ଧରି ଅଧିକ ପଚରାଉଚରା କରିଥିଲା। ତାଙ୍କ ବୟାନ ଆଧାରରେ ଘରେ ଥିବା ଆଉ ଏକ ଚୋରା କାର୍‌କୁ ପୋଲିସ ଜବତ କରିଥିଲା।

### ଟ୍ରକ୍-କାର୍ ମୁହାଁମୁହିଁ ଧକ୍କା, ୫ ଗୁରୁତର

ବୋଲଗଡ,୧୨।୧୨(ଡି.ଏନ୍.ଏ.)

ବଲାଙ୍ଗୀର- ଖୋର୍ଦ୍ଧା ୫୭ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରବିବାର ଭୋର ସମୟରେ ଏକ ମାଲବାହୀ ଟ୍ରକ ସହ ଗୋଟିଏ କାର୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ କାର୍‌ର ଡ୍ରାଇଭର ସମେତ ୫ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଖବରପାଇ ବୋଲଗଡ଼ ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇ ଥିବାବେଳେ ନିକଟସ୍ଥ ଏକ କାର୍ ଶୋ'ରୁମ୍‌ରୁ ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି। ସିସିଟିଭି ଫୁଟେଜ ଅନୁଯାୟୀ, ନଂ. ଓଡି ୦୨ ବିଭି ୧୧୫୧ ବିଶିଷ୍ଟ କାର୍‌ଟି ନୟାଗଡ ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ହେଲେ ସାମ୍ନା ପଟରୁ ଦ୍ରୁତଗତିରେ ଆସୁଥିବା ଟ୍ରକ୍ ସହ ହଠାତ କାର୍‌ର ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଟ୍ରକ୍‌ଟି ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଆସି କାର୍‌ଟିର ଡୋର୍ ଭାଙ୍ଗି ଆହତମାନଙ୍କୁ ବାହାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ପଠାଇଛନ୍ତି। ପୋଲିସ ଆସି ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରିଛି।

### ବାତ୍ୟା କ୍ଷତିଗ୍ରସ୍ତ ଜମି ବୁଲିଲେ କଂଗ୍ରେସ ନେତା

ବୋଲଗଡ,୧୨।୧୨(ଡି.ଏନ୍.ଏ.)

କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ରବିବାର ବୋଲଗଡ଼ ବ୍ଲକର ୫ଟି ପଞ୍ଚାୟତ ଅଞ୍ଚଳ ଗସ୍ତକରି ଜୱାଦ ପ୍ରଭାବିତ କ୍ଷତିଗ୍ରସ୍ତ ଧାନ ଜମି ପରିଦର୍ଶନ କରିଛନ୍ତି। ଏହି ବ୍ଲକର ଗେଡିଆପଲ୍ଲୀ ଧଳାପଥର ଆରିକମା ପାଟପୁରଶାସନ ଓ ବାଙ୍କୋଇ ଦେଶ ପଞ୍ଚାୟତର ଚାଷୀମାନଙ୍କ ସହ ଜମିକୁ ଯାଇ କ୍ଷତିଗ୍ରସ୍ତ ଧାନକ୍ଷେତ ବୁଲି ଦେଖିଥିଲେ ନେତା ପୃଥ୍ୱୀ। ଚାଷୀମାନଙ୍କ କଥାକୁ ଖୋର୍ଦ୍ଧା ଜିଲା ପ୍ରଶାସନ ନିକଟରେ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ସହିତ ମାଧବ ଚନ୍ଦ୍ର ବିଶ୍ୱାଳ, ଯୁବ ସଂଗଠକ ସୀମାଞ୍ଚଳ ଖଣ୍ଡାଇ, ସୁଶାନ୍ତ ମହାରଣା ଏବଂ ଜୟକୃଷ୍ଣ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ଅଞ୍ଚଳର ଜମିଗୁଡ଼ିକ ବୁଲିବା ବେଳେ ବିଭିନ୍ନ ଗ୍ରାମରେ ଚାଷୀ ଶରତ ଦଳାଇ, ଦୀନବନ୍ଧୁ କର, ଜୟନ୍ତ ତ୍ରିପାଠୀ, ଦାଶରଥି ଲେଙ୍କା, ଚିରଞ୍ଜୀବ ସୁନ୍ଦରା, ସନ୍ତୋଷ ତ୍ରିପାଠୀ, ରମେଶ କୁମାର ବରାଳ, ଗଣେଶ୍ୱର ସାମନ୍ତସିଂହାର, ଶ୍ୟାମବନ୍ଧୁ ଦାସ, ପ୍ରଦୀପ ପଟ୍ଟନାୟକ ପ୍ରମୁଖଙ୍କୁ ଭେଟିଥିଲେ।

## ସଙ୍ଗୀତ ଜଗତର ସମ୍ରାଟ ଥିଲେ ଅକ୍ଷୟ ମହାନ୍ତି

ଖୋର୍ଦ୍ଧା ଅଫିସ,୧୨।୧୨



ରାଜ୍ୟସ୍ତରୀୟ ଅକ୍ଷୟ ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

**ରାଜ୍ୟସ୍ତରୀୟ ଅକ୍ଷୟ ମହୋତ୍ସବ**
- ■ ଗୀତା ପଟ୍ଟନାୟକ ପାଇଲେ ଅକ୍ଷୟ ସମ୍ମାନ
- ■ ଅଭୟ ସ୍ୱାଇଁଙ୍କୁ ଭକ୍ତ ପ୍ରସନ୍ନ ପଟ୍ଟନାୟକ ସମ୍ମାନ

ଅକ୍ଷୟ ମହାନ୍ତି ଫାଉଣ୍ଡେଶନ ଟ୍ରଷ୍ଟ ଖୋର୍ଦ୍ଧା ପକ୍ଷରୁ ରବିବାର ସ୍ଥାନୀୟ ଗୀତାଭବନରେ ଊନବିଂଶତମ ରାଜ୍ୟସ୍ତରୀୟ ଅକ୍ଷୟ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଟ୍ରଷ୍ଟ ଅଧ୍ୟକ୍ଷ ଚୈତନ୍ୟ ପ୍ରସାଦ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗଦେଇଥିଲେ। ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ମୁଖ୍ୟବକ୍ତା, ବରିଷ୍ଠ ଆଇନଜୀବୀ ଶକ୍ତିଶଙ୍କର ମିଶ୍ର, ନାଟ୍ୟକାର ହୃଦାନନ୍ଦ ଚମ୍ପତିରାୟ, ଖୋର୍ଦ୍ଧା ଓକିଲ ସଂଘ ସମ୍ପାଦକ ସଞ୍ଜୟ ପଟ୍ଟନାୟକ, କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅକ୍ଷୟ ମହାନ୍ତି ସଙ୍ଗୀତ ଜଗତର ଜଣେ ଅମ୍ଳାନ ପ୍ରତିଭା ଥିଲେ। ସଙ୍ଗୀତ ଜଗତର ସମ୍ରାଟ ଭାବେ ସେ ପରିଚିତ। ତାଙ୍କର ଅଭୁଲା ଗୀତ ଆଜି ବି ଶୁଣିବାକୁ ମିଳେ ବୋଲି ଅତିଥିମାନେ କହିଥିଲେ।

ଏହି ଅବସରରେ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କୁ ଅକ୍ଷୟ ସମ୍ମାନ ଏବଂ ପାଲା ଗାୟକ ଅଭୟ ଚରଣ ସ୍ୱାଇଁଙ୍କୁ ଭକ୍ତ ପ୍ରସନ୍ନ ପଟ୍ଟନାୟକ ସମ୍ମାନରେ ସମ୍ମାନିତ କରାଯାଇଥିଲା। କରୋନା ସମୟରେ ନିରବଚ୍ଛିନ୍ନ ଭାବେ ସେବା ଯୋଗାଇଥିବା ସ୍ୱାସ୍ଥ୍ୟକର୍ମୀ ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ଅନେକ ପ୍ରତିଭାଙ୍କୁ ଯଥାକ୍ରମେ କରୋନା ଯୋଦ୍ଧା ଓ ଭଲମଣିଷ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅକ୍ଷୟଙ୍କୁ ମରଣୋତ୍ତର ଭାବେ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରିବା ଲାଗି ଟ୍ରଷ୍ଟ ଅଧ୍ୟକ୍ଷ ବେହେରା ଦାବି କରିଥିଲେ। ଏ ନେଇ ତୃଣମୂଳ ସ୍ତରରୁ ଦସ୍ତଖତ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯିବ ବୋଲି ସେ କହିଥିଲେ। କଳାକାର ଅଟଳ ଧର୍ମରାଜ ମଞ୍ଚ ସଂଯୋଜନା କରିଥିବାବେଳେ ସାଗର ରଞ୍ଜନ ମେହେର ଧନ୍ୟବାଦ ଦେଇଥିଲେ। ଶୁଭଲକ୍ଷ୍ମୀ ସାମନ୍ତରା, ପ୍ରଜ୍ଞାପ୍ରୀତିପୂର୍ଣ୍ଣା ମେହେର, ବ୍ରହ୍ମଚାରୀ ଦାସ, ଅନୁସୂୟା ବେହେରା, ସମୀର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରତିଭା ସଙ୍ଗମରେ ଚମକିଲେ ବିଦ୍ୟାର୍ଥୀ

ଖୋର୍ଦ୍ଧା ଅଫିସ,୧୨।୧୨

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋର୍ଦ୍ଧା ଜିଲା ପକ୍ଷରୁ ରବିବାର ଜିଲାସ୍ତରୀୟ ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଓକିଲ ସଂଘ ସଭାପତି ଆଇନଜୀବୀ ଅଜିତ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସୁଶାନ୍ତ କୁମାର ମଲ୍ଲିକ, ଅଧ୍ୟାପିକା ପ୍ରବୀଣା ପଟ୍ଟନାୟକ, ବରିଷ୍ଠ କଳାକାର ବ୍ରଜକିଶୋର ବେହେରା, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ସଙ୍ଗୀତଜ୍ଞ ଲଳିତ ମୋହନ ରାଉତରାୟ, ପବିତ୍ର କୁମାର ବ୍ରହ୍ମା, ନୃତ୍ୟଗୁରୁ ନମିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଲୁକ୍କାୟିତ ଯୁବ ପ୍ରତିଭାମାନଙ୍କୁ ଆଗକୁ ଆଣିବା ଲକ୍ଷ୍ୟରେ ଏବିଭିପିର ରାଷ୍ଟ୍ରୀୟ କଳା ମଞ୍ଚ ଦ୍ୱାରା ଏହି ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ ଏକ ଅନନ୍ୟ ପ୍ରୟାସ ବୋଲି ଏବିଭିପିର ବିଭାଗ ସଂଯୋଜକ ପ୍ରତିଶୋଧ ପଟ୍ଟନାୟକ କହିଛନ୍ତି। ଏହି ପ୍ରତିଯୋଗିତାରେ ଜିଲାର ୧୫ ମହାବିଦ୍ୟାଳୟର ବିଦ୍ୟାର୍ଥୀ ଭାଗ ନେଇଥିଲେ। ଏକକ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ରଙ୍ଗୋଲି, ଏକକ ଅଭିନୟ ପ୍ରଭୃତି ପ୍ରତିଯୋଗିତା ହୋଇଥିଲା। ପ୍ରତି ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆସନ୍ତା ୧୭,୧୮, ୧୯ ତାରିଖରେ ରାଜ୍ୟସ୍ତରୀୟ ପ୍ରତିଭା ସଙ୍ଗମରେ ଭାଗ ନେବେ। ଖୋର୍ଦ୍ଧା ନଗର ସମ୍ପାଦିକା ଶୁଭଶ୍ରୀ ସାହୁ, ନିରାକାରପୁର ନଗର ସମ୍ପାଦକ ସାଗର ପରିଡ଼ା, ଖୋର୍ଦ୍ଧା ନଗର ସଭାପତି ଅଜୟ କୁମାର୍ ମିଶ୍ର, ରାଜୀବ ଲୋଚନ ଦାସ, ଜିଲା ସଂଯୋଜକ ସୁନିଲ କୁମାର ନାୟକ, ସହସଂଯୋଜିକା ଦୀପ୍ତିମୟୀ ପ୍ରତିହାରୀ, ବିଭାଗ ଏସ୍‌ଏସ୍‌ଏଫ୍ ପ୍ରମୁଖ ଚନ୍ଦନ ପାଟଶାଣୀ ଓ ସଞ୍ଜିତ ମହାପାତ୍ର, ସୁବାଷ ସସ୍ମଲ, ହର୍ଷିତା ମହାନ୍ତ, ଅନ୍ନପୂର୍ଣ୍ଣା ସ୍ୱାଇଁ, ସଂଗ୍ରାମ ବେହେରା, ଅଭିଷେକ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବର୍ଷା କ୍ଷତି ତାଲିକାରୁ ଖୋର୍ଦ୍ଧା ଜିଲା ବାଦ୍

ବେଗୁନିଆ,୧୨।୧୨(ଡି.ଏନ୍.ଏ.)

**ଭାଜପାର ଅସନ୍ତୋଷ**

ଲଘୁଚାପଜନିତ ବର୍ଷା ଯୋଗୁ ଓଡ଼ିଶାର ଚାଷୀକୁଳ କ୍ଷତିଗ୍ରସ୍ତ ହୋଇଥିଲେ। ବିଶେଷ କରି ଖୋର୍ଦ୍ଧା ଜିଲା ଅଞ୍ଚଳରେ ବ୍ୟାପକ ପାଚିଲା ଧାନ ଫସଲ ହାନି ହୋଇଥିଲା। ମାତ୍ର ଏହି ଜିଲାର ଚାଷୀକୁଳକୁ ରାଜ୍ୟ ସରକାର ଅଣଦେଖା କରିଛନ୍ତି। ଜିଲା ଓ୍ୱାରି କ୍ଷୟକ୍ଷତି ତାଲିକାରୁ ଖୋର୍ଦ୍ଧା ଜିଲାକୁ ବାଦ ଦେଇ କେନ୍ଦ୍ରକୁ ଭୁଲ ତଥ୍ୟ ପଠାଇଛନ୍ତି। ରାଜ୍ୟ ସରକାରଙ୍କର ଏଭଳି ମନମୁଖି କାର୍ଯ୍ୟକୁ ଭାଜପା ବିରୋଧ କରି ଅସନ୍ତୋଷ ପ୍ରକାଶ କରିଛି। ଏ ନେଇ ରବିବାର ବେଗୁନିଆ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବିଧାୟକ ପ୍ରାର୍ଥୀ ରିଷଭ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲୋତକବିନ୍ଦୁ ପଟ୍ଟନାୟକ ଏବଂ ଆଇନଜୀବି ପ୍ରଦୀପ୍ତ ମଙ୍ଗରାଜଙ୍କ ସମେତ କେତେଜଣ ଚାଷୀ, ଦଳୀୟ କର୍ମୀ ଉପସ୍ଥିତ ଥିଲେ। ରିଷଭ ନନ୍ଦ କହିଥିଲେ, ଚଳିତ ଖରିଫ ଧାନ ଫସଲ ନଷ୍ଟ ହୋଇଛି। କ୍ଷୟକ୍ଷତିର ଉପଯୁକ୍ତ ଆକଳନ ନ କରି ଶାସକ ଦଳ କେନ୍ଦ୍ରକୁ ମନଇଚ୍ଛା ସୁପାରିସ କରିଛନ୍ତି। ଫଳରେ ଖୋର୍ଦ୍ଧା ଜିଲାକୁ ବାଦ ଦେଇ ଅନ୍ୟ ୬ଟି ଜିଲାକୁ ଗୁରୁତ୍ୱ ଦେଇଛନ୍ତି। ସେହିପରି ଆଇନଜୀବୀ ପ୍ରଦୀପ୍ତ କହିଥିଲେ, ବେଗୁନିଆବାସୀ ଏପର୍ଯ୍ୟନ୍ତ ଦୈନନ୍ଦିନ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇପାରୁ ନାହାନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସୂତି ପାଇଁ ବ୍ୟବସ୍ଥା ଥାଇ ମଧ ମା'ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଖୋର୍ଦ୍ଧା, ଭୁବନେଶ୍ୱର ଆଦି ଅନେକ ଡାକ୍ତରଖାନା ଯାଉଛନ୍ତି। ଏହା ସହ ଏହି ବ୍ଲକରେ ଥିବା ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ଡାକ୍ତରମାନେ ସେବା ନ ଯୋଗାଇ ଅନୁପସ୍ଥିତ ରହୁଛନ୍ତି। ସେହିଭଳି ଜନ୍ମ ମୃତ୍ୟୁ ପ୍ରମାଣପତ୍ର ପାଇଁ ଲୋକେ ଅନ୍‌ଲାଇନ ଆବେଦନ କରିବାର ୧୫ଦିନ ବିତିଗଲେ ମଧ ମିଳିପାରୁ ନାହିଁ। ଏଭଳି ଅନେକ ସମସ୍ୟା ଥିବାବେଳେ ସରକାର ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ଚାଷୀ ଓ ଭାଗ ଚାଷୀଙ୍କୁ ଗୁରୁତ୍ୱ ଦେବା ସହ କିଭଳି ଖୋର୍ଦ୍ଧା ଜିଲା ଚାଷୀ କ୍ଷୟକ୍ଷତି ତାଲିକାରେ ଯୋଡି ହେବେ ସେଥିପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ଲୋତକବିନ୍ଦୁ ପଟ୍ଟନାୟକ କହିଥିଲେ।

## ନୋଟାରି ସଂଶୋଧନ ବିଲ୍‌କୁ ବିରୋଧ



ରାଜ୍ୟ ନୋଟାରି ମହାସଂଘର କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଥିବା ସଦସ୍ୟମାନେ।

ଖୋର୍ଦ୍ଧା ଅଫିସ,୧୨।୧୨

**ରାଜ୍ୟ ନୋଟାରି ମହାସଂଘର କାର୍ଯ୍ୟକାରିଣୀ ବୈଠକ**

ଗୀତା ଭବନ ପରିସରରେ ରବିବାର ରାଜ୍ୟ ନୋଟାରି ମହାସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ମହେନ୍ଦ୍ର କୁମାର ବସ୍ତିଆ ସଭାପତିତ୍ୱ କରିଥିଲେ। କେନ୍ଦ୍ରର ନୂତନ ନୋଟାରି ସଂଶୋଧନ ବିଲ୍‌କୁ ମହାସଂଘ ତୀବ୍ର ବିରୋଧ କରିଛି। ଏହି ବିଲ୍ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୫ଶହରୁ ଊର୍ଦ୍ଧ୍ୱ ନୋଟାରୀଙ୍କ ଲାଇସେନ୍ସ ରଦ୍ଦ ହେବା ଆଶଙ୍କା ରହିଛି। ସମସ୍ତ ନୋଟାରିଙ୍କ ପଞ୍ଜୀକରଣ ଡିଜିଟାଲ ମାଧ୍ୟମରେ କରାଯିବ। ଜଣେ ନୋଟାରି ୧୫ବର୍ଷରୁ ଊର୍ଦ୍ଧ୍ୱ ରହିପାରିବେ ନାହିଁ। ଏହାକୁ ମହାସଂଘ ବିରୋଧ କରିଛି। ଏ ନେଇ ଜିଲାସ୍ତରରେ ନୋଟାରୀ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ସମ୍ପାଦକ ନଳିନୀକାନ୍ତ ମିଶ୍ର, ନୋଟାରୀ ଶକ୍ତିଶଙ୍କର ମିଶ୍ର, ସନତ କୁମାର ପଟ୍ଟନାୟକ, ନଟବର ପଣ୍ଡା, ଦୀପନ କୁମାର ମହାନ୍ତି, ସନ୍ତୋଷ କୁମାର ଭୂୟାଁ, ଅକ୍ଷୟ କୁମାର ରଥ, ଅଶ୍ୱିନୀ କୁମାର ପ୍ରଧାନ, ସମ୍ପାଦକ କବିନ୍ଦ୍ର କୁମାର ବାରିକ, ଗଗନ ଦାସ, ରାଧାମୋହନ ଦାସ, ରୋହିତ ବେହେରା, ପ୍ରଦୀପ କିଶୋର ମହାପାତ୍ର, ମାନସ ପାଟଶାଣୀ, ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ମନୋଜ କୁମାର ପଟ୍ଟନାୟକ, ପବିତ୍ର ମୋହନ ରାଜଗୁରୁ, ଭବାନୀ ଦାସ, ଅରୁଣ ମଲ୍ଲିକ, ଚନ୍ଦ୍ରକାନ୍ତ ପାତ୍ର, ବିଭୂଦତ୍ତ ନାଏକଙ୍କ ସମେତ ସମସ୍ତ ଜିଲାର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବିଦ୍ୟାଳୟ ରୂପାନ୍ତର ପାଇଁ ପ୍ରସ୍ତୁତି ବୈଠକ

ଟାଙ୍ଗୀ (ଖୋର୍ଦ୍ଧା),୧୨।୧୨(ଡି.ଏନ୍.ଏ.)

ଟାଙ୍ଗୀ ବ୍ଲକ କୁହୁଡ଼ିସ୍ଥିତ ଜନତା ଉଚ୍ଚ ବିଦ୍ୟାଳୟ ସରକାରଙ୍କ ଦ୍ୱିତୀୟ ପର୍ଯ୍ୟାୟ ରୂପାନ୍ତର ପାଇଁ ମନୋନୀତ ହୋଇଛି। ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଛାତ୍ର ସଂଘ ସଭାପତି ଡ. ଚନ୍ଦ୍ରଶେଖର ଦାଶଙ୍କ ସମେତ ବହୁ ବୁଦ୍ଧିଜୀବୀ, ଅଭିଭାବକ, ପୁରାତନ ଛାତ୍ର ଯୋଗଦେଇଥିଲେ। ସ୍ମାର୍ଟ କ୍ଲାସ ରୁମ, ଅତ୍ୟାଧୁନିକ ଲାବରେଟୋରି, ଇ-ଲାଇବ୍ରେରି, ଖେଳପଡିଆର ଉନ୍ନତୀକରଣ କରାଯିବା ପାଇଁ ଆଲୋଚନା ହୋଇଥିଲା। ସରକାରଙ୍କ ତରଫରୁ ୪୫ ଲକ୍ଷ ଟଙ୍କା ଅନୁଦାନ ମିଳିଥିବାରୁ ପୂର୍ବତନ ଜିଲା ପରିଷଦ ସଭ୍ୟ ରଘୁନାଥ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

### କ୍ରିକେଟ ଟୁର୍ନାମେଣ୍ଟ, ମଳିପଡ଼ା ଚାମ୍ପିୟନ

ନିରାକାରପୁର,୧୨।୧୨(ଡି.ଏନ୍.ଏ.)

ନିରାକାରପୁରର ଲେଣ୍ଡୋ ପଞ୍ଚାୟତ କୁନିଆ ସାମନ୍ତରାପୁରରେ ସପ୍ତାହେ ଧରି ମାତୃଶକ୍ତି କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରବିବାର ହୋଇଯାଇଛି। ଫାଇନାଲରେ ଜୟଦୁର୍ଗା କ୍ରିକେଟ୍ କ୍ଲବ୍ କେଶରପୁରକୁ ହରାଇ ମା'ବଘେଇ କ୍ଲବ ମଳିପଡା ଚାମ୍ପିୟନ ହୋଇଛି। ମଳିପଡା ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୪ ଉଇକେଟ୍ ହରାଇ ୧୯୦ରନ୍ କରିଥିଲା। ଜବାବରେ କେଶରପୁର କ୍ଲବ୍ ୧୧ ଓଭରରେ ସମସ୍ତ ଉଇକେଟ ହରାଇ ୧୧୦ରନ୍ କରି ପରାଜୟ ହୋଇଥିଲା। ଏହି ଖେଳକୁ ବିଜୟ ହରିଚନ୍ଦନ, ମୁନା ମହାରଣା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ସଂଗଠକ ମନୋଜ କୁମାର ଓ ଅନ୍ୟମାନେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ନଗଦ ରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ।

## ଉମାମହେଶ୍ୱର ଦେବ ଟ୍ରଷ୍ଟ ବୋର୍ଡକୁ ନେଇ ବିବାଦ

ବାଲୁଗାଁ,୧୨।୧୨(ଡି.ଏନ୍.ଏ.)

- ■ ପ୍ରଶାସନ ପକ୍ଷରୁ ୧୪୪ ଜାରି
- ■ ନୀତି ସମ୍ପନ୍ନ ପାଇଁ ୫ଜଣ ରହିବେ

ବାଲୁଗାଁ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଉମାମହେଶ୍ୱର ଦେବଙ୍କ ମନ୍ଦିର ଟ୍ରଷ୍ଟ ବୋର୍ଡ ଦାୟିତ୍ୱ ହସ୍ତାନ୍ତରକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିଛି। ଫଳରେ ଶନିବାର ରାତିରୁ ପ୍ରଶାସନ ପକ୍ଷରୁ ଉକ୍ତ ମନ୍ଦିର ପରିସର ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି ।

ସୂଚନା ଥାଉ କି, ବିଗତ କିଛିବର୍ଷ ହେଲା ଏହି ମନ୍ଦିର ଟ୍ରଷ୍ଟ ବୋର୍ଡ ପରିବର୍ତ୍ତନ ନେଇ ୨ ଗୋଷ୍ଠୀ ମଧ୍ୟରେ ବିବାଦୀୟ ପରିସ୍ଥିତି ଦେଖାଦେଇଥିଲା। ତେବେ ଇତି ମଧ୍ୟରେ ଚଳିତ ଡିସେମ୍ବର ୧୦ରେ ମନ୍ଦିର ଦେବୋତ୍ତର ବିଭାଗୀୟ କମିଶନଙ୍କ ନିର୍ଦ୍ଦେଶାନାମା ନଂ ୮୮୫୦ ଏବଂ ଚିଠି ନଂ. ୧୨୫୦୬/ଏଲ୍ ଅନୁଯାୟୀ ଏକ ୯ଜଣିଆ ନୂତନ ଟ୍ରଷ୍ଟ ବୋର୍ଡକୁ ମନ୍ଦିର ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଛି। ଏହି ନୂତନ ଟ୍ରଷ୍ଟ ବୋର୍ଡରେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ସମେତ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ସଦସ୍ୟ ଅଛନ୍ତି। ଏଭଳି ପରିସ୍ଥିତିରେ ଶନିବାର ନୂତନ ଟ୍ରଷ୍ଟବୋର୍ଡ ପକ୍ଷରୁ ଏକ ବୈଠକ କରିବା ପାଇଁ ସଦସ୍ୟମାନେ ମନ୍ଦିର କାର୍ଯ୍ୟାଳୟରେ ପହଞ୍ଚିଥିଲେ। କାର୍ଯ୍ୟାଳୟରେ ତାଲା ପଡ଼ିଥିବା ବେଳେ ପୂର୍ବରୁ ମନ୍ଦିର ଦାୟିତ୍ୱରେ ଥିବା କର୍ମଚାରୀ ଧରାଛୁଆଁ ନ ଦେବାରେ ଟ୍ରଷ୍ଟ ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଉଦ୍ଦେଶ୍ୟମୂଳକ ଭାବେ ମନ୍ଦିର କାର୍ଯ୍ୟାଳୟକୁ ଖୋଲାଯାଉ ନ ଥିବା ନୂତନ ଟ୍ରଷ୍ଟବୋର୍ଡ ପ୍ରଶାସନକୁ ଅବଗତ କରାଇଥିଲେ। ଖବରପାଇ ଚିଲିକା ତହସିଲଦାର ପୁନମ୍ ମହାପାତ୍ର, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଏବଂ ଥାନା ଆଇଆଇସି ରମାକାନ୍ତ ମହାଲିକ୍ ପହଞ୍ଚି ବୁଝାଶୁଝା କରିଥିଲେ। ଅନ୍ୟପଟେ ଏହି ବିବାଦକୁ ନେଇ କୌଣସି ଅଘଟଣକୁ ଏଡ଼ାଇବା ନିମନ୍ତେ ଥାନା ଆଇଆଇସିଙ୍କ ଆବେଦନକ୍ରମେ ଖୋର୍ଦ୍ଧା ସବ-ଡିଭିଜନାଲ କୋର୍ଟ ଘଟଣାର ଗୁରୁତ୍ୱକୁ ବିଚାର କରି ଉକ୍ତ ମନ୍ଦିର ଅଞ୍ଚଳକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ୧୪୪ ଧାରା ଜାରି କରିଛନ୍ତି। କେବଳ ପୂଜା ନୀତି ସମ୍ପନ୍ନ ନିମନ୍ତେ ପୂଜକ ଓ ସେବାୟତ ମୋଟ ୫ଜଣ ମନ୍ଦିରରେ ଉପସ୍ଥିତ ରହିବେ। ଏ ନେଇ ପ୍ରଶାସନ ପକ୍ଷରୁ ଶନିବାର ରାତିରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇଛି। ଅନ୍ୟପକ୍ଷେ ଠାକୁରଙ୍କୁ ଦର୍ଶନରୁ ବଞ୍ଚିତ ନେଇ ଭକ୍ତ ମହଲରେ ନୈରାଶ୍ୟଭାବ ଦେଖାଦେଇଛି। ତୁରନ୍ତ ଏହି ବିବାଦକୁ ସମାଧାନ କରାଯିବା ନିମନ୍ତେ ଶ୍ରଦ୍ଧାଳୁ ମହଲରେ ଦାବି ହୋଇଛି।

## ଐତିହ୍ୟସ୍ଥଳୀ ବୁଲି ଦେଖିଲେ ଛାତ୍ରୀଛାତ୍ର

ପୁରୀ ଅଫିସ: ହେରିଟେଜ ରାଇଡ୍‌ରେ ରବିବାର ଭୋଳାନାଥ ବିଦ୍ୟାପୀଠର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସକାଳେ ୨୦ଜଣ ଛାତ୍ରୀଛାତ୍ର ନୀଳାଦ୍ରି ବେଳାଭୂମିରୁ ବାହାରି ଶଙ୍କରାଚାର୍ଯ୍ୟ ମଠ ଦେଇ ତୋଟାଗୋପୀନାଥ, ବିଦୁର ମଠ ଓ ବାଉଳି ମଠ ବୁଲି ଦେଖିବା ସହ ଐତିହ୍ୟସ୍ଥଳୀ ସମ୍ପର୍କରେ ପଚାରି ବୁଝିଥିଲେ। ବ୍ଲୁ ଫ୍ଲାଗ୍ ବିଚ୍‌ରେ ସେମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଇକୋ ଟୁରିଜମ କ୍ଲବ ପ୍ରତିଷ୍ଠାତା ଯୁଗବ୍ରତ କର, ଗାଇଡ୍ ଟୁକୁନା ଜେନା, ସିଦ୍ଧାର୍ଥ ଆଚାର୍ଯ୍ୟ, ନଟବର ସାହୁ, ସତ୍ୟବ୍ରତ ସାହୁ ଏବଂ ବେୟାରଫୁଟ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ଐତିହ୍ୟସ୍ଥଳୀ ସମ୍ପର୍କରେ ଜିଜ୍ଞାସା ଭାବ ସୃଷ୍ଟି କରିବାକୁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ହେରିଟେଜ ରାଇଡ୍ ଆୟୋଜନ ହେଉଛି।






୧୨।୧୨।୨୦୨୧

| | |
|---|---|
| ୩,୩୪,୯୦୯ ଟଙ୍କା | |
| ସୁନା | ୨.୩୦୦ ଗ୍ରାମ |
| ରୁପା | ୧.୬୦୦ ଗ୍ରାମ |

## ଆଜି କ'ଣ କେଉଁଠି

ପୁରୀ

- ଭାରତୀୟ ମଜଦୁର ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ,ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୂର୍ବାହ୍ନ ୧୧ଟା।
- ଯୁବ କଂଗ୍ରେସ ପକ୍ଷରୁ ଏସ୍‌ପି କାର୍ଯ୍ୟାଳୟ ଘେରାଉ, ପୂର୍ବାହ୍ନ ୧୧ଟା ୩୦।

## ସଂକ୍ଷେପରେ

### ୬ ଆର୍‌ପିଏଫ୍ ଅଧିକାରୀ, କର୍ମଚାରୀ ସମ୍ବର୍ଦ୍ଧିତ

ପୁରୀ ଅଫିସ୍, ୧୨।୧୨:ଖୋର୍ଦ୍ଧାରୋଡ୍ ଡିଭିଜନ୍ ମୁଖ୍ୟାଳୟ ପରିସରରେ ୬୬ତମ ରେଳ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ପୁରୀ ଆର୍‌ପିଏଫ୍ ଟିମ୍‌ର ୬ଜଣ ଅଧିକାରୀ ଏବଂ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ଏଏସ୍‌ଆଇ ବିନୋଦ କୁମାର ବଳ, ହାବିଲଦାର୍ ଆର୍.କେ ମିଶ୍ର, କନଷ୍ଟେବଳ ଅସିତ୍ କୁମାର ଦାସ, ସୁକୁର ବେହେରା, ଦୀପକ କୁମାର ବେହେରା ଏବଂ ଲିଙ୍କି ବେହେରା ସମ୍ବର୍ଦ୍ଧିତ ହୋଇଛନ୍ତି ବୋଲି ପୁରୀ ଆର୍‌ପିଏଫ୍ ଅଧିକାରୀ ଅନିଲ କୁମାର ସିଂହ ସୂଚନା ଦେଇଛନ୍ତି। ବିଭିନ୍ନ ସମୟରେ ଯାତ୍ରୀଙ୍କୁ ସହଯୋଗ, ପିଲାଙ୍କୁ ଉଦ୍ଧାର, ଯାତ୍ରୀଙ୍କୁ ମେଡିକାଲ ସେବା ଯୋଗାଇଦେବା, ହଜି ଯାଇଥିବା ସାମଗ୍ରୀଗୁଡ଼ିକୁ ଯାତ୍ରୀଙ୍କୁ ଫେରାଇବା ସହ ବିଭିନ୍ନ ସଚେତନତା କାର୍ଯ୍ୟ ପାଇଁ ଏହି ଆର୍‌ପିଏଫ୍ ଅଧିକାରୀ ଏବଂ କର୍ମଚାରୀମାନେ ସମ୍ମାନିତ ହୋଇଛନ୍ତି।

### ସ୍ୱଚ୍ଛତା କାର୍ଯ୍ୟକ୍ରମ

ପୁରୀ ଅଫିସ, ୧୨।୧୨: ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ୟୁନିଟ୍ ଦ୍ୱାରା ଗ୍ରହଣ କରାଯାଇଥିବା ଜୀବରାମ୍‌ଜୀ ପଲ୍ଲୀରେ ରବିବାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସ୍ୱଚ୍ଛତା ନେଇ ସଚେତନତା ବାର୍ତ୍ତା ଦେଇଥିଲେ। ଜଳ ସଂରକ୍ଷଣ, ବୃକ୍ଷରୋପଣ, ଜୈବସାରରେ ପରିଣତ ହୋଇପାରୁଥିବା କପଡ଼ା ବ୍ୟାଗ ବ୍ୟବହାର ପାଇଁ ଲୋକଙ୍କୁ ବୁଝାଇଥିଲେ। ସ୍ୱେଚ୍ଛାସେବୀମାନେ ସାହିର ବିଭିନ୍ନ ସ୍ଥାନ ସଫେଇ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର, ଜୀବରାମଜୀପଲ୍ଲୀ ସଭାପତି ଭିକାରୀ ମହାପାତ୍ର, ସମ୍ପାଦକ ଲକ୍ଷ୍ମୀଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକାରୀ ଅଧିକାରୀ ଡ. ହରପ୍ରିୟା ଦାଶ କାର୍ଯ୍ୟକ୍ରମ ପରିଚାଳନା ଓ ସୁପରଭାଇଜର ସୁଚିତ୍ରା ମହାପାତ୍ର ସହଯୋଗ କରିଥିଲେ।

### ଶୀତଳଭଣ୍ଡାର ପ୍ରତିଷ୍ଠା ହେଉ

କଣାସ,୧୨।୧୨(ସ୍ୱ.ପ୍ର.)- କଣାସ ବ୍ଲକର ଚାଷୀଙ୍କ ଉନ୍ନତି ପାଇଁ ସ୍ୱଦେଶୀ ସଂସ୍ଥା କଣାସ କୃଷକ ଉତ୍ପାଦକ କମ୍ପାନିକୁ ସହଯୋଗର ହାତ ବଢାଇଛି। ଏ ନେଇ ସେବା ଅଞ୍ଚଳ ପରିସରରେ ସଂସ୍ଥା ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ୱଦେଶୀର ପରିଚାଳନା ନିର୍ଦ୍ଦେଶକ ଶ୍ରୀକାନ୍ତ ମହାନ୍ତି ଯୋଗଦେଇ କଣାସ କୃଷକ ଉତ୍ପାଦକ କମ୍ପାନିର ସମସ୍ତ ଚାଷୀଙ୍କୁ ଜ୍ଞାନକୌଶଳ ପ୍ରଦାନ କରିଥିଲେ। ଉପଯୁକ୍ତ ଚାଷୀଙ୍କୁ ଋଣ ଯୋଗାଣ, ଚାଷୀଙ୍କର ଉତ୍ପାଦିତ ସାମଗ୍ରୀକୁ ସୁଲଭ ଦରରେ ବିକ୍ରି ବ୍ୟବସ୍ଥା କରାଇବା ଏବଂ ଚାଷୀଙ୍କୁ ବିନା ଦେୟରେ ଇନସୁରାନ୍ସ ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। କଣାସ ବ୍ଲକରେ ଶୀତଳଭଣ୍ଡାର ନିତାନ୍ତ ଆବଶ୍ୟକ ଥିବାରୁ ଏଥିପାଇଁ ବିହିତ ପଦକ୍ଷେପ ନେବା ପାଇଁ ସ୍ଥିର କରାଯାଇଥିଲା। ସଭାରେ ଏକେଏସ୍‌ଏସ୍ ସଭାପତି ପ୍ରମୋଦ ହରିଚନ୍ଦନ ଅଧ୍ୟକ୍ଷତା କରିଥିବା ବେଳେ ଏକେଏସ୍‌ଏସ୍‌ର ସମ୍ପାଦକ ସୁବର୍ଣ୍ଣକେଶରୀ ବଳିଆରସିଂହ, କମ୍ପାନିର ପରିଚାଳନା ନିର୍ଦ୍ଦେଶକ ରଜନିକାନ୍ତ ପାଢୀ, କୃପାସିନ୍ଧୁ ପାଇକରାୟ, ସୁଜାତା ବାହୁବଳେନ୍ଦ୍ର, ମନୋଜ ଦାସ, ଗୌରୀ ଦାସ ଚାଷୀ ଓ ଚାଷର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅଦ୍ୟାବଧି ବ୍ଲକର ୨୮ଟି ପଞ୍ଚାୟତରୁ ୧୭ଟି ପଞ୍ଚାୟତରେ ୩ହଜାର ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଅବଶିଷ୍ଟ ପଞ୍ଚାୟତକୁ ଖୁବଶୀଘ୍ର ସାମିଲ କରାଯିବ ବୋଲି ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ନିର୍ଦ୍ଦେଶିକା ସଂଯୁକ୍ତା ପ୍ରଧାନ, ରଜନୀରାଣୀ ମାର୍ଥା, ଧନେଶ୍ୱର ମଲ୍ଲିକ, ନିର୍ଦ୍ଦେଶକ ସମୀରକେଶରୀ ବଳିଆରସିଂହ ସାମିଲ ଥିଲେ। ଉପେନ୍ଦ୍ର ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କ୍ଷୟକ୍ଷତି ବୁଲି ଦେଖିଲେ କେନ୍ଦ୍ରୀୟ ଦଳ

ଅସ୍ତରଙ୍ଗ/ଗୋପ,୧୨।୧୨(ଡି.ଏନ୍.ଏ.)

ବାତ୍ୟାଜନିତ ଲଗାଣବର୍ଷା ଯୋଗୁ ପୁରୀ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ବ୍ୟାପକ ଧାନ ଫସଲ କ୍ଷୟକ୍ଷତି ହୋଇଛି। ତେବେ ଏ ନେଇ ରବିବାର ଏକ କେନ୍ଦ୍ରୀୟ ପ୍ରତିନିଧି ଦଳ ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ବୁଲି କ୍ଷୟକ୍ଷତିର ଆକଳନ କରିଥିଲେ। କେନ୍ଦ୍ରୀୟ ଯୁଗ୍ମସଚିବ ସୌରଭ ରାୟ,ପୁନମ ଜେନାଙ୍କ ନେତୃତ୍ୱରେ ଆସିଥିବା କେନ୍ଦ୍ରୀୟ ପ୍ରତିନିଧି ଦଳ ବ୍ଲକର ଅସ୍ତରଙ୍ଗ, ଜୀଉନ୍ତି, ଉକୁଳେଇ ରାଜସ୍ୱ ମୌଜାର ନଷ୍ଟ ହୋଇଥିବା ଫସଲ, ବିଲକୁ ଯାଇ ଗଜା ହୋଇଥିବା ଧାନକୁ ଦେଖିଥିଲେ। ଏଥିସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ। ଚାଷୀମାନେ ପ୍ରତିନିଧି ଦଳକୁ କୃଷି ଋଣ ଛାଡ କରିବାକୁ ଅନୁରୋଧ କରିଥିଲେ। ପରେ ପ୍ରତିନିଧି ଦଳ ପୁରୀ ଜିଲା ଅଧିକାରୀମାନଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରିଥିଲେ।

ପରେ ଏହି କେନ୍ଦ୍ରୀୟ ଅଧିକାରୀ ଦଳ ଗୋପ ବ୍ଲକ ଅଞ୍ଚଳ ବୁଲି ଚାଷୀଙ୍କ କ୍ଷୟକ୍ଷତି ଦେଖିଥିଲେ। ଅପରାହ୍ଣରେ ଏହି ଟିମ୍ ବନାଖଣ୍ଡି ପଞ୍ଚାୟତ ଅର୍ଥାତ୍ କୋଣାର୍କ-ଭୁବନେଶ୍ୱର ମୁଖ୍ୟ ରାସ୍ତାର ଗୁଣ୍ଡି ଗ୍ରାମ ନିକଟରେ ପହଞ୍ଚିଥିଲେ । ଏହି ୨ ସଦସ୍ୟ ରାଜରାସ୍ତାରୁ ଧାନ ଜମିକୁ ନ ଯାଇ କେବଳ ୮ ମିନିଟ ଠିଆ ହୋଇ ଭୁବନେଶ୍ୱର ଫେରି ଯାଇଥିଲେ। କେନ୍ଦ୍ରୀୟ ଟିମ୍ ଆସିବା ଶୁଣିବା ପରେ ନିକଟସ୍ଥ ଗାଁର କେତେକ ଚାଷୀ ଆସିବା ବେଳକୁ ଏହି ଟିମ୍ ସଦସ୍ୟ ପଳାଇ ଯିବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। କେନ୍ଦ୍ରୀୟ ଟିମ୍ ଧାନ ଜମି ଭିତରକୁ ନ ଯାଇ ଧାନର ଅବସ୍ଥା କିପରି ଆକଳନ କଲେ ବୋଲି ଅଭିଯୋଗ ହୋଇଛି। କେନ୍ଦ୍ରୀୟ ପ୍ରତିନିଧି ଦଳ ସହିତ ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, କୃଷି ନିର୍ଦ୍ଦେଶକ ଏମ୍.ମୁଥୁ କୁମାର, ପୁରୀ ଜିଲା କୃଷି ଅଧିକାରୀ ଅନୀଲ ଚନ୍ଦ୍ର ଦାସ, ଏବିଡିଓ ନିମାପଡ଼ା ଶରତ ଚନ୍ଦ୍ର ପରିଡ଼ା, ତହସିଲଦାର ରାଜଲକ୍ଷ୍ମୀ ନାୟକ, ଅସ୍ତରଙ୍ଗ କୃଷି ଅଧିକାରୀ ନରେଶ ସାହୁ, ଅସ୍ତରଙ୍ଗ ରାଜସ୍ୱ ନିରୀକ୍ଷକ ସସ୍ମିତା ନାୟକ, ଭିଏଡବ୍ଲ୍ୟୁ ନିବେଦିତା ପଟ୍ଟନାୟକ, ଗୋପ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

**ରାସ୍ତାରୁ ଦେଖି ଫେରିଯିବାରୁ ଗୋପ ଚାଷୀଙ୍କ ଅସନ୍ତୋଷ**



କେନ୍ଦ୍ରୀୟ ଟିମ୍‌ର ସଦସ୍ୟମାନେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ଆଲୋଚନା କରୁଛନ୍ତି ।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ସାକ୍ଷୀଗୋପାଳ, ୧୨।୧୨(ଡି.ଏନ୍.ଏ.)

ସତ୍ୟବାଦୀ ଥାନା ଅନ୍ତର୍ଗତ ବାଲିସାହି ଗ୍ରାମରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ପୋଲିସ ରବିବାର ଜବତ କରିଛି। ମୃତା ହେଲେ ଏହି ଗ୍ରାମର କାନ୍ତି ବେହେରା(୨୧)। ଯୁବତୀଙ୍କ ପିତାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଏକ ମାମଲା(ନଂ.୨୬/୨୧) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଛି। କାନ୍ତି ବାଲିସାହି ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରକୁ ବୁଲି ଆସିଥିଲେ। ରବିବାର ସମ୍ପର୍କୀୟଙ୍କ ଘରେ ଥିବାବେଳେ ଦୀର୍ଘ ସମୟ ବାହାରକୁ ନ ବାହାରିବାରୁ ପରିବାର ଲୋକେ ସନ୍ଦେହ କରିଥିଲେ। ଝରକା ପଟେ ଦେଖିବା ବେଳକୁ ସେ ବେକରେ ଲୁଗାବାନ୍ଧି ଝୁଲୁଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି।

## ମା' ନାରାୟଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

କଣାସ,୧୨।୧୨(ସ୍ୱ.ପ୍ର.)- କଣାସ ବ୍ଲକ ଅନ୍ତର୍ଗତ ସିରେଇ ପଞ୍ଚାୟତର ରାଧାମୋହନପୁର, ଚଡକପୁର ଗ୍ରାମରେ ମା' ନାରାୟଣୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଆରମ୍ଭ ହେବା ସହ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ସମସ୍ତ ମହିଳା, ପୁରୁଷ ଗ୍ରାମରୁ ବାହାରି କଣାସ ଗ୍ରାମ ଦେଇ ଦୋକନ୍ଦାଠାରେ ଦୟାନଦୀ କୂଳରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା କରି କଳସ ବୁଡାଇ ଜଳ ଆଣି ପୁନଶ୍ଚ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସ୍ଥଳରେ ପହଞ୍ଚିଥିଲେ।

## ଅଶୋକ ମହାପାତ୍ରଙ୍କୁ ଶ୍ରୀଜଗନ୍ନାଥ ଚେତନା ପ୍ରତିଭା ସମ୍ମାନ

ପୁରୀ ଅଫିସ, ୧୨।୧୨:

ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଦ୍ୱାଦଶତମ ସାଧାରଣ ଅଧିବେଶନ ଏବଂ ସମ୍ମାନ ପ୍ରଦାନ ସମାରୋହ ରବିବାର ହଲିଡେ ରିସୋର୍ଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାଞ୍ଜପିଟା ମଠର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ଦାସ ବାବାଜୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରତିଷ୍ଠାନର ମହାସଚିବ ଡ. ନରେଶ ଚନ୍ଦ୍ର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର କୁଳପତି ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କୁ ଶ୍ରୀଜଗନ୍ନାଥ ଚେତନା ପ୍ରତିଭା ସମ୍ମାନ, ସ୍ୱର୍ଗତଃ ରବୀନ୍ଦ୍ରନାଥ ପ୍ରତିହାରୀଙ୍କୁ ମରଣୋତ୍ତର ଭାବେ ଶ୍ରୀଜଗନ୍ନାଥ ଚେତନା ଗବେଷକ ସମ୍ମାନ, ଶ୍ରୀମନ୍ଦିର ପ୍ରଶାସନର ପୂର୍ବତନ ପ୍ରଶାସକ ରବୀନ୍ଦ୍ର ନାରାୟଣ ମିଶ୍ରଙ୍କୁ ଶ୍ରୀଜଗନ୍ନାଥ ଚେତନା ପ୍ରତୀକ ସମ୍ମାନ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ସଂସ୍କୃତ ବିଭାଗ ଅଧ୍ୟକ୍ଷ ପ୍ରଫେସର ଗୋପାଳକୃଷ୍ଣ ଦାଶଙ୍କୁ ଶ୍ରୀଜଗନ୍ନାଥ ଚେତନା ଗବେଷକ ସମ୍ମାନ-୨୦୧୯ ପ୍ରଦାନ କରାଯାଇଥିଲା। ଜଗତସିଂହପୁର ଜିଲା ଗଡ଼କୁଜଙ୍ଗସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରର କର୍ମକର୍ତ୍ତା ଏବଂ ବାଲେଶ୍ୱର ଜିଲା ଶାସଙ୍ଗସ୍ଥିତ ଦ୍ୱାଦଶ ଶତାବ୍ଦୀର ପ୍ରାଚୀନ ଶ୍ରୀଜଗନ୍ନାଥ ମନ୍ଦିରର କର୍ମକର୍ତ୍ତାଙ୍କୁ ଶ୍ରୀଜଗନ୍ନାଥ ଚେତନା ସଙ୍ଗଠକ ସମ୍ମାନରେ ଭୂଷିତ କରାଯାଇଥିଲା। ପ୍ରତିମା ପରିଡ଼ା ଓ ପ୍ରତିଭା ରାୟସାମନ୍ତଙ୍କୁ ଶ୍ରୀଜଗନ୍ନାଥ ଚେତନା ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରୀମନ୍ଦିରର ୫ଜଣ ସେବକଙ୍କୁ ସ୍ୱର୍ଗତ ଡା. ଉମେଶ ପ୍ରସାଦ ପାଣିଗ୍ରାହୀଙ୍କ ସ୍ମୃତିରେ ଓ ୫ଜଣ ସୈନିକଙ୍କୁ ନାଲକୋ, ଭୁବନେଶ୍ୱର ପକ୍ଷରୁ ଦଶହଜାର ଟଙ୍କା ଲେଖାଏ ଚିକିତ୍ସା ସହାୟତା ଦିଆଯାଇଥିଲା। ବ୍ୟାସଦେବ ପ୍ରଣୀତ ମହାପୁରୁଷ ବିଦ୍ୟା ୨୦୨୦, ଐତିହାସିକ ରଥଯାତ୍ରା, ଶ୍ରୀଦାରୁବ୍ରହ୍ମଙ୍କ ସେବା ପରମ୍ପରା ଓ ସଂକ୍ଷିପ୍ତ ପୂଜାବିଧିର ଚତୁର୍ଥ ସଂସ୍କରଣ ପୁସ୍ତକ ଲୋକାର୍ପିତ ହୋଇଥିଲା। ପ୍ରତିଷ୍ଠାନର ୨୧ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ସୁଦର୍ଶନ ନାୟକ, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଡ. କରୁଣାକର ପ୍ରଧାନ, ଡ. ଅସିତ ମହାନ୍ତି, ହରେକୃଷ୍ଣ ପ୍ରତିହାରୀ, ପ୍ରଦୀପ୍ତ କୁମାର ସାହୁ ଏବଂ ରାଧେଶ୍ୟାମ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ସମାରୋହରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

**୫ ସେବକ, ୫ ସୈନିକଙ୍କୁ ଦିଆଗଲା ଚିକିତ୍ସା ସହାୟତା**

## ଶୌଚାଳୟରେ ହେଲା ବାହାଘର

ବ୍ରହ୍ମଗିରି,୧୨।୧୨(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିପକୁଦା ଗ୍ରାମ ନିକଟରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଉକ୍ତ ଗ୍ରାମ ନିକଟରେ ଥିବା ଏକ ସରକାରୀ ଶୌଚାଳୟ ପରିସରରେ ଚାଲିଥିଲା ବିବାହ କାର୍ଯ୍ୟକ୍ରମ। ନବବିବାହିତା କନ୍ୟାଟି ସେହିଠାରୁ ବିଦାୟ ନେଇ ତାଙ୍କର ଶାଶୁଘରକୁ ଯାଇଥିଲେ। ଏହି ଘଟଣାକୁ ନେଇ ଉକ୍ତ ଗ୍ରାମର ସାମାଜିକ କର୍ମୀ ହିରଣ୍ୟ ଜେନା ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ହିରଣ୍ୟଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମର ୨୦୧୮ ମସିହାରୁ ଗ୍ରାମ ବିବାଦରୁ ୨୪ ପରିବାର ଗ୍ରାମରୁ ବାସନ୍ଦ ହୋଇ ବାହାରେ ରହୁଛନ୍ତି। ଏହି ୨୪ ପରିବାର ମଧ୍ୟରୁ ବୁଦ୍ଧିନାଥ ଜେନା ଗ୍ରାମରୁ ବାହାରି ଗ୍ରାମ ନିକଟରେ ଥିବା ଏକ ସରକାରୀ ଶୌଚାଳୟରେ ସପରିବାର ରହୁଛନ୍ତି। ଏହି ଅବସରରେ ରବିବାର ବୁଦ୍ଧିନାଥଙ୍କ ଝିଅଙ୍କ ବିବାହ କାର୍ଯ୍ୟ ଥିଲା। ତେବେ ଗ୍ରାମରୁ ବାସନ୍ଦ ଥିବାରୁ ବୁଦ୍ଧନାଥ ନିଜ ଘରେ ବିବାହ କାର୍ଯ୍ୟ କରି ନ ପାରି ସେ ଆଶ୍ରୟ ନେଇଥିବା ଶୌଚାଳୟ ନିକଟରେ ତାଙ୍କର ବିବାହ ଉତ୍ସବ ସମ୍ପାଦନ କରିଥିଲେ।

## ବଟି ମାଗି ୨ ଗିରଫ

ପୁରୀ ଅଫିସ, ୧୨।୧୨:

ଦାଦାବଟି ମାଗିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିରବିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବଳିଆପଣ୍ଡା ବସ୍ତିର ରାଜେନ୍ଦ୍ର ନାୟକ (୨୪)। ତାଙ୍କଠାରୁ ଗୋଟିଏ ଛୁରି ଓ ୧୧୪୦ ଟଙ୍କା ଜବତ ହୋଇଛି। ଏ ନେଇ କେସ୍ ନଂ ୧୭୬/୨୧ ରୁଜୁ କରାଯାଇଛି। ସେହିପରି ବଟି ଆଦାୟ ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ପେଣ୍ଟକଟା ବେହେରା ସାହିର ଗିରିଧାରୀ ବେହେରା(୨୫)ଙ୍କୁ ଗିରଫ କରିଛି। ତାଙ୍କଠାରୁ ଗୋଟିଏ ଚାପଡ଼ ଏବଂ ନଗଦ ୧୫୦ ଟଙ୍କା ଜବତ କରିଛି। ଏ ନେଇ କେସ୍ ନଂ. ୨୫୮/୨୧ ରୁଜୁ ହୋଇଛି।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ବଳଙ୍ଗା, ୧୨।୧୨(ଡି.ଏନ୍.ଏ)

ଜାତୀୟ ସ୍ୱାସ୍ଥ୍ୟ ମିଶନ ସହାୟତାରେ ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାରା ନିର୍ମିତ ବଳଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ରବିବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରିଛନ୍ତି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ଜିଲା ପରିଷଦ ସୁମନ୍ତ ଦାସ, ସରପଞ୍ଚ ଅଜିତ୍ କୁମାର ଦଳାଇ, ସମିତି ସଭ୍ୟ ପାର୍ବତୀ ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ପାର୍ଥଦେ ସାହୁ, ଅଙ୍ଗନୱାଡ଼ି, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସ୍ଥାନୀୟ ଜନତା ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ବଳଙ୍ଗା ଜଳ ସମ୍ପଦ ଉପଖଣ୍ଡ ଅଧୀନର ସଦସ୍ୟା ହରିପୁର, ଗଡପଦନପୁର, ସାଇଁଶ ଶାସନ, ଗୋପୀନାଥପୁର, ବଳଙ୍ଗା, କୋଟକୁସାଙ୍ଗ, ଉଛୁପୁର ପ୍ରଭୃତି ବିଭିନ୍ନ ପଞ୍ଚାୟତର ଭାର୍ଗବୀ ନଦୀବନ୍ଧ ଓ କେନାଲଗୁଡିକରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିରେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଶଶିଭୂଷଣ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ରାକେଶ ମଲ୍ଲିକ ଉପସ୍ଥିତ ଥିଲେ।

## ୬.୬୦ କୋଟିରେ ୯ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଗୋପ,୧୨।୧୨(ଡି.ଏନ୍.ଏ.)

ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ରବିବାର ଗୋପ ଜଳସମ୍ପଦ ବିଭାଗ ଅଧୀନ ବିଭିନ୍ନ ସ୍ଥାନରେ ମୋଟ ୬କୋଟି ୬୦ଲକ୍ଷ ଟଙ୍କାର ୯ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନା କରିଛନ୍ତି। ପ୍ରଥମେ ମନ୍ତ୍ରୀ ଗଳଦରୀରେ ଧନୁଆ ନଦୀ ବନ୍ଧର ସୁଦୃଢୀକରଣ ଲାଗି ୩ କୋଟି ୯ ଲକ୍ଷ ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ଗୋପ ବେଣୀପୁରରେ ନଦୀବନ୍ଧ ସୁଦୃଢୀକରଣ, ଶୋଳପୁରରେ ନଦୀବନ୍ଧର ପଥର ପ୍ୟାକିଂ ସହିତ ଆଉ କେତେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ମନ୍ତ୍ରୀ ଗୋପ ବଜାର ନିକଟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ଏକ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରି ଲୋକଙ୍କୁ ନବୀନ ସରକାରଙ୍କ ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ନିମାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶଶୀଭୂଷଣ ମିଶ୍ର, ଗୋପ ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କିଶୋର ମହାନ୍ତି, ବଳଙ୍ଗା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାତ କୁମାର ଦାଶ, ସହକାରୀ ଯନ୍ତ୍ରୀ ସଞ୍ଜୀବ ନାରାୟଣ ସାହୁ, କିଷ୍ଟାକାନ୍ତ ମୁଣ୍ଡୁଲି, ଦୀନକୃଷ୍ଣ ସାହୁ, ବ୍ଲକ ସଭାପତି ମଧୁସୂଦନ ପାଇକରାୟ, ପ୍ରହ୍ଲାଦ ସ୍ୱାଇଁ, ବୈଲୋଚନ ସାହୁ, ସମିତିସଭ୍ୟ କରୁଣାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ ।

## ବ୍ଲକ ସ୍ଥାନାନ୍ତର ସପକ୍ଷବାଦୀଙ୍କ ବାଇକ୍ ଶୋଭାଯାତ୍ରା

କଣାସ,୧୨।୧୨(ସ୍ୱ.ପ୍ର.)

କଣାସ ବ୍ଲକ କାର୍ଯ୍ୟାଳୟ ସ୍ଥାନାନ୍ତର ପାଇଁ ନଭେମ୍ବର ୧୦ରେ ଅନୁଷ୍ଠିତ ନବମ ପଞ୍ଚାୟତ ସମିତି ବୈଠକରେ ପ୍ରସ୍ତାବ ହୋଇଥିଲା। ଏହାକୁ ୧ମାସ ହେଲା କେତେଜଣ ବିରୋଧ କରୁଥିବାବେଳେ ସୋମବାର ବ୍ଲକ ଅଫିସ ସମ୍ମୁଖରେ ଗଣବିକ୍ଷୋଭ ପାଇଁ ଡାକରା ଦେଇଛନ୍ତି। ହେଲେ ବ୍ଲକ ସ୍ଥାନାନ୍ତରକୁ ଅଞ୍ଚଳର ଅନ୍ୟ କେତେଜଣ ସମର୍ଥନ କରି ରବିବାର ବାଇକ୍ ଶୋଭାଯାତ୍ରା କରିଥିଲେ। ସେମାନେ କଣାସ, ସିରେଇ, ତ୍ରିଲୋଚନପୁର, ଗଡବଡପୁଟ, ଗଡସାନପୁଟ, ପାଣ୍ଡିଆକେରା, ଦୋକନ୍ଦା, ବଡାସ ପଞ୍ଚାୟତର ସମସ୍ତ ଗ୍ରାମ ବୁଲି ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ବିରୋଧୀମାନେ ବ୍ଲକ ସ୍ଥାନାନ୍ତରକୁ କଦର୍ଥ କରୁଥିବା ପ୍ରଚାର କରିଥିଲେ। ଆମ୍ରାର ଅଧ୍ୟକ୍ଷ ସଞ୍ଜୟ ଭୋଳ ଏହି ଶୋଭାଯାତ୍ରା ପରିଚାଳନା କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ବୈଠକ

କାକଟପୁର,୧୨।୧୨(ଡି.ଏନ୍.ଏ.)

ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ମାସିକ ବୈଠକ ସ୍ଥାୟୀ ସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ନୟାହାଟରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ କୈଳାସ ଚନ୍ଦ୍ର ଦାଶ ବୈଠକର ଆଭିମୁଖ୍ୟ ଓ ବରିଷ୍ଠ ନାଗରିକଙ୍କ ପାଇଁ ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ଗତ ମାସରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ତରଫରୁ ୭୪ଜଣ ବରିଷ୍ଠ ନାଗରିକଙ୍କୁ ନିମାପଡା ଉପଖଣ୍ଡ ପୋଲିସ ଅଧିକାରୀ, ଗୋପ ଥାନା ଭାରପ୍ରାପ୍ତ ଅଧିକାରୀ ଓ ନୟାହାଟ ଫାଣ୍ଡି ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ସେଥିପାଇଁ ମଞ୍ଚ ତରଫରୁ ସମସ୍ତ ପୋଲିସ ଅଧିକାରୀଙ୍କୁ ସାଧୁବାଦ ଜଣାଯାଇଥିଲା। ବୈଠକରେ ମଧୁସୂଦନ ରାୟ, କୃଷ୍ଣ ଚନ୍ଦ୍ର ବାରିକ, ହରିହର ସ୍ୱାଇଁ, କୈଳାସ ଚନ୍ଦ୍ର ରାଉତ, ଯୁଧିଷ୍ଠିର ନାୟକ, ନଳିନୀକାନ୍ତ ଖୁଣ୍ଟିଆ ସାମିଲ ଥିଲେ। ମଞ୍ଚର ନୀତି, ନିୟମ ଓ କାର୍ଯ୍ୟଧାରା କୁ ଆଧାର କରି ନୂତନ ସଭ୍ୟ ଭାବେ ୨୧ ଜଣ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ମଞ୍ଚ ପକ୍ଷରୁ ସରକାରଙ୍କ ନିକଟରେ ୨ଟି ଦାବି (ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ କାର୍ଡ ଓ ସ୍ୱାସ୍ଥ୍ୟ ବୀମା) ଯୋଜନାରେ ସାମିଲ କରିବା ପାଇଁ ନିବେଦନ କରାଯାଇଥିଲା । ସଭ୍ୟ ଅଜିତ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।



ରାଷ୍ଟ୍ରୀୟ କଳା ମଞ୍ଚ ପକ୍ଷରୁ ରାଣୀସତୀ ଭବନରେ ଆୟୋଜିତ ପ୍ରତିଭା ସଙ୍ଗମ୍ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ ।

## 'ପ୍ରତିଭା ସଙ୍ଗମ୍'ରେ ଭାଗନେଲେ ଛାତ୍ରୀଛାତ୍ର

ପୁରୀ ଅଫିସ, ୧୨।୧୨:

ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶ ଓ ଅନ୍ତର୍ନିହିତ କଳାକୁ ଲୋକଲୋଚନକୁ ଆଣିବା ନିମନ୍ତେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ରାଷ୍ଟ୍ରୀୟ କଳା ମଞ୍ଚ ଗଠନ କରାଯାଇଛି। ଏହି କଳା ମଞ୍ଚ ପକ୍ଷରୁ ରବିବାର ପୁରୀ ବଡ଼ଶଙ୍ଖସ୍ଥିତ ରାଣୀସତୀ ଭବନରେ ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ କଳା ପରିବେଷଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ୭ଟି ବିଭାଗରେ ଯଥା ଏକକ ନୃତ୍ୟ, ଦଳଗତ ନୃତ୍ୟ, ଏକକ ସଙ୍ଗୀତ, ଏକକ ଅଭିନୟ, ରଙ୍ଗୋଲି, ଚିତ୍ରାଙ୍କନ, ସ୍ୱରଚିତ ସଙ୍ଗୀତର ଆବୃତ୍ତି ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ୟଙ୍ଗ ଚିତ୍ରଶିଳ୍ପୀ ସୂର୍ଯ୍ୟକାନ୍ତ ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଙ୍ଗଠନର ଜିଲା ପ୍ରମୁଖ ଡ. ସସ୍ମିତା ନାୟକ, ପୁରୀ ବିଭାଗ ପ୍ରମୁଖ ଅଧ୍ୟାପକ ଅଜିତ କୁମାର ଦଳାଇ ଏବଂ ଜିଲା ସଂଯୋଜକ ତାରା ପ୍ରସାଦ ଦାଶ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାର ବିଚାରକ ଭାବେ ଓଡ଼ିଶୀ ନୃତ୍ୟ ଗୁରୁ କୁମାର ଭୀମସେନ, ଓଡ଼ିଶୀ ନୃତ୍ୟ ଶିଳ୍ପୀ ରୋଜାଲିନ ପଣ୍ଡା, ମାଧବ ଶ୍ରୀନନ୍ଦନ ସାହୁ ଏବଂ ବଟଗୋପାଳ ତ୍ରିପାଠୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ କଳା ମଞ୍ଚର ଜିଲା ସଂଯୋଜିକା ଯାଜ୍ଞସେନୀ ମଲ୍ଲିକ ପରିଚାଳନା କରିଥିଲେ। ଶିବଶଙ୍କର ବେହେରା, ବିସ୍ମୟ ପଟ୍ଟନାୟକ, ରାକେଶ ସ୍ୱାଇଁ, ରାକେଶ ସେଠୀ, ବାସୁଦେବ ସେନାପତି, ଶିବାନନ୍ଦ ପାଢ଼ୀ, କୃଷ୍ଣଚନ୍ଦ୍ର ସାହୁ, ଦୀପକ କୁମାର ସୁବୁଦ୍ଧି, ରାକେଶ କୁମାର ମିଶ୍ର ଏବଂ ରାହୁଲ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ମହୋଦଧି ସୁରକ୍ଷା, ପବିତ୍ରତା ଉପରେ ଗୁରୁତ୍ୱ

ପୁରୀ ଅଫିସ, ୧୨।୧୨:

- ଏକାଠି ହେଲେ ୧୦ରୁ ଊର୍ଦ୍ଧ୍ୱ ଅନୁଷ୍ଠାନ
- ବେଳାଭୂମିରେ ମହୋଦଧି ଦିବସ ପାଳିତ

ସ୍ୱେଚ୍ଛାସେବୀ ସଙ୍ଗଠନ ସାମ୍ମୁଖ୍ୟ 'ଦି ବେଲ୍' ପକ୍ଷରୁ ରବିବରେ ନୀଳାଦ୍ରି ବେଳାଭୂମିରେ ମହୋଦଧି ଦିବସ ପାଳନ କରାଯାଇଛି। ଜିଲାର ୧୦ରୁ ଊର୍ଦ୍ଧ୍ୱ ଅନୁଷ୍ଠାନକୁ ନେଇ ଗଠିତ ଅନୁଷ୍ଠାନ 'ଦି ବେଲ୍' ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥିମାନଙ୍କ ଦ୍ୱାରା ପତାକା ଉତ୍ତୋଳନ ପରେ ଅନୁଷ୍ଠାନର ଲୋଗୋ ଉନ୍ମୋଚନ ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱଚ୍ଛତା ସମ୍ପର୍କିତ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁଭାଷ ଚନ୍ଦ୍ର ନାଥଶର୍ମା ଯୋଗଦେଇ ସମୁଦ୍ରର ସ୍ୱଚ୍ଛତା ଓ ପବିତ୍ରତା ପାଇଁ ସମସ୍ତେ ଆଗେଇ ଆସିବା ଉଚିତ୍ ବୋଲି ମତବ୍ୟକ୍ତ କହିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ଷ୍ଟେଟ୍ ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ପ୍ରଦୀପ୍ତ କୁମାର ଓଝା ଯୋଗଦେଇ ଶ୍ରୀକ୍ଷେତ୍ର ବିକାଶ ଓ ମହୋଦଧିର ସ୍ୱଚ୍ଛତାରେ ସମସ୍ତେ ସାମିଲ୍ ହେଲେ ପୁରୀ ଭାରତର ଶ୍ରେଷ୍ଠ ସହର ରୂପେ ପରିଗଣିତ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ସମୁଦ୍ରରେ ପର୍ଯ୍ୟଟକଙ୍କ ଜୀବନରକ୍ଷକ ଆର୍. ପ୍ରକାଶ, ଜି. ସହଦେବ ଏବଂ ବେଳାଭୂମି ସଫେଇ କର୍ମଚାରୀ ବି.ଦେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବେଳାଭୂମି ଓ ସାମୁଦ୍ରିକ ଜୀବଙ୍କ ସୁରକ୍ଷା ଶୀର୍ଷକ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ କେନ୍ଦ୍ରୀୟ ବିଦ୍ୟାଳୟର ଦୁଦୁଲ୍ ମହାନ୍ତି, ସ୍ୱରୂପ ନନ୍ଦ ଏବଂ ଆଦିତା ଚୌଧୁରୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ନିର୍ମାଣ ସମ୍ପାଦକ ତଥା ଦି ବେଲ୍ ଆବାହକ ସିଦ୍ଧାର୍ଥ ରାୟ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ମଞ୍ଚ ସଞ୍ଚାଳନ କରିଥିଲେ। ସଂକଳ୍ପ ଫାଉଣ୍ଡେଶନ ସଭାପତି ସୁଚରିତା ପାଢ଼ୀ, କଳିଙ୍ଗ ସର୍ଫେଶ୍ ଲାଇଫ ସେଭିଂ ସୋସାଇଟି ସମ୍ପାଦକ ହ୍ୟାରି ରାଓ, ସାଇ ଉଦୟ ଟ୍ରଷ୍ଟର ରାଜକିଶୋର ପାତ୍ର, ସମର୍ପଣ ଟ୍ରଷ୍ଟର ବ୍ରଜକିଶୋର ସାହୁ, ଆମେ ଶ୍ରୀକ୍ଷେତ୍ରବାସୀ ଶଙ୍କର ପଣ୍ଡା, ବୋଧିଚକ୍ରର ରମାବଲ୍ଲଭ ମହାପାତ୍ର, ଶ୍ରୀକ୍ଷେତ୍ର ଦିବ୍ୟାଙ୍ଗ ସେବା ସଙ୍ଗଠନର ଗଜଲକ୍ଷ୍ମୀ ରାଏ ଏବଂ ଦି ମିରର କର୍ମକର୍ତ୍ତା ସଞ୍ଜୟ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରୀନ ଅମ୍ବ୍ରେଲା ଫାଉଣ୍ଡେଶନର ସଭାପତି ରତିକାନ୍ତ ପ୍ରତିହାରୀ ଧନ୍ୟବାଦ ଦେଇଥିଲେ।




ମହୋଦଧିର ସୁରକ୍ଷା ଓ ପବିତ୍ରତା ରକ୍ଷା ପାଇଁ ପୁରୀ ନୀଳାଦ୍ରି ବେଳାଭୂମିରେ ଶପଥପାଠ କରାଯାଉଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୩ ଡିସେମ୍ବର, ୨୦୨୧

## ସତ୍ୟସାଇ ସେବା ସମିତି ପକ୍ଷରୁ ସିଲେଇ ମେଶିନ ବଣ୍ଟନ

ବାଙ୍କୀ (ସ୍ୱ.ପ୍ର.): ବାଙ୍କୀ ଟାଉନ ପରିସରରେ ରବିବାର ଶ୍ରୀସତ୍ୟସାଇ ସେବା ସମିତି ପକ୍ଷରୁ ସଙ୍ଗଠନର ଜିଲା ସଭାପତି ଚିତ୍ରାନନ୍ଦ ମହାନ୍ତିଙ୍କ ଦ୍ୱାରା ସାଇ ସ୍ୱାବଲମ୍ବୀ ମାଧମରେ ଅନୁଷ୍ଠାନ ସହ ଜଡ଼ିତ ରହିଥିବା ମହିଳା ଓ ଯୁବତୀମାନଙ୍କୁ ସିଲେଇ ମେଶିନ ଯୋଗାଇ ଦିଆଯାଇଛି। ମହିଳା, ଯୁବତୀମାନେ ନିଜେ ଓ ଅନ୍ୟମାନଙ୍କୁ ରୋଜଗାରକ୍ଷମ କରାଇପାରିବେ ସେ ନେଇ ପ୍ରୋତ୍ସାହିତ କରାଯାଇଥିବା ସତ୍ୟସାଇ ସମିତି ବାଙ୍କୀ ଶାଖାର ଆବାହକ ସିଦ୍ଧାନ୍ତ ଶେଖର ମହାପାତ୍ର କହିଛନ୍ତି। ସାଇ ସ୍ୱାବଲମ୍ବୀ ମାଧମରେ ୧୫ ଜଣ ମହିଳା ଓ ଯୁବତୀ ସିଲେଇ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଅଜୟ ଚୌଧୁରୀ, ମନୋଜ ଦଳେଇ, ସୁବାସ ପଣ୍ଡା, ଅମିତା ପରିଡା, ରେଣୁବାଳା ମହାପାତ୍ର, ସୁଜାତା ମହାପାତ୍ର ଯୋଗ ଦେଇଥିଲେ।



## ଆଜି କ'ଣ କେଉଁଠି

କଟକ

- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବିଏସ୍‌କେୱାଇ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ, ବାଲିଯାତ୍ରା ଉପର ପଡ଼ିଆ, ପୂର୍ବାହ୍ନ ୧୦ଟା ୫୦।
- ଜଷ୍ଟିସ ଅରୁଣ କୁମାର ପରିଚ୍ଛାଙ୍କ 'କବିତା ସମ୍ଭାର' ପୁସ୍ତକ ଉନ୍ମୋଚନ ଉତ୍ସବ, ଦ୍ୱାରିକା ହୋଟେଲ, ବକ୍ସିବଜାର ରୋଡ୍, ଅପରାହ୍ନ ୫ଟା।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଗୁରୁତର ନାବାଳକଙ୍କ ମୃତ୍ୟୁ
#### ମୃତଦେହ ରଖି ବାଲିଆରେ ଧାରଣା

ସାଲେପୁର,୧୨।୧୨(ଡି. ଏନ୍.ଏ.): ସାଲେପୁର ବ୍ଲକ ଛାଣିପୁର ପଞ୍ଚାୟତ ବାଲିଆ ଗ୍ରୀଡ୍‌ରେ ଶଙ୍କରପୁର ଗ୍ରାମର ସେକ ପପୁଙ୍କ ପୁଅ ସେକ ଇସଲାମ(୯) ଗତ ୮ ତାରିଖ ମଧାହ୍ନରେ ଗ୍ରୀଡ୍‌ର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ କଟକ ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଇସଲାମଙ୍କ ରବିବାର ମୃତ୍ୟୁ ଘଟିଛି। ସହାୟତା ଦାବିରେ ପରିବାର ଲୋକ ମୃତଦେହକୁ ବାଲିଆ ଗ୍ରୀଡ୍ ସମ୍ମୁଖରେ ରଖି ଧାରଣା ଦେଇଥିଲେ। ଘଟଣା ସ୍ଥଳରେ ସାଲେପୁର ପୋଲିସ ପହଞ୍ଚି ଧାରଣାକାରୀମାନଙ୍କ ସହ ଆଲୋଚନା କରି ପ୍ରଶାସନ ପକ୍ଷରୁ ସହାୟତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା।

### ଭାଜପା ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ବାଙ୍କୀ,୧୨।୧୨(ସ୍ୱ.ପ୍ର.): ବାଙ୍କୀ ଭାଜପା ପକ୍ଷରୁ ରବିବାର ଶୁଭ୍ରାଂଶୁ ମୋହନ ପାଢୀଙ୍କ ନେତୃତ୍ୱରେ ଗୋପାଳପୁର ମଣ୍ଡଳର କର୍ମୀମାନେ ସିଂହନାଥ ପୀଠରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେମାନେ ଅଳିଆ କାଢ଼ିବା ସହ ମନ୍ଦିର ପରିସରକୁ ସଫା କରିଥିଲେ। ପରେ ପରିସରରେ ବ୍ଲିଚିଂ ପାଉଡର ପକାଇ ଶୋଧନ କରାଯାଇଛି। ଏହି କାର୍ଯ୍ୟକ୍ରମ ଗୋପାଳପୁର ପଞ୍ଚାୟତ ସଭାପତି ଦୁର୍ଯ୍ୟୋଧନ ଭାଇଙ୍କ ସହ ପଞ୍ଚାୟତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

### ବରିଷ୍ଠ ନାଗରିକ ମଞ୍ଚର ବିଭିନ୍ନ ପ୍ରସ୍ତାବ ଗୃହୀତ

ଖୁଣ୍ଟୁଣୀ,୧୨।୧୨(ଡି.ଏନ୍.ଏ): ଆଠଗଡ ନବେଢ଼ା ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ କମିଟିର ଜରୁରୀ ବୈଠକ ଗୁରୁଡିଝାଟିଆ ଅସ୍ଥାୟୀ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପସଭାପତି ବିଦ୍ୟାଧର ନାୟକଙ୍କ ସଭାପତିତ୍ୱରେ ଆଗାମୀ ଜାନୁୟାରୀ ୧୬ ତାରିଖରେ ମଞ୍ଚର ୪ର୍ଥ ବାର୍ଷିକ ଅଧିବେଶନ ପାଇଁ ବିଭିନ୍ନ ପ୍ରସ୍ତାବମାନ ଗୃହୀତ ହୋଇଛି। ସାଧାରଣ ସମ୍ପାଦକ ଶରତ କୁମାର ଖୁଣ୍ଟିଆଙ୍କ ସର୍ବସମ୍ମତିକ୍ରମେ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା। ଚଳିତବର୍ଷ ମଞ୍ଚର ଡାକ୍ତରଖାନା ଛକ ଉପରେ ଥିବା ନିଜସ୍ୱ ଜମି ଉପରେ ବାର୍ଷିକ ଅଧିବେଶନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସିଡିଏସ୍ ବିପିନ୍ ରାୱତ୍, ମଞ୍ଚର ବରିଷ୍ଠ ସଦସ୍ୟ ଶରତ କୁମାର ସ୍ୱାଇଁ, ସନାତନ ଜେନା ଓ ଭଗବତ ପ୍ରଧାନଙ୍କ ପାଇଁ ଶୋକ ପ୍ରସ୍ତାବ ଗୃହୀତ ହେବା ସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିପ୍ରବର ବେହେରା, ଶ୍ରଦ୍ଧାନନ୍ଦ ଧଳ, ତ୍ରୈଲୋକ୍ୟ ବିହାରୀ ଦାସ, ପ୍ରେମାନନ୍ଦ ପରିଡା, ନରେନ୍ଦ୍ର ସେଠୀ ଓ ରଜନୀକାନ୍ତ ଜେନା ପ୍ରମୁଖ ଏଥିରେ ଭାଗ ନେଇ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ।

### ପଞ୍ଚାୟତ ଦୁର୍ନୀତିର ତଦନ୍ତ ଦାବି

ଚୌଦ୍ୱାର,୧୨।୧୨(ଡି.ଏନ୍.ଏ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ୫ ପଞ୍ଚାୟତର ବିଭିନ୍ନ ଉନ୍ନୟନ ଯୋଜନାରେ ବ୍ୟାପକ ଦୁର୍ନୀତି ଅଭିଯୋଗରେ ରବିବାର ଏକ ଖବରଦାତା ସମ୍ମିଳନୀ ସ୍ଥାନୀୟ ମହିଁଷାଲଣ୍ଡା ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ବାଚନମଣ୍ଡଳୀରେ ପ୍ରଥମେ ସମବାୟ ଦୁର୍ନୀତିକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ପୁଣି ସେହି ନିର୍ବାଚନମଣ୍ଡଳୀରେ ଆବାସ ଯୋଜନା, ପାଇଖାନା, ଅଙ୍ଗନୱାଡି, ଷ୍ଟ୍ରିଟ୍ ଲାଇଟ୍ ସହିତ ଅନେକ ଯୋଜନାରେ କୋଟି କୋଟି ଟଙ୍କା ହରିଲୁଟ୍ ହୋଇଥିବା ଆର୍‌ଟିଆଇ ତଥ୍ୟରୁ ସୂଚନା ମିଳିଛି। ଏହାର ତଦନ୍ତ କରାଯାଇ ଘୋଟାଲାରେ ସମ୍ପୃକ୍ତ ଅଧିକାରୀ, ପଞ୍ଚାୟତର କାର୍ଯ୍ୟକର୍ତ୍ତା ଓ ମନ୍ତ୍ରୀଙ୍କ ଜନପ୍ରତିନିଧିଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତ ପ୍ରକାଶ ପାଇଥିଲା। ହେଲେ ଘଟଣାର ତଦନ୍ତ ଏବେ ସୁଦ୍ଧା ଆରମ୍ଭ ହୋଇନାହିଁ। ଯଦି ୧୫ ଦିନ ଭିତରେ ତଦନ୍ତ କରା ନ ଗଲା ତେବେ ପଞ୍ଚାୟତବାସୀ ଆଗାମୀ ନିର୍ବାଚନରେ ମନ୍ତ୍ରୀଙ୍କୁ ୨୦୧୬ ଅକ୍ଟୋବର ମାସ ଘଟଣାର ପୁନରାବୃତ୍ତି କରିବେ ବୋଲି ଯୁବ ସଂଗଠକ ଅଭୟ ବାରିକ, କେଦାରନାଥ ଦାସ, ବିଳାସିନୀ ସ୍ୱାଇଁ, ଯଶୋବନ୍ତ ରାଉତ ନଗି ଦାଦା ପ୍ରମୁଖ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀ ଆଜି ବାଣ୍ଟିବେ ସ୍ମାର୍ଟ ହେଲ୍‌ଥ କାର୍ଡ

- ୫ ଲକ୍ଷ ୫ ହଜାର ୬୯୯ ହିତାଧିକାରୀ ପାଇବେ ସୁବିଧା
- ୨୬୭.୪୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କରିବେ
- ୧୪୫୫.୧୮ କୋଟି ଟଙ୍କାର ପ୍ରକଳ୍ପ ଭିତ୍ତିପ୍ରସ୍ତର ହେବ

କଟକ ଅଫିସ,୧୨।୧୨

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର କଟକ ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ଏହି କାର୍ଯ୍ୟକ୍ରମ କଟକ ବାଲିଯାତ୍ରା ଉପର ପଡ଼ିଆରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ୧୦ ଜଣ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରିବେ। ଏଥିସହ ଜିଲାର ପ୍ରାୟ ୨୬୭ କୋଟି ୪୦ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଏବଂ ୧୪୫୫ କୋଟି ୧୮ ଲକ୍ଷ ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେଥିମଧ୍ୟରେ କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରେ ୧୮କୋଟି ଟଙ୍କାର ପ୍ରକଳ୍ପକୁ ଡିଜିଟାଲ ଜରିଆରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କଟକ ଗସ୍ତ ପାଇଁ ବାଲିଯାତ୍ରା ଉପର ପଡ଼ିଆ ସଭାସ୍ଥଳ ବୁଲି ଡିସିପି ପ୍ରତୀକ ସିଂ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ପ୍ରସ୍ତୁତି ତଦାରଖ କରୁଛନ୍ତି।

ଏହି ଯୋଜନାର ଶୁଭାରମ୍ଭ ପରେ ଆସନ୍ତା ୧୪ ତାରିଖରୁ ଜିଲାର ପ୍ରତି ବ୍ଲକରେ ଏହି କାର୍ଡ ବଣ୍ଟନ କରାଯିବ। ଉକ୍ତ କାର୍ଡ ଦ୍ୱାରା ଚିକିତ୍ସା କ୍ଷେତ୍ରରେ ଜିଲାର ପ୍ରାୟ ୫ ଲକ୍ଷ ୫ ହଜାର ୬୯୯ ଜଣ ହିତାଧିକାରୀ ସୁବିଧା ପାଇବେ। ସେଥିମଧ୍ୟରେ କଟକ ସହରର ପ୍ରାୟ ୭୫ ହଜାର ହିତାଧିକାରୀ ରହିଛନ୍ତି।

ସୂଚନା ଅନୁଯାୟୀ, ଜିଲା ସମାଜ ମଙ୍ଗଳ ବିଭାଗ ଅଧୀନ ଅଙ୍ଗନୱାଡ଼ି କେନ୍ଦ୍ର, ଗୋପୀନାଥପୁର-ବୈଦେଶ୍ୱର ମହାନଦୀ ସେତୁ, ଜଗତ୍‌ପୁର ମହାନଦୀ ନର୍ଥ ଡିଭିଜନ ଅଧୀନ ୬, ସାଉଥ୍ ଡିଭିଜନର ୩, ଗ୍ରାମ୍ୟ ଉନ୍ନୟନ ବିଭାଗର ୭ ଏବଂ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ଅଧୀନ ୪ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ। ସେହିପରି ସିଡିଏ ଅଞ୍ଚଳରେ ପ୍ରାୟ ୧ କୋଟି ଟଙ୍କାର ଦୁଇଟି ସ୍ମାର୍ଟ ପାର୍କ, ସତୀଚଉରା, ସାର୍ତ୍ତୋଳ, ଜଗତପୁର, ବମ୍ପକୁଦଠାରେ ୩ କୋଟି ଟଙ୍କାର ୫ଟି ମେଟେରିଆଲ ରିକୋଭରି ଫାସିଲିଟି, ବିଦ୍ୟାଧରପୁରରେ ୧୨ କୋଟି ୩୨ ଲକ୍ଷ ଟଙ୍କାର ଇଡବ୍ଲୁଏସ ହାଉସିଂ ପ୍ରକଳ୍ପ ଉଦ୍‌ଘାଟନ ହେବ। ଏଥିସହ ୩୧ଟି ଅଳିଆ ବୁହା ଗାଡ଼ି ଓ ୨୧ ନମ୍ବର ୱାର୍ଡରେ ୩.୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସର୍ଭିସ ପାଭିଲିୟନ ସହ ଏକ କୋଭିଡ୍ ଆପ୍‌କୁ ମୁଖ୍ୟମନ୍ତ୍ରୀ ଡିଜିଟାଲ ମାଧ୍ୟମରେ ଉଦ୍‌ଘାଟନ କରିବେ। ସେହିପରି ବକ୍ସିବଜାର ପ୍ରାଣୀ ଚିକିତ୍ସାଳୟର ନୂତନ ବିଲ୍ଡିଂ, ବିଡାନାସୀରେ ଷ୍ଟ୍ରମ ୱାଟର ଡ୍ରେନେଜ ପ୍ରୋଜେକ୍ଟ, ଛତ୍ରବଜାରରେ ସ୍ମାର୍ଟ ପରିବା ମାର୍କେଟ, କାଳିଆବୋଦା ଏବଂ ନିମପୁରରେ ଦୁଇଟି ସ୍ମାର୍ଟ ଶବଦାହ ଗୃହ ନିମନ୍ତେ ଶିଳାନ୍ୟାସ ଦେବେ। ସିଏମ୍‌ସି ଅଞ୍ଚଳରେ ୧୦ଟି ସ୍ମାର୍ଟ ପାର୍କ, ଅରୁଣୋଦୟ ନଗରରେ ଆଶ୍ରୟସ୍ଥଳୀ, ମହାନଦୀ ବିହାରରେ ସ୍ମାର୍ଟ ରୋଡ ଶିଳାନ୍ୟାସର କାର୍ଯ୍ୟକ୍ରମ ରହିଛି।

## ସଭାସ୍ଥଳ ତଦାରଖ କଲେ ବିଧାୟକ

କଟକ ଅଫିସ, ୧୨।୧୨

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର କଟକ ଗସ୍ତରେ ଆସିବେ। ଏ ନେଇ ବାଲିଯାତ୍ରା ଉପରପଡ଼ିଆରେ ଏକ ସଭାର ଆୟୋଜନ କରାଯାଇଛି। ରବିବାର ବିଜେଡି ସଙ୍ଗଠନ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଓ ପ୍ରଭାତ ରଞ୍ଜନ ବିଶ୍ୱାଳ ବାଲିଯାତ୍ରା ଉପର ପଡ଼ିଆ ବୁଲି ପ୍ରସ୍ତୁତି ସମ୍ପର୍କରେ ତଦାରଖ କରିଛନ୍ତି। ଏହି ସମୟରେ ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ଜ୍ଞାନେନ୍ଦ୍ର ଗିରି ଗୋସ୍ୱାମୀ, ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ ମହାପାତ୍ର, ଅଭିଷେକ ବେହେରା, ଅବିନାଶ ମହାନ୍ତି, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସମ୍ପାଦକ ସମ୍ବିତ୍ କୁମାର ଶ୍ରୀଚନ୍ଦନ, ଚନ୍ଦ୍ରକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୧୨ ବିଭାଗ ଖେଳରେ ୨୭୬ଜଣ ପୁରସ୍କୃତ

ଚୌଦ୍ୱାର, ୧୨।୧୨(ଡି.ଏନ୍.ଏ)

ଟାଙ୍ଗୀ-ଚୌଦ୍ୱାର କ୍ରୀଡା ସଂସଦ ଓ ବିବେକାନନ୍ଦ ସୋସିଆଲ ଡେଭେଲପମେଣ୍ଟ ମିଳିତ ଆନୁକୂଲ୍ୟରେ ଆୟୋଜିତ ୪ର୍ଥ ଟାଙ୍ଗୀ-ଚୌଦ୍ୱାର ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଧାବିକା ଦୁତୀ ଚାନ୍ଦ, ସାମାଜିକକର୍ମୀ ଦିଲୀପ ଛତାର ଓ ନଗର ବିଜେଡି ସଭାପତି ବିଷ୍ଣୁଚରଣ ପରିଡା ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହାସହ ପ୍ରତିଯୋଗିତାକୁ ଆଗାମୀ ଦିନରେ ଜିଲା ତଥା ରାଜ୍ୟସ୍ତରୀୟ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ପ୍ରାୟ ୫୦୦ରୁ ଅଧିକ ଯୁବକ ଅଂଶଗ୍ରହଣ କରିଥିବାବେଳେ ୧୨ଟି ବିଭାଗର ଖେଳରେ ୨୭୬ଜଣ ପୁରସ୍କୃତ ହୋଇଥିଲେ। ବ୍ଲକ ଆଥଲେଟିକ୍ ସଂସଦର କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ବରାଳ ସଭାପତିତ୍ୱ କରିଥିଲେ। ସୋସିଆଲ ଡେଭେଲପମେଣ୍ଟ ସମ୍ପାଦକ ବିଜୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଶ୍ୱିନୀ କୁମାର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ସଂଗଠନର ସଭାପତି ଭାସ୍କର ଚନ୍ଦ୍ର ରାଉତରାୟ ଏହି ଆଥ୍‌ଲେଟିକ୍ ମିଟ୍‌କୁ ପରିଚାଳନା କରିଥିଲେ।



କଟକସ୍ଥିତ ଦି ଲ' କଲେଜର ପୁରାତନ ଛାତ୍ର ସଂଘର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ରବିବାର ସିଡିଏସ୍ଥିତ ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ସଂଘ ସଦସ୍ୟ ଏବଂ ଅତିଥିମାନେ ମାଲ୍ୟାର୍ପଣ କରୁଛନ୍ତି।

## କେନ୍ଦ୍ରୀୟ ଟିମ୍‌ର ବର୍ଷା କ୍ଷୟକ୍ଷତି ସର୍ଭେ

କଟକ ସଦର, ୧୨।୧୨(ଡି.ଏନ୍.ଏ)

ବାତ୍ୟା ଜୱାଦର କ୍ଷୟକ୍ଷତି ଆକଳନ ପାଇଁ କେନ୍ଦ୍ରୀୟ ଟିମ କିଶନନଗର ତହସିଲ ଅଞ୍ଚଳକୁ ରବିବାର ଯାଇ ପରିଦର୍ଶନ କରିଛନ୍ତି। ମତ୍ସ୍ୟ ମନ୍ତ୍ରଣାଳୟର ବରିଷ୍ଠ କାର୍ଯ୍ୟନିର୍ବାହୀ ମାନସ କୁମାର ସିହ୍ନାଙ୍କ ନେତୃତ୍ୱରେ ଟିମ ପ୍ରହରାଜପୁର, ବାରାହାପାଟ, ଫୁଲରା ଅଞ୍ଚଳକୁ ଯାଇ ବିଲରେ ପାଣିରେ ବୁଡି ରହିଥିବା ପାଚିଲା ଧାନକ୍ଷେତକୁ ଦେଖିଥିଲେ। ଏହାସହ ଅଗ୍ରଣୀ କୃଷକମାନଙ୍କ ସହ ଆଲୋଚନା କରିଥିଲେ। ଏଥିରେ ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ରାଜସ୍ୱ ଓ କୃଷି ବିଭାଗ ଅଧିକାରୀମାନେ ସାମିଲ ହୋଇଥିଲେ। କ୍ଷୟକ୍ଷତିର ସଠିକ୍ ଆକଳନ କରିବାକୁ ଚାଷୀମାନେ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ରିପୋର୍ଟ ଭୁଲ ହେଲେ ଚାଷୀମାନେ କଷ୍ଟରେ ଫଳେଇଥିବା ଧାନ ସବୁ ବିକ୍ରିକୁ ପ୍ରଭାବିତ କରିବ। ଏହା ଛଡା କ୍ଷତିଗ୍ରସ୍ତ ଜମିର ଜିଓ ଟ୍ୟାଗ କରିବା ପାଇଁ ମତ ଦେଇଛନ୍ତି, ଯାହା ଫଳରେ ଆକଳନରେ ସ୍ୱଚ୍ଛତା ରହିବ। ଅନ୍ୟପକ୍ଷରେ ପରମହଂସ ଓ ନିମେଇଶାପୁର ପଞ୍ଚାୟତର ବହୁ ଚାଷୀ ନିଜ ନିଜର କ୍ଷତି ସମ୍ପର୍କରେ ଜଣାଇବା ପାଇଁ କେନ୍ଦ୍ରୀୟ ଟିମକୁ ଅପେକ୍ଷା କରିଥିଲେ। ମାତ୍ର ସନ୍ଧ୍ୟା ହୋଇଯିବାରୁ ଟିମ୍ ଏହି ଅଞ୍ଚଳକୁ ଆସି ନ ପାରିବାରୁ ଚାଷୀମାନେ ନିରାଶ ହୋଇ ଘରକୁ ଫେରିଥିଲେ।

## 'ବିଜୁ ସ୍ୱାସ୍ଥ୍ୟ କାର୍ଡ ମହିଳାଙ୍କ ସୁରକ୍ଷା କବଚ'

### ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମୀକ୍ଷା ବୈଠକ

ନିଶ୍ଚିନ୍ତକୋଇଲି,୧୨।୧୨(ସ୍ୱ.ପ୍ର.)

ବିଜୁ ସ୍ୱାସ୍ଥ୍ୟକାର୍ଡ ଯୋଜନା ଏବେ ମହିଳାଙ୍କ ପାଇଁ ସୁରକ୍ଷା କବଚ ଭଳି କାମ କରିବ। ପ୍ରତ୍ୟେକ ମହିଳା ହିତାଧିକାରୀଙ୍କୁ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମିଳିବ। ବେସରକାରୀ ହସ୍ପିଟାଲରେ ମହିଳାମାନେ ଏହି ସୁବିଧା ପାଇପାରିବେ ବୋଲି ଆଇନ, ପଞ୍ଚାୟତିରାଜ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ୨ ପଞ୍ଚାୟତରେ ହୋଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମୀକ୍ଷା ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ପଞ୍ଚାୟତରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଡିଓ କର୍ଣ୍ଣଦେବ ସମାଦ୍ଦାର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଅଧକ୍ଷା ସବିତା ଓଝା, ସମିତି ସଭ୍ୟା ସବିତା ଲେଙ୍କା, ଜିଲାପରିଷଦ ସଭ୍ୟ ଜାହିର ମହମ୍ମଦ, ରମାକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସିଡିପିଓ ଲୀଳାବତି ସେଠୀ ବୈଠକର ଆଭିମୁଖ୍ୟ ଓ ବ୍ଲକର ପ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ବ୍ଲକ ଭେଟେନାରି ଅଫିସର ଡ. ତନୟ କୁମାର ମହାନ୍ତି, କୃଷି ଅଧିକାରୀ ସିଦ୍ଧାର୍ଥ ଶେଖର ପରିଡାଙ୍କ ସମେତ ଉଦ୍ୟାନ, ମତ୍ସ୍ୟ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ମହିଳାମାନଙ୍କୁ ବିଭିନ୍ନ ବିଭାଗ ପକ୍ଷରୁ କିପରି ସହାୟତା ମିଳିବ ସେନେଇ ମତବ୍ୟକ୍ତ କରିଥିଲେ। ସେହିଭଳି ଭାବେ କଟରପଡା ପଞ୍ଚାୟତରେ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଫକୀର ଚରଣ ନାୟକ ସ୍ୱାଗତ ଭାଷଣ,ସମିତି ସଭ୍ୟ ବାନାମ୍ବର ସାହୁ, ସରପଞ୍ଚ ଇତିବାଳା ନାୟକ, ଅଶୋକ ଓଝା, ପତିତପାବନ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ଏସ୍‌ଏଚଜିଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା।

## ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକ ହଟିବା ଆବଶ୍ୟକ

କଟକ ଅଫିସ, ୧୨।୧୨

ଗଣମାଧ୍ୟମର ସ୍ୱାଧୀନତା ବିପନ୍ନ ହେଲେ ଗଣତନ୍ତ୍ର ଦୁର୍ବଳ ହୁଏ। ଗଣମାଧ୍ୟମର ସ୍ୱାଧୀନତା ଯେଉଁ ଦେଶରେ ଯେତେ ସଙ୍କୁଚିତ, ସେ ଦେଶର ଗଣତନ୍ତ୍ର ସେତେ ଦୁର୍ବଳ। ପ୍ରତ୍ୟେକ ଗଣମାଧ୍ୟମ ସର୍ବଦା ଜନହିତକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିବା ଉଚିତ। ସ୍ୱଚ୍ଛ ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକମାନ ହଟିବା ଆବଶ୍ୟକ। ସରକାରଙ୍କ ଚକ୍ଷୁଶୀଳ ହେବା ଖବରଦାତା ପାଇଁ ଗୌରବର ବିଷୟ ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ସନ୍ଦୀପ କୁମାର ସାହୁ କହିଛନ୍ତି। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନରେ ଦ୍ୱିମାସିକ ଭାଷା-ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ 'ବିପନ୍ନ ହେଉଛି ଗଣମାଧ୍ୟମର ସ୍ୱାଧୀନତା' ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ କାର୍ଯ୍ୟନିର୍ବାହୀ ସମିତି ସଭ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଏଥିରେ ସଙ୍ଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, ସାହିତ୍ୟ-ଆଲୋଚନାର ସମ୍ପାଦକ ଡ. ସୁନାମଣି ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ପାଠାଗାର ସମ୍ପାଦକ ସରୋଜିନୀ ମିଶ୍ର ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ପଦଯାତ୍ରା

କଟକ ଅଫିସ/ବାଙ୍କୀ,(ସ୍ୱ.ପ୍ର.),୧୨।୧୨

ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ସିଡିଏସ୍ ଜେନେରାଲ ବିପିନ୍ ରାୱତ୍ ଓ ଅନ୍ୟ ସେନାଧିକାରୀଙ୍କୁ ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ଶିକ୍ଷାନୁଷ୍ଠାନ ସମୂହ ଅଧିକାରୀ ଓ କର୍ମଚାରୀ ପଦଯାତ୍ରାରେ ଅଞ୍ଚଳ ପରିକ୍ରମା କରିଥିଲେ। ଏଥିରେ ଡ. ଜୀବନାନନ୍ଦ ମେହେନା, ଡ. ଦୀପକ ରଞ୍ଜନ ବିଶ୍ୱାଳ, ଡ. ଲୀନା ପଟ୍ଟନାୟକ, ଡ. ଅନୁରେଖା ନାୟକ, ଡ. ଆଲୋକ ରଞ୍ଜନ ବିଶ୍ୱାଳ, ଡ. ରଶ୍ମିରଞ୍ଜନ ବିଶ୍ୱାଳ, ଡ. ପ୍ରତାପ ପଟ୍ଟନାୟକ, ଡ. ବିଦ୍ୟାଧର ସ୍ୱାଇଁ, ଡ. ସୁରଜିତ୍ ମହାନ୍ତି ପ୍ରମୁଖ ସାମିଲ ଥିଲେ। ସେହିଭଳି ସମ୍ବାଦପତ୍ର ବିକ୍ରେତା ସଂଘ କଟକ ପକ୍ଷରୁ ବକ୍ସିବଜାର ଗୋପବନ୍ଧୁବାଗରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିରେ ସଂଘର ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସଂଘ ଉପସଭାପତି ପୀତାମ୍ବର ବେହେରା, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ଦୁର୍ଗାପ୍ରସାଦ ଛାଟୋଇ, ଉମେଶ ସାହୁ, ମହନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ବକ୍ସିବଜାରସ୍ଥିତ ଅମରେଶ୍ୱର ମନ୍ଦିରରେ କଟକ ନଗର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। କଟକ ନଗର ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରବୀଣା ମହାପାତ୍ରଙ୍କ ନେତୃତ୍ୱରେ ସ୍ମୃତି ପଟ୍ଟନାୟକ, ସଂଯୁକ୍ତା ମିଶ୍ର, ଅମ୍ବିକା ଦାସ, ସୁମିତା ଚୌଧୁରୀ, ଜାନକୀ ଦାସ, ମିତାଲି ଦାସ, ମନୋରମା ସାମନ୍ତରାୟ, ଆରତି ହାତୀ, ସ୍ୱର୍ଣ୍ଣଲତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବାଙ୍କୀସ୍ଥିତ ଡମପଡ଼ା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ କଲେଜ ଅଧକ୍ଷ ଚିତ୍ତରଞ୍ଜନ ରଣାଙ୍କ ନେତୃତ୍ୱରେ ଏକ ମହମବତି ଶୋଭାଯାତ୍ରା କରାଯାଇଥିଲା।

## ପୋଲିସ ଲାଠିମାଡ଼ ପ୍ରତିବାଦରେ ବିକ୍ଷୋଭ



ଛାତ୍ର କଂଗ୍ରେସ ପକ୍ଷରୁ କଟକ ମଧୁପାଟଣା ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କଟକ ଅଫିସ, ୧୨।୧୨

ଅଧକ୍ଷା ମମିତା ମେହେର ହତ୍ୟା ଘଟଣାରେ ଛାତ୍ର କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ ଉଦ୍ୟମବେଳେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ତୀବ୍ର ନିନ୍ଦା କରିଛି। ପୋଲିସ ଲାଠିମାଡ଼ ପ୍ରତିବାଦରେ ଛାତ୍ର କଂଗ୍ରେସ ପକ୍ଷରୁ ରବିବାର କଟକ ମଧୁପାଟଣା ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ର କଂଗ୍ରେସ ରାଜ୍ୟ ସମ୍ପାଦକ ଦେବାଶିଷ ମହାପାତ୍ର କହିଛନ୍ତି, ମମିତାଙ୍କୁ ନ୍ୟାୟ ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଅନ୍ୟପକ୍ଷରେ ଛାତ୍ର କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ୍ଣ ବିଧାନସଭା ଘେରାଉ ଉଦ୍ୟମ ବେଳେ ପୋଲିସ ବିଧାନସଭା ସମ୍ମୁଖରୁ ଲୋୟର ପିଏମ୍‌ଜି, ଏପରି କି କଂଗ୍ରେସ ଭବନରେ ପଶି ଲାଠିମାଡ଼ କରିଥିଲା। ବିକ୍ଷୋଭରେ କଟକ ନଗର ଜିଲା ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଦୀପକ ଗୁରୁ, ସମ୍ପାଦକ ସୁନିଲ ସାମଲ, ଅଲେଖ ବେଉରା, ଦେବାଶିଷ ଜେନା, ରୋନକ ପ୍ରଧାନ, ଗୁଡୁ ଦାସ, ସାଗର ଗୁରୁ, ରିଙ୍କୁ ବିଶୋଇ, ସୋନୁ ନାୟକ, ହିମାଂଶୁ ମହାରଣା ପ୍ରମୁଖ ସାମିଲ ଥିଲେ।

## ସହରରେ ହେଉନି ନାଇଟ୍ ବ୍ଲଡ ସର୍ଭେ

### ମଶା ଉପଦ୍ରବ ଯୋଗୁ ଫାଇଲେରିଆ ଆତଙ୍କ

କଟକ ଅଫିସ,୧୨।୧୨

କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରେ ମଶା ଉପଦ୍ରବ ବୃଦ୍ଧି ପାଉଛି। ମଶାଙ୍କ ଦ୍ୱାରା ହେଉଥିବା ଫାଇଲେରିଆ ବା ବାତଜ୍ୱର ଏକ ମୁଖ୍ୟରୋଗ। ତେବେ କଟକରେ ଏହି ରୋଗ ରୋକିବା ପାଇଁ ସିଏମ୍‌ସିର ପଦକ୍ଷେପକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ମାନସୋନିଆ ଓ କ୍ୟୁଲେକ୍ସ ମଶା କାମୁଡ଼ିବା ଦ୍ୱାରା ଫାଇଲେରିଆ ପରଜୀବୀ କୀଟାଣୁ (ମାଇକ୍ରୋଫାଇଲେରିଆ) ଜଣଙ୍କ ଦେହରୁ ଅନ୍ୟଜଣଙ୍କ ଦେହକୁ ସଂକ୍ରମିତ ହୋଇଥାଏ। ମାନସୋନିଆ ମଶାରୁ ବୃଜିୟା ମଲାୟୀ (ବିଏମ୍) ଓ କ୍ୟୁଲେକ୍ସ ମଶାରୁ ୱେରେରିଆ ବାଙ୍କ୍‌ଫଟ (ଡବ୍ଲୁବି) କୀଟାଣୁଗୁଡିକ ସୁସ୍ଥ ଲୋକଙ୍କ ଶରୀରରେ ରହି ୧ବର୍ଷ ପରେ ବୃଦ୍ଧି ପାଇ ପୂର୍ଣ୍ଣାଙ୍ଗ କୃମିରେ ପରିଣତ ହୁଅନ୍ତି। ଗୋଟିଏ କୃମି ପ୍ରାୟ ୫୦ ହଜାର ମାକ୍ରୋଫାଇଲେରିଆ କୀଟାଣୁ ଜନ୍ମ ଦେଇଥାଏ। ଏହି କୃମିଗୁଡ଼ିକ ଶରୀରର ଗଣ୍ଠି ସ୍ଥାନରେ ବାସ କରିଥାନ୍ତି। ଏହି ମଶା କାମୁଡ଼ିବା ଦ୍ୱାରା ପ୍ରାୟ ୧ ବର୍ଷ ପରେ ରୋଗ ଲକ୍ଷଣ ଦେଖାଯାଇଥାଏ। ମାତ୍ର ଅନେକଙ୍କ କ୍ଷେତ୍ରରେ କୀଟାଣୁ ଥାଇ ମଧ ବର୍ଷ ବର୍ଷ ଧରି ଲକ୍ଷଣ ପରିଲକ୍ଷିତ ହୋଇ ନ ଥାଏ। ୧୦ରୁ ୧୫ ବର୍ଷ ପରେ ଗୋଡ଼ ହାତ ଗୋଦରା ହୋଇଥାଏ। ତେବେ ଏହାକୁ ଚିହ୍ନଟ କରିବାର ଏକମାତ୍ର ଉପାୟ ହେଉଛି ନାଇଟ୍ ବ୍ଲଡ ସର୍ଭେ। ଏହି କୀଟାଣୁ ମଣିଷ ଶରୀରର ଗଣ୍ଠିରେ ରହିଥାନ୍ତି। ରକ୍ତ ଶୀତଳ ପଡ଼ିବା ପରେ କୀଟାଣୁଗୁଡ଼ିକ ଗଣ୍ଠିରୁ ବାହାରି ଶରୀରରେ ବିଚରଣ କରିଥାନ୍ତି। ସେଥିପାଇଁ ଏହାର ଉପଯୁକ୍ତ ସମୟ ହେଉଛି ରାତି ୯ଟାରୁ ୧୨ଟା। ଏହି ସମୟରେ ଘର ଘର ବୁଲି ଲୋକଙ୍କଠାରୁ ରକ୍ତ ସଂଗ୍ରହ କରି ପରୀକ୍ଷା କରି ଏହାକୁ ଚିହ୍ନଟ କରାଯାଇଥାଏ। ହେଲେ ସିଏମ୍‌ସି ପକ୍ଷରୁ ସହରରେ ଏ ନେଇ ପଦକ୍ଷେପ ନିଆଯାଉନାହିଁ ବୋଲି ସହରବାସୀ ଅଭିଯୋଗ ଆଣି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏନେଇ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟ କରାଯାଏ । ଯେଉଁ ସ୍ଥାନରେ ପଜିଟିଭ ସଂଖ୍ୟା ଅଧିକ ଥାଏ ସେଠାରେ ହିଁ ଏଭଳି ସର୍ଭେ କରାଯାଏ। ହେଲେ କଟକରେ ଏହାର ଆବଶ୍ୟକତା ନାହିଁ। ସିଏମ୍‌ସି ପକ୍ଷରୁ ବର୍ଷକୁ ଥରେ ଏମ୍‌ଡିଏ କାର୍ଯ୍ୟକ୍ରମ କରାଯାଇ ଡିଇସି ବଟିକା ଓ ଆଲବେଣ୍ଡାଜଲ ବଟିକା ବଣ୍ଟାଯାଏ, ଯଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିବ।

## ବିଜେଡିର ସଂକଳ୍ପ ସମାବେଶ, ମିଶ୍ରଣ ପର୍ବ

ସାଲେପୁର,୧୨।୧୨(ଡି.ଏନ୍.ଏ.)

ସାଲେପୁର ବ୍ଲକ ଅନ୍ତର୍ଗତ ବହୁଗ୍ରାମ ପଞ୍ଚାୟତସ୍ଥିତ ସିଂହମାପୁର ଖେଳପଡିଆଠାରେ ରବିବାର ବହୁଗ୍ରାମ ପଞ୍ଚାୟତସ୍ତରୀୟ ବିଜେଡିର ସଂକଳ୍ପ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଗୁରୁ ପ୍ରସାଦ ଚାଟାର୍ଜୀ, ସମ୍ମାନିତ ଅତିଥି ଭାବେ ସାଲେପୁର ବ୍ଲକ ବିଜେଡି ସଭାପତି ଅନନ୍ତ ପ୍ରଧାନ,ବ୍ଲକ ମହିଳା ମିଶନ ଶକ୍ତି ସଭାପତି ତୃପ୍ତିରେଖା ପରିଡା,ବହୁଗ୍ରାମ ପଞ୍ଚାୟତ ସରପଞ୍ଚ ମିଲିରାନୀ ବୋଷ, ଜିଲା ପରିଷଦ ସଭ୍ୟ ସୁବାଶିଷ ପ୍ରଧାନ, ବିଜେଡି ବ୍ଲକ ସଂଖ୍ୟା ଲଘୁ ସେଲ ସଭାପତି ମିର୍ଜା ସମିମ୍ ବେଗ ପ୍ରମୁଖ ଯୋଗଦେଇଥିଲେ। ସେମାନେ ବିଜେଡି ସଙ୍ଗଠନକୁ ତୃଣମୂଳରୁ ଅଧିକ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ବିଶ୍ୱଜିତ ଚାଟାର୍ଜୀଙ୍କ ନେତୃତ୍ୱରେ ବହୁଗ୍ରାମ ପଞ୍ଚାୟତର ଭାଜପା ନେତା ତଥା ପ୍ରାକ୍ତନ ସରପଞ୍ଚ ଗଗନ ବିହାରୀ ମିଶ୍ରଙ୍କ ସମେତ ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ଯୋଗଦାନ କରିଥିଲେ। ବିଧାୟକ ବେହେରା ସେମାନଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରି ବିଜେଡିରେ ସାମିଲ କରିଥିଲେ। କାର୍ଯ୍ୟକ୍ରମରେ ରଶ୍ମିତା ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ପଞ୍ଚାୟତ ଯୁବ ବିଜେଡ଼ି ସଭାପତି ନିହାର ମଲ୍ଲିକ, ଛାତ୍ର ସଭାପତି ବସନ୍ତ କୁମାର ବେହେରା, ବ୍ଲକ ଛାତ୍ର ବିଜେଡି ସମ୍ପାଦକ ମିଥୁନ ସ୍ୱାଇଁ, ପ୍ରାକ୍ତନ ସରପଞ୍ଚ ଜୟଶ୍ରୀ ଓଝା, ଜ୍ଞାନ ରଞ୍ଜନ ମାଣିଆ ପ୍ରମୁଖଙ୍କ ସହ କର୍ମୀମାନେ ଯୋଗ ଦେଇଥିଲେ। ଶେଷରେ ବହୁଗ୍ରାମ ପଞ୍ଚାୟତ ବିଜେଡି ସଭାପତି ବିଜୟ କୁମାର ରାୟ ଧନ୍ୟବାଦ ଦେଇଥିଲେ।